ଉତ୍କଳ ପ୍ରସଙ୍ଗ



ଅକ୍ଟୋବର ୧୯୭୫

ଭୁବନେଶ୍ୱରସ୍ଥ ର [illegible]
ମହିଳା କଲେଜର [illegible]
ଛାତ୍ରୀମାନେ [illegible]
[illegible]

ବ୍ରାହ୍ମଣୀ [illegible]
ବନ୍ୟା ଜଳରେ [illegible]
[illegible] ।

ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଜାଜପୁର ନିକଟ [illegible] ଗ୍ରାମ ।

ବୈତରଣୀ ନଦୀର [illegible] ବନ୍ୟା ଜଳରେ [illegible] ଅଞ୍ଚଳ ।

କର୍ମ ସଂସ୍ଥାନ
କଳାବଜାରୀ ସାବଧାନ
ସଂଶୋଧନ ବିଲ
ମଜୁରୀ
ଗଣତାନ୍ତ୍ରିକ ସମାଜବାଦ

ଉତ୍କଳ ପ୍ରସଙ୍ଗ

୧୯୭୫ : ଅକ୍ଟୋବର, ଆଶ୍ୱିନ : ୧୮୯୭ ଶକାବ୍ଦ
୩୨ଶ ଭାଗ : ୩ୟ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

***

ମୁଖ୍ୟ ସମ୍ପାଦକ:
ଶ୍ରୀ ଅଓ୍ୱଧ ନାରାୟଣ ତିଓ୍ୱାରୀ
ଆଇ. ଏ. ଏସ୍.,
ଲୋକ ସମ୍ପର୍କ ନିର୍ଦ୍ଦେଶକ

ସମ୍ପାଦକ:
ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ:
ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା

ପ୍ରଚ୍ଛଦପଟ:
ଶ୍ରୀ ଅସିତ୍ ମୁଖାର୍ଜୀ

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ବାର୍ଷିକ ଦେୟ—ଟ୧୦·୦୦
ପ୍ରତିଖଣ୍ଡ—ଟ୧·୦୦

ସୂଚୀପତ୍ର

ପ୍ରସଙ୍ଗ କ୍ରମେ :

ନୂତନ ମୂଦ ଶତ୍ରୁର ଏ କ୍ଷେତ୍ରରେ ଅବ୍ୟାହତ ରହୁ .. ୧

ସମାଜପାଇଁ ଜୀବନପାଇଁ :

ଗାନ୍ଧିମାର୍ଗରେ ଗଣତାନ୍ତ୍ରିକ ସମାଜବାଦ .. ୬
ଭାରତୀୟ କୃଷି ଯୋଜନାର ବିଶେଷତ୍ୱ ... ୧୦
ଉଦ୍‌ବେଗଜନକ ଆଡ଼ପାଗଲାମୀ .. ୧୪
ବାବୁ ସ୍ୱରୂପାନନ୍ଦଙ୍କ ବୃତ୍ତାନ୍ତ .. ୨୧

ସାହିତ୍ୟ ଓ ସଂସ୍କୃତି :

ବିଦେଶରେ ଗାନ୍ଧିଜୀଙ୍କ ସଂପର୍କରେ ନାଟକ ଅଭିନୟ ... ୨୬
ବାଣପଦାରେ ସ୍ୱରୂକଳା ପ୍ରଦର୍ଶନୀ .. ୩୦
ଓଡ଼ିଶାରେ ଶାକ୍ତ ପରମ୍ପରା ଓ ଜଗନ୍ନାଥ .. ୩୩
ସମାଜର ନବ ରୂପାୟନରେ ଲେଖକ ଗୋଷ୍ଠୀର ଭୂମିକା .. ୩୮

ଏ ବହିଟି :

ଅପୂର୍ବ ଉପନିବେଶ .. ୪୨

ମହିଳା ମହଲ :

ଆଦିବାସୀ ନାରୀ ଓ ତା'ର ସାମାଜିକ ଜୀବନ .. ୪୬
ଓଡ଼ିଆ ସାହିତ୍ୟରେ ଚଳିତ ଶତକର ନାରୀ ପ୍ରତିଭା .. ୫୩
ସୁବର୍ଣ୍ଣ ସକାଳ .. ୬୦

ଯୁବ ଜଗତ :

ଅଟ୍ଟହାସ୍ୟ ମଧୁବିନ୍ଦୁ .. ୬୩
ମାଙ୍କଡ଼ୀ ଘର ସେ ଅନନ୍ତଦୂର .. ୬୪
ଗାନ୍ଧି ବ୍ୟକ୍ତିତ୍ୱର ଏକ ଝଲକ .. ୬୭

କିଶୋର ଜଗତ :

ସୃଷ୍ଟି ଯାହାର ଦାନ .. ୬୯

ଖେଳପଡ଼ିଆରୁ :

ଭାରତୀୟ ଟେନିସର ଅପ୍ରତିଦ୍ୱନ୍ଦ୍ୱୀ ଯୁବ — ବିଜୟ ଅମୃତରାଜ .. ୭୨

ଆଜିର ଓଡ଼ିଶା :

ଭଣ୍ଡିଗାଁ ପଲ୍ଲିରେ କୂପଖନନ ଯୋଜନାର ସଫଳତା .. ୭୪
ବିଦ୍ୟାଳୟ ଉନ୍ନୟନ ଯୋଜନା .. ୭୯
ମନ୍ଦିର ଉନ୍ନୟନ ଯୋଜନା .. ୮୧
କୋରାପୁଟ ଜିଲ୍ଲା ସମବାୟ ଅନୁଷ୍ଠାନମାନଙ୍କର ଭୂମିକା .. ୮୩
ପ୍ରାଚୁର୍ଯ୍ୟ ମଧ୍ୟରେ ଦରିଦ୍ରତାର ପ୍ରତୀକ-ଫୁଲବାଣୀ .. ୯୧

ଘଟଣା ପ୍ରବାହ .. ୯୩

ମଧୁରେଣ .. ୯୬

ପ୍ରସଙ୍ଗ କ୍ରମେ

ନୂତନ ଯୁବ ଶକ୍ତିର ଏ ଉତ୍ସାହ ଅବ୍ୟାହତ ରହୁ

ଜରୁରୀ ପରିସ୍ଥିତି ଜାରି ହେବା ପୂର୍ବରୁ ଦେଶର ଚତୁର୍ଦ୍ଦିଗରେ ଯେପରି ଅରାଜକତା ଓ ବିଶୃଙ୍ଖଳା ବ୍ୟାପି ଯାଇଥିଲା ସେଥିରେ ଗତ କେତେବର୍ଷ ଧରି ଦେଶରେ ତ ଯାହା ଧନଜୀବନ କ୍ଷତି ହୋଇଥିଲା— ମାତ୍ର ବଡ଼ ଗୋଟାଏ କ୍ଷତି ହୋଇଥିଲା ଯୁବ-ଜୀବନର । ସ୍କୁଲସ୍ତରରୁ ବିଶ୍ୱବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ସବୁପ୍ରକାର ଛାତ୍ରଛାତ୍ରୀଙ୍କ ଅବଚେତନରେ ଜୀବନପ୍ରତି ଓ ସମାଜପ୍ରତି ଗୋଟାଏ ନୈରାଶ୍ୟ ଭାବ, ହତାଶାଭାବ, ତାଚ୍ଛଲ୍ୟଭାବ ଓ ଆକ୍ରୋଶମୂଳକ ମନୋଭାବ ସୃଷ୍ଟି ହୋଇଯାଇଥିଲା । ସବୁପ୍ରକାର ଜୀବନାଦର୍ଶ ଓ ମୂଲ୍ୟବୋଧକୁ ସେମାନେ ପଦାଘାତ କରି ଉନ୍ମତ୍ତ ହୋଇ ଇତଃସ୍ତତଃ ବିକ୍ଷିପ୍ତ ପଡ଼ିଥିଲେ । ସେମାନଙ୍କର ଆଉ ନିଜପ୍ରତି, ଶିକ୍ଷକମାନଙ୍କ ପ୍ରତି ବା ଆଉ କାହାପ୍ରତି ମଧ୍ୟ ତିଳାର୍ଦ୍ଧେ ଆଶାଭରସା ନଥିଲା । ସେମାନେ ପାଠ ତ ପଢ଼ିବାକୁ ଚାହୁଁ ନ ଥିଲେ । କାରଣ, ସେମାନେ ସର୍ବଦା ପ୍ରଶ୍ନ କରୁଥିଲେ— ପାଠ ପଢ଼ି ଆମେ କ'ଣ କରିବୁ ? ଆମର ଭବିଷ୍ୟତ କ'ଣ ହେବ— କିଏ ତା' ପାଇଁ ନିର୍ଭର ଜବାବ୍ ଦେବ ? ଆମେ କେମିତି ଜୀବିକା ନିର୍ବାହ କରିବୁ ?

ବାସ୍ତବିକ ଏ ପ୍ରଶ୍ନର ସଠିକ ଉତ୍ତର ଶିକ୍ଷକ ବା ଜନନାୟକ କେହି ସେମାନଙ୍କୁ ଦେଇ ପାରୁ ନ ଥିଲେ । ବରଂ ବହୁ ସରକାରୀ ଓ ବିରୋଧୀଦଳର ନେତା, ସେମାନଙ୍କୁ ନାନାପ୍ରକାରେ ପ୍ରଲୋଭିତ କରି କୁମାର୍ଗରେ ପରିଚାଳନା କରୁଥିଲେ ଏବଂ ପରୋକ୍ଷରେ ସେମାନଙ୍କର ସମୁଦ୍‌ଗତ ଉତ୍ସାହ, ଆବେଗ ଓ ଆଦର୍ଶବାଦକୁ ମୂଳରୁ ସଂହାର କରି ଲାଗିଥିଲେ ।

ମାତ୍ର ଯୌବନର ଯେ ଉଦ୍ଦାମ ଶକ୍ତି, ତେଜ, କର୍ମସ୍ପୃହା ଓ ସର୍ଜନାତ୍ମକ ପ୍ରବେଗ ସେ ସବୁ ଯିବ କୁଆଡ଼େ ? କେଉଁ ପ୍ରକାରେ ଏତେବଡ଼ ଦେଶର ଏତେବଡ଼ ଗୋଟାଏ ପ୍ରାଣପ୍ରାଚୁର୍ଯ୍ୟଦୀପ୍ତ ଶକ୍ତି-ଉତ୍ସର ବିନିଯୋଗ ହୋଇ ପାରିବ ? କୌଣସି ବାଟ ନ ଥିଲା ସେଥିପାଇଁ ।

ବାଟ ନ ଥିଲା ନୁହେଁ । ମାତ୍ର ତଥାକଥିତ ବଡ଼ବଡ଼ିଆମାନେ ବାଟ ଖୋଜୁ ନ ଥିଲେ । ସେମାନେ ତ ଅବାଟକୁ ବାଟ ବୋଲି ଧରିନେଇଥିଲେ ନା ! ତେଣୁ ଦେଶର ଯେ କୌଣସି ଗଠନମୂଳକ କାର୍ଯ୍ୟର ଶୁଭାରମ୍ଭ ହେଲା ତ ତା' ବିରୋଧରେ ଯୁବସମାଜକୁ ମତାଇ ଧର୍ମଘଟ, ଘେରାଉ, ଅନଶନ ଆଦିର ପ୍ରହସନ କରି

ଶୁଣିଥିଲେ—ସେମାନେ । ସ୍ୱାଧୀନତା କଥା ଶୁଣିଛନ୍ତି—ବା ଯନ୍ତ୍ରର ବଡ଼ ବଡ଼ ଯୋଜନା କଥା ମଧ୍ୟ ଶୁଣିଛନ୍ତି । ଆମର ଏହି ବହୁକାଳରୁ ଯେନତେନ ପ୍ରକାରେଣ ବଞ୍ଚି ଆସିଥିବା ସମାଜଟିର କଥା ଧରାଯାଉ । କ'ଣ କମ୍ ସମସ୍ୟା ରହିଛି ଏ ସମାଜରେ ?

ଝଡ଼, ବଢ଼ି, ମରୁଡ଼ି, ହଇଜା, ବସନ୍ତ ଏ ସବୁ ତ ରହିଛି ପ୍ରାକୃତିକ ଦୁର୍ଯୋଗ । ତା' ଛଡ଼ା ବି ଗାଁ ଗଣ୍ଡା, ସହର ବଜାର ବୁଲିଆସିଲେ ଆମର କି ଅପରିଚ୍ଛନ୍ନ ପରିବେଶ ! ରେଳ, ମଟର, ଷ୍ଟେସନ, ଷ୍ଟାଣ୍ଡ—ସବୁଠି କି ଅସ୍ୱାସ୍ଥ୍ୟକର ପରିସ୍ଥିତି ! ଲୋକେ ସ୍ୱାସ୍ଥ୍ୟରକ୍ଷାର ସାଧାରଣ ଜ୍ଞାନତକ ମଧ୍ୟ ହରାଇ ଦେଲେଣି । ରାସ୍ତାରେ ମଳତ୍ୟାଗ, ରାସ୍ତା ଅବରୋଧ, ଅଶିକ୍ଷା, ଆବର୍ଜନା କୁଅଭ୍ୟାସ । କିଏ ଏ ସବୁ ଦେଖିବ ? କିଏ ଏ ସବୁ କଥା ଲୋକଙ୍କୁ ବୁଝାଇବ ? ସବୁ କଥାରେ ସରକାରଙ୍କୁ ଅନାଇ ବସିଲେ—ଶେଷରେ ସରକାର ବଳପୂର୍ବକ ହୋଇ ସମାଜକୁ କେବଳ ଲୁଣ୍ଠନ କରିଦେବ । ରାସ୍ତାକୁ ମଇଳା ନ କରିବା ଲାଗି କ'ଣ ପୋଲିସ୍ ନିଯୁକ୍ତ ହେବେ ? ଗାନ୍ଧୀ ଏ ସବୁ କଥାଲାଗି ଯୁବକର୍ମୀମାନଙ୍କୁ ଆହ୍ୱାନ ଦେଉଥିଲେ । କାରଣ ଏହିସବୁ ସାମାଜିକ ସମସ୍ୟା କ୍ଷେତ୍ରରେ ଯୁବଶକ୍ତିର ବିନିଯୋଗ ନିତାନ୍ତ ଆବଶ୍ୟକ । ଦେଶରେ କୌଣସି ଆକସ୍ମିକ ପ୍ରାକୃତିକ ଦୁର୍ଯୋଗ ବିପାକ ପଡ଼ିଗଲାତ ପ୍ରଥମେ ଏହି ଯୁବଶକ୍ତିହିଁ ତାକୁ ସମ୍ମୁଖୀନ ହେବ । କୋଉ ଗସ୍ତରେ ମରୁଡ଼ି ପଡ଼ିଛି—କ୍ଷେତକୁ ପାଣିବୋହିବା ଦରକାର—କୋଉଠି ନିଆଁ ଲାଗିଛି, ନିଆଁ ଲିଭାଇବା ଦରକାର । କୋଉଠି ବଢ଼ିରେ ଘରଦ୍ୱାର ମଣିଷ ଭାସି ଯାଉଛନ୍ତି—ତାଙ୍କୁ ଉଦ୍ଧାର କରିବା ଦରକାର—ତାଙ୍କପାଇଁ ଖାଦ୍ୟ ବସ୍ତ୍ର ସଂଗ୍ରହ ଦରକାର, ବଣ୍ଟନ ଦରକାର । ଦରିଦ୍ର ଖଟିଖିଆ, ମୂଲିଆ ବା ଶ୍ରମିକ ଗୋଷ୍ଠୀ—ଯେଉଁମାନେ ସହର ବଜାରର ଝୁମ୍ପୁଡ଼ିମାନଙ୍କରେ ଅସ୍ୱାସ୍ଥ୍ୟ ପରିବେଶରେ ରହୁଛନ୍ତି ସେମାନଙ୍କୁ ପାଠ ପଢ଼ାଇବା ଦରକାର—ସେମାନଙ୍କ ଭିତରେ ସହଜରେ ଏକ ସାଂସ୍କୃତିକ ଚେତନା ସୃଷ୍ଟି କରିବା ଦରକାର—ଡାକ୍ତରଖାନାରେ ଜରାଗ୍ରସ୍ତ ରୋଗୀଙ୍କୁ ସେବା କରିବା ଦରକାର । ଏ ସବୁ କରିବେ କୋଉମାନେ ?

ଏଇ ଯୁବସମାଜ—ଯେଉଁମାନଙ୍କ ଭିତରେ ରହିଛି ଅଫୁରନ୍ତ ପ୍ରାଣଶକ୍ତି, ଉଦ୍ଦାମ ପ୍ରେରଣା ଓ ଉତ୍ସାହ ଏବଂ ଏକ ଉଦାର ସାର୍ବଜନୀନ ଭ୍ରାତୃତ୍ୱମୂଳକ ହୃଦୟବତ୍ତା । ଏ ସବୁ କାର୍ଯ୍ୟରେ ଯଦି ସେମାନଙ୍କର ବଳକା ଶକ୍ତି ବିନିଯୋଗ ନହୁଏ, ତେବେ ସେମାନଙ୍କ ଅଜାଣତରେ ସେମାନେ ଭୁଲ ବାଟରେ ହିଁ ନିଜଶକ୍ତିର ଅପଚୟ କରି ବୁଲିବେ । ରାସ୍ତାଘାଟରେ ନିରୁଦ୍ଦେଶ୍ୟଭାବେ ବୁଲିବେ, ବାଜେ ସିନେମା ଦେଖିବେ । ଦୁଃସାହସିକ କାର୍ଯ୍ୟ କରିବାର ଛଦ୍ମ ପ୍ରେରଣାରେ ଦଙ୍ଗାହଙ୍ଗାମା, ଘେରାଉ, ସହାକାନ୍ତ କରିବେ—ଅଶ୍ଳୀଳ ବ୍ୟବହାରରେ ପ୍ରମତ୍ତତା ଦେଖାଇବେ—ନିଶାଦ୍ରବ୍ୟ ଓ ମାଦକଦ୍ରବ୍ୟ ସେବନରେ ବିଳାସୀ ହେବେ । ପାଠ ପଢ଼ିବେ ନାହିଁ, କପି କରି ପରୀକ୍ଷା ଦେବେ, ଧରାପଡ଼ିଲେ ମାଷ୍ଟ୍ରଙ୍କୁ ବାଡେଇବେ । ଟ୍ରେନ୍ ବସ୍‌ରେ ବିନାକାରଣରେ ପଇସା ନଦେଇ ବୁଲିବେ । ପଇସା ମାଗିଲେ କଣ୍ଡକ୍ଟର ଡ୍ରାଇଭରଙ୍କୁ ବାଡେ଼ଇବେ । ଯାତ୍ରୀବାହୀ ବସ୍‌କୁ କଲେଜ ହତା ଭିତରକୁ ବଳାତ୍କାରେ ଛଡ଼ାଇନେଇ ଅଟକାଇ ରଖିବେ । ନତୁବା ଆପଣା ଆପଣା ଭିତରେ ଛୁରୀ ମରାମରି ହେବେ । ମୋଟ ଉପରେ ଏକପ୍ରକାର କାଳ୍ପନିକ ଉତ୍ତେଜନା ଭିତରେ ବୁଡ଼ି ରହିବେ ।

ଏବଂ ଏହାହିଁ ଏ ଦେଶରେ ଘଟୁଥିଲା ବର୍ଷ ବର୍ଷ ଧରି । କେହି ଏହାର ପ୍ରତିକାର କରି ପାରୁ ନଥିଲେ । ଗତ କେତେବର୍ଷ ଧରି ଶିକ୍ଷକ, ସରକାର ବିରୋଧୀ ଦଳ, ଜନନାୟକ ଓ ଅଭିଭାବକମାନେ ଯେପରି ଦାୟିତ୍ୱହୀନତା ପ୍ରଦର୍ଶନ କଲେ, ସେଥିରେ ଯୁବସମାଜ ଏକ ନିମ୍ନଗାମୀ ପିଚ୍ଛିଳ ପଥରେ ଅସହାୟଭାବେ କ୍ରମଶଃ ତଳକୁ ଖସି ଚାଲିଥିଲେ ଏବଂ ସେମାନଙ୍କର ଏହି ବିପଥଗାମୀତାକୁ ବୟସ୍କ ବ୍ୟକ୍ତିମାନେ ଏକପ୍ରକାର ପରିହାସାସ୍ପଦ ଭର୍ତ୍ସନା କରି କ୍ଷାନ୍ତ ରହୁଥିଲେ । ଅବଶ୍ୟ ଏତିକି ଭର୍ତ୍ସନା ମଧ୍ୟ କେହି ସାହସ କରି ସେମାନଙ୍କ ଆଗରେ କରି ପାରୁ ନଥିଲେ । ଏପରି କେହି କେହି ତଥାକଥିତ ପ୍ରବୀଣନେତା ମଧ୍ୟ ଯୁବସମର୍ଥନ ପାଇବାଲାଗି ସେମାନଙ୍କର ମନ୍ଦକାର୍ଯ୍ୟକୁ କପଟ ସମର୍ଥନ କରୁଥିଲେ—ଏବଂ age of youth—age of youth—'ଯୁବଯୁଗ' 'ଯୁବଯୁଗ' ବୋଲି ଗୋଟାଏ ମିଥ୍ୟା ସ୍ଲୋଗାନ ମଧ୍ୟ ସୃଷ୍ଟି କରୁଥିଲେ । ଆଉରି ହାସ୍ୟକର ଓ ବିଡ଼ମ୍ବନାର କଥା ପୁଣି ଶୁଣିଲୁ—ଦେଶର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ । ବୁଦ୍ଧିଜୀବୀମାନେ, ନାମକରା ସାହିତ୍ୟିକମାନେ ଚିତ୍କାର ଛାଡ଼ୁଥିଲେ—age of frustration—age of frustration—'ବ୍ୟର୍ଥତାର ଯୁଗ'—'ବ୍ୟର୍ଥତାର ଯୁଗ' । ଅଥଚ ଏଇ ଆପଣାସ୍ୱାର୍ଥୀ ନେତା ଓ ବୁଦ୍ଧିଜୀବୀ ଗୋଷ୍ଠୀ

ନିଜ ଜୀବନକୁ ଭିତରେ ଭିତରେ ବେଶ୍ ନିଷ୍ପଦ, ସ୍ଖଳିତ, ସ୍ତବ୍ଧ ଓ ସାର୍ଥକ କରି ଗଢି ତୁଳିଥିଲେ । କବିତା, ନାଟକ, ଗଳ୍ପ, ସମାଲୋଚନା ସବୁ କ୍ଷେତ୍ରରେ ଏହି ମାଗ୍ନୁଟକ ଛଦ୍ମାର୍ଥୀମାନଙ୍କର ବ୍ୟର୍ଥତାବୋଧର ଦର୍ଶନ ପ୍ରଚ୍ଛର ଚାଲିଥିଲା ଏବଂ ସମାଜରେ ସେମାନଙ୍କର ଚାଟୁକାରିତା ଗଗନ ପବନକୁ କୋଳାହଳମୟ କରି ଦେଇଥିଲା । ମାତ୍ର ଯଥାର୍ଥ ସୁଧୀଜନମାନେ ନୀରବରେ ଆଖିରୁ ଲୁହ ଢାଳୁଥିଲେ—ମହାକାଳ ପାଖେ ଓ ମହାକାଳଙ୍କ ପାଖେ ପ୍ରାର୍ଥନା କରୁଥିଲେ—କପଣ ଏ ଦୁଃସ୍ୱପ୍ନକାଳର ଅବସାନ ହେବ ।

ଘଟିଲାହିଁ ତାହା । ଅତି ପିଲ୍ଲାଭଳି ଘଟିଗଲା ଭଳି ଲାଗିଲା ତ ! ଏ ଦେଶର ଜନଗଣ-ମନ-ଅଧିନାୟକ-ଭାଗ୍ୟ ବିଧାତାର ସୌଭାଗ୍ୟ ବୃତ୍ତ ହେଲା--ଯେଉଁ ଯାଦୁକରର ଜାଦୁସ୍ପର୍ଶଠି ଲାଗିବାକୁ ବର୍ତ୍ତମାନର ରାଷ୍ଟ୍ର ନେତୃତ୍ୱ ମଧ୍ୟ ଜାଗି ଉଠିଲା ଏକ ହତଚ୍ଛନ୍ନ କିଂକର୍ତ୍ତବ୍ୟବିମୂଢତା ଭିତରୁ । ଦେଶର ପ୍ରସୁପ୍ତ ଅନ୍ତଃକ୍ଷେତ୍ରରେ ସ୍ପର୍ଶ ଲାଗିଲା ମହାକାଳର ! ସବୁ ଆରମ୍ଭ କଲା ଦୋହଲିବାକୁ । ଫଳରେ ପୁଣିଥରେ ସବୁ ବଦଳିବାକୁ ଆରମ୍ଭ କଲା । ଦେଶ ଓ ରାଷ୍ଟ୍ରର ସବୁ କ୍ଷେତ୍ରରୁ ଅନ୍ଧାର ଓ ବିଶୃଙ୍ଖଳା ଦୂର କରିବାକୁ ଏକ ତୀବ୍ର ଜାଗ୍ରତ ପ୍ରଚେଷ୍ଟାର ଉଦୟ ହେଲା । ଏହାହିଁ ବର୍ତ୍ତମାନ ଜାତିର ମାନସରେ ଗୋଟାଏ ଆଶା ଓ ଆତ୍ମାଜନିତ ଉନ୍ମାଦନା ଖେଳାଇ ଦେବାରେ ସାହାଯ୍ୟ କରିଛି । ତା'ଛଡ଼ା ବି ପ୍ରଧାନମନ୍ତ୍ରୀଙ୍କଦ୍ୱାରା ଉଦଘୋଷିତ ଏକୋଇଶି ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ତ୍ୱରାନ୍ୱିତ ପ୍ରଚଳନ—ଉଦ୍ୟମ ଭିତରେ ଓଡ଼ିଶାରେ ମଧ୍ୟ ତା'ର ବହୁପୂର୍ବରୁ ଶ୍ରୀମତୀ ଶତପଥୀଙ୍କ ସରକାର ବହୁ ପ୍ରଗତିଶୀଳ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଥିଲେ । ଇତମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ବହୁ ପ୍ରଗତିଶୀଳ ହିତକର ସଂସ୍କାରମାନ ବଡ଼ ଦୃଢ଼ତା'ର ସହିତ କାର୍ଯ୍ୟକାରୀ ହେଲା ! ବେକାର ଗ୍ରାଜୁଏଟ ଇଞ୍ଜିନିଅର ଓ ଡାକ୍ତରମାନଙ୍କ ଲାଗି ଆତ୍ମ-ନିଯୋଜିତ-ଉପାର୍ଜନ ବ୍ୟବସ୍ଥା ଉପରେ ଶ୍ରୀମତୀ ଶତପଥୀଙ୍କ ସରକାର ଖୁବ୍ ଗୁରୁତ୍ୱ ଦେଲେ । ସ୍କୁଲ କଲେଜରେ ବି ମେଧାବୀ ଓ ଅସ୍ୱଚ୍ଛଳ ଛାତ୍ରଛାତ୍ରୀଙ୍କ ଲାଗି ବହୁ ପ୍ରକାରର ବୃତ୍ତି—ପାଠ୍ୟ ପୁସ୍ତକ ବ୍ୟାଙ୍କ ଓ ଏହିପରି ଆହୁ ଅଭିନ୍ନଶିଆ ବହୁତ ଉପଯୋଗୀ ଯୋଜନାମାନ କାର୍ଯ୍ୟକାରୀ ହେବାରୁ ବସିଲାରୁ ଯୁବସମାଜ ଓ ଛାତ୍ର ସମାଜ ଉପରେ ତା'ର ଗୋଟାଏ ଶୁଭ ପ୍ରଭାବ ପଡ଼ିବାକୁ ଆରମ୍ଭ କରିଛି ।

ଆଉ ଗୋଟିଏ କଥା—ଅଶ୍ଳୀଳ ଓ ଉନ୍ମାଦବତ୍ ଆଚରଣ କରୁଥିବା ଯୁବକ ଯୁବତୀମାନଙ୍କର କ୍ରିୟାକଳାପକୁ ସଂଯତ ଓ ଭଦ୍ର କରିବାଲାଗି ଶ୍ରୀମତୀ ଶତପଥୀଙ୍କ ସରକାର ବହୁ ବୁଦ୍ଧିମତାର ସହିତ ଚେଷ୍ଟା ଚଳାଇଛନ୍ତି । ପୁଣି ନିଶା ଔଷଧ ଓ ନିଶା ବଟିକା ଆଦିର ବିକ୍ରୟ ଓ ପ୍ରଚଳନ ଉପରେ ମଧ୍ୟ କଡ଼ା କଟକଣା ଜାରି କରିଛନ୍ତି । ଏହା ସଙ୍ଗେ ସଙ୍ଗେ ମଧ୍ୟ ଯେ କୌଣସି ଏକ ଗଠନମୂଳକ ଯୁବକାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନିଜେ ଦେଖି ଯେପରି ନିଜେ ଉତ୍ସାହର ସହିତ ସହଯୋଗ କରୁଛନ୍ତି—ଏଥିରେ ଓଡ଼ିଶାର ଯୁବ-ସମାଜ ମନରେ ଗୋଟାଏ ନୂତନ ଉତ୍ତେଜନା ଖେଳାଇଥିବାର ଲକ୍ଷ୍ୟ କରାଯାଉଛି । ବର୍ତ୍ତମାନ ଯେ କୌଣସି ସରକାରୀ ଉଦ୍ୟମ ବା ଯୋଜନାପ୍ରତି ଯୁବସମାଜଠାରୁ ବେଶି ସମର୍ଥନ ମିଳୁଅଛି । ଏଇତ— ନିକଟରେ ଯେଉଁ ମାଦକ ବଟିକା ବିରୋଧୀ ଅଭିଯାନ ଆରମ୍ଭ ହେଲା—ତାକୁ ସ୍ୱାଗତ କରି ବହୁ ଛାତ୍ରଛାତ୍ରୀ ବ୍ୟକ୍ତିଗତଭାବେ ଓ ଆନୁଷ୍ଠାନିକଭାବେ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଜଣାଉଛନ୍ତି । ନିକଟରେ ରେଭେନ୍ସା କଲେଜର ସମସ୍ତ ଛାତ୍ରାବାସର ପ୍ରାୟ ସହସ୍ରାଧିକ ଅନ୍ତେବାସୀ ଛାତ୍ରଛାତ୍ରୀ ସଭ କରି ସେଥିରେ ମୁଖ୍ୟମନ୍ତ୍ରୀଙ୍କର ଏହି ଅଭିଯାନକୁ ସ୍ୱାଗତ କରି ପ୍ରସ୍ତାବମାନ ପାସ୍ କରିଛନ୍ତି । ତାଙ୍କୀ କଲେଜର କେତେକ ଛାତ୍ର ଆପଣା ରକ୍ତରେ ସ୍ୱାକ୍ଷରକରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇଛନ୍ତି ।

ଏହି ଅଗଷ୍ଟ ଶେଷ ପକ୍ଷରେ ଓଡ଼ିଶାରେ ଯେଉଁ ଧନଜନ କ୍ଷୟକାରୀ କସ୍ତ'ନଦ ବନ୍ୟା ଓଡ଼ିଶାର ଉପକୂଳ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କଲା—ସେତେବେଳେ ଆମର ଯୁବସମାଜ ଓ ଛାତ୍ରସମାଜ ଯେପରି-ଭାବେ ସେଥିରେ ସେବା ଓ ସାହାଯ୍ୟ କାର୍ଯ୍ୟ ସଂପାଦନ କଲେ—ତାହା ଦେଖି ଜନସାଧାରଣଙ୍କ ମନରେ ଆମର ଯୁବଶକ୍ତି ଓ ଯୁବ-କର୍ମ-କୁଶଳତା ଉପରେ ଖୁବ୍ ଆଶା ଓ ଆସ୍ଥା ସଂସ୍ଥାପିତ ହୋଇଛି ! ଏମିତି ଆଶା କରିବା ମଧ୍ୟ ବର୍ତ୍ତମାନ ସମ୍ଭବ ଯେ ସଦ୍ୟ ଜାଗ୍ରତ ଆମ ଦେଶର ଏହି ବିପୁଳ ଯୁବଶକ୍ତିକୁ ଯଦି ବର୍ତ୍ତମାନର ରାଷ୍ଟ୍ର ନେତୃତ୍ୱ ଓ ସାମାଜିକ ନେତୃତ୍ୱ ସାଧୁଭାବରେ ଏକ ଆଦର୍ଶାଭିମୁଖୀ କରି ପରିଚାଳିତ କରେ ତେବେ ଅଳ୍ପ ଦିନ ଭିତରେ ଦେଶର ଭାଗ୍ୟ ଅନେକ ଭାବେ ବଦଳିଯିବ ।

ଗତ ବନ୍ୟାଞ୍ଚଳରେ ସେବା ସାହାଯ୍ୟରତ ଯୁବକ ଯୁବତୀ ଓ ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକୁ ଖୁବ୍ ପ୍ରଶଂସାକରି ଆମର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀ ଦେଶ୍ ଅଭିଭୂତ କଣ୍ଠରେ କହିଛନ୍ତି—

"ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ର ଓ ଯୁବ ସଂଗଠନ ଏବଂ ସର୍ବସାଧାରଣଙ୍କଠାରୁ ବନ୍ୟାଞ୍ଚଳର ଦୁଃସ୍ଥ ଲୋକଙ୍କ ସାହାଯ୍ୟ ପାଇଁ ଯେଉଁ ସହଯୋଗ ମିଳୁଛି ସେଥିରେ ମୁଁ ଅଭିଭୂତ ହୋଇପଡ଼ିଛି ! କ୍ଷୁଦ୍ରତା, ସ୍ୱାର୍ଥପରତା ଏବଂ ଆତ୍ମ-ସନ୍ତୁଷ୍ଟତା ପରିବର୍ତ୍ତେ ଏକ ବ୍ୟାପକ ସୌହାର୍ଦ୍ଦ୍ୟ ଓ ପରୋପକାରର ବାତାବରଣ ଦେଖାଦେଇଛି । ଅନ୍ତଃସାରଶୂନ୍ୟ ଆନ୍ଦୋଳନରେ ଶକ୍ତି ଅପଚୟ ନକରି କାତର ଦୁର୍ଦ୍ଦଶା ବେଳେ ଏକଜୁଟ ହୋଇ କାମ କରିବା ପାଇଁ ସଙ୍କଳ୍ପ ଦେଖା ଦେଇଛି । ଅନେକ ଛାତ୍ର ସ୍ୱତଃପ୍ରବୃତ୍ତ ହୋଇ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି ଏବଂ ତଦ୍ୱାରା କାରୁଣ୍ୟର ଉଦାମତା ଓ ଉତ୍ସାହ କିପରି ଜାତୀୟ ସ୍ୱାର୍ଥରେ ନିୟୋଜିତ ହୋଇପାରିବ ତା'ର ନିଦର୍ଶନ ମିଳୁଛି । ସ୍ୱାଧୀନତା ପୂର୍ବରୁ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ ଯେଉଁ ଅକାତର ସେବା ମନୋଭାବର ପରଂପରା ଓଡ଼ିଶାରେ ପ୍ରବର୍ତ୍ତିତ ହୋଇଥିଲା ଆଜି ପୁଣି ତା'ର ଅଭ୍ୟୁତ୍ଥାନ ହେବାପରି ଜଣାଯାଉଛି । କେତେକ କ୍ଷେତ୍ରରେ ହୁଏତ ଶାସନକଳ କର୍ମପ୍ରେରଣାର ଯଥାର୍ଥ ବିନିଯୋଗ କରିବାକୁ ସମର୍ଥ ହୋଇ ନପାରେ । କିନ୍ତୁ ଛାତ୍ରବନ୍ଧୁମାନଙ୍କୁ ମୋର ନିବେଦନ ଯେ ସେମାନେ ସେମାନଙ୍କର ଉତ୍ସାହ ଅବ୍ୟାହତ ରଖନ୍ତୁ । ସେମାନଙ୍କର ଶକ୍ତି ଓ ଉଦ୍ଦୀପନାର ଯଥାର୍ଥ ବିନିଯୋଗ ପାଇଁ ବାଟ ଅବଶ୍ୟ ବାହାରିବ ।"

ନବଜାଗ୍ରତ ଯୁବଶକ୍ତି ପ୍ରତି ଶ୍ରୀମତୀ ଶତପଥୀଙ୍କର ଏହି ଅଭିଭୂତ ମନୋଯୋଗ ଓ ଅଭିନନ୍ଦନ ଲାଗି ଆମେ ତାଙ୍କୁ ସାଧୁବାଦ ଅର୍ପଣ କରୁଛୁ ଏବଂ ତା' ସଙ୍ଗେ ସଙ୍ଗେ ମଧ୍ୟ ଆଶା କରୁଛୁ ଯେ ଶ୍ରୀମତୀ ଶତପଥୀ ଓ ତାଙ୍କର ସହଯୋଗୀ ଅନ୍ୟାନ୍ୟ ନେତୃବୃନ୍ଦ ମଧ୍ୟ ଏହି ବିପୁଳ ଶକ୍ତି ଉତ୍ସର ସଦ୍‌ବ୍ୟବହାର ଲାଗି ଖୁବ୍ ଶୀଘ୍ର ଉପାୟ ବା ବାଟ ଆବିଷ୍କାର କରନ୍ତୁ । ବହୁ ସାମାଜିକ ସମସ୍ୟାରେ ରାଜନୀତିକ ହସ୍ତକ୍ଷେପ ନହୋଇ ଏହି ଯୁବଶକ୍ତିର ବିନିଯୋଗ ହେଲେ ଅପେକ୍ଷାକୃତ ସୁଫଳ ନିଶ୍ଚୟ ଫଳିବ ।

●

ମହାପାତ୍ର ନୀଳମଣି ସାହୁ

ଗାନ୍ଧି ମାର୍ଗରେ ଗଣତାନ୍ତ୍ରିକ ସମାଜବାଦ

• ମନୀଷା •

ଗାନ୍ଧିଜୀଙ୍କର ଦୃଢ଼ ସିଦ୍ଧାନ୍ତ ଥିଲା—ବଡ଼ ବଡ଼ କଳ କାରଖାନାର ପ୍ରତିଷ୍ଠା—ସହସ୍ର ସଭ୍ୟତାର ପ୍ରସାର—ଶିଳ୍ପ ଯୁଦ୍ଧ ଓ ଶୋଷଣବାଦୀ ସମ୍ପ୍ରୀତି ପ୍ରସୂତ ଯେଉଁ ପାଶ୍ଚାତ୍ୟ ଜୀବନ ଧାରା ବା ସମାଜ ଦର୍ଶନ ସାରା ପୃଥିବୀରେ ବ୍ୟାପୀ ଯାଇଛି ଓ ଭାରତୀୟ ନେତୃବୃନ୍ଦଙ୍କ ଆଖିରେ ମୋହାଞ୍ଜନ ଲଗାଇ ଦେଇଛି—ତଦ୍ଦ୍ୱାରା ଭାରତବର୍ଷରେ କେବେହେଲେ ସୁଫଳ ଫଳିବ ନାହିଁ । ଭାରତୀୟ ପରମ୍ପରା, ପରିବେଶ ଓ ସଂସ୍କୃତି ସଙ୍ଗେ ସଙ୍ଗତି ରକ୍ଷାକରି ଯେଉଁ ବିକେନ୍ଦ୍ରୀକରଣର ଅର୍ଥନୈତିକ କାର୍ଯ୍ୟକ୍ରମ ଗଢ଼ି ଉଠିବ—ତାହାହିଁ ହେବ ଭାରତବର୍ଷର ବାସ୍ତବିକ ଉତ୍କର୍ଷର ପନ୍ଥା । ପାଶ୍ଚାତ୍ୟ ଦେଶରେ ଶିଳ୍ପ ବିପ୍ଳବଜନିତ କଳକାରଖାନାର ସୀମାହୀନ ସଂପ୍ରସାରଣ ଯୋଗୁଁ ସେ ଦେଶରେ ଅମାନୁଷିକତା ଓ ହିଂସାପୂର୍ଣ୍ଣ ପ୍ରବୃତ୍ତିଗୁଡ଼ିକୁ ଆକାଶପର୍ଯ୍ୟନ୍ତ ବଢ଼ାଇ ଦେଇଛି ଏବଂ ଏହାର ଫଳରେ ହୋଇଛି ଏକ କେନ୍ଦ୍ରୀଭୂତ ଜୀବନଯାତ୍ରା ପ୍ରଣାଳୀ । ଲୋକମାନେ ଏ ପ୍ରଣାଳୀରେ ଧନ, ମାନ, ଯଶ ଓ କ୍ଷମତାଆଦି ସାଧାରଣଙ୍କଠାରୁ ଜାଣତରେ ଓ ଅଜାଣତରେ ଲୁଣ୍ଠିତ ହୋଇ ଗୋଟିଏ ଗୋଟିଏ ସ୍ଥାନରେ ବା ଗୋଟିଏ ଗୋଟିଏ ବ୍ୟକ୍ତି ହାତରେ କେନ୍ଦ୍ରୀଭୂତ ହୋଇଯିବ ।

ମାତ୍ର ଗାନ୍ଧିଜୀଙ୍କ ଅର୍ଥନୀତି ଓ ସମାଜନୀତି ଅହିଂସା ଉପରେ ଆଧାରିତ ଓ ଏହାର ଲକ୍ଷ୍ୟ ହେଲା ମଣିଷ ଭିତରେ ସୁପ୍ତ ଆତ୍ମଶକ୍ତି ବା ଦେବତ୍ୱକୁ ଜାଗ୍ରତ ଓ ବିକଶିତ କରିବା । ଭାରତର ଅନ୍ୟତମ ମନୀଷୀ ଶ୍ରୀ ଅରବିନ୍ଦ ମଧ୍ୟ ଏହି ପ୍ରକାର ଜୀବନ ଓ ସମାଜ ଦର୍ଶନର ପ୍ରବର୍ତ୍ତନ କରିବାକୁ ଚାହିଁଥିଲେ । ମାତ୍ର ଆମ ଦେଶରେ ବହୁ ଅର୍ଥନୀତିଜ୍ଞ ଓ ନେତାଙ୍କ ସ୍ୱପ୍ନ ହେଉଛି ମାର୍କିନ ଯୁକ୍ତରାଷ୍ଟ୍ର ଅନୁକରଣରେ ବୃହଦାକାର କଳକାରଖାନାମାନ ପ୍ରତିଷ୍ଠା କରି ଦେଶର ଅର୍ଥନୈତିକ ଉତ୍କର୍ଷ ସାଧନ କରିବା । ଗାନ୍ଧିଜୀ କିନ୍ତୁ ଏହି ମତବାଦ ବିରୋଧରେ ସ୍ପଷ୍ଟ ମତ ବ୍ୟକ୍ତ କରୁଥିଲେ । ତାଙ୍କ ମତରେ ପ୍ରଥମ କଥା ହେଲା ଯୁକ୍ତରାଷ୍ଟ୍ରର କେନ୍ଦ୍ରୀଭୂତ ଶିଳ୍ପ ସାମ୍ରାଜ୍ୟ ଗଠନ କରିବା ଲାଗି ଯେ ବିପୁଳ ପରିମାଣର ପୁଞ୍ଜି ଆବଶ୍ୟକ ତାହା ଦରିଦ୍ର ଭାରତବର୍ଷ ଯୋଗାଇ

ପାରିବ କି ? ଅଥବା କୌଣସିମତେ ତାହା କରିପାରିପାରିବ ତେବେ ସେହି ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଲାଗି ଏକ ବିଶାଳ ସେନାବାହିନୀ ମଧ୍ୟ ଆମକୁ ଗଢ଼ିବାକୁ ପଡ଼ିବ । କାରଣ କେନ୍ଦ୍ରୀଭୂତ ଶିଳ୍ପ ସଂସ୍ଥାକୁ ନିରାପଦରେ ରଖିବା ଲାଗି ସୈନ୍ୟବଳର ଆବଶ୍ୟକତା ନିଶ୍ଚିତ ଅଛି । ମୋଟ ଉପରେ ଏହା ଭାରତବର୍ଷକୁ ଏକ ବ୍ୟୟସାଧ୍ୟ ଅର୍ଥନୈତିକ, ରାଜନୈତିକ ଓ ସାମରିକ ଆୟୋଜନ ଭିତରକୁ ଟାଣି ନେବଇ ନେବ ।

ଆମେରିକା ଅନୁକରଣରେ କଳକାରଖାନାମାନ ବସାଇ ଦେବା ଦ୍ୱାରା ଦେଶରେ ଭୌତିକ ଭୋଗ ବିଳାସ ବଢ଼ିଯିବ ନିଶ୍ଚୟ । ମାତ୍ର ମନୁଷ୍ୟର ମାନସିକ ଅଶାନ୍ତି ଓ ନିରାନନ୍ଦ ମଧ୍ୟ ତଦ୍ରୂପ ବଢ଼ି ଚାଲିବ । କାରଖାନାଗୁଡ଼ିକରୁ ଉଠୁଥିବା ଅସ୍ୱାସ୍ଥ୍ୟକର ଧୂଆଁ, ଶ୍ରମିକ ବସ୍ତିଗୁଡ଼ିକର ଆବର୍ଜନା, ଜନାକୀର୍ଣ୍ଣ ଯାନବାହନ, ହିଂସାକାଣ୍ଡ, ବେଶ୍ୟାବୃତ୍ତି, ଦୁରାରୋଗ୍ୟ ରୋଗ, ଦୁର୍ଘଟଣା, ମାଦକ ଦ୍ରବ୍ୟର ପ୍ରଚାର ଆଦି ସଙ୍ଗେ, ମନୁଷ୍ୟ ଭିତରେ ଈର୍ଷା, ପ୍ରତିଯୋଗିତା, ଅସହିଷ୍ଣୁତା, ଅବିଶ୍ୱାସ ଆଦି ମାନସିକ ଓ ଆତ୍ମିକ ବ୍ୟାଧି-ଗୁଡ଼ିକ ମଧ୍ୟ ଭାଡ଼ି ହେବ । ତେଣୁ ବହୁ ସୁଲଭ ଦ୍ରବ୍ୟ ତଥା ନାନା ବିଚିତ୍ର ବେଶ ପୋଷାକ, ଖାଦ୍ୟଦ୍ରବ୍ୟ, ବିଳାସ ବ୍ୟସନରେ ମାତି ଯିବେ—ମାତ୍ର ସେମାନଙ୍କ ଭିତରେ ସେହି ପରିମାଣରେ ଅସମାନବିକତା ବଢ଼ି ଉଠି ସେମାନଙ୍କର ଓ ଅନ୍ୟମାନଙ୍କର ଜୀବନକୁ ଅଶାନ୍ତିମୟ କରିଦେବ । କଳକାରଖାନାର ଧୂଆଁଗନ୍ଧମୟ ପରିବେଷ୍ଟନୀରେ ମନୁଷ୍ୟର ମନୁଷ୍ୟତା ଚାପିହୋଇ ମରିଯିବ । ଯାହାର ଅନେକ ସବୁ ଶିଳ୍ପପ୍ରଧାନ ରାଷ୍ଟ୍ରରେ ବର୍ତ୍ତମାନ ଖୁବ୍ ସ୍ପଷ୍ଟ ହୋଇ ଦିଶୁଛି ।

ଗାନ୍ଧୀଜୀଙ୍କର ସେହି ଉକ୍ତି ଆଜି ଆମକୁ ସତ୍ୟବୋଲି ମନେ ହେଉଛି । ମହା ପୁଞ୍ଜିବାଦୀ ଓ ଶିଳ୍ପପ୍ରଧାନ ଦେଶ ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଲୋକେ ବହୁ ଐଶ୍ୱର୍ଯ୍ୟ ଭିତରେ ଅଛନ୍ତି ସତ୍ୟ—ମାତ୍ର ସେମାନଙ୍କ ଜୀବନ ଦରିଦ୍ରଠାରୁ ମଧ୍ୟ ଅତି ଅସହନୀୟ ହୋଇ ଉଠିଲାଣି ବିଭିନ୍ନ କାରଣରୁ । ସେମାନଙ୍କର ପାରିବାରିକ ଜୀବନରେ ଶାନ୍ତି ନାହିଁ କି ସାମାଜିକ ଜୀବନରେ ବି ଶାନ୍ତି ନାହିଁ । ପ୍ରତ୍ୟେକ ଲୋକ ସେଠି ବର୍ତ୍ତମାନ ଏତେ ଲୋକଙ୍କ ମେଳରେ ଥାଇ ମଧ୍ୟ ନିଜକୁ ଖୁବ୍ ଅସହାୟ ଓ ନିଃସଙ୍ଗ ମନେ କରୁଛି । ତା' ଭିତରର ଅଶାନ୍ତି ଦୂର କରିବାକୁ ସେ ପ୍ରତିଦିନ ଅତ୍ୟଧିକ ମଦ୍ୟପାନ କିମ୍ବା ସେ କୌଣସି ପ୍ରକାର ନିଦ୍ରାବର୍ଦ୍ଧକ ମାଦକ ବା ଉତ୍ତେଜନା ସୃଷ୍ଟିକାରୀ ଔଷଧ ବଟିକାମାନ ନିର୍ବିଚାରରେ ଗିଳି ଚାଲିଛି ।

ଗାନ୍ଧୀଜୀ ଭଲରୂପେ ବୁଝିଥିଲେ ଯେ ଶିଳ୍ପପ୍ରଧାନ ସଭ୍ୟତାରେ ଶ୍ରମିକ ମାଲିକ ସଂଘର୍ଷ ବରାବର ଲାଗି ରହିବ । ଶିଳ୍ପପ୍ରଧାନ ଦେଶମାନେ ସେମାନଙ୍କର କାରଖାନାରୁ ଉତ୍ପନ୍ନ ହେଉଥିବା ଦ୍ରବ୍ୟଗୁଡ଼ିକର ବିକ୍ରୟ ସହିତ କଂଚାମାଲ ସଂଗ୍ରହ ଲାଗି ଅପେକ୍ଷାକୃତ ଦୁର୍ବଳ ଓ ଦରିଦ୍ର ଦେଶମାନଙ୍କୁ ଅଧୀନରେ ରଖିବା ଲାଗି କୌଶଳପୂର୍ଣ୍ଣ ସାମ୍ରାଜ୍ୟବାଦର ବିସ୍ତାର ଲାଗି ଚେଷ୍ଟିତ ହୋଇ ରହିବେ । ରାଜନୈତିକ ସାମ୍ରାଜ୍ୟବାଦଠାରୁ ଏହି ବାଣିଜ୍ୟିକ ସାମ୍ରାଜ୍ୟବାଦ ବେଶୀ ଭୟାବହ ଗାନ୍ଧୀଜୀ ଏ କଥା ଭଲ ରୂପେ ଜାଣିଥିଲେ । ତା'ଛଡ଼ା ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ଶିଳ୍ପ ସଭ୍ୟତା ମଧ୍ୟେ ମଧ୍ୟେ ଯେଉଁ ଅନ୍ତର୍ନିହିତ ସଂଘର୍ଷ, ବିଦ୍ୱେଷ ଓ ସଂକଟର ପ୍ରଳୟ ସୃଷ୍ଟି କରୁଥାଏ ତାହା ଯଦି ଭାରତବର୍ଷରେ ଘଟେ ତେବେ ଭାରତ ଛିନ୍ନ ଭିନ୍ନ ହୋଇଯିବ ଏକଥା ମଧ୍ୟ ଗାନ୍ଧୀଜୀ ଭଲ କରି ବୁଝିଥିଲେ ଓ ଆମକୁ ସତର୍କବାଣୀ ଶୁଣାଇଥିଲେ ।

ଅବଶ୍ୟ ବର୍ତ୍ତମାନର ବିଶ୍ୱରେ ଏହି ଶିଳ୍ପ ସଭ୍ୟତା ବିରୋଧରେ ଗାନ୍ଧୀଜୀ କେବଳ ଏକୁଟିଆ ନୁହନ୍ତି—ବିଶ୍ୱର ବହୁ ଚିନ୍ତାନାୟକ ଓ ମନୀଷୀ ବୃନ୍ଦ ମଧ୍ୟ ଅନୁରୂପ ମତ ପ୍ରକାଶ କରି ଯାଇଛନ୍ତି । ସୁବିଖ୍ୟାତ କଥାକାର ଓ ଦାର୍ଶନିକ ଆଲଡସ ହକ୍ସଲି, ପାଶ୍ଚାତ୍ୟ ଶିଳ୍ପ ସଂଗଠନ ଜନିତ କୃତ୍ରିମ ସଭ୍ୟତା ସଂସ୍କୃତି ପ୍ରତି ଖୁବ୍ ବୀତସ୍ପୃହ ହୋଇ ପଡ଼ିଥିଲେ । ଆଲଡସ୍ ହକସଲି ମଧ୍ୟ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ବିକେନ୍ଦ୍ରୀକରଣ ପ୍ରସ୍ତାବକୁ ଦୃଢ଼ଭାବେ ସମର୍ଥନ କରୁଥିଲେ । ସେ କହନ୍ତି ଯେତେଦିନ ପର୍ଯ୍ୟନ୍ତ କ୍ଷମତା ରାଜନୀତି ଚାଲୁ ରହିବ ଓ ମାନବିକତାହୀନ ପୁଞ୍ଜିପତିମାନେ ସମାଜର ଅର୍ଥନୀତିକ ସ୍ନାୟୁକେନ୍ଦ୍ରମାନଙ୍କୁ ନିୟନ୍ତ୍ରଣ କରି ଚାଲିଥିବେ, ସେତେଦିନ ପର୍ଯ୍ୟନ୍ତ କୌଣସି ଦେଶରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠିତ ହେବା ଅସମ୍ଭବ । ତେଣୁ ଆମକୁ ଏଇ ତଥାକଥିତ ଟେକ୍ନୋଲୋଜିକାଲ ଅଗ୍ରଗତିର ଧାରା ବଦଳାଇବାକୁ ପଡ଼ିବ । ଗାନ୍ଧୀଜୀଙ୍କ ପ୍ରଦର୍ଶିତ ବିକେନ୍ଦ୍ରିତ ଅର୍ଥନୀତି ଓ ରାଜନୀତିର ବ୍ୟବସ୍ଥାକୁ ଉତ୍ସାହିତ କରିବାକୁ ପଡ଼ିବ । ଉତ୍ପାଦନର ମୌଳିକ ଉପକରଣ, ଉପାଦାନ ଓ ଯାନସଂରଞ୍ଜାମ ଆଦିକୁ ବିକେନ୍ଦ୍ରୀକରଣ ମାଧ୍ୟମରେ ପରିଚାଳନା କରିବାକୁ ପଡ଼ିବ । ରାଜନୈତିକ କ୍ଷମତାକୁ ବହୁଧା ବିଭକ୍ତ କରି ଗଣତନ୍ତ୍ରର ସଫଳତା ଲାଗି ଅଧିକ ଅଧିକ ସ୍ୱାୟତ୍ତ ଶାସନର ବିସ୍ତାର କରିବାକୁ ହେବ । ସ୍ୱାଧୀନତାର ପରିପୂର୍ଣ୍ଣ ଉପଭୋଗ ଲାଗି ପ୍ରତି ବ୍ୟକ୍ତିକୁ ଅଧିକ ଆତ୍ମବିକାଶ ସଂଗେ ଅଧିକ ଆତ୍ମନିୟନ୍ତ୍ରଣର ସୁଯୋଗ ଦେବାକୁ ପଡ଼ିବ । ସାମାଜିକ ପରିବେଷ୍ଟନୀକୁ ଅଧିକ ସନ୍ତୋଷଦାୟକ ଓ ଶାନ୍ତିପ୍ରଦ ମଧ୍ୟ କରିବାକୁ ହେବ । ବିଶ୍ୱବିଖ୍ୟାତ ମନୋବିଜ୍ଞାନୀ କାର୍ଲ ୟୁଙ୍ଗ୍‌ଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଶାରୀରିକ ପରିଶ୍ରମ ଓ ହସ୍ତକର୍ମ ଆଦି କେବଳ

ଦେହର ସ୍ୱାସ୍ଥ୍ୟ ଲାଗି ନୁହେଁ—ମାନସିକ ସ୍ୱାସ୍ଥ୍ୟ ଲାଗି ମଧ୍ୟ ଏ ଶକ୍ତିର ଆବଶ୍ୟକତା ଖୁବ୍ ବେଶି । ୟୁଙ୍ଗ୍ଙ୍କ ଭଳି ବହୁ ଶ୍ରେଷ୍ଠ ମନୋବିଜ୍ଞାନୀ ଏକ ସ୍ୱରରେ ଗୋଟିଏ କଥା କହନ୍ତି ଯେ—ଯେଉଁ ସମାଜରେ ଉତ୍ପାଦନ ପ୍ରକ୍ରିୟା କଳକବ୍ଜା ହେତୁ ଜଟିଳ ଓ ସଂଘର୍ଷମୟ ହୋଇନାହିଁ, ସେଠାରେ ସାମାଜିକ ଜୀବନ ଓ ବ୍ୟକ୍ତିଗତ ଜୀବନରେ ମାନସିକ ବିକୃତି ଓ ସ୍ନାୟବିକ ବ୍ୟାଧି ନିଶ୍ଚୟ କମ୍ ହେବ । ଆଞ୍ଚଳିକ ଶିଳ୍ପ ସତ୍ତାକୁ ଅନୁସରଣ କରିବାଦ୍ୱାରା ଓ ଦେଶମୟ ବଡ଼ ବଡ଼ କଳକାରଖାନା ଓ ଅନିୟନ୍ତ୍ରିତ ସହରମାନ ସୃଷ୍ଟି ନକରିବା ଦ୍ୱାରା ଗୋଟିଏ ସୁସ୍ଥ ମଣିଷ ସମାଜ ଗଠନରେ ଯେ ଜଟିଳ ବାଧା ବିଘ୍ନ ପଡ଼ୁଥାଏ—ସେ ବିଷୟରେ ଗାନ୍ଧିଙ୍କ ସଙ୍ଗେ ଆଜି ପୃଥିବୀର ବହୁ ବୈଜ୍ଞାନିକ, ଅର୍ଥନୀତିଜ୍ଞ ଓ ଚିନ୍ତାନାୟକମାନେ ଏକମତ ଓ ଏକସ୍ୱର ।

କାର୍ଲୟୁଙ୍ଗ୍ ଆହୁରି କହନ୍ତି—ଆମେ ଯେତେ ଚେଷ୍ଟାକରୁ ପଛକେ ଏ ପୃଥିବୀରେ ସଂପୂର୍ଣ୍ଣ ଭାବେ ସ୍ୱର୍ଗ ସୁଖ ସୃଷ୍ଟି କରି ପାରିବା ନାହିଁ । ଯଦି ଆମେ କିଛି ପରିମାଣରେ ସମର୍ଥ ହେଉ ତେବେ ମଧ୍ୟ ତାହା ଖୁବ୍ କମ୍ ସମୟ ଭିତରେ ଧ୍ୱଂସ ହୋଇଯିବ । ମନୋବିଜ୍ଞାନୀମାନେ ପ୍ରମାଣକରି ଦେଖାଇଛନ୍ତି —ଯେଉଁଠି ଭୌତିକ ସୁଖ ଯେତେ ବେଶି ଏବଂ ଯେଉଁଠି ଶିଳ୍ପ ସଂପ୍ରସାରଣ ହେତୁ ଧନସଂପଦ ଆଶାତୀତ ଭାବେ ବଢ଼ିଯାଇଛି —ସୁଖ ବୃଦ୍ଧିର ଉପକରଣମାନ ମଧ୍ୟ ବଢ଼ିଚାଲିଛି —ସେଇ ସବୁ ସ୍ଥାନରେ ଲୋକମାନଙ୍କ ଭିତରେ ମାନସିକ ଓ ସ୍ନାୟବିକ ରୋଗ ଯେହିଭଳି ବଢ଼ିଯାଉଛି ଓ ଆତ୍ମହତ୍ୟାର ହାର ସେଇ ସବୁ ସ୍ଥାନରେହିଁ ଖୁବ୍ ଅଧିକ ।

ଗାନ୍ଧିଜୀ କହନ୍ତି—ବିକେନ୍ଦ୍ରୀକୃତ ଅର୍ଥନୈତିକ ବ୍ୟବସ୍ଥା ହେଉଛି ଅତି ସରଳ । କୃଷି, ଗୋପାଳନ, କୁଟୀର ଶିଳ୍ପ ଓ ଅନ୍ୟାନ୍ୟ କାରିଗରି ଧନ୍ଦାଗୁଡ଼ିକୁ ଗ୍ରାମାଞ୍ଚଳର ମନୋରମ ଶାନ୍ତ ଓ ନୈସର୍ଗିକ ପରିବେଶ ମଧ୍ୟରେ ଆରମ୍ଭ କରାଯାଉ । ଏହାଦ୍ୱାରା ମନୁଷ୍ୟ ଭିତରେ ଯେଉଁ ସୃଷ୍ଟି କରିବାର ପ୍ରତିଭା ଅଛି—ଯେଉଁ ବିଶ୍ୱକର୍ମା ଗୁଣମାନ ରହିଛି—ତା'ର ଉପଯୁକ୍ତ ବିକାଶ ହେବ । ଏଠାରେ ସେ ଆଉ ଶିଳ୍ପ ସଭ୍ୟତାଜନିତ ସଂଘର୍ଷ, ନୈରାଶ୍ୟ, ବେକାର ହୋଇଯିବାର ଆଶଙ୍କା ଯେତେବେଳେ ସେତେବେଳେ ଧର୍ମଘଟ, ଘେରାଉ ଓ ଦରଦାମ୍ ବୃଦ୍ଧିର ଆତଙ୍କ ସଂଗେ ଦୈନନ୍ଦିନ ବ୍ୟବହାର୍ଯ୍ୟ ଦ୍ରବ୍ୟାଦି ଅଭାବର ଜ୍ୱାଳା ଯନ୍ତ୍ରଣା ଓ ଅଶାନ୍ତିରୁ ନିଶ୍ଚୟ ମୁକ୍ତି ପାଇ ପାରିବ । ତା'ସଙ୍ଗେ ସଙ୍ଗେ ସମଗ୍ର ସମାଜରୁ ମଧ୍ୟ ସଂଘର୍ଷ, ଶୋଷଣ, ପେଷଣ, ଲୁଣ୍ଠନ, ଧର୍ଷଣ, ସାମ୍ରାଜ୍ୟବାଦ ଓ ବ୍ୟର୍ଥତାବୋଧ ବା ନୈରାଶ୍ୟବୋଧ ଆଦି ଧୀରେ ଧୀରେ ହଟିଯିବ । ମୋଟ ଉପରେ ଶିଳ୍ପ ସଭ୍ୟତାର ବ୍ୟାଧି ଗାନ୍ଧିଜୀଙ୍କର ଏହି ବିକେନ୍ଦ୍ରୀକୃତ ଅର୍ଥନୀତି ପ୍ରଣାଳୀରେ ଆରୋଗ୍ୟ ହୋଇପାରିବ ।

ଗାନ୍ଧିଜୀଙ୍କର ଅର୍ଥନୀତି ସମାଜମୁଖୀ ହେଲେବି ଏଠାରେ ବ୍ୟକ୍ତିର ବ୍ୟକ୍ତିତ୍ୱ ଯେପରି ପୂର୍ଣ୍ଣଭାବେ ବିକଶିତ ହୋଇପାରିବ ସେଥିପ୍ରତି ଖୁବ୍ ଦୃଷ୍ଟି ଦିଆଯାଇଛି । ସମାଜ ଲାଗି ବ୍ୟକ୍ତିର ସ୍ୱାଧୀନତା ଓ ସୁଖ ଦୁଃଖକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦିଆଯାଇ ନପାରେ । ତେଣୁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ସମାଜବାଦକୁ କମ୍ୟୁନିଷ୍ଟମାନଙ୍କର ସାମ୍ୟବାଦଠାରୁ ଅଲଗା କରି ଦେଖିବାକୁ ହେବ । କମ୍ୟୁନିଷ୍ଟ ସାମ୍ୟବାଦରେ ରାଷ୍ଟ୍ର ଖୁବ୍ ଶକ୍ତିଶାଳୀ —ବ୍ୟକ୍ତିଠାରୁ ଓ ସମାଜଠାରୁ ମଧ୍ୟ । ଏହି ରାଷ୍ଟ୍ରଶକ୍ତି ରାଜଦଣ୍ଡର ଭୟ ଦେଖାଇ ବାଧ୍ୟବାଧକତା ଦ୍ୱାରା କମ୍ୟୁନ୍ ମାନ ସ୍ଥାପନ କରିଥାନ୍ତି ଓ ଏହି ସବୁ କ୍ଷୁଦ୍ର ସଂଗଠନ ମାଧ୍ୟମରେ ବ୍ୟକ୍ତିଗତ ଜୀବନ ଯାପନ ପ୍ରଣାଳୀକୁ "ସମାଜୀକରଣ" ବା "ରାଷ୍ଟ୍ରାୟତ୍ତ" କରାଇ ଦିଅନ୍ତି । କମ୍ୟୁନିଷ୍ଟ ଆଦର୍ଶାନୁଯାୟୀ ରାଷ୍ଟ୍ର ବଡ଼—ବ୍ୟକ୍ତିର ସ୍ୱାର୍ଥ ରାଷ୍ଟ୍ର ସ୍ୱାର୍ଥର ଅଧୀନସ୍ଥ ହେବ ଓ ସେଥିଲାଗି ବ୍ୟକ୍ତିକୁ ରାଷ୍ଟ୍ର ପାଖରେ ଖର୍ବ ହେବାକୁ ହେବ । ପାଶ୍ଚାତ୍ୟ ପୁଞ୍ଜିବାଦୀ ଓ କମ୍ୟୁନିଷ୍ଟ ଶିଳ୍ପ ସଂସ୍ଥାରେ ଶ୍ରମିକକୁ ମେସିନ୍ ବା ଯନ୍ତ୍ରର ଗୋଟିଏ ଅଙ୍ଗ ରୂପେ ମନେ କରାଯାଏ । ପୁଣି ଅଧିକ ଶକ୍ତିଶାଳୀ ମେସିନ୍ ଉଦ୍ଭାବିତ ହେଲାପରେ ମଣିଷର ଶ୍ରମ ମଧ୍ୟ ଗୌଣ ହୋଇଯାଏ । କେବଳ ଉତ୍ପାଦନକୁ ମୂଳ କଥା ବୋଲି ଧରିବାରୁ ମଣିଷ ଓ ମେସିନ୍ ମଧ୍ୟରେ ଯାହାର ଉତ୍ପାଦିକା ଶକ୍ତି କମ୍ ତାକୁ ବାଦ୍ ଦିଆଯାଇଥାଏ ।

ଏଣେ ପୁଣି ଦେଖିବାର ଅଛି କି—ପୁଞ୍ଜିବାଦ, ସମାଜବାଦ ଓ କମ୍ୟୁନିଷ୍ଟବାଦ ଏହି ତିନୋଟି ବ୍ୟବସ୍ଥାରେ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମଣିଷ ଅପେକ୍ଷା "ମେସିନ୍"ର ହିଁ ଉପଯୋଗିତା ଓ ମୂଲ୍ୟ ଅଧିକ ଓ ତେଣୁ ଆଦରଣୀୟ । କାରଣ ମେସିନ୍ ଅଧିକ କାର୍ଯ୍ୟଦକ୍ଷ ଓ ତଦ୍ୱାରା ଶସ୍ତାରେ ଅଧିକ ଉତ୍ପାଦନ ସମ୍ଭବ ହେବ—ଏବଂ ଲାଭ ମିଳିବ । ସରକାର ମଧ୍ୟ ଶିଳ୍ପ କାରଖାନାର ମାଲିକ ହୋଇ ଲାଭମୁଖୀ ହୋଇ ପଡନ୍ତି । ଏଣେ ପୁଞ୍ଜିପତିର ତ ଜୀବନ ଦର୍ଶନ ଓ ସ୍ୱପ୍ନ ହେଲା—"ଲାଭ ଶୁଭ" । କମ୍ୟୁନିଜିମ୍ ବ୍ୟବସ୍ଥାରେ ବି ସେମିତି କେବଳ ଲକ୍ଷ୍ୟ ଥାଏ ଉତ୍ପାଦନରେ ବ୍ୟୟହ୍ରାସ କେତେ ହେଉଛି ।

ତେଣୁ ଉତ୍ପାଦନ ଓ ଲାଭମୁଖୀ ଅର୍ଥନୀତିକ ପ୍ରଣାଳୀରେ ଶ୍ରମିକର ସ୍ଥାନ ଗୌଣ ଓ ଯନ୍ତ୍ରପାତିର ସ୍ଥାନ ମୁଖ୍ୟ ନୁହେଁକି ? କିନ୍ତୁ ଗାନ୍ଧି-ଅର୍ଥନୀତିରେ ଶ୍ରମିକର ସ୍ଥାନ ଶ୍ରେଷ୍ଠ, ଶ୍ରମର ସ୍ଥାନ ମୁଖ୍ୟ ଓ ଯନ୍ତ୍ରପାତିର ସ୍ଥାନ ଗୌଣ । ପୁଣି "ବ୍ରେଡ୍ ଲେବର" ମତ ଅନୁସାରେ ପ୍ରତ୍ୟେକ କାର୍ଯ୍ୟକ୍ଷମ ଲୋକକୁ ସାମାଜିକ ପୁଷ୍ଟିବୃଦ୍ଧି ଲାଗି ଶ୍ରମଦାନ କରିବାକୁ ପଡ଼ିବା ହେତୁ ଶ୍ରମିକ ମାଲିକ ଶ୍ରେଣୀ ବିଭେଦ କ୍ରମେ ଉଭେଇଯିବାର ସମ୍ଭାବନା ନିଶ୍ଚୟ ରହିଛି । କମ୍ୟୁନିଷ୍ଟମାନଙ୍କର

ଆଦର୍ଶ ହେଲା—ଏକ ଶ୍ରେଣୀହୀନ ଶୋଷଣ ରହିତ, ଶ୍ରମିକ-ରାଜ ପ୍ରତିଷ୍ଠା କରିବା ଏବଂ ଚରମ ଦାରିଦ୍ର୍ୟ ମାତ୍ର ସେ ଗାନ୍ଧିଜୀଙ୍କର ବିକେନ୍ଦ୍ରୀକୃତ ଅର୍ଥନୀତିରେ ମଧ୍ୟ ଅନୁରୂପ ସମାଜ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇ ପାରିବ—କେବଳ ଅହିଂସା ଓ ଶାନ୍ତିପୂର୍ଣ୍ଣ ଉପାୟରେ। ତେଣୁ ବୁଝାଯାଉଛି—ସ୍ୱପ୍ନରେ ମାତ୍ର ଯାଉଥିବା କମ୍ୟୁନିଜମ୍‌କୁ କେବଳ ଗାନ୍ଧିବାଦ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇପାରିବ।

ଗାନ୍ଧିବାଦୀ ଅର୍ଥନୀତି ଓ ସମାଜ ଦର୍ଶନ ପ୍ରତିଷ୍ଠିତ ହୋଇଛି, ସତ୍ୟ, ଅହିଂସା, ପ୍ରେମ, ମୈତ୍ରୀ ଓ ଆଧ୍ୟାତ୍ମିକ ଉପଲବ୍ଧି ଉପରେ। କମ୍ୟୁନିଜମ୍‌ରେ ଧର୍ମ, ଈଶ୍ୱର ବା ଆଧ୍ୟାତ୍ମିକତାର ସ୍ଥାନ ନାହିଁ। ଶ୍ରେଣୀ ସଂଘର୍ଷ ଓ ରକ୍ତପାତ ହିଁ କମ୍ୟୁନିଜମ୍ ସାଧନର ମୂଳ କଥା। ଗାନ୍ଧିଜୀ କିନ୍ତୁ ଅହିଂସା ମାର୍ଗରେ ଯେଉଁ ରଚନାତ୍ମକ କାର୍ଯ୍ୟକ୍ରମ ଓ ଗଠନମୂଳକ କାର୍ଯ୍ୟସୂଚୀର ମାର୍ଗ ଦେଖାଇଛନ୍ତି—ତାହାକୁ ସ୍ୱରଜଦର୍ଶପାଇଁ କେବଳ ନୁହେଁ ସାରା ବିଶ୍ୱଲାଗି ଏକ ପରୀକ୍ଷଣୀୟ ପନ୍ଥା ରୂପେ ସ୍ୱୀକୃତ ଲାଭ କରିଛି। କମ୍ୟୁନିଜମ୍‌ର ଲକ୍ଷ୍ୟ ମହତ୍ ହେଲେହେଁ ତା'ର ସାଧନର ଉପାୟ ହିଂସାତ୍ମକ। ମାତ୍ର ଗାନ୍ଧିଜୀ କହନ୍ତି—ଲକ୍ଷ୍ୟ ଯେତେ ମହତ ହେଉ ପଛେ—ତା'ର ଉପାୟ ଯଦି ସାଧୁ, ସଚ୍ଚୋଟ ଓ ଅହିଂସା ନୁହେଁ ତେବେ ସେ ଲକ୍ଷ୍ୟ ବେଶିଦିନ ତିଷ୍ଠିବ ନାହିଁ।

କମ୍ୟୁନିଜମ୍‌ର ପ୍ରବର୍ତ୍ତକ କାର୍ଲ ମାର୍କସ୍‌ଙ୍କ ବିପ୍ଳବ ଅପେକ୍ଷା ଗାନ୍ଧିଜୀଙ୍କର ବିପ୍ଳବ ହେଉଛି ଗଭୀରତର ଓ ସୁଦୂରପ୍ରସାରୀ। ଗାନ୍ଧିଜୀ ସମାଜକୁ ପୁନର୍ଗଠିତ କରିବା ଉଦ୍ଦେଶ୍ୟରେ ପ୍ରଥମେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପୁନର୍ଗଠିତ କରିବା ଦିଗରେ ବେଶି ଦୃଷ୍ଟି ଦେଇଛନ୍ତି। ଗାନ୍ଧିଜୀ ବିପ୍ଳବ କହିଲେ କେବଳ ରାଜନୈତିକ ବା ଅର୍ଥନୈତିକ ବିପ୍ଳବ ବୁଝୁ ନଥିଲେ। ସେପରି ବିପ୍ଳବକୁ ସେ ଆଂଶିକ ବିପ୍ଳବ କହୁଥିଲେ। ତାଙ୍କ ମତରେ ପୂର୍ଣ୍ଣାଙ୍ଗ ବିପ୍ଳବ ଆବଶ୍ୟକ—ଓ ତା'ହେଲା ମଣିଷର ନୈତିକ, ମାନସିକ ଓ ଆଧ୍ୟାତ୍ମିକ ବିପ୍ଳବ ଉପରେ ପର୍ଯ୍ୟବେଶିତ।

"ଲକ୍ଷ୍ୟ ଯେପରି ମହତ ହେବ—ତାକୁ ହାସଲ କରିବା ଲାଗି ଉପାୟ ମଧ୍ୟ ତଦ୍ରୂପ ମହତ ହେବା ଉଚିତ"—ଏହି ନୀତିଟି ଗାନ୍ଧୀବାଦର ମୂଳସୂତ୍ର ହେବା ଯୋଗୁଁ—ଅର୍ଥନୈତିକ ଓ ରାଜନୈତିକ ଚିନ୍ତାଧାରାରେ ବି ଏହି ସୂତ୍ରର ପ୍ରୟୋଗ ଉପରେ ସେ ଖୁବ୍ ଜୋର୍ ଦେଇଛନ୍ତି। ତାଙ୍କର ବିକେନ୍ଦ୍ରିତ ଅର୍ଥନୀତି ମଧ୍ୟ ଏହି ନିୟମ ଉପରେ ପ୍ରତିଷ୍ଠିତ। ତେଣୁ ବ୍ୟବସାୟ ବା ଶିଳ୍ପ କ୍ଷେତ୍ରରେ ଯେଉଁ କୌଣସି ଦୁର୍ନୀତିମୂଳକ ଉପାୟରେ ଲାଭ ଉଠାଇବା ବ୍ୟାପାରଟିକୁ ସେ ନିନ୍ଦା କରିଛନ୍ତି। ବ୍ୟବସାୟର ମୂଳ ଉଦ୍ଦେଶ୍ୟଟି କ'ଣ? ଜନସାଧାରଣଙ୍କୁ ପ୍ରୟୋଜନୀୟ ବ୍ୟବହାର୍ଯ୍ୟ ଓ ଖାଉଟି ଜିନିଷ ମାନ ସୁବିଧାରେ ଯୋଗାଇଦେବା। ମାତ୍ର ପୁଞ୍ଜିବାଦୀ ଅର୍ଥନୀତିର ଉଦ୍ଦେଶ୍ୟ ହେଲା ଔଷଧ ଓ ଖାଦ୍ୟଦ୍ରବ୍ୟରେ ଭେଜାଲ ମିଶାଇ ମଧ୍ୟ ନିଜର ଲାଭପୁଞ୍ଜି ବୃଦ୍ଧି କରିବା।

ଗାନ୍ଧିଜୀଙ୍କ ମତରେ ସମାଜବାଦ ପ୍ରତିଷ୍ଠାର ପ୍ରଥମ ସୋପାନ ହେଉଛି ବିକେନ୍ଦ୍ରିତ ଅର୍ଥନୈତିକ ବ୍ୟବସ୍ଥା। ବଡ଼ବଡ଼ ସହରମାନଙ୍କରେ କେନ୍ଦ୍ରୀଭୂତ ସାମାଜିକ ଓ ଅର୍ଥନୈତିକ ସଙ୍ଗଠନମାନ ଦୂର ନକରି ପ୍ରତି ଗ୍ରାମରେ କୁଟୀରଶିଳ୍ପଗୁଡ଼ିକର ସଂଗଠନ କରାଗଲେ ଦେଶବାସୀଙ୍କର ଅର୍ଥନୈତିକ ସ୍ୱାଧୀନତା ସ୍ୱତଃ ଆସିଯିବ। ବଡ଼ କାରଖାନାରେ ପ୍ରତିଟି ଶ୍ରମିକ ଅଖ୍ୟାତନାମା ନଗଣ୍ୟ କାମେକାଣ୍ଟିଏ ମାତ୍ର। ସେ ନିଜେ ବୁଝିପାରେ ନାହିଁ ସେ ଗୋଟିଏ କେଉଁ ଶିଳ୍ପ ତିଆରି କରୁଛି। ମାତ୍ର କୁଟୀର ଶିଳ୍ପରେ ସେହି ଶ୍ରମିକଟି ତା'ର ଉତ୍ପାଦନ କୌଶଳ ଓ ଶିଳ୍ପରୁଚି ପ୍ରଦର୍ଶନ କରିବାର ସୁବିଧା ପାଏ। ତା'ଦ୍ୱାରା ସେ କାରିଗରଟିଏ ହୋଇ ନିଜ ବ୍ୟକ୍ତିତ୍ୱର ବିକାଶ ଦେଖି ନିଜ ଅନ୍ତର ଭିତରେ ସନ୍ତୋଷ ପାଏ।

ଏହି ବିକେନ୍ଦ୍ରିତ ଅର୍ଥନୀତି ବ୍ୟବସ୍ଥାରେ ଶ୍ରମ-ସାମ୍ୟର ମଧ୍ୟ ସୃଷ୍ଟି। ପ୍ରତ୍ୟେକ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ ଲାଗି ନ୍ୟୂନତମ ଶ୍ରମ-ମୂଲ୍ୟ ପାଇବେ। ତା'ର ସାମାଜିକ ନିରାପତ୍ତା ମଧ୍ୟ ସୁରକ୍ଷିତ ରହିବ। ସମାନ ମଜୁରି ସମ୍ଭବ ନହେଲେ ନ୍ୟାୟୋଚିତ ମଜୁରି ବ୍ୟବସ୍ଥା ମଧ୍ୟ ରହିବ। ଏଥିରେ ଅର୍ଥନୈତିକ ନ୍ୟାୟ ପ୍ରତିଷ୍ଠା ହେବ।

ଗାନ୍ଧୀବାଦୀ ଜୀବନଧାରା ଭଳି ଗାନ୍ଧୀବାଦୀ ଅର୍ଥନୀତିରେ ପ୍ରତିଯୋଗିତାର ସ୍ଥାନ ନାହିଁ। ଏଥିରେ ସହଯୋଗମୂଳକ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା ଉପରେ ଜୋର୍ ଦିଆଯାଇଛି। ଏହା ମଧ୍ୟ ପରସ୍ପର ନିର୍ଭରଶୀଳ। ସମାଜବାଦର ଯେ ଲକ୍ଷ୍ୟ ସାମ୍ୟ, ସ୍ୱାଧୀନତା ଓ ଶାନ୍ତି ତାହା ଏହାଦ୍ୱାରା ସମ୍ଭବ ହୋଇପାରିବ। ଏଥିରେ ରାଷ୍ଟ୍ର ଶକ୍ତିର ବାଧ୍ୟବାଧକତା ରହିବ ନାହିଁ। ବ୍ୟକ୍ତିର ଆତ୍ମୋପଲବ୍ଧିରେ କାହାରି ଅଙ୍କୁଶ ରହିବ ନାହିଁ। କେନ୍ଦ୍ରୀଭୂତ ଶାସନର ତାଡ଼ନା ମଧ୍ୟ ରହିବ ନାହିଁ। ଏହାକୁଇ ଗାନ୍ଧିଜୀ "ରାମରାଜ୍ୟ" ବୋଲି କହିଛନ୍ତି।

ଯୁକ୍ତରାଷ୍ଟ୍ର ଆମେରିକା ଭଳି ପୁଞ୍ଜିବାଦୀ ଶିଳ୍ପପ୍ରଧାନ ଦେଶରେ ବି ବର୍ତ୍ତମାନ ଉପଲବ୍ଧି ହେଲାଣି ଯେ ବଡ଼ବଡ଼ କଳକାରଖାନାଦ୍ୱାରା "ମାନବିକ ମୂଲ୍ୟବୋଧ" ହ୍ରାସ

ଆସିଛି । ତେଣୁ ସେ ଦେଶରେ ବହୁବର୍ଷ ଧରି "ଶିଳ୍ପ-କ୍ଷେତ୍ରରେ ମାନବିକ ସମ୍ପର୍କ" ନାମକ ଏକ ଆନ୍ଦୋଳନ ମଧ୍ୟ ଚାଲୁ ରହିଛି । ମାତ୍ର ଗାନ୍ଧିଜୀଙ୍କର ବିକେନ୍ଦ୍ରିତ ଅର୍ଥନୀତିର ପ୍ରୟୋଗଦ୍ୱାରା ଏହି ମାନବିକ ମୂଲ୍ୟବୋଧ ସୁପ୍ରତିଷ୍ଠିତ ହୋଇ ରହିପାରିବ ।

ଗାନ୍ଧିଜୀ ମୂଳରୁ ଶିଳ୍ପପତି ଓ ଧନୀକ ବ୍ୟକ୍ତିମାନଙ୍କୁ ଶିଳ୍ପ ଓ ଧନର "ଟ୍ରଷ୍ଟିସିପ୍" ଗ୍ରହଣ କରିବାକୁ କହୁଥିଲେ । ତା'ର ଅର୍ଥ ହେଲା—ଉପାର୍ଜିତ ଧନସମ୍ପଦର ମାଲିକ ନ ହୋଇ ନିଜକୁ ତା'ର ମାର୍ଫତଦାର ମନେକରିବା ଓ ଧନକୁ ଏକ ସାମାଜିକ ଅଧିକାର ବସ୍ତୁ ବୋଲି ଭାବିବା । ଏହା ଫଳରେ ଧନୀକ ଓ ଶିଳ୍ପପତିମାନଙ୍କର ସାମାଜିକ ଦାୟିତ୍ୱବୋଧ ନିଶ୍ଚୟ ବୃଦ୍ଧି ପାଇବ ।

ଭାରତବର୍ଷରେ ଜାତୀୟ କଂଗ୍ରେସ ଗାନ୍ଧୀବାଦକୁ ମୂଳରୁ ଗ୍ରହଣ କରି ଆସିଥିଲେ ବି ତା'ର ସୁଷ୍ଠୁ ପ୍ରୟୋଗ ଦିଗରେ ଗତ କେତେବର୍ଷ ଧରି ବହୁ ବାଧାବିଘ୍ନ ଆସି ମଝିଁ ଡିଛି । ଯାହା ଫଳରେ ଆମ ଦେଶରେ ଗାନ୍ଧୀବାଦକୁ ସଂପୂର୍ଣ୍ଣରୂପେ ପରୀକ୍ଷା କରିବା ଭଳି ମନେ ହୁଏନାହିଁ । କିନ୍ତୁ ଭାରତ ସରକାର ସଂପ୍ରତି ଗାନ୍ଧିବାଦ ଉପରେ ଖୁବ୍ ଜୋର୍ ଦେବାକୁ ଆରମ୍ଭ କରିଛନ୍ତି । ଗାନ୍ଧି ପ୍ରଦର୍ଶିତ ଅର୍ଥନୀତିକ, ସାମାଜିକ, ଓ ରାଜନୈତିକ ମାର୍ଗରେ ଭାରତର ଗାଁ ଗହଳରେ ସମାଜବାଦ ପ୍ରତିଷ୍ଠା କରିବା ଦିଗରେ ବର୍ତ୍ତମାନ ସରକାର ଖୁବ୍ ଆଗ୍ରହ ଦେଖାଉଛନ୍ତି । ଅହିଂସା ମାର୍ଗରେ ଗଣତାଂତ୍ରିକ ସମାଜବାଦର ପ୍ରତିଷ୍ଠା ଦିଗରେ ସରକାର ବର୍ତ୍ତମାନ ଯେଉଁସବୁ ନୂତନ ବ୍ୟବସ୍ଥାମାନ ଗ୍ରହଣ କରିଛନ୍ତି—ତାହା ସଫଳତା ଦିଗରେ ଶୀଘ୍ର ଶୀଘ୍ର ଆଗେଇ ଚାଲିବ—ଯଦି ଆମ ଦେଶର ସମସ୍ତେ ଗାନ୍ଧିଜୀ ଓ ତାଙ୍କ ପ୍ରଦର୍ଶିତ ଜୀବନଦର୍ଶନ ଓ ସମାଜ-ଦର୍ଶନରେ ଉଦ୍‌ବୁଦ୍ଧ ହେବେ । କାରଣ ପୁଞ୍ଜିବାଦ ଓ କମ୍ୟୁନିଷ୍ଟବାଦ ଏହି ଉଭୟର ଆକ୍ରମଣକୁ ପ୍ରତିହତ କରିବା ଦିଗରେ ଗାନ୍ଧିବାଦହିଁ ଏକମାତ୍ର ଓ ଉତ୍କୃଷ୍ଟ ପନ୍ଥା—ନାନ୍ୟ ପନ୍ଥା ବିଦ୍ୟତେ ଅୟନାୟ ।

ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ପରିଷଦ ପକ୍ଷରୁ ସେମିଷ୍ଟର ପରୀକ୍ଷା ବ୍ୟବସ୍ଥା

ଓଡ଼ିଶା ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ପରିଷଦର ଶୀତକାଳୀନ ସେମିଷ୍ଟର ପରୀକ୍ଷା ୧୯୭୫ ନଭେମ୍ବର ତୃତୀୟ ସପ୍ତାହ ଶେଷ ଭାଗରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି ।

ପରୀକ୍ଷାର ନିୟମ ଅନୁଯାୟୀ ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବାପାଇଁ ସାଧାରଣତଃ ଯୋଗ୍ୟ ବିବେଚିତ ହେବେ, ଘରୋଇଭାବେ ଅଥବା ପିଛିଲା ପରୀକ୍ଷା ଦେବାପାଇଁ ଇଚ୍ଛୁକ, ସେମାନେ ଉକ୍ତ ପରୀକ୍ଷା ଦେବାପାଇଁ ଅନୁମତି ନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ପରିଷଦ ସହ ସଂଶ୍ଳିଷ୍ଟ ସମସ୍ତ ଇଞ୍ଜିନିୟରିଂ ସ୍କୁଲ ତଥା ପଲିଟେକ୍‌ନିକ୍‌ରେ ମିଳୁଥିବା ନିର୍ଦ୍ଧାରିତ ପ୍ରାରମ୍ଭିକ ଦରଖାସ୍ତ ଫର୍ମରେ ପୂର୍ବରୁ ଆବେଦନ କରିବା ଆବଶ୍ୟକ ।

ଏହି ଆବେଦନ ଫର୍ମଗୁଡ଼ିକ ସଂପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଜରିଆରେ ୧୯୭୫ ଅକ୍ଟୋବର ୧୦ ତାରିଖ ବା ତା' ପୂର୍ବରୁ କଟକସ୍ଥିତ ବୈଷୟିକ ଶିକ୍ଷା ଓ ତାଲିମ ପରିଷଦର ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଇବା ଆବଶ୍ୟକ ।

ନିର୍ଦ୍ଧାରିତ ତାରିଖ ପରେ ମିଳୁଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ଭାରତୀୟ କୃଷି ଯୋଜନାର ବିଶେଷତ୍ୱ

ଡକ୍ଟର ବୈଦ୍ୟନାଥ ମିଶ୍ର

ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ଏବେ କୃଷି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ଭାରତୀୟ ଅର୍ଥନୀତିର ମୂଳପିଣ୍ଡ ହେଉଛି କୃଷି । କୃଷିର ଉତ୍ପାଦନ ବୃଦ୍ଧି ନ ପାଇଲେ ଆମେ ଆମର ଅତ୍ୟାବଶ୍ୟକ ଅଭାବ ମଧ୍ୟ ପୂରଣ କରି ପାରିବା ନାହିଁ । କୋଟି କୋଟି ଲୋକ ଅନାହାର ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିବାକୁ ବାଧ୍ୟ ହେବେ । ଏବେ ହିସାବ କରାଯାଉଛି ଯେ ଚଳିତ ବର୍ଷ ସାରା ପୃଥିବୀରେ ପ୍ରାୟ ୪୦କୋଟି ଲୋକ ଅନାହାର କଷ୍ଟ ଭୋଗିବାକୁ ବାଧ୍ୟ ହେବେ । ଏହାର ପ୍ରଧାନ କାରଣ ହେଉଛି ଜନସଂଖ୍ୟା ବୃଦ୍ଧି । ଏବେ ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି, ପୂର୍ବରୁ ସେହି ହାରରେ ବୃଦ୍ଧି ପାଉ ନ ଥିଲା । ଉଦାହରଣ ସ୍ୱରୂପ ୧୮୩୦ ମସିହାରେ ସାରା ପୃଥିବୀର ଜନସଂଖ୍ୟା ପ୍ରାୟ ୧୦୦ କୋଟି ଥିଲା । ଏହାର ଶହେ ବର୍ଷ ପରେ, ୧୯୩୦ ମସିହାରେ ପୃଥିବୀର ଜନସଂଖ୍ୟା ପ୍ରାୟ ୨୦୦ କୋଟି ହେଲା । କିନ୍ତୁ ଏହାର ୩୦ ବର୍ଷ ପରେ, ୧୯୬୦ ମସିହାରେ, ପୃଥିବୀର ଜନସଂଖ୍ୟା ୩୦୦ କୋଟି ହେଲା । ୧୯୭୫ ବେଳକୁ, ପୃଥିବୀର ଜନସଂଖ୍ୟା ପ୍ରାୟ ୪୦୦ କୋଟି ହୋଇଛି, ଅର୍ଥାତ୍ ୧୫ ବର୍ଷ ଭିତରେ, ପୃଥିବୀର ଜନସଂଖ୍ୟା ପୁଣି ୧୦୦ କୋଟି ବୃଦ୍ଧି ପାଇଛି । ଏଥିରୁ ଦେଖାଯିବ ଯେ ବିଦେଶରୁ ସାହାଯ୍ୟ ସଂଗ୍ରହ କରି ଆମେ ଆମର ଅଭାବ ପୂରଣ କରି ପାରିବା ନାହିଁ । ବିଶେଷକରି ଖାଦ୍ୟଶସ୍ୟରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ସେଥିପାଇଁ କୃଷିର ଗୁରୁତ୍ୱ ଏବେ ଯଥେଷ୍ଟ ବେଶି ଏବଂ ଭାରତୀୟ ଯୋଜନାରେ କୃଷିର ଅଗ୍ରଗତି ଉପରେ ଅଗ୍ରାଧିକାର ଦିଆଯାଉଛି ।

ଭାରତରେ କୃଷିର ଉନ୍ନତିପାଇଁ ଯେଉଁ ଯୋଜନା ହେଉଛି, ତାକୁ ନିମ୍ନଲିଖିତ ୫ ଭାଗରେ ବିଭକ୍ତ କରାଯାଇପାରେ—(୧) ପ୍ରଥମ ହେଉଛି ଖାଦ୍ୟଶସ୍ୟରେ ସ୍ୱାବଲମ୍ବନଶୀଳତା, ସ୍ୱାଧୀନତାର ପ୍ରାରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଆଯାଉଛି ଏବଂ ସେ ଦିଗରେ ମଧ୍ୟ ଭାରତ ଯଥେଷ୍ଟ ଅଗ୍ରଗତି କରିଛି । ୧୯୫୦-୫୧ ବେଳକୁ ଭାରତରେ ଖାଦ୍ୟଶସ୍ୟର ଉତ୍ପାଦନ ପ୍ରାୟ ୫୫୦ ଲକ୍ଷ ଟନ ଥିଲା । ୧୯୭୪-୭୫ ବେଳକୁ ଏହା ବୃଦ୍ଧି ପାଇ ୧,୦୪୦ ଲକ୍ଷ ଟନ ହୋଇଛି । ଚଳିତ ବର୍ଷ ଖାଦ୍ୟଶସ୍ୟର ଉତ୍ପାଦନ ପ୍ରାୟ ୧,୧୫୦ ଲକ୍ଷ ଟନ ହେବ ବୋଲି ଅଟକଳ କରାଯାଉଛି । ଏହାର ଅର୍ଥ ଗତ ୨୫ ବର୍ଷ ଭିତରେ ଖାଦ୍ୟଶସ୍ୟ ପ୍ରାୟ ୨ଗୁଣ ବୃଦ୍ଧି ପାଇଛି । ଜନସଂଖ୍ୟା ବୃଦ୍ଧିଠାରୁ ଖାଦ୍ୟଶସ୍ୟର ବୃଦ୍ଧି ହାର ଅଧିକ ହୋଇଛି । ଏହି ସମୟ ଭିତରେ ଜନସଂଖ୍ୟା ଶତକଡ଼ା ୭୦ ଭାଗ ବୃଦ୍ଧି ପାଇଛି । ତଥାପି ଅଭାବ ଦୂର ହୋଇ ନାହିଁ, ଖାଦ୍ୟଶସ୍ୟର ଦରଦାମ କମିନାହିଁ । ଏଥିପାଇଁ ସାଧାରଣତଃ ଦୁଇଟି କାରଣ ଅଛି । ପ୍ରଥମରେ ଖାଦ୍ୟଶସ୍ୟରେ ଉତ୍ପାଦନ ବୃଦ୍ଧି ହେଲେ ମଧ୍ୟ, ଏହି ବୃଦ୍ଧିହାରରେ ଏ ପର୍ଯ୍ୟନ୍ତ ସ୍ଥିରତା ଆସି ନାହିଁ । ମୌସୁମୀ ପ୍ରବାହ ଏ ପର୍ଯ୍ୟନ୍ତ ଆମର ଉତ୍ପାଦନକୁ ନିୟନ୍ତ୍ରଣ କରୁଛି । ତେଣୁ ବର୍ଷେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ହେଲେ ମଧ୍ୟ ଅନ୍ୟ ବର୍ଷ ପ୍ରତିକୂଳ ମୌସୁମୀ ପ୍ରବାହ ଯୋଗୁଁ ଉତ୍ପାଦନ କମି ଯାଉଛି । ଦ୍ୱିତୀୟରେ ଜନସାଧାରଣଙ୍କ ତରଫରୁ ଏବେ ଖାଦ୍ୟଶସ୍ୟର ଚାହିଦା ବୃଦ୍ଧି ପାଇଛି । କେବଳ ଜନସଂଖ୍ୟା ବୃଦ୍ଧି ଏଥିପାଇଁ ଦାୟୀ ନୁହେଁ । ତାହା ଏକ ବଡ କାରଣ । କିନ୍ତୁ ତାହା ସହିତ ଗ୍ରହିବାର ସ୍ୱରୂପରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଯେଉଁମାନେ ପୂର୍ବରୁ ନିକୃଷ୍ଟ ଧରଣର ଖାଦ୍ୟ ଖାଇ ସେ କୌଣସି ମତେ କଟି ଯାଉଥିଲେ, ସେମାନେ ଏବେ ଚାଉଳ, ଗହମ ଓ ମକା ପ୍ରଭୃତି ଉତ୍କୃଷ୍ଟ ଧରଣର ଖାଦ୍ୟ ଖୋଜୁଛନ୍ତି । ସେ ଯାହାହେଉ, ଖାଦ୍ୟଶସ୍ୟ ଅଭାବ ଏ ପର୍ଯ୍ୟନ୍ତ ତୁଟି ନାହିଁ । କିନ୍ତୁ ଏହି ଅଭାବ ବେଶି ନୁହେଁ । ପ୍ରତ୍ୟେକ ବର୍ଷ ସରକାର ପ୍ରାୟ ୫୦।୬୦ ଲକ୍ଷ ଟନ ଖାଦ୍ୟଶସ୍ୟ ଆମଦାନି କରି ଏହି ଅଭାବ ପୂରଣ କରୁଛନ୍ତି । କିନ୍ତୁ ଉପଯୁକ୍ତ ଗୋଦାମ ବା ଭଣ୍ଡାରଘର ଅଭାବରୁ ସଞ୍ଚିତ ଖାଦ୍ୟଶସ୍ୟର ଶତକଡ଼ା ପ୍ରାୟ ୧୦ଭାଗ ନଷ୍ଟ ହୋଇ ଯାଉଛି । ଅର୍ଥାତ ଆମେ ଯଦି ଉପଯୁକ୍ତ ଭାବରେ ଉତ୍ପାଦିତ ଖାଦ୍ୟଶସ୍ୟକୁ ସାଇତି ରଖିପାରିବା, ତାହାହେଲେ ବିଦେଶରୁ ଖାଦ୍ୟଶସ୍ୟ ଆମଦାନୀ କରିବା ଦରକାର ପଡିବ ନାହିଁ । ଆମେ ଏ ପର୍ଯ୍ୟନ୍ତ ଖାଦ୍ୟଶସ୍ୟରେ ସ୍ୱାବଲମ୍ବନଶୀଳ ନ ହୋଇଥିଲେ ମଧ୍ୟ, ଉତ୍ପାଦନ ବୃଦ୍ଧିରେ ଆମେ ଯଥେଷ୍ଟ ଅଗ୍ରଗତି କରିଛୁ ।

(୨) କୃଷି ଯୋଜନାର ଦ୍ୱିତୀୟ ଆଭିମୁଖ୍ୟ ହେଉଛି ଏକର ବା ହେକ୍ଟର ପିଛା ଉତ୍ପାଦନ ବୃଦ୍ଧି । ଆମର ଯଥେଷ୍ଟ ଜମି ନାହିଁ । ଭାରତରେ କୃଷିଜୀବୀ ଲୋକଙ୍କ ସଂଖ୍ୟା ପ୍ରାୟ ୩୮ କୋଟି । ଚାଷ ଜମିର ପରିମାଣ ୧,୬୫୦ ଲକ୍ଷ ହେକ୍ଟର । ହାରାହାରି ଜଣପିଛା ପରିମାଣ ହେଉଛି ୦.୪୭ ହେକ୍ଟର । ଚାଷ ଜମିର ପରିମାଣ ବୃଦ୍ଧି କରିବାର ଶକ୍ତି ଆମର ନାହିଁ । ପୁଣି ଜନସଂଖ୍ୟା ନିୟନ୍ତ୍ରଣପାଇଁ ଯେତେ ଯୋଜନା କଲେ ମଧ୍ୟ ଆସନ୍ତା ୧୦।୧୫ ବର୍ଷ ଭିତରେ ଆମେ ଜନସଂଖ୍ୟା ବୃଦ୍ଧି ହାର ଯଥେଷ୍ଟ କମେଇ ପାରିବୁ ନାହିଁ । ତେଣୁ ଆମର ଅଭାବ ଦୂର କରିବାକୁ ହେଲେ, ହେକ୍ଟର ପିଛା ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ । ଏ ଦିଗରେ ନାନା ପ୍ରକାର କୌଶଳ ବର୍ତ୍ତମାନ ବାହାରିଲାଣି । ପ୍ରଧାନ ହେଉଛି ଅଧିକ ଉତ୍ପାଦନକ୍ଷମ ବିହନ, ଜଳସେଚନ, ରାସାୟନିକ ସାରର ପ୍ରୟୋଗ ଓ ପୋକ ଓ କୀଟନାଶକ ଔଷଧର ପ୍ରୟୋଗ । ଉତ୍ପାଦନର ଏହି ସବୁ ନୂତନ ପ୍ରବିଧି ଯୋଗୁଁ ଅନେକ ଜାଗାରେ ହେକ୍ଟର ପିଛା ଉତ୍ପାଦନର ମାତ୍ରା ବୃଦ୍ଧି ପାଇଛି । ଉଦାହରଣ ସ୍ୱରୂପ ଓଡ଼ିଶାରେ ହେକ୍ଟର ପିଛା ହାରାହାରି ଧାନ ଉତ୍ପାଦନର ପରିମାଣ ହେଉଛି ଏକ ଟନରୁ କମ୍ । ଏହି ହାରାହାରି ହିସାବର ଅବଶ୍ୟ କିଛି ମୂଲ୍ୟ ନାହିଁ । କାରଣ ଅନେକ ଅନୁପଯୁକ୍ତ ଜମିରେ ମଧ୍ୟ ଧାନ ଚାଷ କରାଯାଉଛି । କିନ୍ତୁ ଯେଉଁ ଜମିରେ ଦେଶି ଧାନ ବୁଣା ଯାଉଛି, ସେଠାରେ ହେକ୍ଟର ପିଛା ପ୍ରାୟ ୨ ଟନ ମିଳୁଛି, କିନ୍ତୁ ଯେଉଁ ଜମିରେ ଅଧିକ ଉତ୍ପାଦନ କ୍ଷମ ଧାନ ଚାଷ କରାଯାଉଛି, ସେଠାରେ ଉତ୍ପାଦନର ମାତ୍ରା ୪।୫ ଟନ ପର୍ଯ୍ୟନ୍ତ ଯାଉଛି । ଅର୍ଥାତ୍ ଅଧିକ ଉତ୍ପାଦନ କ୍ଷମ ବିହନର ଉତ୍ପାଦନ ଶକ୍ତି ଅଧିକ । କିନ୍ତୁ ସେଥିପାଇଁ ଅଧିକ ସାର ଦରକାର ଓ ଅଧିକ ଜଳସେଚନ ଦରକାର । ଆମ ଜମିର ଅଧିକ ଶକ୍ତି ଅଛି । ଆମେ ପୂର୍ଣ୍ଣ ଶକ୍ତି ବିନିଯୋଗ କରିପାରି ନାହୁଁ । ଆମ ଜମିର ଏତେ ସୁବିଧା ଯେ ଆମେ ଏକ କ୍ଷେତରୁ ବର୍ଷକେ ୩।୪ଟି ଫସଲ ଅଦାୟ କରି ପାରିବୁ । ଏବେ ଅଧିକାଂଶ ଜାଗାରେ ଗୋଟିଏ ଫସଲ ଅଦାୟ ହେଉଛି । ତେଣୁ ସରକାରୀ କୃଷି ଯୋଜନାରେ ଜମିରେ ନୂତନ ପ୍ରବିଧି ବିଜ୍ଞାନ ପ୍ରୟୋଗ କରି ହେକ୍ଟର ପିଛା ଅଧିକ ଉତ୍ପାଦନ କରିବାକୁ ଉଦ୍ୟମ କରାଯାଉଛି ।

(୩) କୃଷି ଯୋଜନାର ତୃତୀୟ ଦିଗ ହେଉଛି କୃଷିଜୀବୀମାନଙ୍କର ଉତ୍ପାଦନ ଶକ୍ତି ବୃଦ୍ଧି । ଦ୍ୱିତୀୟ ବିଷୟ ସହିତ ଏହା ଘନିଷ୍ଠ ଭାବରେ ସଂପୃକ୍ତ ହେଲେ ମଧ୍ୟ ଏହା ଏକ ସ୍ୱତନ୍ତ୍ର ବିଷୟ । କାରଣ ହେକ୍ଟର ପିଛା ଉତ୍ପାଦନ ବୃଦ୍ଧି ପାଇଲେ, କୃଷିରୁ ଅଧିକ ଫସଲ ଅଦାୟ ହେବ, କିନ୍ତୁ କୃଷି ଉପରେ ଯଦି ବହୁ ଲୋକ ନିର୍ଭର କରି ରହିବେ,

ତାହାହେଲେ ବ୍ୟକ୍ତି ପିଛା ଆୟ ବୃଦ୍ଧି ହୋଇ ପାରିବ ନାହିଁ ଓ ଜନସାଧାରଣଙ୍କର ଜୀବନ ମାନଦଣ୍ଡରେ ଉନ୍ନତି ହୋଇ ପାରିବ ନାହିଁ । ତେଣୁ କୃଷିରୁ କେତେ ବଳକା ଲୋକ ତାହାର ବାହାରେ ଅନ୍ୟାନ୍ୟ ଧନ୍ଦାରେ ନିଯୁକ୍ତ କରିବା କୃଷି ଯୋଜନାର ଅନ୍ୟ ଏକ ଉଦ୍ଦେଶ୍ୟ । ଆମ ଦେଶରେ ମଫସଲରୁ ଦରିଦ୍ରମାନଙ୍କୁ ଆଣି ସହର-ମାନଙ୍କରେ ଶିଳ୍ପ ବା ବ୍ୟବସାୟରେ ଥଇଥାନ କରିବା ସହଜ ନୁହେଁ । ଯେଉଁ ଅନୁପାତରେ ଜନସଂଖ୍ୟା ବୃଦ୍ଧି ହେଉଛି, ସେହି ଅନୁପାତରେ ଶିଳ୍ପ ବା ବ୍ୟବସାୟିକ କର୍ମନିଯୋଜନ ବୃଦ୍ଧି ହୋଇ ପାରୁନାହିଁ । ତେଣୁ ମଫସଲର ବଳକାଲୋକ ମଫସଲ ଭିତରେ ରହିବାକୁ ବାଧ୍ୟ ହେବେ । ତେଣୁ ମଫସଲ ଅଞ୍ଚଳରେ କୃଷିଭିତ୍ତିକ କେତେକ କ୍ଷୁଦ୍ର ଓ କୁଟୀର ଶିଳ୍ପ ଯଦି ପ୍ରତିଷ୍ଠିତ ହୁଏ, ତାହାହେଲେ କର୍ମ ନିଯୋଜନ ବୃଦ୍ଧି ପାଇବ । ଏହି ଧରଣର ଶିଳ୍ପ ପ୍ରତିଷ୍ଠା କରିବାରେ ବେଶି ପୁଞ୍ଜି ଦରକାର ନାହିଁ କି ଅଧିକ କାରିଗରୀ କୌଶଳ ଆବଶ୍ୟକ ନାହିଁ । କିନ୍ତୁ ଏହି ଶିଳ୍ପଦ୍ୱାରା କୃଷିଜାତ ଦ୍ରବ୍ୟର ଚାହିଦା ବଢ଼ିବ ଓ କୃଷୀମାନେ ନିଜର ଉତ୍ପାଦିତ ଦ୍ରବ୍ୟପାଇଁ ଉପଯୁକ୍ତ ଦର ପାଇ ପାରିବେ । ପୁଣି ଏହା ଫଳରେ ଅଧିକ କର୍ମସଂସ୍ଥାନ ସୃଷ୍ଟି ହେବା ଯୋଗୁଁ କୃଷିଉପରେ ଚାପ କମ ହେବ । ଆହୁରି ବଡ କଥା ହେଉଛି ଯେ ଏହି ସବୁ ଶିଳ୍ପ ଯୋଗୁଁ ପ୍ରଯୁକ୍ତି ବିଜ୍ଞାନ କୃଷିକୁ ପ୍ରସାରିତ ହୋଇ କୃଷିର ଉତ୍ପାଦନ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିବ । ମୋଟ ଉପରେ କୃଷି ଓ ଶିଳ୍ପର ସମନ୍ୱୟ ହେଲେ, ଜନସାଧାରଣଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ । ସେଥିପାଇଁ କୃଷି ଯୋଜନାକୁ ଏକ ସାମୂହିକ ଯୋଜନା ହିସାବରେ ଗ୍ରହଣ କରାଯାଇଛି—ଏହା ସହିତ ଗ୍ରାମ୍ୟ ଶିଳ୍ପ, ଗୋ-ପାଳନ ଓ କୁକୁଡ଼ା ଚାଷକୁ ସଂଯୋଗ କରାଯାଇଛି । ପ୍ରକୃତରେ ମଫସଲ ଅଞ୍ଚଳର ଉନ୍ନତି କେବଳ କୃଷିର ଉନ୍ନତି ଉପରେ ନିର୍ଭର କରେ ନାହିଁ—ଏଥିପାଇଁ ଏକ ସାମୂହିକ ଗ୍ରାମ୍ୟ ଉନ୍ନୟନ ଯୋଜନା ଦରକାର ।

(୪) କୃଷିର ଉନ୍ନତିପାଇଁ ଆଧାରିକ ସଂରଚନା (infrastructure)ର ଉନ୍ନତି ଏକ ପ୍ରଧାନ ଅବଲମ୍ବନ । ଆଧାରିକ ସଂରଚନାର ଅର୍ଥ ହେଉଛି ବିଦ୍ୟୁତ ଶକ୍ତିର ଉନ୍ନତି, ରାସ୍ତା ଘାଟର ଉନ୍ନତି, ଯାନବାହନର ଉନ୍ନତି, ଗ୍ରାମ୍ୟ ବ୍ୟାଙ୍କର ପ୍ରସାର, ଜଳସେଚନର ପ୍ରସାର ଓ କାରିଗରୀ ଶିକ୍ଷାର ପ୍ରସାର ଇତ୍ୟାଦି । ବିଦ୍ୟୁତ୍ ଶକ୍ତିର ପ୍ରସାର ନ ହେଲେ କୃଷୀମାନେ ପମ୍ପ ଲଗେଇ କ୍ଷେତକୁ ପାଣି ମଡେଇ ପାରିବେନାହିଁ । କେନାଲ ଜଳସେଚନର [illegible] ଖୁବ କମ୍ । ଏହା ମଧ୍ୟ ବହୁ ବ୍ୟୟସାପେକ୍ଷ । ଅଧିକାଂଶ ଯାଗାରେ ଆମକୁ ଉଠା ଜଳସେଚନ ଉପରେ ନିର୍ଭର କରିବାକୁ ପଡ଼ିବ । ଏଥିପାଇଁ ବିଦ୍ୟୁତ ଶକ୍ତି ଦରକାର । ସେହିପରି ରାସ୍ତା ଘାଟ ଓ ଯାନବାହନର ଉନ୍ନତିହେଲେ ସହଜରେ ଓ ଶସ୍ତାରେ କୃଷିଜାତ ଦ୍ରବ୍ୟ ବିକ୍ରୟପାଇଁ ଭିନ୍ନ ଭିନ୍ନ ଜାଗାକୁ ପ୍ରେରଣ କରାଯାଇପାରିବ । ଏହା ଫଳରେ କୃଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇପାରିବେ । ଏହା ବ୍ୟତୀତ ଫସଲ ହାନି ଯୋଗୁଁ କୌଣସି ଜାଗାରେ ଅଭାବ ପଡ଼ିଲେ, ସେହି ଅଭାବ ମଧ୍ୟ ପୂରଣ କରାଯାଇପାରିବ । ଚାଷର ଉନ୍ନତିପାଇଁ ପୁଞ୍ଜି ଦରକାର । କୃଷୀମାନଙ୍କ ପାଖରେ ଯଥେଷ୍ଟ ପୁଞ୍ଜି ନ ଥିବାରୁ ସେମାନେ ଉନ୍ନତ ଧରଣର ଚାଷ ପ୍ରଣାଳୀ ପ୍ରୟୋଗ କରି ପାରୁନାହାନ୍ତି । ତେଣୁ ଚାଷର ଉତ୍ପାଦନ ଶକ୍ତି କମ ରହୁଛି । ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଏହି ଅସୁବିଧା ପୂରଣ କରିବେ । ଏହା ବ୍ୟତୀତ ଯେଉଁମାନଙ୍କ ପାଖରେ ବଳକା ଅର୍ଥ ରହୁଛି, ସେମାନେ ବ୍ୟାଙ୍କରେ ଜମାକରି କିଛି ଲାଭ ମଧ୍ୟ ପାଇ ପାରିବେ । ପୁଣି ଚାଷରେ ଏବେ ପମ୍ପ, ସ୍ପ୍ରେଆର ପ୍ରଭୃତି ଯେଉଁ ଉପକରଣ ବ୍ୟବହୃତ ହେଉଛି, ସେଗୁଡ଼ିକ ଥରେ ଖରାପ ହୋଇଗଲେ, ଅକାମୀ ହୋଇ ପଡ଼ି ରହୁଛି । ତେଣୁ ମଫସଲ ଅଞ୍ଚଳରେ ଯଦି କେତେଗୁଡ଼ିଏ ଯନ୍ତ୍ରପାତି ମରାମତି ଦୋକାନ ପ୍ରତିଷ୍ଠିତ ହେବ, ତାହାହେଲେ କୃଷିରେ ବ୍ୟବହୃତ ହୋଇଥିବା ଯନ୍ତ୍ରପାତି ଅକାମୀ ହୋଇ ପଡ଼ିରହିବନାହିଁ । ଗାଁ ଗଣ୍ଡାରେ ସାଇକେଲ ମରାମତି ଦୋକାନ ଯେପରି ପ୍ରସାର ଲାଭ କରିଛି, ସେହିପରି ଯନ୍ତ୍ରପାତି ମରାମତି ଦୋକାନ ଦରକାର । ଏଥିପାଇଁ ଲୋକମାନଙ୍କୁ କିଛି କିଛି ଟ୍ରେନିଂ ଦେବାକୁ ପଡ଼ିବ । ମଫସଲ ଅଞ୍ଚଳରେ କାରିଗରୀ କୌଶଳ ବିଷୟରେ ଯଥେଷ୍ଟ ଜ୍ଞାନ ଲୋକମାନଙ୍କ ପାଖରେ ପହଞ୍ଚିନାହିଁ । ତେଣୁ ଯୋଜନାରେ ଏହି ସବୁ ଆଧାରିକ ସଂରଚନାର ପ୍ରସାରପାଇଁ ଉଦ୍ୟମ ହେଉଛି । ଏହାକୁ କିପରି ରୂପାନ୍ୱିତ କରାଯାଇ ପାରିବ, ସେ ବିଷୟରେ ଏବେ ଦୃଷ୍ଟି ପଡ଼ୁଛି ।

(୫) ପରିଶେଷରେ କୃଷି-ଅର୍ଥନୀତିର ଏକ ବ୍ୟାପକ ପରିବର୍ତ୍ତନ ପାଇଁ ଜମିଜମା ସମସ୍ୟାର ଏକ ସାମୂହିକ ପରିବର୍ତ୍ତନ ଦରକାର । ଏ ଦିଗରେ ଏହା ଭିତରେ ଅନେକ ପ୍ରଗତିଶୀଳ ପଦକ୍ଷେପ ନିଆଗଲାଣି । ପ୍ରଥମ ହେଉଛି ମଧ୍ୟସ୍ୱତ୍ୱାଧିକାରୀ ପ୍ରଥାର ବିଲୋପ ସାଧନ । ସ୍ୱାଧୀନତାର ପ୍ରାରମ୍ଭରୁ ଜମିଦାରୀ ଓ ଜାଗିରଦାରୀ ପ୍ରଥାର ବିଲୋପପାଇଁ ଉଦ୍ୟମ ହୋଇଛି । ଏବେ ଆଉ ଜମିରେ ମଧ୍ୟସ୍ୱତ୍ୱାଧିକାରୀ ନାହାନ୍ତି କହିଲେ ଚଳେ । ଏହା ଫଳରେ କୃଷୀମାନଙ୍କ ସହିତ ସରକାରଙ୍କର ପ୍ରତ୍ୟକ୍ଷ ସଂପର୍କ ପ୍ରତିଷ୍ଠିତ ହୋଇଛି, ମଧ୍ୟସ୍ୱତ୍ୱାଧିକାରୀମାନଙ୍କ ଶୋଷଣର ଅବସାନ ହୋଇଛି । ଦ୍ୱିତୀୟରେ ଭାଗକୃଷୀମାନଙ୍କର ସୁରକ୍ଷାପାଇଁ ଅନେକ

ଆଇନ ପ୍ରଣୟନ କରାଯାଇଛି । ସେମାନଙ୍କୁ ଜମିମାଲିକମାନେ ଏବେ ସହଜରେ ଜମିରୁ ବେଦଖଲ କରି ପାରିବେ ନାହିଁ । ଏହା ବ୍ୟତୀତ ଜମିମାଲିକମାନଙ୍କୁ ସେମାନେ କେତେ ଭାଗ ଦେବେ, ତାହା ସ୍ଥିରୀକୃତ ହୋଇଛି । ଏହା ସତ୍ତ୍ୱେ କେତେକ ଭାଗଚାଷୀ ବେଦଖଲ ହେଉଛନ୍ତି ଓ ଭାଗର ମାତ୍ରା ଆଇନ ମୁତାବକ କାର୍ଯ୍ୟକାରୀ ହେଉ ନାହିଁ । ମଫସଲ ଅଞ୍ଚଳରେ ଏହି ସବୁ ଆଇନ ଯୋଗୁଁ ମୁକ୍ତ ଭାଗଚାଷୀ ପରିବର୍ତ୍ତେ ଲୁକ୍କାୟିତ ଭାଗଚାଷୀ ପ୍ରଥା ଦେଖିବାକୁ ମିଳୁଛି । ତଥାପି ଆଇନରେ ଭାଗଚାଷୀମାନଙ୍କ ସୁରକ୍ଷା କରିବାପାଇଁ କେତେକ ଉତ୍ତାକୃଷ୍ଟ ବ୍ୟବସ୍ଥା ଅଛି । ଦ୍ୱିତୀୟରେ ଭିନ୍ନ ଭିନ୍ନ ରାଜ୍ୟରେ ଜମିର ସର୍ବୋଚ୍ଚ ପରିମାଣ ନିର୍ଦ୍ଧାରିତ କରାଯାଇଛି । ଓଡ଼ିଶାରେ ଜଣେ ଚାଷୀ ଏକ ପାଞ୍ଚ ଜଣିଆ ପରିବାର ପାଇଁ ସର୍ବମୋଟ ୧୦ ଏକର ଜଳସେଚିତ ଜମି ରଖି ପାରିବେ ବୋଲି ଆଇନ ପ୍ରଣୟନ ହୋଇଛି । ସାମାଜିକ ନ୍ୟାୟ ଓ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧିପାଇଁ ଏହି ଆଇନର ଗୁରୁତ୍ୱ ଯଥେଷ୍ଟ ବେଶି । କାରଣ ଚାଷୀର ସର୍ବୋଚ୍ଚ ପରିମାଣ ଜମି ନିର୍ଦ୍ଧାରିତ ହେଲେ ମଫସଲ ଅଞ୍ଚଳରେ ଅର୍ଥନୈତିକ ବିଭେଦ ଦୂର ହେବ ଓ କେତେକ ଜମିହୀନ କୃଷି-ଶ୍ରମିକ କିଛି କିଛି ଜମି ପାଇ ନିଜକୁ ଥଇଥାନ କରି ପାରିବେ । ଏବଂ ଏହା ଫଳରେ ଜମିର ଉତ୍ପାଦିକା ଶକ୍ତି ମଧ୍ୟ ବୃଦ୍ଧି ହେବ । ଯେଉଁମାନଙ୍କ ପାଖରେ ଅଧିକ ଜମି ଅଛି ସେମାନେ ବ୍ୟକ୍ତିଗତ ଯଥେଷ୍ଟ ମନ ଦେଇ ପାରୁ ନାହାନ୍ତି । ଫଳରେ କ୍ଷୁଦ୍ର ଚାଷୀମାନେ ନିଜ ଜମିରୁ ଏକର ପିଛା ଯେତେ ଅମଳ କରୁଛନ୍ତି ବଡ଼ଚାଷୀମାନେ ସେତେ ଅମଳ କରି ପାରୁ ନାହାନ୍ତି । ସେଥିପାଇଁ ଭୂସଂସ୍କାର ଆଇନ ପ୍ରଚଳନ କରି ଜମିଜମା

ସମସ୍ୟାର ଉଚିତ ସମାଧାନ କରାଯିବା ଏବେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଚତୁର୍ଥରେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ ଚକବନ୍ଦୀ ଏକ ପ୍ରଧାନ ଅବଲମ୍ବନ । ଜମି ଟୁକୁରା ଟୁକୁରା ହୋଇ ବିକ୍ଷିପ୍ତ ଭାବରେ ପଡ଼ି ରହିଲେ, ଚାଷୀର ଚାଷ ଖର୍ଚ୍ଚ ଅଧିକ ହେବ ଓ ଜମିପିଛା ଉତ୍ପାଦନମାତ୍ରା କମ୍ ହେବ । ପଞ୍ଜାବ ଓ ହରିଆନା ପ୍ରଭୃତି ରାଜ୍ୟରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବାରୁ ସେଠାରେ ଏକର ପିଛା ଉତ୍ପାଦନ ମାତ୍ରା ଅଧିକ ହୋଇଛି । ଅନ୍ୟ ରାଜ୍ୟରେ ଏ ଦିଗରେ ଉଦ୍ୟମ କରାଯାଉଛି । ପଞ୍ଚମରେ କ୍ଷୁଦ୍ର-ଚାଷୀମାନଙ୍କର ସୁବିଧା ପାଇଁ ଅନେକ ସହଯୋଗୀ ସେବା ଅନୁଷ୍ଠାନ (Service Co-operatives) ପ୍ରତିଷ୍ଠା କରାଯାଉଛି । ଏମାନେ ଉଚିତ ମୂଲ୍ୟରେ ଚାଷୀମାନଙ୍କୁ ସାର ଓ ବିହନ ପ୍ରଭୃତି ଯୋଗାଇବେ ଓ ଚାଷୀର ଉତ୍ପାଦିତ ଦ୍ରବ୍ୟ ଖରିଦ କରି ଉପଯୁକ୍ତ ମୂଲ୍ୟ ଦେବେ । କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଏହି ସହଯୋଗୀ ଅନୁଷ୍ଠାନମାନଙ୍କର ଆବଶ୍ୟକତା ଯଥେଷ୍ଟ ବେଶି ।

ଏଥିରୁ ଦେଖାଯିବ ଯେ କୃଷିର ଉନ୍ନତିପାଇଁ ଏକ ବ୍ୟାପକ ଯୋଜନା ସ୍ଥିର କରାଯାଇଛି । ଏହି ଯୋଜନାରେ ମତଭେଦ ସାମାନ୍ୟ । କିନ୍ତୁ ଯୋଜନାର ସଫଳତାପାଇଁ ଯେଉଁ କର୍ମ ପ୍ରେରଣା, ଶୃଙ୍ଖଳା ଓ କର୍ତ୍ତବ୍ୟବୋଧ ଦରକାର ତା'ର ଅଭାବ ଅନେକ କ୍ଷେତ୍ରରେ ଅନୁଭୂତ ହେଉଛି । ଏହି ଦୋଷଗୁଡ଼ିକୁ ଯଦି କୌଣସି ମତେ ଆମେ ଦୂର କରି ପାରିବା, ତାହାହେଲେ ଭୁବଃ ଭାରତରେ କୃଷି ଏକ ଲାଭଜନକ ବ୍ୟବସାୟ ହୋଇ ପାରିବ ।

ଗୋବର ଗ୍ୟାସ ପ୍ଲାଣ୍ଟ

ରାଜ୍ୟ ଖଦିବୋର୍ଡ଼ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାରେ ୨୫୦ଟି ଗୋବର ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ତଦନୁସାରେ ୬୦ ଘନଫୁଟରୁ ଆରମ୍ଭକରି ୫,୦୦୦ ଘନଫୁଟ ପର୍ଯ୍ୟନ୍ତ ବିଭିନ୍ନ ଆକାରର ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ କରାଯିବ । ଘରୋଇ ବ୍ୟବହାର ନିମନ୍ତେ ସାଧାରଣତଃ ୬୦ ରୁ ୩୦୦ ଘନଫୁଟ ଆକାରର ଗ୍ୟାସ ପ୍ଲାଣ୍ଟ ଆବଶ୍ୟକ ହୁଏ ।

ଗତ ବର୍ଷ ଏଭଳି ୪୨ଟି ଗ୍ୟାସ ପ୍ଲାଣ୍ଟ ରାଜ୍ୟର ୮ଟି ଜିଲ୍ଲାରେ ସ୍ଥାପନ କରାଯାଇଥିଲା । ଏଥି ମଧ୍ୟରୁ ବଲାଙ୍ଗୀର ଡାଏରି ଫାର୍ମରେ ୧,୨୫୦ ଘନଫୁଟର ଗୋଟିଏ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା । ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେଇଥିଲେ । ଏହା ବ୍ୟତୀତ ପ୍ଲାଣ୍ଟଗୁଡ଼ିକ ସ୍ଥାପନ କରିବାପାଇଁ ରାଜ୍ୟ ଖଦିବୋର୍ଡ଼ ୨୦ ଜଣ ବ୍ୟକ୍ତିବିଶେଷଙ୍କୁ ୫୨ ହଜାରରୁ ଅଧିକ ଟଙ୍କା ଋଣ ସୂତ୍ରରେ ଓ ୧୭ ହଜାରରୁ ଅଧିକ ଟଙ୍କା ସାହାଯ୍ୟ ସ୍ୱରୂପ ଯୋଗାଇ ଦେଇଥିଲେ ।

ଉଦ୍‌ବେଗ ଜନିତ ଆଡ଼ପାଗଳାମୀ

ଅଧ୍ୟାପକ
ପ୍ରମୋଦ କୁମାର ମହାନ୍ତି

ଆଡ଼ପାଗଳାମୀ ଗୋଟିଏ ମାନସିକ ରୋଗ । ସ୍ୱାଭାବିକ ଭଲ ଲୋକମାନେ ମଧ୍ୟ ସମୟେ ସମୟେ ଅଡ଼ପାଗଳା ଭଳି ବ୍ୟବହାର କରିଥାନ୍ତି । ବେଳେ ବେଳେ ଆଡ଼ପାଗଳମାନେ ମଧ୍ୟ ସ୍ୱାଭାବିକ ସୁସ୍ଥ ମଣିଷ ଭଳି ଆଗ୍ରହର ସହିତ ଅନେକ କାମ ଅନ୍ୟମାନଙ୍କ ସହିତ ମିଳିମିଶି କରିଥାନ୍ତି । ସୁତରାଂ ଆମ ସମାଜରେ ଭଲମଣିଷ ଓ ଆଡ଼ପାଗଳା ଲୋକ ଏକାଠି ରହୁଥିବାରୁ ଭଲକରି ଜଣା ନପଡ଼ିଲେ ଆଡ଼ପାଗଳା ଲୋକଙ୍କୁ ଚିହ୍ନି ହେବନାହିଁ । ଜଣେ ହୁଏତ ବେଶି ଉତ୍ସୁକ ଲୋକକୁ ଆଡ଼ପାଗଳା ବୋଲି କହିପାରେ । ଏବେ କଲେଜରେ ପଢ଼ୁଥିବା କୌଣସି ଯୁବକ ଲମ୍ବା ଚୁଟି, ତୁଳସି ମାଳ ଏବଂ କଠଉ ମାଡ଼ି ଆସିଲେ ପିଲାଏ ତାକୁ ଆଡ଼ପାଗଳା କହିପାରନ୍ତି । ଅଥଚ ଦେହରେ ବଲ୍କଳ ବୋଳି ହୋଇ ବଡ଼ ବଡ଼ ଜଟା ରଖି, କମଣ୍ଡଳୁ ଓ ଚୌପୁନି ପେନ୍ଦି ଥିବା ବାବାଙ୍କୁ କେହି ଆଡ଼ପାଗଳା ବୋଲି ଗଣ୍ୟ କରନ୍ତି ନାହିଁ । ସୁତରାଂ ଦେଶକେ ଫାଙ୍କ, ନହେଲେ ତାଙ୍କ ଭଳି ଆଡ଼ପାଗଳାମୀ, ପରିସ୍ଥିତି ଓ ପରିବେଶ ଅନୁଯାୟୀ ଭିନ୍ନ ଭିନ୍ନ ।

ଆମ୍ଭମାନଙ୍କ ମଧ୍ୟରୁ ଅନେକ ଆଡ଼ପାଗଳା ହେବାର ସମ୍ଭାବନା ଅଛି । ଯେହେତୁ ଜଣାଯାଏ ଆଡ଼ପାଗଳାମୀରେ ଦୈହିକ ବିକୃତ ପ୍ରାୟ ନାହିଁ । ଆଡ଼ପାଗଳାମୀ ସମ୍ବନ୍ଧୀୟ ବିଭିନ୍ନ ରୋଗଗୁଡ଼ିକ ରୋଗୀର ଲକ୍ଷଣମାନଙ୍କରୁ ବୁଝାପଡ଼େ । ଆଡ଼ପାଗଳ ଲୋକର ଆଚରଣ ତଥା ବ୍ୟବହାର ପର୍ଯ୍ୟବେକ୍ଷଣ କଲେ ତାହାର ଆଡ଼ପାଗଳାମୀ ଥିବାର ସୂଚନା ମିଳେ ।

ଆଡ଼ପାଗଳାମୀ ହୋଇଛି କି ନାହିଁ ଜାଣିବାପାଇଁ ମନୋବୈଜ୍ଞାନିକ ପରୀକ୍ଷା ବିଶେଷ ସାହାଯ୍ୟ କରେ । ଏଥିପାଇଁ ବିଭିନ୍ନ ପ୍ରକାର ପରୀକ୍ଷା ରହିଛି । "ବଡ଼ି ସ୍ଟେ ଟେଷ୍ଟ", ବିଭିନ୍ନ ପ୍ରକାର ପ୍ରଶ୍ନୋତ୍ତର ପଦ୍ଧତି, କେତେକ ଛବି ପ୍ରଦର୍ଶନ ପରୀକ୍ଷା (T. A. T. ଓ Rosarch test) ପ୍ରଭୃତି ଏଦିଗରୁ ଉଲ୍ଲେଖଯୋଗ୍ୟ ।

ଯେତେପ୍ରକାର ଆଡ଼ପାଗଳାମୀ ଅଛି ସେଥିମଧ୍ୟରୁ "ଉଦ୍‌ବେଗଜନିତ ଆଡ଼ପାଗଳାମୀ (Anxiety neurosis) ଭଳି ଲୋକମାନେ ମଧ୍ୟ ବେଳେବେଳେ ଉଣା ଅଧିକେ ଭୋଗିଥାନ୍ତି ।

ଶିଶୁଠାରୁ ବଡ଼ଯାଏ ମଣିଷ ମାତ୍ରେ ଅଳ୍ପ ବହୁତେ ଉଦ୍‌ବେଗ ପ୍ରକାଶ କରିଥାନ୍ତି । ଅତଏବ ଉତ୍କଣ୍ଠା ଓ ଉଦ୍‌ବେଗ ଯୋଗୁ ବେଳେବେଳେ ରାତିରେ ନିଦ ନହେବା ଆମ୍ଭମାନଙ୍କ ପକ୍ଷରେ ସାଧାରଣ ଘଟଣା । ପରୀକ୍ଷା ପୂର୍ବରୁ ଛାତ୍ରର ଉଦ୍‌ବେଗ, ଅଜଣା ନୂତନ ସ୍ଥାନକୁ ଗଲାବେଳେ ଯାତ୍ରୀଙ୍କର ଉଦ୍‌ବେଗ, ନୂଆ ନୂଆ ସ୍କୁଲକୁ ଗଲାବେଳେ ପିଲାମାନଙ୍କର ଉଦ୍‌ବେଗ ବିଷୟରେ ସମସ୍ତେ ଉଣାଅଧିକେ ପରିଚିତ । ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କୁ ଅନ୍ଧାର ଘରେ ଶୋଇଲେ ଖୁବ୍ ଖରାପ ଲାଗେ । ଏପରିକି ନିଦ ମଧ୍ୟ ହୁଏ ନାହିଁ । ଏପରି ମଧ୍ୟ ଲୋକ ଅଛନ୍ତି ସେମାନେ ଏକୁଟିଆ ଗୋଟିଏ ବଡ଼ଘରେ ବା ପଡ଼ିଆରେ ରହିପାରିବେ ନାହିଁ । କେତେକଙ୍କର ଖୋଲା ପ୍ରାନ୍ତରରେ ବା ବିସ୍ତୃତ ଖୋଲା ଜାଗାରେ ଏତେ ଉତ୍କଣ୍ଠା ହୁଏସେ ସେମାନେ କଦାପି ସେଭଳି ସ୍ଥାନରେ ଏକା ରହି-ପାରନ୍ତି ନାହିଁ । ଆମ ଭିତରୁ କେତେକଙ୍କର ମଟର ଚଢ଼ିଲେ ଉତ୍କଣ୍ଠା ହୁଏତ ଆଉ କାହାର ରେଳଗାଡ଼ି ଚଢ଼ିଲେ ଉତ୍କଣ୍ଠା ହୁଏ । ଏହିସବୁ ପ୍ରତ୍ୟେକ ଉତ୍କଣ୍ଠା ବ୍ୟକ୍ତିର ବହୁ ପୂର୍ବର ଅପ୍ରୀତିକର ଅନୁଭୂତିରୁ ଜାତ ହୋଇଥାଏ । ଅତୀତରେ କେବେ ପିଲାବେଳେ ମୂର୍ଖାମି ଦ୍ୱାରାରେ ପରିତ୍ରା କରିଥିବାରୁ ପୋଲିସ, ମନେକର ଗୋଟିଏ ପିଲାକୁ ଥରେ ଧମକ ଦେଇଥିଲା । ପୁଣି ଆଉ କେବେ ଟ୍ରାଫିକ୍ ନିୟମ ଭାଙ୍ଗି ସାଇକେଲ୍ ଚଳାଇଥିବାରୁ ସେ ପିଲା ପୋଲିସ୍‌ଠାରୁ ଗାଳି ଖାଇଥିଲା । ଥରେ ଦୁଇଥର ଏମିତି ଅନୁଭୂତି ପରେ, ଅନ୍ୟ ସ୍ଥାନରେ ନାଲିପଗଡ଼ି ଥିବା ପୋଲିସ୍ କନେଷ୍ଟବଲ୍‌ଟିଏ ଦେଖିଲେ ସେ ପିଲାକୁ ଏପରି ଖରାପ ଲାଗେଯେ ସେ ଉଦ୍‌ବେଗ ଅନୁଭବ କରେ । ସୁତରାଂ ଯାହାର ଉଦ୍‌ବେଗ-ଜନିତ ଆତଙ୍କପାଗଳାମି ଥାଏ ସେ ବିନାକାରଣରେ ସର୍ବଦା ଉଦ୍‌ବେଗ ଓ ଉତ୍କଣ୍ଠା ଅନୁଭବ କରୁଥାଏ ।

ଏହି ରୋଗର ପ୍ରଧାନ ଲକ୍ଷଣ ହେଉଛି ଉଦ୍‌ବେଗ ବା ଉତ୍କଣ୍ଠା । ଉଦ୍‌ବେଗଜନିତ ଆତଙ୍କପାଗଳାମି ରୋଗଥିବା ରୋଗୀ ନିଜକୁ ନିହାତି ଅଯୋଗ୍ୟ ବୋଲି ଭାବେ । ନିଜର ବୁଦ୍ଧିବୃତ୍ତି କମିଗଲାଣି ଏହିଭଳି ଭାବନାରେ ସେ ପ୍ରାୟ ବହୁବେଳେ ଥାଏ । "ମୋ ଦ୍ୱାରା ଆଉ କିଛି ହେବନାହିଁ", "ମୋ ଜୀବନ ବ୍ୟର୍ଥ ହୋଇଗଲା", "ଆଉ ବଞ୍ଚି ରହି ଲାଭ କଣ ?", "ମରିବାକୁ ଇଚ୍ଛା ହେଉଛି" ପ୍ରଭୃତି ଉଦାସୀନ ବାକ୍ୟମାନ ସବୁବେଳେ ତା ମୁହଁରୁ ଶୁଣିବାକୁ ମିଳେ । ଅନ୍ୟମାନଙ୍କ ଆଗରେ ସେ ନିଜକୁ ଖୁବ ଛୋଟ ମନେ କରେ, ନିଜର ଛୋଟ ଛୋଟ ବ୍ୟର୍ଥତାକୁ ଖୁବ୍ ବଡ଼ କରି ଚିନ୍ତା କରେ ଓ ସେହିସବୁ ବିଫଳତାକୁ ସେ ଅତ୍ୟଧିକ ଗୁରୁତ୍ୱ ଦେଇ ଭାବେ । ଅଧିକାଂଶ ସମୟରେ ସେ ନିଜ ଶରୀର ତଥା ଶାରୀରିକ ସ୍ୱାସ୍ଥ୍ୟ ବିଷୟରେ ଖୁବ୍ ବେଶି ଚିନ୍ତିତ ହୁଏ । ରୋଗୀ ସାଧାରଣତଃ ନିଜର ପେଟ ଗୋଳମାଳ, ଯାହା ଖାଉଛି ଜୀର୍ଣ୍ଣ ହେଉନାହିଁ, ଛାତି ପୋଡୁଛି ପ୍ରଭୃତି ବିଷୟରେ ଏବଂ ହୃଦ୍‌ଯନ୍ତ୍ର ପ୍ରକ୍ରିୟା—ଯଥା ଛାତି ଦମ୍‌ଦମ୍ ପଡୁଛି, ଦେହ ଥରୁଛି, ମୁଣ୍ଡ ବୁଲାଉଛି ପ୍ରଭୃତି ବିଷୟରେ ଉଦ୍‌ବେଗ ପ୍ରକାଶ କରିବା ଏ ରୋଗର ଲକ୍ଷଣ । ନିଜର ଦୃଷ୍ଟିଶକ୍ତି ଗୋଳମାଳ ହେଲାଣି ବୋଲି ମଧ୍ୟ ରୋଗୀ ଉତ୍କଣ୍ଠା ପ୍ରକାଶ କରିଥାଏ । ରୋଗୀ କ୍ରମଶଃ ବିଚଳିତ ଓ ଅଳ୍ପ କଥାରେ ବିଦବିନ୍ନ ହୁଏ । ସର୍ବଦା ଅତ୍ୟନ୍ତ ଉତ୍କଣ୍ଠିତ ଅବସ୍ଥାରେ ଥିବାରୁ ସାମାନ୍ୟ କିଛି ଏପାଖ ସେପାଖ ହେଲେ ସେ ଅତି ବିଚଳିତ ହୋଇପଡ଼େ । ସାମାନ୍ୟ ଦେହ ଖରାପ, ଏପରିକି ଛୋଟ ଛୋଟ ବିଫଳତା ଯଥା—ଦୋକାନକୁ ଗଲାବେଳକୁ ଦୋକାନ ଖୋଲି ନାହିଁ, କଲମରୁ ଲେଖୁ ଲେଖୁ କାଳି ସରିଯିବା, ବନ୍ଧନ ଚୌରସ୍ତି ତାକ ନଆସିବା ପ୍ରଭୃତି ସାଧାରଣ ଘଟଣାରେ ସେ ଅତ୍ୟନ୍ତ ବ୍ୟସ୍ତ ଓ ବିବ୍ରତ ହୋଇପଡ଼େ । ରୋଗୀ ଆଦୌ ଧୀରସ୍ଥିର ହୋଇ ବସି ପାରେନାହିଁ । ଅତ୍ୟଧିକ ଉଦ୍‌ବେଗହେତୁ ସେ ନିଜର ସବୁଯାକ ଆଙ୍ଗୁଠିର ନଖ ଅନବରତ ଦାନ୍ତରେ କାମୁଡ଼ୁଥାଏ, ହୁଏତ ହାତଟାକୁ ଏକ ନିର୍ଦ୍ଦିଷ୍ଟ ଭଙ୍ଗୀରେ ଥରି ହାତର ମୁଠା ଉପରେ ରଖି ବାଜା ବଜାଉଥାଏ । ଘର ଭିତରେ ଏଠୁ ଯାଇ ସେଠାରେ ଓ ସେଠାରୁ ଯାଇ ଅନ୍ୟ କେଉଁଠାରେ ବସେ । ନହେଲେ ନିଜ ବସିବା ସ୍ଥାନରେ ବାରମ୍ବାର ଉଠି ବାରମ୍ବାର ବସୁଥିବ, ପୁଣି ଉଠି ପୁଣି ବସୁ-ଥିବ । ଘର ଭିତରେ ଖାଲି ଏକତ ସେକଡ଼ ପାଇଚାରି କରୁଥିବ । ଆଉକେତେକ ରୋଗୀ ଓଠ ବା ଭ୍ରୂଲତାକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରରେ ଆକୁଞ୍ଚନ ଓ ପ୍ରସାରଣ କରନ୍ତି ।

ଉଦ୍‌ବେଗଜନିତ ଆତଙ୍କପାଗଳାମି ଗୁରୁତର ହୋଇଗଲେ ରୋଗୀର ଛାତି ଧଡ଼ଧଡ଼ ହେବା, ନିଶ୍ୱାସ ପ୍ରଶ୍ୱାସ ନେବାରେ ଗୋଳମାଳ, ମୁଣ୍ଡ ବୁଲାଇ ପଡ଼ିଗଲାଭଳି ଅନୁଭବ ପ୍ରଭୃତି ଲକ୍ଷଣ ଦେଖାଦିଏ । ରୋଗୀର ଭଲନିଦହୁଏ ନାହିଁ, କିମ୍ବା ନିଦରେ ସନ୍ତୋଷ ଆସେନାହିଁ । ତା'ର ରାତିରେ ବହୁତଥର ନିଦଭାଙ୍ଗେ, ନିଦଭାଙ୍ଗିଲାପରେ ଛାତି ଧଡ଼ଧଡ଼ ହୁଏ, ତାହିଁକି ଆଉ ନିଦ ହେଉନାହିଁ ବୋଲି ସେ ବିଦ୍‌ବିନ୍ନ ହୁଏ । ବେଳେ-ବେଳେ ଅଳ୍ପସମୟ ନିଦ ହେଲେ ମଧ୍ୟ ରୋଗୀ ଦୁଃସ୍ୱପ୍ନ ଦେଖି ଉଠି ପଡ଼େ ଏବଂ ଉଠିଲାମାତ୍ରେ ତାହାର ଉଦ୍‌ବେଗ ବଢ଼ିଯାଏ । ଶୋଇବାରେ ସେ ଆଦୌ ଶାନ୍ତି ପାଏନାହିଁ । ମନରେ ଅନେକ ଦୁଶ୍ଚିନ୍ତା ସର୍ବଦା ଲାଗିରହିଥିବାରୁ ପ୍ରାୟ ଆନନ୍ଦିତ ହେବାର ଦେଖାଯାଏନାହିଁ । ଅଧିକାଂଶ ସମୟରେ ସେ ମୁହଁ ଶୁଖାଇଥାଏ । ଟ୍ରେନ୍‌ରେ ଚାଲିବେଲେ ତା'ର ମନେହୁଏ ଯେତେ ଶୀଘ୍ର ରେଲଗାଡ଼ି ଯିବାକଥା ସେତେ ଶୀଘ୍ର ଯାଉନାହିଁ । ଷ୍ଟେସନ୍‌ରେ ଗାଡ଼ି ଅଟକି ଗଲେ, ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ଗାଡ଼ି ଅଟକିଯାଉଛି—ବୋଲି ତାହାର ଉଦ୍‌ବେଗ ହୁଏ । ବସ୍‌ରେ ଗଲାବେଳେ ଅନ୍ୟମାନଙ୍କର କଥାବାର୍ତ୍ତା ତାହାକୁ ଅର୍ଥହୀନ ମନେହୁଏ

ଓ ପୁଣି ମଧ୍ୟ ତାହାର ତାହାର ପରେ ଉପରେ କଥା ଭା'ଙ୍ଗିବାରେ କୌଣସି ଏକ ଚଞ୍ଚଳତା ଓ ସ୍ନାୟୁ ଉତ୍ତେଜନା କରି ତାହାର ଉଦବେଗ ବଢ଼ାଇ ଦେଇଥାଏ। ସିନେମା ବା ଥିଏଟର୍ ଦେଖିଲେ ସେ ଆଦୌ ଆନନ୍ଦ ପାଇପାରେନାହିଁ।

ରୋଗୀର କୌଣସି କାମରେ ବେଶିବେଳ ଏକାଗ୍ରତା ରହେନାହିଁ। ସେ ଶ୍ରେଷ୍ଠ ଶ୍ରେଷ୍ଠ ମାନସିକ କାମ ଯଥା— ଲେଖାପଢ଼ା, ଚିଠିପତ୍ର ଲେଖିବା ଓ ହିସାବ କରିବା ଆଦି କାମକରିବା'ରେ କଷ୍ଟ ଅନୁଭବ କରେ। ସେ ନିଜେ କୌଣସି କାମରେ ଆତ୍ମନିବିଷ୍ଟ ହୋଇପାରୁନାହିଁ ବୋଲି କହେ। ଯେଉଁ କାମରେ ସେ ଆଗରୁ ଆନନ୍ଦ ପାଉଥିଲା ଏବେ ସେ ସବୁରୁ ସେ କିଛି ଆନନ୍ଦ ପାଉନାହିଁ ବୋଲି ତା'କଥାରୁ ଜଣାପଡ଼େ। ରୋଗଥିବାଯାକ ତାହାର ପେଟ ଗୋଳମାଳ ଏକ ଦୈନନ୍ଦିନ ଘଟଣା ହୋଇଯାଏ। କେତେବେଳେ ତାହାର ପତଳା ଝାଡ଼ାହୁଏତ ଆଉ-କେତେବେଳେ କୋଷ୍ଠ କାଠିନ୍ୟ ହୁଏ। ଅତ୍ୟଧିକ ଚିନ୍ତା ଓ ଉଦ୍‌ବେଗ ହେତୁ ରୋଗୀର ପରିପାକକ୍ରିୟା ବିଗିଡ଼ି ଯାଏ। ପାକସ୍ଥଳୀର କ୍ଷରଣ ଏବଂ ସଙ୍କୋଚନ ଓ ସଂପ୍ରସାରଣରେ ଅନିୟମିତତା ଦେଖାଯାଏ। ଭୋକ ନଥିଲା ବେଳେବି ଲାଗେ। ଅନବରତ ପାକସ୍ଥଳୀର ଆଭ୍ୟନ୍ତରୀଣ ସଙ୍କୋଚନ ଓ ସଂପ୍ରସାରଣକ୍ରିୟା ବୃଦ୍ଧିହେଉ ସେଠାରେ ପେପ୍‌ଟିକ୍ ଅଲସର୍ ହେବାର ସମ୍ଭାବନା ଦେଖାଯାଏ। ଉଦ୍‌ବେଗଜନିତ ଆତ୍ମପାଗଳାମୀ ରୋଗୁଥିବା ସ୍ତ୍ରୀଲୋକ-ମାନଙ୍କର ମାସିକ ଋତୁ ପୂର୍ଣ୍ଣ ବା ଆଂଶିକ ଭାବରେ ବନ୍ଦହୁଏ। କିନ୍ତୁ କେତେକଙ୍କର ମଧ୍ୟ ଅତ୍ୟଧିକ ହୁଏ। ପୁରୁଷମାନଙ୍କର କାମ ସ୍ପୃହା ପ୍ରାୟ କମିଯାଏ।

ରୋଗର ସମସ୍ତ ଲକ୍ଷଣ ଏକାବେଳେ ଜଣକଠାରେ ଦେଖାଯାଏନାହିଁ। ଏଥିରୁ କେତେକ ଲକ୍ଷଣ ମାତ୍ର ରୋଗୀଠାରେ ଦେଖିବାକୁ ମିଳେ। ଉଦ୍‌ବେଗଜନିତ ଆତ୍ମପାଗଳାମୀ ଯୋଗୁ ଯେଉଁ ଯେଉଁ ଶାରୀରିକ ଅସୁସ୍ଥତା ଯଥା—ଅନ୍ତ୍ରଃସ୍ରାବୀ ଗ୍ରନ୍ଥିଗୁଡ଼ିକର କ୍ଷରଣରେ ଗଣ୍ଡଗୋଳ, ପାକସ୍ଥଳୀରେ ପେପ୍‌ଟିକ୍ ଅଲସର୍ ଦେଖାଯାଏ ସେଗୁଡ଼ିକ ଅନ୍ତରାଳରେ ବାସ୍ତବର ଏହି ଉଦ୍‌ବେଗଜନିତ ମାନସିକ ଅସୁସ୍ଥତା ପ୍ରକୃତରେ ନିହିତ ଥାଏ, ରୋଗୀ କିନ୍ତୁ ନିଜର ମାନସିକ ଅସୁସ୍ଥତାର ଚିକିତ୍ସା ନକରାଇ କେବଳ ଦୈହିକ ଚିକିତ୍ସା ଡାକ୍ତରଙ୍କ ନିକଟରେ କରାଇଥାଏ। ଫଳରେ କେବଳ ଦୈହିକ ଚିକିତ୍ସା ଯୋଗୁଁ ଅଳ୍ପଦିନପାଇଁ ରୋଗୀ ଉପକୃତ ହେଉଥିଲେ ମଧ୍ୟ ପରେ ପୁଣି ଏହି ରୋଗ ଦେଖାଦିଏ। ଏଭଳି କ୍ଷେତ୍ରରେ ଦେହ ଓ ମନ ଉଭୟର ଚିକିତ୍ସା ଏକାସମୟରେ କଲେ ସୁଫଳ ମିଳେ।

ଅନ୍ୟାନ୍ୟ କେତେକ ବୃଷ୍ଟିରୁ ଆଉ ମାନସିକ ରୋଗପରି ଏ ରୋଗ ବଂଶଗତ ବୋଲି ଅନୁମାନ କରୁ ଜଣାଯାଇଛି। ମାତ୍ର ସବୁକ୍ଷେତ୍ରରେ ଯେଉଁମାନେ ଏହି ରୋଗରେ ସେମାନଙ୍କର ପିଲାମାନେ ଯେ ଉଦ୍‌ବେଗଜନିତ ଆତ୍ମ-ପାଗଳାମୀ ଭୋଗିବେ ଏମିତି କିଛି କଥାନାହିଁ। କିନ୍ତୁ ରୋଗୀମାନଙ୍କର ପରିବାର ଓ ବଂଶାନୁକ୍ରମ ପର୍ଯ୍ୟବେକ୍ଷଣରୁ ଦେଖାଯାଇଛି ଯେ ରୋଗୀର ପରିବାରର ଅନ୍ୟ ସନ୍ତାନମାନଙ୍କ ଏ ରୋଗ ହେବାର ସମ୍ଭାବନା ଅନ୍ୟ ସାଧାରଣ ସୁସ୍ଥଲୋକଙ୍କଠାରୁ ଟିକିଏ ବେଶି। ଅନୁସନ୍ଧାନରୁ ଜଣାଯାଇଛି ଯେ ସାଧାରଣତଃ ପୁରୁଷଙ୍କଠାରୁ ସ୍ତ୍ରୀଲୋକ-ମାନେ ଏ ରୋଗରେ ଅଧିକ ପଡ଼ିଥାନ୍ତି। ମଧ୍ୟବୟସ୍କ ପ୍ରୌଢ଼ମାନଙ୍କ ଅପେକ୍ଷା କୈଶୋର ଓ ପରବର୍ତ୍ତୀ ବୟସ-ମାନେ ଏ ରୋଗ ବେଶି ଭୋଗିଥାନ୍ତି। ପ୍ରାକ୍ ଯୌବନ କାଳୀନ ଅବସ୍ଥାରେ ବିଶେଷକରି ୧୨ରୁ ପ୍ରାୟ ୧୬-୧୭ ବର୍ଷ ପର୍ଯ୍ୟନ୍ତ ପିଲାର ଚାଲିଚଳନ ଟିକିଏ ଖାପଛଡ଼ା ହୋଇଥାଏ। କେତେବେଳେ ସେ ଗୁରୁଜନ ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ଆଗରେ ଯେଭଳି ଆଚରଣ ପ୍ରକାଶକରିବା କଥା ସେଭଳି କରିନଥାଏ। ଏ ବୟସରେ ବେହି ପିଲା ଗୁରୁଜନମାନଙ୍କୁ ଲୁଚିକରି ଆଉ କେତେକ ଅବଶ୍ୟମ୍ଭାବୀ ଭାବରେ ଅଭଦ୍ରତା ବା ଦୁଷ୍ଟାମି କରିଥାନ୍ତି। ଏ ଅବସ୍ଥାରେ ପିଲାର ଚାଲିଚଳନ ଅସଂଗତ ବୋଧହୁଏ। ସୁତରାଂ ବୟସଜନିତ ତଥା ଅନ୍ୟାନ୍ୟ କାରଣରୁ ଏହି ଅବସ୍ଥାରେ ଉଦ୍‌ବେଗପ୍ରଧାନ ଆତ୍ମପାଗଳାମୀ ଦେଖାଯିବା ଅସ୍ୱାଭାବିକ ନୁହେଁ। ସାଧାରଣତଃ ୧୨ ବର୍ଷରୁ ୧୬-୧୭ ବର୍ଷ ବୟସ ମଧ୍ୟରେ ଯୌନବିକାଶ ଓ ତଦ୍‌ଜନିତ ନାନାବିଧ ଶାରୀରିକ ପରିବର୍ତ୍ତନ ପିଲାମଧ୍ୟରେ ବିଶୃଙ୍ଖଳା ସୃଷ୍ଟିକରେ। ପିଲାର କାମଭାବନା ଓ ଆନୁସଙ୍ଗିକ ସ୍ୱପ୍ନ ଦୋଷ ଓ ହସ୍ତମୈଥୁନ ପ୍ରଭୃତି ଆଚରଣ ଦେଖାଦିଏ। ଯଦିଚ ଏଗୁଡ଼ିକ ବୟସସୁଲଭ ସ୍ୱାଭାବିକ ଆଚରଣ, ପିଲା କିନ୍ତୁ ଏସବୁ ବିଷୟରେ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇପଡ଼େ। ଆମ ସମାଜରେ ପ୍ରଚାରିତ ବିଜ୍ଞାନସମ୍ମତ ହୋଇନଥିବା ଅନେକ ଶାସ୍ତ୍ର ବ୍ରହ୍ମଚର୍ଯ୍ୟ ପୁସ୍ତକପତ୍ରି ଏବଂ ଅତ୍ୟନ୍ତ ନୀତିବାଗୀଶ ପିତାମାତା ଓ ଶିକ୍ଷକଙ୍କ ଶାସନ ଫଳରେ ପିଲାର ଉଚିତ୍ ସମୟରେ ଉପଯୁକ୍ତ ଯୌନ ଶିକ୍ଷା ହୋଇପାରେନାହିଁ। ସେ ନିଜର ସମୟୋଚିତ ଯୌନ ଆଚରଣକୁ ବାହାରେ ପ୍ରକାଶ ନ କରିପାରି, ସେ ବିଷୟରେ ଅଯଥା କୌତୂହଳ ତଥା ଆବେଗକୁ ଜବରଦସ୍ତି ଅବଦମନ କରୁଥିବାରୁ ତାହାର ଉଦ୍‌ବେଗ ଆହୁରି ବୃଦ୍ଧିପାଏ। ଉଦାହରଣ ସ୍ୱରୂପ—ଶୁକ୍ର ବା ବୀର୍ଯ୍ୟ ମନୁଷ୍ୟ ଦେହର ସାରବସ୍ତୁ ଏବଂ ଶୁକ୍ରହାନି ବା ରେତପାତ ହେଲେ ମନୁଷ୍ୟର ହୃଦ୍ ନୈତିକ ତଥା ଶାରୀରିକ କ୍ଷତିର ସୀମା ରହେନାହିଁ—ଏହାକ୍ଷ

ବହୁକଥା ସେ ଅତିଶୀଘ୍ର ବିଶ୍ୱାସକରନ୍ତି । ସୁତରାଂ ଉପଯୁକ୍ତ ବିଜ୍ଞାନସମ୍ମତ ଅତ୍ୟନ୍ତ ଆବଶ୍ୟକ ଯୌନ ଶିକ୍ଷା ଅଭାବରେ ପିଲାଙ୍କର ଏହି ବୟସରେ ଉଦ୍‌ବେଗ ଜନିତ ଆଡ଼ପାଗଲାମୀ ଦେଖାଦିଏ । ଏହି ବୟସରେ ଉପଯୁକ୍ତ ଶିକ୍ଷିତ ପିତାମାତା କିମ୍ବା ମନୋବିଜ୍ଞାନ ତଥା ଶରୀର ବିଜ୍ଞାନରେ ଅଭିଜ୍ଞ ଶିକ୍ଷକ ପାଖକୁ ପିଲାକୁ ଆଣିଲେ ପିଲାର ଭ୍ରମଧାରଣା ଦୂରହୁଏ ଏବଂ ଉପଯୁକ୍ତ ଯୌନ ଶିକ୍ଷାଦ୍ୱାରା ଏ ରୋଗ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ହୁଏ । ସେ ପିଲାର ସ୍ୱାଭାବିକ ଅବସ୍ଥା ଶୀଘ୍ର ଫେରିପାଏ । ପ୍ରାକ୍ ଯୌବନକାଳୀନ ବୟସରେ ଏରୋଗ ଦୂରନହେଲେ ଏହା କ୍ରମଶଃ ୨୫।୩୦ ବର୍ଷ ବୟସ ବେଳକୁ ଅଧିକ ଜଟିଳ ଓ ଗମ୍ଭୀର ଆକାରରେ ବ୍ୟକ୍ତିଠାରେ ଦେଖାଦିଏ । ସେତେବେଳେ ଏହାକୁ ଭଲକରିବା ଦୁଃସାଧ୍ୟ ହୋଇଉଠେ ।

ପ୍ରାକ୍ ଯୌବନକାଳ ଛଡ଼ା କେତେକଙ୍କର ଆସନ୍ନ ବୃଦ୍ଧାବସ୍ଥାରେ ମଧ୍ୟ ଉଦ୍‌ବେଗଜନିତ ଆଡ଼ପାଗଲାମୀ ଦେଖା ଯାଇଥାଏ । ବୟସ୍କା ସ୍ତ୍ରୀଲୋକମାନଙ୍କର ଋତୁ ବନ୍ଦ ହେବା ସମୟରେ ସେମାନେ ବେଶି ନିଉରୋଟିକ୍ ହୋଇଥାନ୍ତି । ବୟଃ ବୃଦ୍ଧି (Aging) ସହିତ ଆଡ଼ପାଗଲାମୀ ଦେଖା-ଯାଇଥାଏ । ଆମ ସମାଜରେ ବୁଢ଼ା ବୁଢ଼ୀମାନେ ଚଞ୍ଚଳ ରୁଷିଆ ହୋଇଯିବା ଓ ଅଯଥା ଉତ୍କଣ୍ଠା ତଥା ଆଶଙ୍କା ପ୍ରକାଶ କରିବା ଏକ ସାଧାରଣ ଘଟଣା । ପ୍ରାକ୍ ଯୌବନ କାଳରେ ଏବଂ ଆସନ୍ନ ବୃଦ୍ଧାବସ୍ଥାରେ ମନୁଷ୍ୟର ଶାରୀରିକ ପରିବର୍ତ୍ତନ ବ୍ୟକ୍ତିର ଆଚରଣକୁ ଅତ୍ୟନ୍ତ ପ୍ରଭାବିତ କରିଥାଏ । ଆମ ଶରୀରର ନୂଆ କେତେକ ଅନ୍ତଃସ୍ରାବୀ ଗ୍ରନ୍ଥିଗୁଡ଼ିକର କ୍ଷରଣ ଏହି ସମୟରେ ହୁଏ । କେତେକ ଗ୍ରନ୍ଥିର କ୍ଷରଣ ମଧ୍ୟ ଧୀରେ ଧୀରେ କମିଯିବାକୁ ଆରମ୍ଭ କରେ । ଉଦ୍‌ବେଗଜନିତ ଆଡ଼ପାଗଲାମୀକୁ ଏହି ଗ୍ରନ୍ଥିଗୁଡ଼ିକର କ୍ଷରଣ ଅତ୍ୟନ୍ତ ପ୍ରଭାବିତ କରିଥାଏ । ଆମ ଶରୀରର ଆଡ୍ରେନାଲ ଗ୍ରନ୍ଥିରୁ "ଆଡ୍ରେନାଲିନ୍" ନାମକ ହରମୋନ୍‌ର କ୍ଷରଣ ବେଶି ହୋଇଥାଏ । ଏହି ହରମୋନ୍ ରକ୍ତରେ ମିଶେ । ଯକୃତ୍ ମଧ୍ୟରୁ ଆଗରୁ ସଂରକ୍ଷିତ ଥିବା ଶର୍କରା ଅଂଶ ଆସି ରକ୍ତରେ ମିଶେ । ଫଳରେ ହାତଗୋଡ଼ ଆଦି ମାଂସପେଶୀର କ୍ରିୟା ଓ ହୃତପିଣ୍ଡ ତଥା ଶ୍ୱାସଯନ୍ତ୍ରର କ୍ରିୟା ବଢ଼ିଯାଏ । ପାପୁଲିରୁ ଝାଳ ବହେ । ଆଖି ପୁଅ ବଡ଼ ହୋଇଯାଏ । ବେଳେ ବେଳେ ଅକ୍ଷି ପଦାକୁ ବାହାରିପଡ଼େ । ଅନେକ ଝାଡ଼ା ବା ପରିସ୍ରା ମାଡ଼େ । ପାକସ୍ଥଳୀର ହଜମ କ୍ରିୟା ବନ୍ଦ ହୋଇଯାଏ । ବେଳେ ବେଳେ ଦେହସାରା ଲୋମସବୁ ଟାଙ୍କୁର ଉଠେ । ଉଦ୍‌ବେଗଜନିତ ଆଡ଼ପାଗଲାମୀ ବେଳେ ଶରୀରର ସ୍ନାୟୁ ସଂସ୍ଥା ଅଧିକ ସକ୍ରିୟ ହେଉଥିବାରୁ ଆଡ଼ପାଗଲାମୀରେ ଉପରୋକ୍ତ ଶାରୀରିକ ପ୍ରତିକ୍ରିୟାମାନ ଦେଖାଯାଏ । ଅର୍ଥାତ୍ ଆଡ଼ପାଗଲାମୀ ବେଳେ ଏକାବେଳକେ ଉଦ୍‌ବେଗ ଓ ଆଭ୍ୟନ୍ତରୀଣ ଶାରୀରିକ ପ୍ରତିକ୍ରିୟା ଦେଖାଦେଇଥାନ୍ତି ।

ଏହିଭଳି ରୋଗର ବହୁ ଗୋପନୀୟ ମାନସିକ କାରଣ ରହିଛି । ପିଲାଦିନୁ ବାପ ମା'ଙ୍କ ଦ୍ୱାରା ଅତ୍ୟନ୍ତ କଡ଼ା ଶାସନ ପାଇ ପିଲା ଯଦି ବଢ଼ିଥାଏ ("ଦଣ୍ଡକର୍ଣ୍ଣାଣି ଭାଡ଼ଏତ୍" ନୀତି ଏଠାରେ ବ୍ୟର୍ଥ ପ୍ରମାଣିତ ।) ତେବେ ତା'ର ଅନେକ ସ୍ୱାଧୀନ ସ୍ୱତଃସ୍ଫୂର୍ତ୍ତି ପ୍ରବୃତ୍ତି ବାଧ୍ୟବାଧକତାରେ ଅବଦମିତ ହୋଇଯାଏ । ଲାଳନପାଳନ ନାଁରେ କଡ଼ା ଶାସନର ଅତ୍ୟାଚାର ଯୋଗୁଁ ପିଲା ଯଦି ସବୁବେଳେ ଶଙ୍କିତ ଓ ଭୟଭୀତ ହୋଇ ଅତ୍ୟନ୍ତ ଆବେଗପ୍ରବଣ ହୁଏ । ଏହିଭଳି ଆବେଗପ୍ରବଣତା ତାହାର ସଦା ସର୍ବଦା ଥାଏ । ବ୍ୟକ୍ତିର ବାଲ୍ୟଜୀବନ ଯଦି ଏହିଭଳି କ୍ରମାଗତ ଆବେଗପୂର୍ଣ୍ଣ ଓ ଉଦ୍‌ବେଗମୟ ହୁଏ ତେବେ ଭବିଷ୍ୟତରେ ଏ ରୋଗ ହେବାର ସମ୍ଭାବନା ବେଶି । ଏ ସମ୍ପର୍କରେ ଥିବା ମନୋବୈଜ୍ଞାନିକ କାରଣ ଦେଖାଯାଉ । ଫ୍ରଏଡଙ୍କ ମତାନୁଯାୟୀ ଅସ୍ୱାଭାବିକ ଭାବେ ଅବଦମନ କରାଯାଇଥିବା ଆଦିମ ପ୍ରବୃତ୍ତିଗୁଡ଼ିକ ସବୁବେଳେ ସଚେତନ ଅବସ୍ଥାକୁ ଆସି ସନ୍ତୋଷ ଲାଭ ହେବାପାଇଁ ଉପାୟ ଅନ୍ୱେଷଣ କରୁଥାନ୍ତି । ଯେତେ ପରିମାଣରେ ଆଦିମ ପ୍ରବୃତ୍ତିମାନ ଅବଦମିତ ହୋଇଥାନ୍ତି ସେତେ ପରିମାଣରେ ସେଗୁଡ଼ିକ ସଚେତନ ଅବସ୍ଥାକୁ ଆସିବାପାଇଁ ସେତେ ବେଶି ଚାପ ଦିଅନ୍ତି । ବିଭିନ୍ନ ବ୍ୟକ୍ତିଗତ ତଥା ପରିବେଶଗତ କାରଣରୁ ମନୁଷ୍ୟ କେତେକ ସମୟରେ ଅଭାବ ଅସୁବିଧା ତଥା ଦୁଃଖ ଦୁର୍ଦ୍ଦଶାରେ ପଡ଼ିଲେ ତାହାର ବ୍ୟକ୍ତିତ୍ୱ ସାମୟିକ ଭାବରେ ଦୁର୍ବଳ ହୋଇପଡ଼େ । ଫ୍ରଏଡଙ୍କ ଭାଷାରେ ତାହାର ଇଗୋ (Ego) ବା ଅହଂ ଦୁର୍ବଳ ହୋଇପଡ଼େ । ଏହି ଅବସ୍ଥାରେ ଚରିତାର୍ଥ ହେବାକୁ ପଥ ଖୋଜୁଥିବା ଆଦିମ ପ୍ରବୃତ୍ତିର ଚାପ ଆହୁରି ପ୍ରବଳ ହୋଇଉଠେ । କାରଣ ମନୁଷ୍ୟର ସଚେତନ ମନ ବା ଇଗୋ କାଳେ ସବୁଯାକ ଆଦିମ ପ୍ରବୃତ୍ତି ସଚେତନ ଅବସ୍ଥାକୁ ଚାଲିଆସିବ ଏହି ଆଶଙ୍କାରେ ଖୁବ୍ ଉଦବିଗ୍ନ ହୁଏ । ଆଦିମ ପ୍ରବୃତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଅନୈତିକ, ବନ୍ୟ, ଅଶ୍ଳୀଳ ଓ ଅସାମାଜିକ । ଏଗୁଡ଼ିକୁ ବିବେକ (Super ego) ଜୋର କରି ଦମନ କରିବାକୁ ଇଚ୍ଛା କରେ । ମନୁଷ୍ୟର ସଚେତନ ମନ ଏକ ପକ୍ଷରେ ଆଦିମ ପ୍ରବୃତ୍ତିର ବହିର୍ଗମନ ଏବଂ ଅନ୍ୟ ପକ୍ଷରେ ସୁପର ଇଗୋର ତାଡ଼ନା ଏହି ଉଭୟ ମଧ୍ୟରେ ଭାରସାମ୍ୟ ରକ୍ଷା କରିବାକୁ ସତତ ଚେଷ୍ଟା କରିଥାଏ । ତେଣୁ ମନୁଷ୍ୟର ବ୍ୟକ୍ତିତ୍ୱ ସାମାନ୍ୟ ଦୁର୍ବଳ ଥିଲାବେଳେ କାଳେ ଆଦିମ ପ୍ରବୃତ୍ତିଗୁଡ଼ିକ ଚରିତାର୍ଥ ହେବାପାଇଁ ସଚେତନ ଅବସ୍ଥାକୁ ଚାଲିଆସିବ, ଏଥିପାଇଁ ଇଗୋ ଯେଉଁ ଭୟ କରେ ସେହି ଭୟହିଁ ଉଦ୍‌ବେଗ ସୃଷ୍ଟି କରିଥାଏ । କିନ୍ତୁ କେଉଁ କେଉଁ ଆଦିମ ପ୍ରବୃତ୍ତି ସଚେତନ ଅବସ୍ଥାକୁ ଆସିବାପାଇଁ ଉଦ୍ୟମଶୀଳ ଏହା ଆଦୌ

ଜଣା ପଡ଼େନାହିଁ । କାରଣ ଆଦିମ ପ୍ରବୃତ୍ତି ଅଚେତନ ଅବସ୍ଥାରେ ଥାଏ । ତାହା ସଚେତନ ଅବସ୍ଥାକୁ ନ ଆସିଲେ ଇଗୋ ବା ସ୍ୱଜନ-ବାନ୍ଧବ ତାହାକୁ ଜାଣି ପାରେନାହିଁ । ସୁତରାଂ ରୋଗୀର ଉଦ୍‌ବେଗ କୌଣସି ଏକ ନିର୍ଦ୍ଦିଷ୍ଟ ଆଦିମ ପ୍ରବୃତ୍ତିମୂଳକ ନ ହୋଇ ଅନିର୍ଦ୍ଦିଷ୍ଟ ତଥା ସାଧାରଣ ଭାବରେ ଦେଖାଦେଇଥାଏ । ଭବିଷ୍ୟତର ବିପଦ ଆଶଙ୍କାରୁ ଏହାର ସଙ୍କେତ ଇଗୋ ଦେଇଥାଏ । ଫଳରେ ମଣିଷର ସଚେତନ ମନ ଏକ ଅନିର୍ଦ୍ଦିଷ୍ଟ ଉଦ୍‌ବେଗରେ ମଥିତ-ହୋଇ ଉଦ୍‌ବେଗ-ପ୍ରଧାନ-ମାନସିକ-ଅଡ଼ପାଗଲାମୀ ଭୋଗ କରେ ।

ମାନସିକ ରୋଗର ଚିକିତ୍ସା କରିବାକୁ ହେଲେ ପ୍ରଥମେ ଦୈହିକ ପରୀକ୍ଷା କରାଯାଏ । ସେହି ଦୃଷ୍ଟିରୁ ଉଦ୍‌ବେଗଜନିତ ଅଡ଼ପାଗଲାମୀ ହୋଇଥିବା ରୋଗୀର ମଧ୍ୟ ଦୈହିକ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ହେବ । ରୋଗୀର କେତେକ ଲକ୍ଷଣ ଯଥା :—ମୁଣ୍ଡ ବୁଲାଇବା, ପୁନଃ ପୁନଃ ଝାଡ଼ା ମାଡ଼ିବା, ପେଟ ଗୋଳମାଳ ହେବା, ଛାତି ଧଡ଼ ଧଡ଼ ହେବା ଏବଂ ମୁଣ୍ଡ ବିନ୍ଧିବା ପ୍ରଭୃତି କେଉଁ କାରଣରୁ ହେଉଛି ପ୍ରଥମେ ପରୀକ୍ଷା କରି ଜାଣିବା ଆବଶ୍ୟକ ହୁଏ । କେତେକ ରୋଗ ଅଛି ତାହା ସମ୍ପୂର୍ଣ୍ଣ ଦୈହିକ କାରଣରୁ ହୁଏ । କିନ୍ତୁ ଅନ୍ୟ କେତେକ ରୋଗ ଅଛି ସେଗୁଡ଼ିକ ଉଭୟ ଦୈହିକ ଓ ମାନସିକ କାରଣରୁ ହୋଇଥାଏ । ଚିକିତ୍ସକଙ୍କ ଦ୍ୱାରା ଦୈହିକ ସ୍ୱାସ୍ଥ୍ୟ ପରୀକ୍ଷା କଲାପରେ ଯଦି ଦେଖାଯାଏ ଯେ ସମ୍ପୃକ୍ତ ଲକ୍ଷଣମାନଙ୍କର କୌଣସି ଦୈହିକ କାରଣ ନାହିଁ ତେବେ ମାନସିକ ଚିକିତ୍ସା ଆରମ୍ଭ କରାଯାଏ ।

ରୋଗର ଅତୀତ ଇତିହାସ ସଂଗ୍ରହ, ମାନସିକ ରୋଗର ଚିକିତ୍ସାରେ ହେଉଛି ପ୍ରଥମ କାମ । ରୋଗ କେବେଠାରୁ ଆରମ୍ଭ ହୋଇଛି, କେଉଁ କେଉଁ ଲକ୍ଷଣ ପ୍ରଥମେ ଦେଖା-ଦେଇଛି ଓ କେଉଁ ଲକ୍ଷଣ ପରେ ଦେଖାଦେଇଛି ଏବଂ ତତ୍କାଳୀନ ବିଶେଷ ଘଟଣାମାନ ପୁଙ୍ଖାନୁପୁଙ୍ଖ ଭାବେ ସଂଗ୍ରହ କରାଯାଏ । ଅତୀତର କୌଣସି କୌଣସି ଘଟଣା ସହିତ ରୋଗୀର କେତେକ ଲକ୍ଷଣ ଘନିଷ୍ଠ ଭାବରେ ସମ୍ପୃକ୍ତ ଥାଏ । କିନ୍ତୁ ରୋଗୀ ନିଜର ରୋଗ ସହିତ ଅତୀତର ସେହି ସେହି ଘଟଣା ଯେ ସମ୍ପର୍କିତ ଏହା ଆଦୌ ଧାରଣା କରିପାରେ ନାହିଁ ଏବଂ ତାହାର ଏପରି କୌଣସି ଘଟଣା ଆଦୌ ସ୍ମରଣ ନ ଥାଏ । ରୋଗୀକୁ ଗୋଟିଏ ଅଳ୍ପ ଆଲୋକିତ କୋଠରୀରେ ଖୁବ୍ ଢିଲାଭାବରେ ସହଜ ଓ ସ୍ୱାଭାବିକ ଭାବରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସିବାକୁ ଦିଆଯାଏ । ରୋଗୀଠାରୁ ଅଳ୍ପ କିଛି ଦୂରରେ ଏପରିକି ରୋଗୀର ପଛଆଡ଼େ ମାନସିକ ଚିକିତ୍ସକ ଜଣେ ବସିଥାନ୍ତି । ଏହାପରେ ରୋଗୀକୁ ରୋଗର ଅତୀତ ଇତିହାସ କାଳକ୍ରମରେ କହିଯିବାକୁ କୁହାଯାଏ । ଏହା ପୂର୍ବରୁ ରୋଗୀ ଏବଂ ଚିକିତ୍ସକ ଏ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବୁଝାମଣା ତଥା ବିଶ୍ୱାସ ସ୍ଥାପନ କରିବାକୁ ହୁଏ । ରୋଗୀ ନିଜର ଅତୀତ ଇତିହାସ କ୍ରମାଗତ ଭାବେ କହିଯିବାକୁ ଚିକିତ୍ସକ ପରାମର୍ଶ ଏବଂ ଉପଦେଶ ଦେଇଥାନ୍ତି । ତାହାର ଧାରାବାହିକ ସାବଲୀଳ ବକ୍ତବ୍ୟପାଇଁ ଚିକିତ୍ସକ ତାହାକୁ ଉତ୍ସାହିତ କରିଥାନ୍ତି । ରୋଗୀ ନିଜର ଅତୀତ ଇତିହାସ ଦେଲାବେଳେ ବେଳେବେଳେ ହଠାତ୍ ଗୋଟିଏ ଗୋଟିଏ ଜାଗାରେ ରହିଯାଏ, ଆଉ କିଛି କହିପାରେ ନାହିଁ । ସେହିଭଳି ସ୍ଥାନରେ ଆଉ କିଛି ବିଶେଷ ଘଟଣା ଲୁଚିରହିଥିବା ଅଛି ମନେକରି ଚିକିତ୍ସକ ପୁଣି ରୋଗୀର ସାବଲୀଳ ବକ୍ତବ୍ୟ ଫେରାଇ ଆଣିବାକୁ ଚେଷ୍ଟା କରିଥାନ୍ତି । ରୋଗୀ କହୁଥିବା ନିଜର ଅତୀତ ଇତିହାସ—ଯାହା ରୋଗର କାରଣ ଓ ଉପଶମ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଯେଉଁ ଯେଉଁ ସ୍ଥାନରେ ରୋଗୀ ଆଉ ଅଧିକ ଅଗ୍ରସର ନ ହୋଇ ଜମା ବନ୍ଦକରିଥାଏ ସେହିସବୁ ଘଟଣାଗୁଡ଼ିକ ଚିକିତ୍ସକ ରୋଗୀର ଅଜ୍ଞାତସାରରେ ଲିପିବଦ୍ଧ କରିଥାନ୍ତି । ରୋଗୀ ନିଜର ଅତୀତ ଇତିହାସ କହୁ କହୁ ଆକସ୍ମିକ ଭାବରେ ତାହାର କୌଣସି ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ମନେପଡ଼େ । ଠିକ୍ ଏହି ଘଟଣା ସହିତ ତା ନିଜ ରୋଗର ସମ୍ପର୍କ ଥାଏ । ଏହା ଯେ ମନୋବିଶ୍ଳେଷକଙ୍କ ସହାୟତାରେ ଜାଣିଗଲାପରେ ତାହାର ରୋଗ ପ୍ରାୟ ଭଲ ହୋଇଯିବାର ବହୁ ଦୃଷ୍ଟାନ୍ତ ଅଛି । ଉଦାହରଣ ସ୍ୱରୂପ ରୋଗୀର ବର୍ତ୍ତମାନ ଅବସ୍ଥାରେ ପ୍ରେମଜନିତ ବିଫଳତା, ଆର୍ଥନୀତିକ ଦୁରବସ୍ଥା, କୁଟୁମ୍ବରେ କାହାର ମୃତ୍ୟୁ, ଅକସ୍ମାତ ଦୁର୍ଘଟଣା, କୁଟୁମ୍ବରେ କଳହ, ଯଥା ଗୁରୁଦାୟିତ୍ୱର ବୋଝ କିମ୍ବା ରୋଜଗାର କ୍ଷେତ୍ରରେ କିଛି ଗଣ୍ଡଗୋଳ ପ୍ରଭୃତି କାରଣରୁ ଯଦିଓ ତାହାର ଉଦ୍‌ବେଗ ସୃଷ୍ଟି ହୋଇଥାଏ ତଥାପି ଏହି ଉଦ୍‌ବେଗ ସହିତ ରୋଗୀର ଅତୀତ ଜୀବନର କୌଣସି ଏକ ବିଶେଷ ଘଟଣା ଜଡ଼ିତ ଥାଏ ବୋଲି ବିଶେଷଜ୍ଞମାନେ କହିଥାନ୍ତି । ଏପରି ଅତୀତ ଜୀବନର ଆବେଗ, ଭାବପ୍ରବଣତା ଏବଂ ସମ୍ବେଦନାତ୍ମକ ଅଭିଜ୍ଞତା ଏକତ୍ରିତ ଭାବରେ ରୋଗୀର ଅବଚେତନ ମନରେ ଚେର ବାନ୍ଧିଥାଏ ଯେ, ଯେପରି ଏକା ପ୍ରକାର ପରିସ୍ଥିତି ଭବିଷ୍ୟତରେ ସୃଷ୍ଟି ହେଲେ ବ୍ୟକ୍ତିଠାରେ ସେହି ମୂଳ ଉଦ୍‌ବେଗ ଦେଖା ଦେଇଥାଏ । ଯେଉଁ ସୈନିକମାନେ ବଙ୍କର୍ ମଧ୍ୟରେ ଥିବା ଅବସ୍ଥାରେ ବୋମା କିମ୍ବା ଗୁଳି ମାଡ଼ରେ ଆହତ ହୋଇଥିଲେ, ପରେ ସେମାନେ ଯେ କୌଣସି ଶବ୍ଦ ଶୁଣିଲେ ଅତ୍ୟଧିକ ବିବ୍ରତ ହୋଇଯାଆନ୍ତି । ଏପରିକି ପରବର୍ତ୍ତୀ ଜୀବନରେ ମଟର ହର୍ଣ୍ଣ କିମ୍ବା କବାଟ ବନ୍ଦହେବା ଶବ୍ଦରେ ମଧ୍ୟ ସେମାନେ ଛାନିଆ ହୋଇଯାଇଥାଆନ୍ତି । କୌଣସି ଏକ ସ୍ତ୍ରୀଲୋକ ବାହା ହେବାପରେ ତାହାର ସ୍ୱାମୀଠାରୁ ଅତ୍ୟଧିକ ମନୋଯୋଗ, ସାନ୍ତ୍ୱନା ଓ

ମନେ ବେଦନା ଦାବୀକରୁଥିଲା । ବାହାହେଲା ପରେ ଦେଖାଗଲା ଯେ ସେ ଅଳ୍ପ ପରିଶ୍ରମରେ କ୍ଳାନ୍ତ ହୋଇଯାଉଛି, କେତେବେଳେ ଚିଡ଼ ଚିଡ଼ା ସ୍ୱଭାବ ଦେଖାଉଛି ଏବଂ ଅନ୍ୟ କେତେବେଳେ ଅତ୍ୟନ୍ତ ଅବସନ୍ନ ବୋଧକରୁଛି । ଏପରିକି ବେଳେ ବେଳେ ଦେଖାଗଲା ଯେ ସେ ଆଦୌ କାମ କରିପାରୁନାହିଁ । ରୋଗୀଣୀଟିର ଡାକ୍ତରୀ ପରୀକ୍ଷା ପରେ ତା'ର ଏହାର କିଛି ଦୈହିକ ଅସୁସ୍ଥତା ନ ଥିଲା ବୋଲି ଜଣାଗଲା । ତାହାର ଅତୀତ ଇତିହାସ ନେବାରୁ ତଥା ମନୋପରୀକ୍ଷାରୁ ଜଣାଗଲା ଯେ ସେ ପିଲାଦିନେ ନିଜ ବାପ, ମାଙ୍କଠାରୁ ତଥା ଅନ୍ୟକାହାଠାରୁ ଆଦୌ ସ୍ନେହ ଶ୍ରଦ୍ଧା ପାଇନଥିଲା । ଫଳରେ ପିଲାଦିନର ଏହି ସ୍ନେହ ଶ୍ରଦ୍ଧା-ଜନିତ ଅଭାବବୋଧ ପରେ ସେ ନିଜର ସ୍ୱାମୀଠାରୁ ଟିକିଏ ଅଧିକ ମନଯୋଗ ପାଇବ ସେଥିପାଇଁ ବିଭିନ୍ନ ପ୍ରତିକ୍ରିୟା ଆକାରରେ ଦେଖାଗଲା । ଆଉ ଗୋଟିଏ ପ୍ରକୃତ ଦୃଷ୍ଟାନ୍ତ ଦେଖାଯାଉ । ବି. ଏ. ପାସ୍ କରିବାକୁ ତିନିମାସ ଅଛି ଗୋଟିଏ କଲେଜ ଛାତ୍ର ଏତେ ଶର୍ଦ୍ଦିଜ୍ୱର ହେଲା ଯେ ତାହାକୁ ତିନି ସପ୍ତାହ କାଳ କଲେଜ ନଯାଇ ଘରେ ରହିବାକୁ ପଡ଼ିଲା । ଭଲ ହେବାପରେ ସେ ଯେଉଁଦିନ ପ୍ରଥମେ ବାହାରକୁଗଲା ସେଦିନ ଅଳ୍ପ କିଛିବାଟ ଚାଲିବାପରେ ସେ ଏତେ ଦୁର୍ବଳ ଅନୁଭବ କଲା ଯେ ପୁଣିଥରେ ବିଛଣା ଧରିବାକୁ ହେଲା । ତା ପରଦିନ ସକାଳେ ସେ ବିଛଣାରେ ଜଳଖିଆ ଖାଇବାବେଳେ ତାକୁ ଜଣାଗଲା ଯେ ତାହାର ହୃତ୍‌ପିଣ୍ଡ ଖୁବ୍‌ଜୋର୍‌ରେ ଛଟପଟ ହେଉଛି । ସେ ଭାବିଲା ସେ ଆଉ ବଞ୍ଚିବ ନାହିଁ । ଡାକ୍ତର ଡକାହେଲେ ଓ ତାହାକୁ ନିଦ ଔଷଧ ଦେଲେ । ପରେ ଭଲଭାବେ ପରୀକ୍ଷାକରି ଡାକ୍ତର କହିଲେ ଯେ ତାହାର ହୃତ୍‌ପିଣ୍ଡର କୌଣସି ଗଣ୍ଡଗୋଳ ନାହିଁ ଏବଂ ତାହାର ସାମାନ୍ୟ ଅମ୍ଳ (Gastric) ଦୋଷ ହୋଇଛି । ଦୁଇଦିନପରେ ପୁଣି ରୋଗୀର ପୂର୍ବପରି ଛାତି ଧଡ଼ଧଡ଼ ରୋଗ ଉତ୍କଟଭାବେ ଦେଖାଗଲା । ଏବଂ ତାହାର ପେଟ ଖୁବ୍ ଟାଣିଲା । ରୋଗୀ ଅନୁଭବ କଲା ତା ପେଟ ଭିତରେ ଗୋଳମାଳ ହେଉଛି । ଏହାପରେ ତାହାର ପୁଙ୍ଖାନୁପୁଙ୍ଖ ଡାକ୍ତରୀ ପରୀକ୍ଷା ହେଲା । ଚିକିତ୍ସା ମଧ୍ୟ ହେଲା ଏବଂ ସବୁଗୁଡ଼ିକ ବୃଥା ହେଲା । ଏହାପରେ ତାହାକୁ ମାନସିକ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଗଲା । ତାହାର ଭବିଷ୍ୟତ ଯୋଜନାରୁ ଜଣାଗଲା ଯେ ବି. ଏ. ପାସ୍ କଲାପରେ ତାହାର ବାପା ଯେଉଁ ବ୍ୟବସାୟ କରୁଛନ୍ତି ସେଥିରେ ପଶିବାକୁ ତାହାର ଆଦୌ ଇଚ୍ଛାନାହିଁ । ତା'ର ଅତୀତ ଇତିହାସରୁ ଜଣାଗଲା ଯେ ସେ ଅତୀତରେ ଏକ ପ୍ରେମଜନିତ ବିଫଳତା ଯୋଗୁ ଏହିଭଳି ରୋଗ ସାମାନ୍ୟ ଭୋଗକରିଥିଲା । ରୋଗୀକୁ ତାହାର ଆବେଗ ଓ ଅସମାନତା ସମ୍ପର୍କରେ ଜଣାଇ ଦିଆଗଲା । ଫଳରେ ଦେଖାଗଲା ଯେ ରୋଗୀର ଅବସ୍ଥାରେ ବହୁତ ଉନ୍ନତି ଦେଖାଦେଇଛି । କିନ୍ତୁ ପୁଣି କିଛି ଦିନ ପରେ ଏ ରୋଗ ଦେଖାଗଲା । ପୁଣି ମାନସିକ ଚିକିତ୍ସା ପରେ ତାହାକୁ ବୁଝାଗଲା ଯେ ସେ ବାପାଙ୍କ ବ୍ୟବସାୟ କରିବ କି ଅନ୍ୟ ଚାକିରି କରିବ ଏ ବିଷୟରେ ତାକୁ ଏକ ଦୃଢ଼ ନିଷ୍ପତ୍ତି ନେବାକୁ ହେବ । ଯଦି ବାପାଙ୍କ ବ୍ୟବସାୟ ତାକୁ ଭଲଲାଗୁନାହିଁ ତେବେ ସେ ଅନ୍ୟ ଚାକିରି ଖୋଜିବାରେ କ୍ଷତି କ'ଣ ? ପରେ ସେ ନିଜର ଇଚ୍ଛା ମୁତାବକ ଏକ ନିଷ୍ପତ୍ତିନେଇ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥିଲା ।

ଯଦି ପାରିପାର୍ଶ୍ୱିକ ତଥା ପରିବେଷ୍ଟନୀଗତ ଅସୁବିଧାର ଅବସ୍ଥା ଯୋଗୁ ଉଦ୍‌ବେଗ ସୃଷ୍ଟି ହୋଇଥାଏ, ରୋଗୀର ସ୍ଥାନ ପରିବର୍ତ୍ତନହିଁ ରୋଗ ଉପଶମର ସବୁଠାରୁ ଭଲବାଟ । ଫଳରେ ପୁରୁଣା ଜାଗାରେ ସୃଷ୍ଟିହେଉଥିବା ଉଦବେଗ ଆଉ ହୁଏନାହିଁ । ଆଉ କେତେକ କ୍ଷେତ୍ରରେ ଏଭଳି ରୋଗୀମାନେ ସାଧାରଣତଃ ବ୍ୟକ୍ତିତ୍ୱ ଦୃଷ୍ଟିରୁ ଦୁର୍ବଳମନା ତଥା ଆତ୍ମବିଶ୍ୱାସରେ ଦୃଢ଼ ନଥିବାରୁ ସେମାନଙ୍କୁ ବାରମ୍ବାର ପ୍ରରୋଚନା ତଥା ଭୟାବହ ଦାନକରି ଚିକିତ୍ସକ ସେମାନଙ୍କର ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ଚେଷ୍ଟାକରିଥାନ୍ତି । ଏହି ରୋଗୀମାନେ ସର୍ବଦା ଅସନ୍ତୁଷ୍ଟ, ଅସୁଖୀ, ରାଗ ନେବାରେ ପରାଙ୍ମୁଖ, ସର୍ବଦା ଦୈନ୍ୟବୋଧରେ ପୀଡ଼ିତ, ପ୍ରତି-ଯୋଗିତା ବିମୁଖ, ଶୀଘ୍ର ନିଷ୍ପତ୍ତି ନେବାରେ ଅପାରଗ, ନିଜର ସମାଲୋଚନାପ୍ରତି ଅତ୍ୟନ୍ତ ସ୍ପର୍ଶକାତର, ସର୍ବଦା ଦାୟିତ୍ୱବୋଧ ବିମୁଖ ଏବଂ ନିଜର ତ୍ରୁଟିପାଇଁ ସେମାନେ ସବୁବେଳେ ଅନ୍ୟଉପରେ ଦୋଷାରୋପ କରିଥାନ୍ତି । ସେମାନଙ୍କର ଆବେଗ ଅପରିପକ୍ୱ ଏବଂ ଆଚରଣରେ ସେମାନେ ସ୍ୱାର୍ଥପର ଓ ନିର୍ଭରଶୀଳ ହୋଇଥାନ୍ତି । ଏହା ସତ୍ତ୍ୱେ ସେମାନେ ଅନ୍ୟଠାରୁ ସ୍ନେହ, ଶ୍ରଦ୍ଧା, ପ୍ରଶଂସା ଦାବୀ-କରିଥାନ୍ତି । ଫଳରେ ଏମାନଙ୍କର ମାନସିକ ଦ୍ୱନ୍ଦ, ଅପରାଧବୋଧ, ଜୀବନକୁ ଉପଭୋଗ କରିବାରେ ନିରାନନ୍ଦ ଓ ଯୌନ ଜୀବନର ବିଫଳତା ପ୍ରଭୃତି ଦେଖାଦେଇଥାଏ । ସୁତରାଂ ଚିକିତ୍ସା କଲାବେଳେ ଚିକିତ୍ସକ ରୋଗୀର ବ୍ୟକ୍ତିତ୍ୱ ସମ୍ବନ୍ଧରେ ସଚେତନ ଥାଆନ୍ତି । ଅନ୍ୟକେତେକ କ୍ଷେତ୍ରରେ ରୋଗୀର ଉଦ୍‌ବେଗ କମାଇବାପାଇଁ ରୋଗୀକୁ ନିଦ ଔଷଧ ଦିଆଯାଏ । ଆଜିକାଲି ବିଭିନ୍ନ ପ୍ରକାର ଟ୍ରାଙ୍କୁ-ଲାଇଜର୍ ବଜାରରେ ମିଳିଲାଣି । ଚିକିତ୍ସକଙ୍କ ପରାମର୍ଶରେ ସେସବୁ ପ୍ରୟୋଗକରି ସୁଫଳ ମିଳୁଥିବା ଜଣାଯାଇଛି । ଏକାବେଳେ ମଧ୍ୟ ଔଷଧ ପ୍ରଦାନ ଏବଂ ମନୋବିଶ୍ଳେଷଣ ଉଭୟ ଚିକିତ୍ସାଦ୍ୱାରା ଏହି ପ୍ରକାର ଆଡ଼ପାରଲାମୀ ଭଲହୋଇଯାଇପାରେ

ଫ୍ରଏଡ୍‌ଙ୍କ ପ୍ରବର୍ତ୍ତିତ ମନୋବିଶ୍ଳେଷଣମୂଳକ ଚିକିତ୍ସା, ଅର୍ଥ ଓ ସମୟସାପେକ୍ଷ । ଫ୍ରଏଡ୍ କହନ୍ତି ରୋଗୀ ଚିକିତ୍ସକଙ୍କୁ ନୋଟ୍ ବା ଚେକ୍ ଆକାରରେ ଟଙ୍କା ନ ଦେଇ ନଗଦ ମୁଦ୍ରା ଆକାରରେ ଟଙ୍କା ଦେବା ଦରକାର । ତା’ଛଡ଼ା ରୋଗ ଭଲ ହେବାପାଇଁ ମନୋବିଶ୍ଳେଷକଙ୍କ ସହିତ କିଛିଦିନ ବ୍ୟବଧାନରେ ସାକ୍ଷାତ କରିବାକୁ ହୁଏ । ଏହି ଚିକିତ୍ସା ବର୍ଷ ବର୍ଷ ଧରି ଚାଲେ । ମନୋବିଶ୍ଳେଷକ ରୋଗୀର ଅତୀତ ଇତିହାସ ସମ୍ବନ୍ଧରେ ତାହାର ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରନ୍ତି । ରୋଗୀ ସହିତ ତାଙ୍କର ଯେଉଁ ଆଲୋଚନା ହୁଏ ସେଥିରେ ରୋଗୀ ଆଲୋଚନାରେ ମୁଖ୍ୟ ଅଂଶ ଗ୍ରହଣକରେ । ଧୀରେ ଧୀରେ ଚିକିତ୍ସକଙ୍କ ପରାମର୍ଶରେ ତାହାର ଅନ୍ତର୍ଦୃଷ୍ଟି ଜାଗ୍ରତହୁଏ ଓ ନିଜର ମାନସିକ ଜଟିଳତାକୁ ସେ ଦୂରକରେ । ତାହାର ଉଦ୍‌ବେଗ କାରଣ ଅବଚେତନ ସେ ବିଷୟରେ ରୋଗୀ କ୍ରମେ ସଚେତନ ହୁଏ ଓ ତାହାର ହୀନମନ୍ୟତା କ୍ରମଶଃ ଦୂର ହେବା ଫଳରେ ସେ ନିଜର ଆତ୍ମବିଶ୍ୱାସ ଫେରିପାଏ, ଏକପକ୍ଷରେ ମନୋବିଶ୍ଳେଷକଙ୍କର ତାହାର ଆତ୍ମବିଶ୍ୱାସ ଫେରାଇ ଆଣିବା କ୍ରମରେ ଆଶା, ଆଶ୍ୱାସନା, ଦୃଢ଼ତା ଓ ସାହସ ପ୍ରଦାନ ଏବଂ ଅପର ପକ୍ଷରେ ରୋଗୀର କ୍ରମ ଜାଗ୍ରତ ଅନ୍ତର୍ଦୃଷ୍ଟି ଏହି ଉଭୟ କାରଣ ଯୋଗୁ ରୋଗୀର ଅସହାୟ ଭାବ କଟିଯାଇ ନିଜକାର୍ଯ୍ୟରୁ ନିଜେ ଆନନ୍ଦପାଏ; ଯେଉଁ ବିଫଳତାକୁ ସେ ଅତ୍ୟନ୍ତ ଗୁରୁତର ସହିତ ଗ୍ରହଣ କରି ଅବସ୍ଥାରେ ଚିନ୍ତାକରି ମ୍ରିୟମାଣ ହୋଇଯାଇଥିଲା ତାହା ଏବେ ତୁଚ୍ଛବୋଲି ମନେହୁଏ । ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ଦେଶରେ ଏହିରୋଗ ଯଦି ଅତ୍ୟନ୍ତ ଗୁରୁତର ହୋଇଥାଏ ଓ ପ୍ରଚଳିତ ମନୋବିଶ୍ଳେଷଣ ଏବଂ ଔଷଧ ପ୍ରୟୋଗ ଆଦି ଚିକିତ୍ସା ଯଦି କାମ ନ କରେ ତେବେ ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗୀର ମସ୍ତିଷ୍କରେ ସ୍ନାୟବିକ ଅସ୍ତ୍ରୋପଚାର (neurosurgery) କରାଯିବା ଫଳରେ ସୁଫଳ ମିଳିଥିବାର ଦେଖାଯାଇଛି ।

●

ଯାନବାହନ ଉପରେ ଟିକସ ଧାର୍ଯ୍ୟ

୧୯୬୭ ମସିହାଠାରୁ ଗ୍ରାମପଞ୍ଚାୟତମାନଙ୍କରେ ଟିକସ ପ୍ରଥା ଉଠି ଯାଇଥିଲା । ଗ୍ରାମପଞ୍ଚାୟତ ଆଇନର ସଂଶୋଧିତ ୮୯ ଧାରା ଅନୁଯାୟୀ ଗ୍ରାମରେ ରହୁଥିବା ବ୍ୟକ୍ତି ତାଙ୍କର କୌଣସି ଯାନକୁ ପଞ୍ଚାୟତରେ ରେଜିଷ୍ଟର କରିଥିଲେ ସେ ମ୍ୟୁନିସିପାଲିଟି ଆଇନ ଅନୁଯାୟୀ କୌଣସି ଟିକସ ଦେବାକୁ ଦାୟୀ ରହୁ ନଥିଲେ । ତେଣୁ ପଞ୍ଚାୟତ ଦ୍ୱାରା ରେଜିଷ୍ଟର ହୋଇଥିବା ଯାନବାହନର ଅଧିକାରୀମାନଙ୍କଠାରୁ ମ୍ୟୁନିସିପାଲିଟି ବା ନୋଟିଫାଏଡ ଏରିଆ କାଉନସିଲ ସେହି ଯାନବାହନ ଟିକସ ଆଦାୟ କରିବା ଉଚିତ ନ ଥିଲା ।

କିନ୍ତୁ ବର୍ତ୍ତମାନ ଏହାମଧ୍ୟରେ ଗ୍ରାମପଞ୍ଚାୟତମାନଙ୍କରେ ଯାନବାହନ ଟିକସ ପୁନଃପ୍ରବର୍ତ୍ତିତ କରାଯାଇଛି । ଏହାଦ୍ୱାରା କୌଣସି ବ୍ୟକ୍ତି କୌଣସି ଗ୍ରାମପଞ୍ଚାୟତକୁ କୌଣସି ଯାନପାଇଁ ଟିକସ ଦେଇଥିବା କଥା ପ୍ରମାଣିତ ହେଲେ ସେ ଅନ୍ୟ କୌଣସି ଗ୍ରାମପଞ୍ଚାୟତକୁ ସେହି ଟିକସ ଦେବାପାଇଁ ଦାୟୀ ହେବେ ନାହିଁ । କିନ୍ତୁ ଗ୍ରାମପଞ୍ଚାୟତକୁ ଦେଇଥିବା ଉକ୍ତ ଟିକସର ପରିମାଣ, ମ୍ୟୁନିସିପାଲିଟି ବା ନୋଟିଫାଏଡ ଏରିଆ କାଉନ୍‌ସିଲର ଯାନବାହନ ଟିକସର ପରିମାଣଠାରୁ ଊଣା ହୋଇଥିଲେ ସେ ବ୍ୟକ୍ତି ମ୍ୟୁନିସିପାଲିଟି ବା ନୋଟିଫାଏଡ ଏରିଆ କାଉନ୍‌ସିଲକୁ କେବଳ ଆଧିକ୍ୟଗତ ବ୍ୟବଧାନ ଥିବା ପରିମାଣ ବ୍ୟତୀତ ସେହି ଟିକସ କୌଣସି ମ୍ୟୁନିସିପାଲିଟି ବା ନୋଟିଫାଏଡ ଏରିଆ କାଉନସିଲକୁ ଦେବେ ନାହିଁ ।

ବାବୁ ସ୍ୱରୂପାନନ୍ଦଙ୍କ ବୃତ୍ତାନ୍ତ

ଶ୍ରୀ ଦଶରଥ ସାମଲ

ଯେଉଁଦିନ ବାବୁ ସ୍ୱରୂପାନନ୍ଦ ନିଜ ସ୍ତ୍ରୀର ପ୍ରରୋଚନାରେ ପଡ଼ି ଦେଶର ଏକ ଶିଳ୍ପ କାରଖାନାର ଦ୍ୱାରପ୍ରହରକ୍ଷୀ ପଦରୁ ଇସ୍ତଫା ଦେଇ ଗାଁକୁ ଫେରିଆସିଲେ, ସେଦିନ ତାଙ୍କ ମନରେ ଯେତକ ସରସତା ନଥିଲା, ତାଠାରୁ ବଳି ସହସ୍ର ଗୁଣରେ ସରସତା ଦେଖା ଦେଉଥିଲା ତାଙ୍କ ସ୍ତ୍ରୀ ଗାୟତ୍ରୀ ମନରେ । କାରଣ ଗାୟତ୍ରୀ ତାଙ୍କ ସ୍ୱାମୀର ଉପାର୍ଜିତ ଅର୍ଥଲାଗି କେବେହେଲେ ବ୍ୟସ୍ତ ହେଉ ନଥିଲା । ତା'ର ବ୍ୟସ୍ତତା ଖୁବ୍ ବଢ଼ିଯାଇଥିଲା ଯେଉଁଦିନ ସେ ବିଶ୍ୱସ୍ତ ସୂତ୍ରରେ ଜାଣିଲା ଯେ ତା'ର ପ୍ରିୟତମ ସ୍ୱାମୀ ଶିଳ୍ପାଞ୍ଚଳର କୌଣସି ଏକ ଅବିବାହିତା ତରୁଣୀ ସହିତ କୁସମ୍ପର୍କ ରଖିଛନ୍ତି ଓ ସେଥିପାଇଁ ବର୍ଷେ ହେଲା ଗାଁକୁ ଆସିବାକୁ ବି ଇଚ୍ଛା କରୁନାହାନ୍ତି ।

ସାରଙ୍ଗ ବୁଲିଛନ୍ତି ଗାଁ ଦାଣ୍ଡରେ । ସ୍ୱରୂପାନନ୍ଦ ଘର ପାଖହେଲେ ପଡ଼ିବ ତାଙ୍କ ଘର । ସାରଙ୍ଗ ବୁଲିଛନ୍ତି ନୀରବରେ, ଗାଁ ଗଳିରେ ।

ସନ୍ଧ୍ୟାର ଲଘୁ ଅନ୍ଧାର ମଧ୍ୟରେ ସାରଙ୍ଗଙ୍କୁ ଦେଖିପାରି ଗାୟତ୍ରୀ ତା' ଦାଣ୍ଡଦୁଆରୁ ବଡ଼ ପାଟିରେ କହି ଉଠିଲା—ସାରଙ୍ଗ ବାବୁ କହୋ ! ସକାଳ ବେଳରେ ନଆସି ସନ୍ଧ୍ୟା ସମୟରେ ଆସିଲ କାହିଁକି ? ତମ କଥା ପଡ଼ୁଥିଲୁ ତ ଅଳ୍ପ ! ଗାୟତ୍ରୀ କହି କହି ଓହ୍ଲାଇ ଆସିଲା ଦାଣ୍ଡ ଦୁଆରୁ ତଳକୁ ।

ଗାଁ ଲୋକଙ୍କରେ ଗାୟତ୍ରୀକୁ ସାରଙ୍ଗଙ୍କ ପ୍ରେମିକା ବୋଲି ଜାଣନ୍ତି । ସମ୍ପର୍କ ବୟସରେ ସାରଙ୍ଗଙ୍କଠାରୁ ଗାୟତ୍ରୀ ଥିଲା ଯଥେଷ୍ଟ ବଡ଼ । ତଥାପି ଗାଁ ଲୋକଙ୍କର ସନ୍ଦେହ ପ୍ରସାଦରେ ଯେ ଥିଲା ଅବଶ୍ୟ ନିକଟତର । କାରଣ ସାରଙ୍ଗ ହାଇସ୍କୁଲରେ ପଢ଼ୁଥିବାବେଳେ, ତାଙ୍କର ପ୍ରଥମ ତାରୁଣ୍ୟରେ ଏଇ ଗାୟତ୍ରୀ ଜାଲ ବୋଇଥିଲା କି ନାହିଁ, ବହୁ ପ୍ରେମ କାହାଣୀ କହି । ଅବଶ୍ୟ କଲେଜରେ ପଢ଼ିଲା ପରେ ସେଇ ନିକଟତର ବାତାବରଣ ଅପସରି ଯାଇଥିଲା ନାନା କାରଣରୁ । ଜ୍ଞାନ, ଦୃଷ୍ଟିକୋଣ ଓ ରୁଚିଭେଦ ପରିବେଶ ମଧ୍ୟରେ ବୁଡ଼ି ରହିଲା ପରେ ଅଗାଡ଼ିର ସେଇ ଏକ ଅସ୍ପଷ୍ଟ ଆକର୍ଷଣ ପ୍ରତି ସେ ହୋଇ ଯାଇଥିଲେ ଭୟଙ୍କରଭାବରେ ଉଦାସୀନ ।

ସାରଙ୍ଗ ଅଟକି ଠିଆହେଲେ । ଗାୟତ୍ରୀ ତାଙ୍କ ପାଖକୁ ଆସି କହିଲା—ଦୁଇମାସ ହେଲା ବ୍ୟବସ୍ଥା ଛାଡ଼ି ତମ ଭାଇ ବେକାର । ତାଙ୍କ ଲାଗି ବ୍ୟବସ୍ଥା ଖଣ୍ଡିଏ ଦରକାର । ଶୁଣିଲି, ଜନକଲ୍ୟାଣ ପରିଷଦ ଗଢ଼ାଯାଇଛି । ଗାଁ ଲୋକଙ୍କର କେତେ ଉପକାରରେ ଏଇ ପରିଷଦ କାମ କରିବ । ସେଥିପାଇଁ କେତୋଟି ନୂଆ ବ୍ୟବସ୍ଥା ସେଠି ରେ ଖୋଲିବ । ସେଠାରେ ଯଦି ତାଙ୍କୁ କ୍ୟାସିୟର୍‌ଭାବରେ ରଖାଇ ଦେଇପାରନ୍ତ, ତେବେ ତମ ଉପକାର କ'ଣ ଆମେ ମନେ ରଖିବୁ ନାହିଁ ?

ସାରଙ୍ଗ ହସିଲେ ଏବଂ କହିଲେ—ସ୍ୱରୂପ ଭାଇଙ୍କଠାରୁ ମୁଁ ସବୁ ଶୁଣିଛି, ବୁଝିବି ସେକଥା । ଅସନ୍ତୋଷାଳ କର୍ମକର୍ତ୍ତାମାନଙ୍କ ପଦର ବୁଝିବ । ଗାୟତ୍ରୀ ସତେ ଯେପରି କୃତକୃତ୍ୟ ହୋଇଗଲା ।

ସାରଙ୍ଗ ସ୍ୱଭାବିକ ଗମ୍ଭୀର ଭଙ୍ଗୀରେ ପୁଣି ଚାଲିଲେ ତାଙ୍କ ଘରଆଡ଼େ ।

ବାବୁ ସ୍ୱରୂପାନନ୍ଦ ପ୍ରାୟ ଛଅମାସ ହେବ, ଜନକଲ୍ୟାଣ ପରିଷଦର କ୍ୟାସିୟର୍‌ଭାବରେ ମୁକରର ହୋଇଛନ୍ତି । ଏବେ ବାବା ସ୍ୱରୂପାନନ୍ଦଙ୍କ ସ୍ୱରୂପରେ ଏକ ନୂଆ ଧରଣର ଚକ୍‌ଚକ୍‌ତା ଦେଖାଯାଉଛି । ସେହିଭଳି ଗାୟତ୍ରୀର ଖାନ ପାନ ପଟ ଓଠରେ ଏବଂ ତା'ର ନଅ ପିନ୍ଧା ଶାଢ଼ୀମାନଙ୍କରେ ବେଶ୍ ଏକ ଧନିକ ସୁଲଭ ସମ୍ଭ୍ରମତା ଆତ୍ମପ୍ରକାଶ କରୁଛି । ସେମାନଙ୍କ ପାରିବାରିକ ଚଳଣୀରେ ହଠାତ୍ ଯେପରି ଏକ ଚମକପ୍ରଦ ପରିବର୍ତ୍ତନ ସୃଷ୍ଟି କରି ବସିଲା ।

ଗାୟତ୍ରୀ, ବହୁବର୍ଷ ତଳେ ସେହି ଗାଁରେ ଥିଲା ଆଧୁନିକତାର ଏକ ଉଗ୍ର ପ୍ରତୀକ । ମାତ୍ର ସମୟର ସ୍ରୋତରେ ସେ ବି ହୋଇଗଲା ପୁରାତନ । ସେଇ ଗାଁକୁ କେତେ ଉଚ୍ଚ ଶିକ୍ଷିତା ବୋହୂ ଆସିଲେ କାହିଁ କେଉଁ ଦୂର ଦୂରାନ୍ତ ସହରରୁ । କେତେ ଲୋକ ଏଗାଁରୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ଆଣିଲେ । ତଥାପି ଗାୟତ୍ରୀ ଗ୍ରାମାଞ୍ଚଳର ସ୍ୱବର୍ଜିତା ବନ୍ଧୁସ୍ଥା ନାରୀମାନଙ୍କ ପାଖରେ ସେ ସବୁଠାରୁ ପାଠୋଇ ଓ ଆଧୁନିକା ଓ ତା'ର ସ୍ୱାମୀ ବାବୁ ସ୍ୱରୂପାନନ୍ଦ ସବୁଠାରୁ ବୁଦ୍ଧିମାନ ବୋଲି ଦାବୀକରି ବସେ । ଏବେ ସ୍ୱରୂପାନନ୍ଦଙ୍କ ନୂତନ ଚାକିରିରେ ଓ ସେଠାରୁ ଦି'ପଇସା ଭଲ ରୋଜଗାର କରୁଥିବା ଫଳରେ ଗାୟତ୍ରୀ ସେହି ଦାବୀଟିକୁ ଆହୁରି ତୀବ୍ରତର କରୁଛି ।

କିଛିମାସ ପରେ ସାରଙ୍ଗ ଆସିଲେ ପୁଣି ଗାଁକୁ । ଗାଁର ଲୋକେ ଜମିଗଲେ ସବୁ ତାଙ୍କ ପାଖରେ । ସେମାନଙ୍କର ଏଇ ଜମାଏତ୍ ସମ୍ପର୍କରେ ସେ ପ୍ରଥମେ କିଛି ଧାରଣା କରିପାରୁନଥିଲେ । କିନ୍ତୁ ସେମାନେ ସେତେବେଳେ ଜଣ ପରେ ଜଣେ କହି ଉଠିଲେ—ଆମେ ମନା କରୁଛୁ ସାରଙ୍ଗ ବାବୁ ! ସ୍ୱରୂପାନନ୍ଦଙ୍କୁ ରଖିବା ନାହିଁ । କିନ୍ତୁ ତମ କଥା ଆମେ ଲଙ୍ଘି ପାରିଲୁ ନାହିଁ । ତାଙ୍କୁ ରଖ ଦେଲୁ । ମାତ୍ର ଏବେ ଅନୁଷ୍ଠାନର ବହୁ ଟଙ୍କା ମାରିନେଇଛି । କେଡ଼େ କୋଠାଟାଏ ତୋଳୁଛି ଦେଖନ୍ତୁ ।

ଠିକ୍ ତା'ପରେ ଆଉ ଜଣେ କହିଲେ—ଏତେ ଟଙ୍କା ଆସିଲା କୁଆଡ଼ୁ ?

ତା'ପରେ ଆଉ ଜଣେ କହିଲେ—ପ୍ରଭବନ ଖୁଲିଛି ମାଛ ଓ ମାଂସର ଭୁଣ୍ଡୁଖେଳନ !

ଆଉ ଜଣେ କହିଲେ--ସୁନା ଗହଣା କେତେ ତା'ସ୍ତ୍ରୀ ପିନ୍ଧିଲାଣି ଦେଖିଛ ?

ପଞ୍ଚାୟତର ଜଣେ ପୁରୁଖା ସଭ୍ୟ ଶୁଭବୋଧନ କହିଲେ—ସବ୍‌ଡିଭିଜନ ଅଫିସରୁ ପଞ୍ଚାୟତକୁ ଯେଉଁ ଖାଦ୍ୟ ପଦାର୍ଥ ଆସୁଛି, ସେସବୁକୁ ବାଣ୍ଟରେ ସେ ବଳ ଦେଉଛି ଆଖିବୁଜା ! ଏଣେ ଇଆଡ଼େ ଖାତାପତ୍ରରେ ଜାଲ ନାଆଁ ଲେଖି, ଜାଲ ଦସ୍ତଖତ କରିଦେଉଛି । ଆମେ ଯେତେ କହୁଛୁ, ସେ ଆମ କଥାକୁ ଖାତିର କରୁନାହିଁ । ସବ୍‌ଡିଭିଜନ ଅଫିସରେ ଯେଉଁ ଅଫିସର ଅଛନ୍ତି, ତାଙ୍କୁ କ'ଣ ସୁଝେଇ ଦେଇଛି । ଆମେ ତାକୁ ବାହାର କରିଦେବାପାଇଁ ଯେତେ ଚିଠି ଲେଖୁଛୁ ସେଇ ଅଫିସରଙ୍କ ପାଖକୁ, ସେସବୁ ଚପାଇ ଦେଉଛନ୍ତି ତାଙ୍କ ଅଫିସରେ ।

ପୁଣି ସମବେତ ସ୍ୱରରେ ସମସ୍ତେ କହି ଉଠିଲେ—ଆଗରୁ ଗାଁରେ ଥିଲାବେଳେ କେତେ ନାଟ ଲଗାଇ ଟାଉଟରି କରୁଥିଲା । ଖାସ୍ ତମପାଇଁ ତାକୁ ରଖିଦେଲ । ଏବେ ଗାଁଲୋକଙ୍କ ଧନ ମାରି ଖାଇଦେଉଛି । ତମେ ସାରଙ୍ଗବାବୁ ! ତା'କଥା ବୁଝ !!

ସାରଙ୍ଗ ଏ ସମସ୍ତ ଶୁଣିଲା ପରେ ବାସ୍ତବରେ ଅଭିଭୂତ ହେଲେ ସେଥର, ତା'ଠାରୁ ବଳି ସହସ୍ର ଗୁଣରେ ହେଲେ ବ୍ୟଥିତ । ଗାଁ ଲୋକମାନେ ଯାହା କହୁଥିଲେ, ତାହାହିଁ ହେଲା ସତ୍ୟ । ସେ ସଙ୍ଗେ ସଙ୍ଗେ ଡକାଇଲେ ବାବା ସ୍ୱରୂପାନନ୍ଦଙ୍କୁ ।

ସ୍ୱରୂପାନନ୍ଦଙ୍କୁ ବହୁ ପ୍ରଶ୍ନ ପଚାରିଥିଲେ ସାରଙ୍ଗ, ସେ କିନ୍ତୁ ଏଇ ଅଭିଯୋଗକୁ ପୂରାପୂରି ଅସ୍ୱୀକାର କଲା ।-

ସାରଙ୍ଗ କହିଲେ—ଜମି କିଣିଲ, ଘର ପକ୍‌କା କଲ—ମାତ୍ର ଶାଠିଏଟି ଟଙ୍କା ଦରମା ପାଇ ତମେ କ'ଣ ଏସବୁ କରିପାରିଲ ?

ସ୍ୱରୂପାନନ୍ଦର ସେଦିନର ବିନମ୍ରତା ଆଜି ନାହିଁ । ଏଇ ଚାକିରି ଖଣ୍ଡିକପାଇଁ ସାରଙ୍ଗ ପଛରେ ସେ କେତେ ଗୋଡ଼ାଇଛି । ତା' ଗୃହସ୍ତି ମୁକାମକୁ ଦଉଡ଼ି କେତେ ଅନୁନୟ ଅନୁରୋଧ କରିଛି । ମାତ୍ର ଆଜିର ବ୍ୟବହାରରେ ହଠାତ ପରିବର୍ତ୍ତନ ।

ସ୍ୱରୂପାନନ୍ଦ କହିଲେ ମୋ ପାଖରେ କ'ଣ ସଂଚୟ ଅର୍ଥ କିଛି ନାହିଁ ? ଶିଳ୍ପ କାରଖାନାରୁ ହଜାରେ ଟଙ୍କା ଦରମା ପାଉଥିଲି (ସେ ସିକ୍ୟୁରିଟି ଗାର୍ଡ଼ଟିଏ ଥିଲା ମାତ୍ର ।) ସେହି ଟଙ୍କାକୁ ଗତ ଛଅ ସାତବର୍ଷ ଧରି ସାଇତି ରଖିଥିଲି ବ୍ୟାଙ୍କରେ । ଏବେ ସେହି ଟଙ୍କାରେ ଜମି କିଣାଠାରୁ ଆରମ୍ଭ କରି ଘର କାମରେ ଲଗାଉଛି ।

ସାରଙ୍ଗ ଆଉ କିଛି ପଚାରିଲେ ନାହିଁ । ବାବୁ ସ୍ୱରୂପାନନ୍ଦ ବେଶ୍ ଗମ୍ଭୀର ହୋଇ ନିର୍ଭିକଭାବରେ ଫେରିଗଲା ତା' ଘରକୁ । ତା'ର ଧାରଣା ଥିଲା ଯେ ସବ୍‌ଡିଭିଜନାଲ ଅଫିସର ଯେତେବେଳେ ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି, ସେତେବେଳେ ତା'ର କିଏ କ'ଣ କରିବ ? ଅଧର୍ ଉପାୟରେ ପଇସା ନ କମାଇଲେ, ଚଳିହେବ ନାହିଁ । ତାକୁ ବଡ଼ ଲୋକ ହେବାକୁ ପଡ଼ିବ । ସାରଙ୍ଗ ବାବୁ କ'ଣ କରୁଛନ୍ତି କରୁ !

ଏ ଘଟଣାର ଦୁଇମାସ ପରେ ବାବା ସ୍ୱରୂପାନନ୍ଦଙ୍କ କାର୍ଯ୍ୟର ଏକ ତଦନ୍ତ ହେଲା । ଜଣାଗଲା ବାବୁ ସ୍ୱରୂପାନନ୍ଦ ଜନକଲ୍ୟାଣ ପଞ୍ଚାୟତରୁ ପନ୍ଦର ହଜାର ଟଙ୍କା ଆତ୍ମସାତ୍ କରିଛି ଏବଂ ତତ୍‌କ୍ଷଣାତ୍ ତାକୁ ଚାକିରୀରୁ ତଡ଼ି ଦିଆଯାଇଛି । ସେ କିନ୍ତୁ ଫେରାର ହୋଇଯାଇଛି ଏବଂ ଗାଁ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଶାସ୍ତ୍ରୀଜୀଙ୍କ ମୁଣ୍ଡରେ ଚନ୍ଦା ସେ ହାତରୁ ସୁନା କାଚ ଓହ୍ଲାଇବେ ନା ରଖିବେ !!

ବିଦେଶରେ ଗାନ୍ଧିଜୀଙ୍କ ସଂପର୍କରେ ନାଟକ ଅଭିନୟ

ମନୀଷା

ଊନବିଂଶ ଓ ବିଂଶ ଶତାବ୍ଦୀରେ ଯେଉଁ କେତେଜଣ ମହାନ୍ ପୁରୁଷ ଆମ ଦେଶରେ ଓ ପୃଥିବୀରେ ଜନ୍ମଗ୍ରହଣ କରି ମନୁଷ୍ୟ-ସଭ୍ୟତାର ଓ ମାନବୀୟ ଦୃଢତାର ଚରମ ପରାକାଷ୍ଠା ଦେଖାଇ ଯାଇଛନ୍ତି—ସେମାନଙ୍କ ମଧ୍ୟରେ ଗାନ୍ଧିଜୀ ଅନ୍ୟତମ । ପୃଥିବୀର ସର୍ବଶ୍ରେଷ୍ଠ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଗାନ୍ଧିଜୀଙ୍କ ସମ୍ପର୍କରେ କହିଥିଲେ—ଏଭଳି ମନୁଷ୍ୟ ଏ ପୃଥିବୀରେ, ଏ ଶତାବ୍ଦୀରେ ସତକୁସତ ଜନ୍ମଗ୍ରହଣ କରିଥିଲେ—ଏକଥା ହୁଏତ ଶହେ ବର୍ଷ ପରେ ଆମର ଉତ୍ତରାଧିକାରୀମାନେ ବିଶ୍ୱାସ କରି ନପାରନ୍ତି । ଯେମିତି ଆମେ ବର୍ତ୍ତମାନ ରାମଚନ୍ଦ୍ର, ଶ୍ରୀକୃଷ୍ଣ, ଯୀଶୁଖ୍ରୀଷ୍ଟ, ବୁଦ୍ଧଦେବ ବା ଶ୍ରୀଚୈତନ୍ୟ ଆଦି ପୁରୁଷୋତ୍ତମମାନଙ୍କ ଅସ୍ତିତ୍ୱ ଉପରେ ସନ୍ଦିହାନ୍ ହୋଇ ଉଠୁ ।

ମାତ୍ର ଦୁଃଖର କଥା—ଗତ କେତେବର୍ଷ ଧରି ଭାରତବର୍ଷରେ ଗାନ୍ଧିଜୀଙ୍କ ନାମକୁ ବହୁ ପ୍ରକାରରେ ବିକ୍ରି କରି ଜଘନ୍ୟ ଲୋକମାନେ ନିଜର ବହୁ ଫାଇଦା ଉଠାଇଛନ୍ତି—ମାତ୍ର ଏତେବଡ଼ ମହାନ୍ ପୁରୁଷଙ୍କର ଜୀବନୀ, ଜୀବନଦର୍ଶନ ଓ ସମାଜଦର୍ଶନ ସମ୍ପର୍କରେ ସବୁ କ୍ଷେତ୍ରରେ ଯେତିକି ଆଲୋଚନା ଓ ଅଭିବ୍ୟକ୍ତି

ହେବା ବିହିତ ତାହା ଆଦୌ ହୋଇପାରି ନାହିଁ । ଫଳରେ ବର୍ତ୍ତମାନର ମୁକ୍ତ ମୁକ୍ତିଗଣ ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ, ଶ୍ରୀଅରବିନ୍ଦ, ବାଲଗଙ୍ଗାଧର ତିଳକ ଓ ମହାତ୍ମାଗାନ୍ଧିଙ୍କ ସମ୍ପର୍କରେ ଯେତିକି ଯାହା ଲେଖାଯିବା ବିହିତ, ତାହା ହୋଇ ପାରିନାହାନ୍ତି । ଏମାନଙ୍କ ଜୀବନକୁ ନେଇ ଯେତେ ପ୍ରକାର ଉପନ୍ୟାସ ଓ ନାଟକାଦି ଲେଖା ହୋଇ ପ୍ରକାଶିତ ହୋଇ ପାରନ୍ତା ତାହା ଆମ ଦେଶରେ ଏ ଯାବତ୍ ହୋଇ ନାହିଁ । ଅଥଚ ଲେନିନ୍, ହିଟଲର, କାର୍ଲମାର୍କସ୍, ମାଓସେତୁଙ୍ଗ୍ ଆଦିଙ୍କ ସମ୍ପର୍କରେ ଓଡ଼ିଆ ଭାଷାରେ ନ ହେଲେ ବି ଭାରତସ୍ଥ ଅନ୍ୟାନ୍ୟ ଭାଷାରେ ବହୁ ନାଟକ ଉପନ୍ୟାସାଦି ଲେଖା ହୋଇ ପ୍ରକାଶିତ ହୋଇଛି ।

କିନ୍ତୁ ବିଦେଶରେ ଏହା ସମ୍ଭବ ହୋଇଛି । ତ୍ରିଶ ଖଣ୍ଡ କମ୍ପ୍ଲିଟ୍ ରଚନାରେ ବି ବିବେକାନନ୍ଦ, ଗାନ୍ଧି ଆଦିଙ୍କ ସମ୍ପର୍କରେ ବହୁ ଲୋକେ ବହୁ କଥା ଜାଣନ୍ତି । ଏବେ ଇଂଲଣ୍ଡର ବ୍ରିଡ୍‌ପୋର୍ଟ ସହରରେ ବିଖ୍ୟାତ ରଙ୍ଗମଞ୍ଚ ଆଲ୍‌ଆ ଥିଏଟରରେ ଗାନ୍ଧିଙ୍କ ଜୀବନକୁ ନେଇ ଏକ ଦୀର୍ଘ ନାଟକ ମଞ୍ଚସ୍ଥ କରାଯାଉଛି ଏବଂ ତାହା ମଧ୍ୟ ଖୁବ୍ ଲୋକପ୍ରିୟତା ଅର୍ଜନ କରିଛି । ଏହି ନାଟକଟିର ଇଂରାଜୀ ସଂସ୍କରଣ ମଧ୍ୟ ପ୍ରକାଶ ପାଇଛି । ନାଟକଟି ଲେଖିଛନ୍ତି—ଲୁଇସ୍ ନମେଥ୍ । ନମେଥ୍ ହେଉଛନ୍ତି ହଙ୍ଗେରୀର ଆଧୁନିକ ସାହିତ୍ୟରେ ଅନ୍ୟତମ ବିଖ୍ୟାତ ଲେଖକ । ସେ ନିଜ ଦେଶ ଓ ଅନ୍ୟ ଦେଶଗୁଡ଼ିକର ଇତିହାସରୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୀବନୀ ସଂଗ୍ରହ କରି ସେମାନଙ୍କର ଜୀବନକୁ ନେଇ ବହୁ ନାଟକ ଲେଖିଛନ୍ତି । ସମାଲୋଚକ-ମାନଙ୍କ ମତରେ ନମେଥଙ୍କ ନାଟକରେ ଐତିହାସିକ ତଥ୍ୟଗୁଡ଼ିକ ଯଥା-ସମ୍ଭବ ଅବିକୃତ ଭାବେ ଥାଏ । କିନ୍ତୁ ଏହା କେବଳ ଇତିହାସର ସାଲ ତାରିଖ ନିର୍ଭରତଥ୍ୟକୁ ଜାବୁଡ଼ିଧରି ବିଶିଷ୍ଟ ବ୍ୟକ୍ତିମାନଙ୍କର ଯଥାର୍ଥ ଆନ୍ତରିକ ବ୍ୟକ୍ତିତ୍ୱ ପ୍ରତି ସେ ଅବହେଳା ଦେଖାଇ ନାହାନ୍ତି । ଲେଖକର ନିଜସ୍ୱ ଦୃଷ୍ଟିଭଙ୍ଗୀ, ମନୋଭାବ ଓ ବିଶେଷ ଉପଲବ୍ଧି ଉପର ଦେଇ ନାଟକଟି ଲେଖାଯାଇଛି । ବାର୍ଣ୍ଣାର୍ଡ଼ସଙ୍କ ପରି ସେ ନାଟକ ସଙ୍ଗେ ଗୋଟିଏ ଭୂମିକା ମଧ୍ୟ ଯୋଡ଼ି ଦେଇଥାନ୍ତି ଏବଂ ସେହି ଭୂମିକାରେ ସେ ନିଜର ବକ୍ତବ୍ୟଟିକୁ ସ୍ପଷ୍ଟଭାବେ ଉପସ୍ଥାପିତ କରିଥାନ୍ତି । ଗାନ୍ଧିଙ୍କ ସମ୍ପର୍କରେ ଲିଖିତ ନମେଥଙ୍କର ଏହି ନାଟକଟିକୁ ସମାଲୋଚକମାନେ ଏପିକ୍‌ଡ୍ରାମା ବା ମହାକାବ୍ୟିକ ନାଟକ ବୋଲି ଆଖ୍ୟାତ କରିଛନ୍ତି । ନାଟକଟିରେ ସବମୋଟ ତେରଟି ଦୃଶ୍ୟ ରହିଛି । ଭାରତ ସ୍ୱାଧୀନ ହେବା ପୂର୍ବବର୍ତ୍ତୀ ପରିସ୍ଥିତିଠାରୁ ସ୍ୱାଧୀନତା ଘୋଷିତ ହେବାର ପରବର୍ତ୍ତୀ ଅବସ୍ଥା ପର୍ଯ୍ୟନ୍ତ ଯେଉଁ ସାଂପ୍ରଦାୟିକ ସଂଘର୍ଷର ରକ୍ତାକ୍ତ ଲୀଳା ଏ ଦେଶରେ ଘଟିଗଲା—ତା’ ସଙ୍ଗେ ସଙ୍ଗେ ପିସ୍ତଲ ଗୁଳିରେ ଗାନ୍ଧିଙ୍କର ଦେହ ତ୍ୟାଗ ପର୍ଯ୍ୟନ୍ତ ଘଟଣାବଳୀ ହିଁ ନାଟକର ବିଷୟ ବସ୍ତୁ ।

କିନ୍ତୁ ନାଟକଟିର ମୂଲ୍ୟବୋଧ କେବଳ ଅଉଠାଏ । ଏହା କେବଳ ଗାନ୍ଧିଙ୍କ ଜୀବନର ଏକ ଡକୁମେଣ୍ଟାରି ଚିତ୍ର ନୁହେଁ । ମନସ୍ୱୀ ଓ ମର୍ମୀ ନାଟ୍ୟକାର ଖୋଜିଛନ୍ତି—ଗାନ୍ଧିଙ୍କ ବିଶାଳ ବ୍ୟକ୍ତିତ୍ୱ ଭିତରେ କେଉଁଠି ସେହି ବିରାଟ ନୈତିକ-ସଂକଟଟି ସମସ୍ତ ମାନବସମାଜର ନ୍ୟାୟ ବୋଧ ଆଗରେ ଅସ୍ପଷ୍ଟ ହୋଇ ରହିଅଛି ? ଅଥବା ବାହ୍ୟରେ ନମେଥ୍ ସେହି ନୈତିକ ସଂକଟଟିକୁ ଠିକ୍ ଭାବେ ନିଜେ ଦେଖିଛନ୍ତି ଓ ତାକୁ ଉପସ୍ଥାପନ କରି ଦର୍ଶକମାନଙ୍କ

ବାରିପଦାରେ ଚିତ୍ରକଳା ପ୍ରଦର୍ଶନୀ

ଶ୍ରୀ ରମାକାନ୍ତ ମିଶ୍ର

ଭାରତର ଅନ୍ୟତମ ସମୃଦ୍ଧ କଳା ଓ ହସ୍ତଶିଳ୍ପର ପୀଠସ୍ଥଳୀ ବାରିପଦାରେ ଗତ ବର୍ଷ ଭଳି ଏ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଚିତ୍ରକଳା ପ୍ରଦର୍ଶନୀ ସ୍ୱାଧୀନତା ଦିବସ ପାଳନ କମିଟି ସହାୟତାରେ ଓ ସ୍ଥାନୀୟ "ଆର୍ଟ ଏଣ୍ଡ କଲଚର" ସଂସ୍ଥା ଆନୁକୂଲ୍ୟରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ କ୍ଲବ ଲାଇବ୍ରେରୀଠାରେ ଆୟୋଜିତ ହୋଇଥିଲା । ଓଡ଼ିଶାର ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗର ଉପମନ୍ତ୍ରୀ ସେଖ୍ ମତ୍ଲୁବ ଅଲ୍ଲୀ ଏହି ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ । ବାରିପଦାର ଉଦୀୟମାନ ସାତଜଣ ତରୁଣ ଶିଳ୍ପୀଙ୍କର ପଚିଶ ଗୋଟି ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏଥିରେ ଛଅ ଗୋଟି ତୈଳ, ଦଶ ଗୋଟି ଜଳରଂଗ, ଦୁଇଗୋଟି ଏନାମେଲ୍, ଦୁଇଗୋଟି ଗ୍ରାଫିକ୍, ପାଞ୍ଚଟି ପେନ୍ ଓ ପେନ୍‌ସିଲ୍ ଡ୍ରଇଂ ଓ ଗୋଟିଏ କୋଲାଜ ମାନବ ସମାଜର ସାମାଜିକ, ସାଂସ୍କୃତିକ ଜୀବନର ପ୍ରତିଫଳନ ଦର୍ଶକମାନଙ୍କୁ ଚମତ୍କୃତ କରିଥିଲା । ସେହି ଉଦୀୟମାନ ଶିଳ୍ପୀ ହେଲେ: ସର୍ବଶ୍ରୀ ତାରକଲୋଚନ ପାଣିଗ୍ରାହୀ, ବୈରାଗୀ ନାରାୟଣ ମହାନ୍ତ, ଯତୀନ୍ଦ୍ର କୁମାର ଲେଙ୍କା, କାଶୀନାଥ ନାରକ୍, ଲମ୍ବୋଦର ବେହେରା, ପୂର୍ଣ୍ଣଚନ୍ଦ୍ର ବଢାଣୀ ଓ ଧ୍ରୁବ ନନ୍ଦ ।

ଚିତ୍ରକଳା ପ୍ରଦର୍ଶନୀରେ ଉପମନ୍ତ୍ରୀ ଶ୍ରୀ ଅଲ୍ଲୀ ।

ପ୍ରଦର୍ଶନୀରେ ପ୍ରଦର୍ଶିତ ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଣୀଙ୍କ "ସଂସ୍କାରର ଓଢ଼ଣା ଲୁଚି" ଚିତ୍ର ଦେଖି ମୁଖ୍ୟମନ୍ତ୍ରୀ ବିଶେଷ ପ୍ରଶଂସା କରିଥିଲେ । ତାଙ୍କର ଅନ୍ୟ ଏକ କୃତ କୋଣାର୍କ ଚିତ୍ରରେ ଆଧୁନିକ୍ ଆଙ୍ଗିକ ଚିତ୍ର ଓ ପ୍ରାଚୀନ ଚିତ୍ରକଳାର ସଂଯୋଜନ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ଆଧୁନିକ ଶୈଳୀରେ ସତ୍ୟାନନ୍ଦ ଲେଙ୍କା ଓ ବାରିକ ପାଣିଗ୍ରାହୀଙ୍କ ଚିତ୍ର ମାନବ ଜୀବନର ଭବିଷ୍ୟତ ଓ ପୃଥିବୀର ଭବିଷ୍ୟତ ରୂପରେ ଆଧାରିତ "ଏଣ୍ଡକେଟ ଅଫ୍ ଓ୍ୱାର୍ଲ୍ଡ" ଓ "ଇନ୍ଷ୍ଟା ସ୍ପେସିଫିକ୍ଷ୍ଟ୍ରଗଲ" ଯଥାକ୍ରମେ ଏବଂ ମଦ୍ୟପଙ୍କୁ ସତର୍କ କରାଇଦିଏ ଓ ପୃଥିବୀରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଖାଦ୍ୟ ପଦ୍ଧତିର

'ଇନ୍ଷ୍ଟା ସ୍ପେସିଫିକ୍ଷ୍ଟ୍ରଗଲ'
ଶିଳ୍ପୀ : ବାରିକ ଲୋଚନ ପାଣିଗ୍ରାହୀ

'ମଦ୍ୟପାନର ପରିଣାମ'
ଶିଳ୍ପୀ : ସତ୍ୟାନନ୍ଦ କୁମାର ଲେଙ୍କା

ପରିଣତି ସମ୍ପର୍କରେ ସୂଚନା ଦିଏ । ହରିହର କାନୁଙ୍କର "ତାନ୍ତ୍ରିକ" ଚିତ୍ରରେ "ଦୃଷ୍ଟି-ହିତ-ଲସ୍ଟ" ଦଶମହାବିଦ୍ୟାର ଅନ୍ୟତମ ଦେବୀ ଛିନ୍ନମସ୍ତା, ସୃଷ୍ଟି ଚକ୍ରର କାରଣ ସ୍ୱରୂପିଣୀ । ଲମ୍ବୋଦର ବେହେରାଙ୍କ ଗ୍ରାଫିକ୍ ଚିତ୍ରରେ ସ୍ୱର୍ଗୀୟ ନାରୀର ସ୍ୱପ୍ନ ଅନୁଭୂତ ହୁଏ । ପରିଶେଷରେ ତାଙ୍କର "ଛନ୍ଦ" ନାମକ ଚିତ୍ର (ଲିନୋକାଟ)ରେ ଅନୁଭୂତ ହୁଏ । ଶିଳ୍ପୀ କାଶୀନାଥ ବାରିକଙ୍କ ଚିତ୍ର ମାଣ୍ଡ୍ରିଆନ୍‌ର ବାସ୍ତବଶୈଳୀ ଗତ ହେଲେ ମଧ୍ୟ ତାଙ୍କର ଅଧୁନିକ ଚିତ୍ର "ଏମରଜେନ୍ସି ଆଭଲ" ଏବଂ ସମସାମୟିକ

ଅବସ୍ଥାରେ ଅସାମାଜିକ ପ୍ରବୃତ୍ତିରୁ ଏକ ସେବକ ରୂପରେ ଶିଳ୍ପୀ ପିଞ୍ଜରାବଦ୍ଧ କରି ତାହାଂ ଉର୍ଦ୍ଧ୍ୱରେ ଧର୍ମଚକ୍ରର ଚକ୍ଷୁ ଦର୍ଶକଙ୍କମନରେ ଶାନ୍ତି, ମୈତ୍ରୀ ଓ ପ୍ରଗତିର ଶାଶ୍ୱତବାଣୀ ପ୍ରଚ୍ଚର କରୁଛି । ଶତାଧିକ ଦର୍ଶକଙ୍କର ପରିଦର୍ଶନ ପରେ ଏହି ପ୍ରଦର୍ଶନୀ ୧୫-୮-୭୫ରେ ଉଦ୍‌ଯାପିତ ହୋଇଥିଲା । ଏହି ପ୍ରଦର୍ଶନୀ ପରିଦର୍ଶନ କରି ଶ୍ରୀଯନ୍ତ ଅଲ୍ଲୀ କହିଥିଲେ : ''ସ୍ୱାଧୀନତା ଦିବସରେ ବାରିପଦାର ସାତଜଣ ତରୁଣ ଶିଳ୍ପୀଙ୍କର ଅମର ସୃଷ୍ଟି ଦେଖିବାର ସୁଯୋଗ ପାଇ ମୁଗ୍ଧ ହେଲି । ଏହା ନିଶ୍ଚିତ ଯେ ଏମାନେ କୋଣାର୍କ ଶିଳ୍ପୀଙ୍କର ବଂଶଧର'' ।

ଚନ୍ଦ୍ରକଳା ପ୍ରଦର୍ଶନୀରେ ଶିଳ୍ପୀମାନଙ୍କ ଗହଣରେ
ଉପମନ୍ତ୍ରୀ ଶ୍ରୀ ଅଲ୍ଲୀ

ଓଡ଼ିଶାରେ ଶାକ୍ତ ପରମ୍ପରା ଓ ଜଗନ୍ନାଥ

ଅଧ୍ୟାପକ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ଓଡ଼ିଶାରେ ଧାର୍ମିକ ଚେତନାର ବିକାଶ କ୍ଷେତ୍ରରେ ଶୈବ ଓ ଶାକ୍ତ ମତବାଦର ପ୍ରଭାବ ସ୍ୱଳ୍ପ ନୁହେଁ । ବୈଷ୍ଣବ ଧର୍ମର ପ୍ରସାର ପୂର୍ବରୁ ଅର୍ଥାତ ୧୨ଶ ଶତାବ୍ଦୀ ପୂର୍ବରୁ ଶାକ୍ତ ପରମ୍ପରା ଓଡ଼ିଶାର ଜନ ଜୀବନରେ ଯେ ବିପୁଳ ପ୍ରଭାବ ବିସ୍ତାର କରିଥିଲା ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ଓଡ଼ିଶାରେ ଅଗଣିତ ଶିବ ଓ ଦେବୀ ମନ୍ଦିର-ମାନଙ୍କର ଅବସ୍ଥାନରୁ ତାହାହିଁ ପ୍ରତିପନ୍ନ ହୋଇଥାଏ । ଅବଶ୍ୟ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ଜଗନ୍ନାଥ ଉପାସନାର ବିପୁଳ ପ୍ରସାର ଫଳରେ ଶୈବ ଓ ଶାକ୍ତ ଉପାସନା ଅପେକ୍ଷାକୃତ ଶିଥିଳ ହୋଇ ପଡ଼ିଥିଲା । ହେଲେହେଁ ଏହି ପୀଠରେହିଁ ଶୈବ ଓ ଶାକ୍ତ ପରମ୍ପରାର ଚମତ୍କାର ସମନ୍ୱୟ ସାଧିତ ହୋଇଥିଲା । ମାତ୍ର କାଳକ୍ରମେ ଭାରତର ଧାର୍ମିକ ଜନସାଧାରଣଙ୍କ ଦୃଷ୍ଟିରେ ଶ୍ରୀକ୍ଷେତ୍ର ବା ଜଗନ୍ନାଥ ଧାମ ଏକ ବୈଷ୍ଣବପ୍ରଧାନ ସ୍ଥାନ ଭାବରେହିଁ ପରିଗଣିତ ହୋଇଥିଲା । ସମ୍ଭବତଃ ଏହି କାରଣରୁ କେତେକ ଆଲୋଚକ ଓଡ଼ିଶାର ଶୈବ ଓ ତାନ୍ତ୍ରିକ ପରମ୍ପରା ସଂପର୍କରେ ପ୍ରତିକୂଳ ଅଭିମତ ପ୍ରକାଶ କରିଯାଇଅଛନ୍ତି ।

ଶୈବ ଓ ଶାକ୍ତ ଉପାସନାକୁ କେତେକ ଆଲୋଚକ ପ୍ରାକ୍ ବୈଦିକ ପରମ୍ପରା ବୋଲି ଅଭିହିତ କରିଥାନ୍ତି । କେତେକଙ୍କ ମତରେ ଏହା ଆଦିମ ମାନବ ସଭ୍ୟତାର ଲିଙ୍ଗଯୋନି ପୂଜାର ଏକ ରୂପାନ୍ତର ମାତ୍ର । ହରପ୍ପା ଓ ମହେଞ୍ଜୋଦାରୋର ଭୂଖନନରୁ ସେ ଯୁଗରେ ଲିଙ୍ଗ ଯୋନି ପୂଜା ପ୍ରଚଳିତ ଥିବା ପ୍ରମାଣିତ ହୋଇଅଛି । ବୈଦିକ ସାହିତ୍ୟରେ ଶିବ ପୂଜାର ଉଲ୍ଲେଖ ନଥିବାରୁ ଶିବ ସର୍ବାଦୌ ଆର୍ଯ୍ୟ ଦେବତା ନ ଥିଲେ ବୋଲି ପଣ୍ଡିତମାନଙ୍କର ମତ । ଉପନିଷଦ ଯୁଗରେ ହିଁ ତାହାଙ୍କୁ ଆର୍ଯ୍ୟ ଦେବତା ଭାବରେ ଗ୍ରହଣ କରାଯାଇଥିଲା । ମହାଭାରତ ଓ ଅନ୍ୟାନ୍ୟ ପୁରାଣ ବର୍ଣ୍ଣିତ ଆଖ୍ୟାୟିକାରୁ ଶିବ ଅବୈଦିକର ଦେବତା ଥିବା ପ୍ରମାଣିତ ହୁଏ । ଶିବଙ୍କର ଆଚରଣ ମଧ୍ୟ ବେଦବିରୋଧୀ ଥିବା ଯୋଗୁଁ ତାହାଙ୍କ ଶ୍ୱଶୁର ଦକ୍ଷ ପ୍ରଜାପତି ଯଜ୍ଞାନୁଷ୍ଠାନ କାଳରେ ତାହାଙ୍କୁ ଆମନ୍ତ୍ରଣ କରିନଥିଲେ ।

ଶୈବଧର୍ମର ବିକାଶ ସହିତ ତନ୍ତ୍ର ସାଧନା ଏକ ସ୍ୱତନ୍ତ୍ର ସଂପ୍ରଦାୟ ଭାବେ ଏହାସହ ଘନିଷ୍ଠଭାବେ ଜଡ଼ିତ । ଉପନିଷଦ ଯୁଗରେ ତନ୍ତ୍ର ସାଧନା ପ୍ରଚଳିତ ଥିବାର ପ୍ରମାଣ ମିଳିଥାଏ । କୁଷାଣ ଯୁଗରୁ ଗୁପ୍ତ ଯୁଗ ମଧ୍ୟରେ ଅର୍ଥାତ ୫ମ ଓ ୬ଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଶୈବ ତନ୍ତ୍ର ବା 'ଆଗମ'ର ପ୍ରାଧାନ୍ୟ ଦେଖିବାକୁ ମିଳେ । ପରବର୍ତ୍ତୀ କାଳରେ 'ଯାମଳ' ନାମରେ ପରିଚିତ ତାନ୍ତ୍ରିକ ଧର୍ମଗ୍ରନ୍ଥମାନଙ୍କରେ ଦେବତାଙ୍କର ଶକ୍ତିରୂପରେ ବିଭିନ୍ନ ଦେବୀମାନେ ପରିଗୃହୀତ ହୋଇଥିଲେ । ୬ଷ୍ଠରୁ ୯ମ ଶତାବ୍ଦୀ ମଧ୍ୟରେ ଏହି ଯାମଳ ଗ୍ରନ୍ଥ ଗୁଡ଼ିକ ରଚିତ ହୋଇଥିବା ଅନୁମେୟ । ଫଳତଃ ୯ମ ଶତାବ୍ଦୀରୁ ଭାରତର ଜନସାଧାରଣଙ୍କ ମଧ୍ୟରେ ଶକ୍ତିମତ ବା ଦେବୀ ଉପାସନାର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇ ଯାଇଥିଲା ।

ଏତଦ୍ବ୍ୟତୀତ ହିନ୍ଦୁଧର୍ମ ତନ୍ତ୍ର ସମାନ୍ତରାଳ ଭାବରେ ବୌଦ୍ଧ ଧର୍ମରେ ତନ୍ତ୍ର ସାଧନାର ବିକାଶ ଓ ବହୁ ଦେବୀଙ୍କର ପରିକଳ୍ପନା ମଧ୍ୟ ହୋଇଥିଲା ଓ ବୌଦ୍ଧ ଧର୍ମର ଅବସାନ ପରେ ଅନୁମାନିକ ଭାବେ ୧୦ମ ଶତାବ୍ଦୀରୁ ହିନ୍ଦୁ ତାନ୍ତ୍ରିକ ସଂପ୍ରଦାୟ ଓ ବୌଦ୍ଧ ତାନ୍ତ୍ରିକ ସଂପ୍ରଦାୟ ମଧ୍ୟରେ ସମ୍ମିଶ୍ରଣ ଘଟିବା ଫଳରେ ବହୁ ବୌଦ୍ଧ ଦେବୀଙ୍କୁ ହିନ୍ଦୁମାନେ ଉପାସ୍ୟ ଦେବୀ ଭାବେ ଗ୍ରହଣ କରିନେଇଥିଲେ ।

ଅଷ୍ଟମ ନବମ ଶତାବ୍ଦୀରୁ ଓଡ଼ିଶା ଏହି ସର୍ବଭାରତୀୟ ଧର୍ମଧାରାର ଘନିଷ୍ଠ ସଂପର୍କରେ ଆସିଥିଲା ; ଯାଜପୁର, ପୁରୀ, ଭୁବନେଶ୍ୱର, ହୀରାପୁର, ରାଣୀପୁର ଝରିଆଲ ପ୍ରଭୃତି ସ୍ଥାନରେ ଥିବା ଦେବୀ ମନ୍ଦିରମାନଙ୍କରୁ ତାହାହିଁ ପ୍ରମାଣିତ । ତନ୍ତ୍ରପୀଠ ଭାବରେ ଓଡ଼ିଶାର ପ୍ରାଧାନ୍ୟ ମଧ୍ୟ ଅନସ୍ୱୀକାର୍ଯ୍ୟ । ସଂପ୍ରତି କେତେକ ବିଦେଶୀ ଆଲୋଚକ ଏହି ସଂପର୍କରେ ନିରପେକ୍ଷ ଭାବେ ବିଚାର ପୂର୍ବକ ଓଡ଼ିଶାର ମହତ୍ତ୍ୱ ସ୍ୱୀକାର କରିଯାଇଅଛନ୍ତି । ଏ ସଂପର୍କରେ ନିକ୍ ଡଗଲାସ୍‌ଙ୍କ ନାମ ଉଲ୍ଲେଖଯୋଗ୍ୟ । ତାହାଙ୍କ ମତରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ପୂର୍ବାଞ୍ଚଳରେ ବିଶେଷତଃ ଆସାମ, ବଙ୍ଗଳା, ଓଡ଼ିଶା, ବିହାର ଅଞ୍ଚଳରେ ତନ୍ତ୍ରବାଦର ବହୁଳ ପ୍ରସାର ଘଟିଥିଲା 'ସାଧନ ମାଳା' ଅନୁସାରୀ ତନ୍ତ୍ର ସାଧନାର ଚାରିଗୋଟି ସୁପ୍ରସିଦ୍ଧ ପୀଠ ହେଉଛି, ୧—ଉଡ୍ଡିୟାନ, ୨—କାମାଖ୍ୟା, ୩—ଶ୍ରୀହଟ୍ଟ (ସିଲ୍‌ହଟ), ୪—ପୂର୍ଣ୍ଣଗିରି (ପୂର୍ଣ୍ଣଶୈଳ) ପରମ୍ପରାକ୍ରମେ ଏହି ଚାରିଗୋଟି ପୀଠ ମଧ୍ୟରେ ଉଡ୍ଡିୟାନ ସର୍ବଶ୍ରେଷ୍ଠ ବିବେଚିତ ହେଉଥିଲା । ଏହି ପୀଠକୁ କେହି କେହି ପଶ୍ଚିମ ପାକିସ୍ଥାନର ସ୍ୱାତ ଅଞ୍ଚଳ ବୋଲି ଗ୍ରହଣ କରିଥିଲେହେଁ ନିକ୍ ଡଗଲାସ୍ ଏହାକୁ ଯଥାର୍ଥତଃ ଓଡ଼ିଶାର ଉଦୟଗିରି ଭାବରେ ଗ୍ରହଣ କରିଅଛନ୍ତି (୧) । ୮ମ ଶତାବ୍ଦୀରେ ଓଡ଼ିଶାର ରାଜା ଇନ୍ଦ୍ରଭୂତି ଥିଲେ ଜଣେ ପ୍ରସିଦ୍ଧ ତାନ୍ତ୍ରିକ । ତାଙ୍କର ପାଳିତ ପୁତ୍ର ଅଥବା ଶିଷ୍ୟ ପଦ୍ମସମ୍ଭବ ତିବ୍ବତର ସାଧକଙ୍କୁ ଆପଣାର ଅଲୌକିକ ତାନ୍ତ୍ରିକ ଶକ୍ତିରେ ପରାଜିତକରି ଏକ ନୂତନ ତାନ୍ତ୍ରିକ ବୌଦ୍ଧ ଧର୍ମ ପ୍ରଚାର କରିଥିଲେ । ଓଡ଼ିଶା ଓ ତିବ୍ବତର ମୂର୍ତ୍ତି ଗଠନ ଶୈଳୀରେ ବହୁ ସାମଞ୍ଜସ୍ୟଥିବା କଥା ମଧ୍ୟ ନିକ ଡଗଲାସ୍ ସ୍ୱୀକାର କରିଅଛନ୍ତି (୨) ।

ଓଡ଼ିଶାର ଭୌମ ଓ କେଶରୀ ରାଜାମାନେ ଶୈବଶାକ୍ତ ମତାବଲମ୍ବୀଥିଲେ । ସେମାନଙ୍କ ଦ୍ୱାରାହିଁ ଯାଜପୁରର ବିରଜା ଓ ସପ୍ତମାତୃକା ମୂର୍ତ୍ତି ଏବଂ ଭୁବନେଶ୍ୱର ଓ ପୁରୀର ଦେବୀ ମନ୍ଦିର ସମୂହ ନିର୍ମିତ ହୋଇଅଛି । ଏତଦ୍ ବ୍ୟତୀତ ହୀରାପୁରର ଚୌଷଠୀ ଯୋଗିନୀ ପୀଠ, ଭୁଲସୀପୁର ନିକଟସ୍ଥ ବରାହୀ ମନ୍ଦିର, ବଣକିର [illegible] ରାଣୀପୁର ଝରିଆଲର ଚଉଷଠୀ ଯୋଗିନୀ ପୀଠ ବ୍ୟତୀତ ଭୁବନେଶ୍ୱରର ମୋହିନୀ, କପାଳିନୀ, ଗୌରୀ, ପୁରୀର ବିମଳା, ହରଚଣ୍ଡୀ, ମୟୂରଭଞ୍ଜର କୀଚକେଶ୍ୱରୀ (ଖିଚିଂ), କାକଟପୁରର ମଙ୍ଗଳା, ବାଙ୍କୀର ଚର୍ଚ୍ଚିକା, ଝଙ୍କଡ଼ର ଶାରଳା, ଭଦ୍ରକର ଭଦ୍ରକାଳୀ, ସମ୍ବଲପୁରର ସମଲେଇ, ଗଞ୍ଜାମର ତାରାତାରିଣୀ ପ୍ରଭୃତି ଦେବୀଗଣ ବହୁପୂଜିତା ଓ ସୁପ୍ରସିଦ୍ଧା ।

ଓଡ଼ିଶାରେ ଶକ୍ତି ଉପାସନାର ଶିଥିଳତା ଓ ବୌଦ୍ଧ ଧର୍ମର ପ୍ରତିଷ୍ଠା କାଳରେ ସାରଳାଦାସ 'ଚଣ୍ଡୀ ପୁରାଣ' ଲେଖିଥିଲେ । ମହିଷାସୁର ସହ ଆଦିଶକ୍ତି ଦେବୀ ଦୁର୍ଗାଙ୍କ ଯୁଦ୍ଧ ସମୟରେ ତାହାଙ୍କଠାରୁ ଯୋଗିନୀମାନେ ସୃଷ୍ଟି ହୋଇଥିବା ବିଷୟ ସାରଳାଦାସ ଉକ୍ତ ପୁରାଣରେ ବର୍ଣ୍ଣନା କରିଅଛନ୍ତି । ଦୁର୍ଗା ରତ୍ନଗିରି ପର୍ବତରେ ଥିବାବେଳେ ମହିଷାସୁରର ସେନାପତି କାନ୍ତମାଳା, ରକ୍ତବୀଜ ପ୍ରଭୃତି [illegible] ପର୍ବତରୁ ଦଳବଳସହ ବେଢ଼ିଗଲେ । ଏହି ସମୟରେ ଦେବୀ ଏହି ଯୋଗିନୀମାନଙ୍କୁ ନିଜ ଦେହରୁ ଜାତକରାଇବେ ।

---

(1) 'The author travelled in search of further evidence and now tends to locate this Pitha at Udaygiri (the tri- hills of Udaygiri, Ratnagiri and Lalitgiri) in Orissa from where archaeological evidence of very early Tantric activities has recently come to light.

(Tantra Yoga—Nik Douglas P 7)

(2) "Iconographical comparison between image from Orissa and Tibet show similarities of style and esoteric content so identical that only evidence of early Tantric activities among the monosteries of Swat, can open this further interpretation.'

(Ibid p 7.)

ପ୍ରଥମେ ଦେବୀଙ୍କ କପାଳରୁ ଯେଉଁ ଘର୍ମ ଜାତ ହୋଇଥିଲା ତହିଁରୁ ନାରାୟଣୀ ଜାତ ହେଲେ । ତାହାଙ୍କ ରୂପ ବର୍ଣ୍ଣନାକରି କବି ଲେଖିଛନ୍ତି—

'ଲଲାଟୁ ସେ ସ୍ୱେଦ ଯାଇ ପଡ଼ିଲା ଧରଣୀ
ପ୍ରଥମେ ସମ୍ଭୂତ ତହୁଁ ହେଲେ ନାରାୟଣୀ ।

ଜଳବର୍ଣ୍ଣ ଦେହ ମୁଖ ଗୋଟି କୃଷ୍ଣବର୍ଣ୍ଣ
ଶଙ୍ଖ ଚକ୍ର ଗଦା ଶାର୍ଙ୍ଗଧନୁରେ ଶୋଭନ ।

ଶିରେ ମୁକୁଟ ଶୋଭିତ କର୍ଣ୍ଣରେ କୁଣ୍ଡଳ
ନାମ ନାରାୟଣୀ ତାଙ୍କ ସଦା ମଙ୍ଗଳ ।'

ଏହି ନାରାୟଣୀ ହେଉଛନ୍ତି ବିଷ୍ଣୁ ବା ନାରାୟଣଙ୍କ ଶକ୍ତି । (ଶକ୍ତିର୍ନାରାୟଣ ସେୟଂ ତେନ ନାରାୟଣୀ ସ୍ମୃତା'—ବ୍ରହ୍ମବୈବର୍ତ୍ତ—ପ୍ରକୃତି ଖଣ୍ଡ) ଏହାଙ୍କ ଅନ୍ୟନାମ ବୈଷ୍ଣବୀ । ସଂସ୍କୃତ 'ଦେବୀ ପୁରାଣ' ଅନୁଯାୟୀ ନାରାୟଣୀଙ୍କ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭାମାନ ।

ସାରଳା ଦାସଙ୍କ ବର୍ଣ୍ଣନାନୁସାରେ ଏହି ନାରାୟଣୀଙ୍କଠାରୁ ଚାହେଲି, ଭୈରବୀ, ଭଗବତୀ, ଇନ୍ଦ୍ରାଣୀ, ତାରେଣ୍ଣୀ, ଘଟବର୍ଣ୍ଣ, ରୁଦ୍ରମୁଣ୍ଡା, ବେତାଳୀ, ବାରାହୀ, ଚର୍ଚ୍ଚିକା, କାଉଁଶି, ଭଦ୍ରକାଳୀ ପ୍ରଭୃତି ସପ୍ତମାତୃକା ସମେତ ୬୪ ଯୋଗିନୀ ଜାତ ହୋଇଥିଲେ । ଏହାପରେ ମହିଷାସୁରସହ ଯୁଦ୍ଧବେଳେ ଦେବୀ ଦୁର୍ଗା ଚଉଷଠୀ ଯୋଗିନୀ ଓ ନବକୋଟି କାତ୍ୟାୟନୀଙ୍କ ସହ ମହିଷାସୁରର ବକ୍ଷସ୍ଥଳରେ ମାଡ଼ିବସିଲେ । ମାତ୍ର ମହିଷାସୁର ଥିଲା କାମରୂପୀ । କ୍ରୋଧାନ୍ୱିତ ହୋଇ ସେ ଦେହ ଝାଡ଼ିଦେଲା । ଫଳରେ ଦେବୀମାନେ ଗ୍ରାମ, ପର୍ବତ ଓ ବନରେ ଛିଞ୍ଚାଡ଼ିହୋଇ ପଡ଼ିଲେ । ଅଙ୍ଗ କ୍ଷତବିକ୍ଷତ ହେବାଫଳରେ ସେମାନେ ହେଲେ ବଇଁଲାଙ୍ଗ, କାଣୀ, କୁଜା, ଛୋଟି ବା ଭେମ୍ପୀ; ପଡ଼ିବା ସ୍ଥାନରୁ ମଧ୍ୟ ସେମାନେ ଆଉ ଉଠି ପାରିଲେ ନାହିଁ । ଆପଣାର କନ୍ୟାମାନଙ୍କର ଏପରି ଅବସ୍ଥା ଦେଖି ଦୁର୍ଗା ଦେବୀ ସେମାନଙ୍କୁ ଯେ ଯେଉଁଠି ପଡ଼ିଲେ ସେଠାରେ ଗ୍ରାମଦେବତୀରୂପେ ପୂଜା ପାଇବେ ବୋଲି ନିର୍ଦ୍ଦେଶ ଦେଲେ । ପୁନଶ୍ଚ ଦେବୀ ମହିଷାସୁରକୁ ବଧକରିବାପରେ ମଙ୍ଗଳାଙ୍କ ପରାମର୍ଶକ୍ରମେ ଏହି ଯୋଗିନୀମାନଙ୍କୁ ଚତୁର୍ଦ୍ଦିଗରେ ଗ୍ରାମମାନଙ୍କରେ ଗ୍ରାମଦେବତୀରୂପେ ପୂଜା ଗ୍ରହଣ କରିବାକୁ ଓ ଦୁଃଖୀମାନଙ୍କ ଦୁଃଖ ଦୂର କରିବାକୁ ନିଯୁକ୍ତ କରିଥିଲେ । ସାରଳାଙ୍କ ଭାଷାରେ—

'ସମସ୍ତ ଦେବୀଙ୍କୁ ଦେବୀ ହକାରିଲେ ପାଶ
ଗ୍ରାମକେ ରହିଲେ ଜଣେ ଜଣେ କରିବାସ ।

ଜମ୍ବୁଦ୍ୱୀପ ପୃଥିବୀରେ ରହି ଦୃଷ୍ଟେ ଯାଇ
ଦେଶ, କଟକ, ପାଟଣା ଯାହା ମନ ଯହିଁ ।

ଦୁଃଖୀ ଜନମାନଙ୍କର ଆପଦ ଖଣ୍ଡିବ
ସେ ଯାହା ମନାସିବ ଗୋ ତା' ସିଦ୍ଧ କରିବ ।

ମୋର ଆଜ୍ଞା ଦେଇ ଦୃଷ୍ଟେ ବହିଲେ ଭାରତ
ଭୂମି ବଚନ ପ୍ରତ୍ୟକ୍ଷ ହୋଇବ ଗୋ ସତ ।'

(ଚଣ୍ଡୀପୁରାଣ ପୃ. ୧୬୯)

ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଯେ ଗ୍ରାମଦେବତୀ ପୂଜିତ ହୁଅନ୍ତି ଏହା ଲେଖିବା ଅନାବଶ୍ୟକ । ଏହି ଗ୍ରାମଦେବତୀମାନଙ୍କ ମଧ୍ୟରୁ ଅନେକ ଲୌକିକ ବା ଲୋକାୟତ ଦେବୀ । କାଳକ୍ରମେ ସେମାନେ ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭ କରିଅଛନ୍ତି । ଚଉଷଠୀ ଯୋଗିନୀମାନଙ୍କ ମଧ୍ୟରେ ସପ୍ତମାତୃକା ସର୍ବାଧିକ ପ୍ରସିଦ୍ଧ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ସପ୍ତମାତୃକା ପୂଜାର ପ୍ରଚଳନ ଥିବା ଭଳି ଓଡ଼ିଶାରେ ମଧ୍ୟ ଏମାନେ ପୂଜିତ ହୁଅନ୍ତି । ଓଡ଼ିଶାରେ ସପ୍ତମାତୃକା 'ସାତ ମା ସାତ ଭଉଣୀ' ନାମରେ ଖ୍ୟାତ । ଯାଜପୁରର ଦଶାଶ୍ୱମେଧଘାଟ ନିକଟରେ, ପୁରୀର ମାର୍କଣ୍ଡ ପୋଖରୀ କୂଳରେ, କଟକ ଜିଲ୍ଲା କୁଶେଶ୍ୱର ଧର୍ମଶାଳାରେ, କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି ଓ ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର ଓ କପାଳୀ ବା ବୋଇତାଳ ମନ୍ଦିରରେ ସପ୍ତମାତୃକା ମୂର୍ତ୍ତି ଦେଖିବାକୁ ମିଳେ ।

ବହୁସ୍ଥାନରେ ଏହିସବୁ ଚଉଷଠୀ ଯୋଗିନୀ ପୀଠ ଓ ସପ୍ତମାତୃକା ମୂର୍ତ୍ତିର ବିଦ୍ୟମାନତାରୁ ଓଡ଼ିଶାରେ ୮ । ୯ମ ଶତାବ୍ଦୀରୁ ତନ୍ତ୍ରମତର ବହୁଳ ପ୍ରଚଳନ ଥିବା ପ୍ରମାଣିତ ହୁଏ । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଯୋଗିନୀ ଉପାସନାର ଉତ୍ସସ୍ଥଳ ବୋଲି କେହି କେହି ମତବ୍ୟକ୍ତ କରିଥିଲେହେଁ ଏ ବିଷୟରେ ସନ୍ଦେହର ଅବକାଶ ଅଛି ଓ ଏହା ଅଧିକ ପ୍ରମାଣସାପେକ୍ଷ (୧) ।

ଜଗନ୍ନାଥ ମନ୍ଦିର ନିର୍ମିତ ହେବା ପୂର୍ବରୁ ପୁରୀ ଏକ ଶୈବ ପୀଠ ଥିଲା । ପୁରୀ ମନ୍ଦିରର ପତନଠାରୁ

(1) It can legitimately be assumed that the Yogini cult which originated in the coastal region of Orissa, some where near Puri, gradually spread to the adjoining hilly tracks of Orissa and Madhya Pradesh having its centre first at Ranipur Jharial, which is also another small city of temples like Bhubaneswar and the Bheraghat near which are seen monuments of different ages.'—A descriptive Catalogue of Saus Mss. of Orissa—Vol. V—Ed—M. P.Dash.

କପାଳମୋଚନ, ଇଶାନେଶ୍ୱର ପ୍ରଭୃତି ଶିବ ମନ୍ଦିରମାନଙ୍କର ପତନ ବହୁ ଜନ୍ମରେ ହିଁ ଥିବା ଦେଖିବାକୁ ମିଳେ। ଲୋକନାଥ ଶ୍ରୀ କ୍ଷେତ୍ରର ଅଧିପତି ଭାବେ ଗୃହୀତ ପୌରାଣିକ ଉପାଖ୍ୟାନମାନଙ୍କରୁ ମଧ୍ୟ ଜଣାଯାଏ ଯେ ଇନ୍ଦ୍ରଦ୍ୟୁମ୍ନ ରାଜା ସ୍ୱପ୍ନାଦିଷ୍ଟ ହୋଇ ପୁରୀକୁ ଆସିବା ପରେ ପ୍ରଥମେ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନିକଟରେ ମନ୍ଦିର ନିର୍ମାଣ କରିଥିଲେ—

ଏବେ ଏଠାରୁ ଯିବା ବେଗେ—ଶ୍ରୀ ନୀଳକଣ୍ଠେଶ୍ୱର ଲିଙ୍ଗେ
ଶତେ ଧେନୁ ପଞ୍ଚାମୃତ କରି—ଦକ୍ଷିଣ ଦିଗକୁ ଆଚମାରି
ପଦ୍ମ କୃଷ୍ଣାଳ ଉପଚାର—ଅଗୁରୁ ଚନ୍ଦନ କର୍ପୂର
ତୁମ୍ଭେ ସେ ସ୍ଥାବରର ତଳେ—ତୋଳାଅ ବିଜୟ ଦେଉଳେ।

× × ×

ପଶ୍ଚିମ ମୁଖରେ ଦେଉଳ—ବଟଦ ନୀଳ କଣ୍ଠ ସ୍ଥଳ।,

(ନୀଳାଦ୍ରି ମହୋଦୟ—୧୬ ଅ। ୧୪—୨୦ ପଦ)

ଶ୍ରୀକ୍ଷେତ୍ରରେ ଶିବ ଅଷ୍ଟଶମ୍ଭୁ ରୂପରେ ଓ ଦେବୀ ଅଷ୍ଟ ଚଣ୍ଡିକା ରୂପରେ ମଧ୍ୟ ପ୍ରତିଷ୍ଠିତ ଥିବା ପୁରାଣରେ ବର୍ଣ୍ଣିତ ହୋଇଅଛି। ସେଇ ଅଷ୍ଟଶମ୍ଭୁ ହେଉଛନ୍ତି—

'କପାଳ ମୋଚନ ପ୍ରଥମେ—ଯେ ନାମେ କ୍ଷେତ୍ରପାଳ ନାମେ
ଦକ୍ଷିଣ ପାଶେ ଯମେଶ୍ୱର—ଉତ୍ତରେ ମାର୍କଣ୍ଡେଶ୍ୱର।
ଐଶାନେଶ୍ୱର ଭୁଇଁ ତଳେ—ବଟେଶ୍ୱର ଯେ ବଟ ମୂଳେ।
ଶଙ୍ଖ ନାଭିରେ ନୀଳକଣ୍ଠ—ବିଲ୍ୱେଶ୍ୱରଙ୍କ ଯେନ ଅଷ୍ଟ।'

ଅନ୍ତର୍ବେଦୀକୁ ଜଗିଥିବା ଅଷ୍ଟଚଣ୍ଡୀ ହେଉଛନ୍ତି—

'ଦେଖ ଏ ବଟବୃକ୍ଷ ମୂଳେ—ମଙ୍ଗଳା ଛନ୍ତି ପୂର୍ବ କୂଳେ।
ବଟର ପଶ୍ଚିମେ ବିମଳା—ଶଙ୍ଖ ପୃଷ୍ଠେ ସର୍ବମଙ୍ଗଳା।
ଉତ୍ତର ଦିଗେ ଅର୍ଦ୍ଧାଙ୍ଗ—ଈଶାନେ ଅର୍ଦ୍ଧାଶନୀ ସ୍ଥାୟୀ।
ଦକ୍ଷିଣ ଦିଗେ କାଳ ରାତ୍ରୀ—ପଶ୍ଚିମେ ଚାମୁଣ୍ଡା ମୂରତି।
ପୁଣ ପୂର୍ବରେ ମରିଚ୍ଚ—ଏ ମତେ ଅଷ୍ଟ ଚଣ୍ଡି ହୋଇ।'

(ନୀଳାଦ୍ରି ମହୋଦୟ—ଚତୁର୍ଥ ଅ)

ଶ୍ରୀମନ୍ଦିରରେ ମଧ୍ୟ ଦେବୀମାନଙ୍କ ମହତ୍ତ୍ୱ ବା ପ୍ରାଧାନ୍ୟ ଉଲ୍ଲେଖଯୋଗ୍ୟ। ଜଗନ୍ନାଥଙ୍କୁ ଏଠାରେ ତାନ୍ତ୍ରିକ ମତାନୁଯାୟୀ ଭୈରବ ଓ ବିମଳାଙ୍କୁ ଭୈରବୀ ରୂପରେ ଗ୍ରହଣ କରାଯାଇଅଛି। ସେଥିପାଇଁ ଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କୁ ସମର୍ପଣ ହେବା ପରେହିଁ ତାହା ମହାପ୍ରସାଦ ରୂପେ ଗୃହୀତ ହୋଇଥାଏ। ମହାପ୍ରସାଦ ଶବ୍ଦଟି ମଧ୍ୟ ଏକ ତନ୍ତ୍ରୋକ୍ତ ଶବ୍ଦ। ଭୈରବୀ ଚକ୍ରରେ ସାଧକ ସାଧିକାମାନେ ଯାହା ସମର୍ପଣ କରନ୍ତି ତାକୁ ମଧ୍ୟ ମହାପ୍ରସାଦ କୁହାଯାଏ। ବିଷ୍ଣୁ ମନ୍ଦିରରେ ବଳି ନିଷିଦ୍ଧ। ମାତ୍ର ଜଗନ୍ନାଥଙ୍କ ବେଢ଼ାରେ ଥିବା ବିମଳାଙ୍କଠାରେ ବଳି ଦେବା ବିଧି ଅନୁସୃତ ହୋଇଥାଏ।

ଏଇ ବେଢ଼ା ମଧ୍ୟରେ ମହାଲକ୍ଷ୍ମୀ, ସରସ୍ୱତୀ, ବେଦ୍ଧାଦ ଅଷ୍ଟମହାବିଦ୍ୟା, ଷଷ୍ଠୀ ପ୍ରଭୃତି ଦେବୀମାନଙ୍କ ମନ୍ଦିର ବିଦ୍ୟମାନ।

ଜଗନ୍ନାଥଙ୍କ ବିଗ୍ରହ ନିକଟରେ ସୁଭଦ୍ରାଙ୍କ ମୂର୍ତ୍ତି ତାତ୍ପର୍ଯ୍ୟ ପୂର୍ଣ୍ଣ। ଭଗିନୀ ରୂପରେ ଗୃହୀତ ହେଉଥିଲେ ସୁଭଦ୍ରା ହିଁ ଜଗନ୍ନାଥଙ୍କ ଶକ୍ତି ରୂପିଣୀ ବିଗ୍ରହ। ପାଦ୍ମ ତ୍ରିପୁର ସୁନ୍ଦରୀ, ପରମେଶ୍ୱରୀ, ଭଦ୍ରକାଳୀ, ଜଗନ୍ମୋହିନୀ, ଯୋଗମାୟା, ମାହେଶ୍ୱରୀ ପ୍ରଭୃତି ରୂପରେ ସ୍ତୁତ କରାଯାଇଅଛି।

'ନମସ୍ତେ ତ୍ରିଲୋକ ତାରଣୀ—ବିଷ୍ଣୁର ମାୟା ସ୍ୱରୂପିଣୀ।
ଚରାଚର ସୃଷ୍ଟି ମୋହିନୀ—ହୃଦୟ ପଙ୍କଜ ଆସନୀ।
ବିଷ୍ଣୁର ଶିବ ଅନୁସାର—ତୁମ୍ଭେ ଲକ୍ଷ୍ମୀ ତୁମ୍ଭେ ଗଉରୀ।
ତୁମ୍ଭେ ଯୋଗିନୀ କାତ୍ୟାୟନୀ—ଶାନ୍ତ ଅଶାନ୍ତ ଯଥା ଦେଖି।
ଅଖିଳ ଆତ୍ମା ସର୍ବଶକ୍ତି—ତୁମ୍ଭଙ୍କୁ କେ କରିବ ସ୍ତୁତି।

× × ×

ଜୟ ସୁଭଦ୍ରେ ଭଦ୍ରାସନା—ସକଳ ଜନେ ଭଦ୍ରାସ୍ୱନା।
ଭଦ୍ରାଭଦ୍ର ସ୍ୱରୂପି ନିତ୍ୟେ—ହେ ଭଦ୍ରକାଳୀ ନମସ୍ତୁତେ।

× × ×

ଅଭେଦ ଶ୍ରୀହରି ଶରୀରେ—ତୁମ୍ଭେ ହେ ସେହି ପରକାରେ।'

(ନୀ. ମ—୨୬ ଅଧ୍ୟାୟ)

ସୁଭଦ୍ରାଙ୍କୁ ମଧ୍ୟ ବିଷ୍ଣୁ ମନ୍ତ୍ରରେ ପୂଜା କରାଯାଏ ନାହିଁ। ଜଗନ୍ନାଥ, ବଳରାମଙ୍କୁ ପୁରୁଷ ସୂକ୍ତ ଅନୁଯାୟୀ 'ଓଁ ନମୋ ଭଗବତେ ବାସୁଦେବାୟ' ମନ୍ତ୍ରରେ ପୂଜା କରାଯାଉଥିଲେ ହେଁ ସୁଭଦ୍ରାଙ୍କୁ ଦେବୀ ସୂକ୍ତ ଅନୁଯାୟୀ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରାଯାଏ। ଜଗନ୍ନାଥଙ୍କ ନବକଳେବର ସମୟରେ ମଙ୍ଗଳାଙ୍କଠାରୁ ସର୍ବାଦୌ ଆଜ୍ଞା ଆଣିବା ବିଧି ଏବେ ବି ପାଳିତ ହୋଇଥାଏ।

ଯେ କୌଣସି ତାନ୍ତ୍ରିକ ପୀଠ ସହ ଶ୍ମଶାନ ସଂଯୁକ୍ତ ହୋଇ ରହିଥାଏ। ପୁରୀ ମନ୍ଦିର ନିକଟରେ ଜଗନ୍ନାଥଙ୍କ ଶ୍ମଶାନ ତଥା ମନ୍ଦିର ଅନତି ଦୂରରେ ସ୍ୱର୍ଗଦ୍ୱାର ଶ୍ମଶାନର ବିଦ୍ୟମାନତା ଏହାର ତାନ୍ତ୍ରିକ ସ୍ୱରୂପର ପରିଚାୟକ।

ତାନ୍ତ୍ରିକ ପୂଜାରେ ମହାପ୍ରସାଦ ଗ୍ରହଣ କାଳରେ ଜାତି ଭେଦ ସ୍ୱୀକୃତ ହୋଇ ନଥାଏ। ଜଗନ୍ନାଥଙ୍କ ମହାପ୍ରସାଦ ଗ୍ରହଣ ସମ୍ପର୍କରେ ମଧ୍ୟ ସେହି ରୀତି ଅନୁସୃତ ହୋଇଥାଏ। ଏହାଛଡ଼ା ତାନ୍ତ୍ରିକ ମଦ୍ୟ ମାଂସ ପ୍ରଭୃତି ପଞ୍ଚ ମକାରର

ଅନେକ ବ୍ୟବସ୍ଥା ସ୍ୱରୂପ କାଂସା ପାତ୍ରରେ ପଇଡ଼ ପାଣି, [illegible] ପ୍ରଭୃତି ଜଗନ୍ନାଥଙ୍କ ପୂଜାରେ ବ୍ୟବହୃତ ହୋଇଥାଏ ।

ଜଗନ୍ନାଥଙ୍କ ବିଗ୍ରହ ତତ୍ତ୍ୱ ରହସ୍ୟାବୃତ କହିଲେ ଅତ୍ୟୁକ୍ତି ହେବ ନାହିଁ । କବି ଉପେନ୍ଦ୍ରଙ୍କ ଭାଷାରେ 'ଭକ୍ତି ଦେବା ମୁକ୍ତି ହୋଇଅଛୁ ଗୁପ୍ତାକ୍ଷରେ—ବୈଷ୍ଣବ ବୋଲନ୍ତି କେହୁ ଜାଣିବ ତାହାରେ ।' କେହି କେହି ଜଗନ୍ନାଥଙ୍କ ବିଗ୍ରହକୁ ଓଁକାରର ପ୍ରତୀକ, ରୂପେ ଗ୍ରହଣ କରିଅଛନ୍ତି । ଅନ୍ୟ କାହା ମତରେ ଏହା ନିର୍ଗୁଣ ବ୍ରହ୍ମର ବା 'ଅପାଣି ପାଦୋ ଜବନ ଗ୍ରହୀତା, ପଶ୍ୟତ ଚକ୍ଷୁଃ ସଶୃଣୋତ୍ୟ କର୍ଣ୍ଣଃ'ର ଏକରୂପ-କଳ୍ପନା, ଇନ୍ଦ୍ରିୟ ନଥାଇ ଇନ୍ଦ୍ରିୟ ଧର୍ମର ସ୍ଥୂଳ ଅସ୍ପଷ୍ଟରୂପ ମାତ୍ର । କେହି କେହି ଏହି ତ୍ରିମୂର୍ତ୍ତିଙ୍କୁ ସତ୍ ଚିତ୍ ଆନନ୍ଦର ପ୍ରତୀକ ରୂପେ ମଧ୍ୟ ଗ୍ରହଣ କରିଥାନ୍ତି । କେହି ଏହାଙ୍କୁ ବୌଦ୍ଧ, କେହିବା ଜୈନ ଧର୍ମର, କେହିବା ଆଦିମ ଶବର ପୂଜିତ ଦାରୁ ଦେବତାର ରୂପାନ୍ତର ବୋଲି ଗ୍ରହଣ କରିଅଛନ୍ତି । ଭକ୍ତମାନଙ୍କ ଦୃଷ୍ଟିରେ ମଧ୍ୟ ଜଗନ୍ନାଥ ନାନା ରୂପରେ ପ୍ରତିଷ୍ଠିତ ଓ ପୂଜିତ ହୋଇ ଆସିଛନ୍ତି । ଯାହା ହେଉ, ଜଗନ୍ନାଥଙ୍କ ପୀଠରେ ଶାକ୍ତ ପରମ୍ପରାର ବହୁଳ ପ୍ରଭାବ ଅନସ୍ୱୀକାର୍ଯ୍ୟ ।

ଗ୍ରାମାଞ୍ଚଳରେ ରାସାୟନିକ ସାରର ଖୁଚୁରା ବିକ୍ରୟ ବ୍ୟବସ୍ଥା

ବଡ଼ ହାଟମାନଙ୍କରେ ସରକାରୀ ବିକ୍ରୟ କେନ୍ଦ୍ର ଖୋଲାଯିବ

ଖାଦ୍ୟଶସ୍ୟ ଓ ପନିପରିବା ଇତ୍ୟାଦିର ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ଚାଷୀମାନଙ୍କୁ ସେମାନଙ୍କ ଚାହିଦା ଅନୁଯାୟୀ ଯଥା ସମୟରେ ରାସାୟନିକ ସାର ସୁବିଧାରେ ଯୋଗାଇ ଦେବାପାଇଁ ସରକାର ରାଜ୍ୟର ଗ୍ରାମାଞ୍ଚଳରେ ବଡ଼ ବଡ଼ ହାଟମାନଙ୍କରେ ବିକ୍ରୟ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି କରିଛନ୍ତି । ଏହି କେନ୍ଦ୍ରମାନଙ୍କରେ ୫ କିଲୋ ଓ ୧୦ କିଲୋ ଓଜନର ସାର ପୁଡ଼ିଆ ନିର୍ଦ୍ଧାରିତ ଦରରେ ବିକ୍ରି କରାଯିବ । ସାର ବ୍ୟତୀତ ବିଭିନ୍ନ ପ୍ରକାର ଉନ୍ନତ ପନିପରିବା ମଞ୍ଜି ଓ ପୋକମରା ଔଷଧ ମଧ୍ୟ ସେଠାରେ ବିକ୍ରି କରାଯିବ । ଏଥିପାଇଁ ପ୍ରତି ବ୍ଲକ୍‌ରେ ଗୋଟିଏ ବଡ଼ ହାଟରେ ବିକ୍ରୟ କେନ୍ଦ୍ର ତୁରନ୍ତ ଖୋଲିବାକୁ ଜିଲ୍ଲା କୃଷି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଗଲାଣି । ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କେନ୍ଦ୍ରଗୁଡ଼ିକ ପରିଚାଳିତ ହେବ ।

ସେହିପରି ରାଜ୍ୟରେ ଥିବା ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି ଓ ପ୍ରାଥମିକ ସମବାୟ ସମିତିଗୁଡ଼ିକ ମଧ୍ୟ ଚାଷୀମାନଙ୍କୁ ଖୁଚୁରାରେ ୫ କିଲୋ ଓ ୧୦ କିଲୋ ଓଜନର ସାର ପୁଡ଼ିଆ ବିକ୍ରୟ କରିବେ ବୋଲି ସରକାର ଅନୁମତି ଦେଇଛନ୍ତି । ପୁଡ଼ିଆରେ ସାର ଭର୍ତ୍ତି କରିବା ଓ ସେଗୁଡ଼ିକର ମୁହଁ ସିଲ୍ କରିବା ଇତ୍ୟାଦି କାମପାଇଁ ସେମାନେ ଯେଉଁ ଖର୍ଚ୍ଚ କରିବେ ସେ ବାବଦରେ ସାରର ନିର୍ଦ୍ଧାରିତ ଦର ଉପରେ କିଲୋ ପ୍ରତି ଆଉ ୧୦ ପଇସା ଅଧିକ ନେବେ । ଏହି ସମବାୟ ସଂସ୍ଥାଗୁଡ଼ିକ ଯଥାଶୀଘ୍ର ଖୁଚୁରା ଭାବରେ ସାର ବିକ୍ରୟ କରିବାପାଇଁ ବ୍ୟବସ୍ଥା କରାଯାଉଛି ।

ସମାଜର ନବ ରୂପାୟନରେ ଲେଖକ ଗୋଷ୍ଠୀର ଭୂମିକା

ଶ୍ରୀ ଭଗବାନ ନାୟକ ବର୍ମା

ବିବର୍ତ୍ତନର ଧାରା ଅନୁକ୍ରମେ ସାମାଜିକ ପରିବର୍ତ୍ତନର ଗତିଧାରାକୁ ଆବଶ୍ୟକୀୟ ପଥପ୍ରଦର୍ଶନ ଦେବାରେ ସାହିତ୍ୟ ବା ସାହିତ୍ୟିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୁଗେ ଯୁଗେ ସ୍ୱୀକୃତ ହୋଇଛି । ପ୍ରତ୍ୟେକ ଯୁଗ-ସନ୍ଧିରେ କ୍ରାନ୍ତଦର୍ଶୀ କବି, ଦାର୍ଶନିକ ଓ ମନ୍ତ୍ରଦ୍ରଷ୍ଟାମାନେ ସୁନିର୍ଦ୍ଦିଷ୍ଟ ଭାବେ ଅଗ୍ରଣୀ ଭୂମିକା ତୁଲାଇ ଆସିଛନ୍ତି । ସେଇଥିପାଇଁ ସାହିତ୍ୟ ଓ କଳା-ସ୍ରଷ୍ଟାମାନଙ୍କୁ କ୍ରାନ୍ତଦର୍ଶୀ ଏବଂ ସମାଜର ସଚେତନ ବିନ୍ଦୁ (conscious point) ବୋଲି ଅଭିହିତ କରାଯାଇଥାଏ ।

ଚେତନାର ସଂକଟ

ସମଗ୍ର ବିଶ୍ୱ-ସଭ୍ୟତାରେ ସଂପ୍ରତି ସେହିଭଳି ଏକ ସନ୍ଧିକ୍ଷଣ ଆସିଛି । ଏ ଯୁଗର ସୁମହାନ୍ କ୍ରାନ୍ତଦର୍ଶୀ କବି, ଦାର୍ଶନିକ ଓ ମନ୍ତ୍ରଦ୍ରଷ୍ଟା ଶ୍ରୀ ଅରବିନ୍ଦ ଏହାକୁ ଚେତନାର ସଂକଟ ବୋଲି ଅଭିହିତ କରି ଏହାର ସ୍ୱରୂପ ଓ ସ୍ୱଧର୍ମ ନିର୍ଣ୍ଣୟ କରି ସାରିଛନ୍ତି । ସମଗ୍ର ବିଶ୍ୱ-ସୃଷ୍ଟି ସଂପ୍ରତି ବିବର୍ତ୍ତନର ଧାରାନୁକ୍ରମରେ ଅନ୍ୟ ଏକ ଚେତନାକୁ ଉତ୍ତୀର୍ଣ୍ଣ ହେବାକୁ ଯାଉଛି । ବିବର୍ତ୍ତନର ଶେଷ ପାହାଚ ମନ ବା ମାନସିକ ଶକ୍ତି ଓ ବୁଦ୍ଧିର ଚରମ ବିକାଶ ଘଟି ସାରିଛି ଏବଂ ମନୁଷ୍ୟ ବର୍ତ୍ତମାନ ଅତିମାନସ ଶକ୍ତିର (supra-mental power) ଅଧିକାରୀ ହେବାକୁ ଯାଉଛି । ଶ୍ରୀ ଅରବିନ୍ଦ ତାଙ୍କର ଜୀବନକାଳ ମଧ୍ୟରେ ସମସ୍ତ ସିଦ୍ଧି ଅର୍ଜ୍ଜନ କରି ସାରିବା ପରେ ଦୀର୍ଘକାଳ ବ୍ୟାପୀ ତପସ୍ୟା କରି ଏହି ଅତିମାନସ-ସତ୍ୟ ଏବଂ ରୂପାନ୍ତର ତତ୍ତ୍ୱର ଉଦ୍‌ଭାବନ ତଥା ପ୍ରତିଷ୍ଠା କରିଯାଇଛନ୍ତି । ଭୂପୃଷ୍ଠରେ ଏ ଶକ୍ତି ଏବେ କାର୍ଯ୍ୟକାରୀ ହେବାକୁ ଆରମ୍ଭ ମଧ୍ୟ କରି ସାରିଛି । ସମଗ୍ର ପୃଥିବୀର ବହୁ କବି, ଦାର୍ଶନିକ ଓ ମନୀଷୀ ଶ୍ରୀଅରବିନ୍ଦଙ୍କ ସେହି ଅପୂର୍ବ ତତ୍ତ୍ୱର ସାରବତ୍ତା ହୃଦୟଙ୍ଗମ କଲେଣି ।

ମଣିଷ ହେଉଛି ଏକ ମଧ୍ୟବର୍ତ୍ତୀକାଳୀନ ପ୍ରାଣୀ ବା transitional being । ମାତ୍ର ଚିରକାଳ ଏହା ଏହିପରି ମଧ୍ୟବର୍ତ୍ତୀ ଅବସ୍ଥାରେ ରହି ନ ପାରେ । ଜ୍ଞାତସାରରେ ହେଉ, କି ଅଜ୍ଞାତସାରରେ ହେଉ ଇଚ୍ଛା କରି ହେଉ କି ବାଧ୍ୟ ହୋଇ ହେଉ, ତାକୁ ଏ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବାକୁ ହିଁ ପଡ଼ିବ । ଏହା ନିସର୍ଗର ଅଲଙ୍ଘନୀୟ ନିର୍ଦ୍ଦେଶ ।

ପାରିବେଶିକ ଅନୁକୂଳତା

ଏ ତ ହେଲା ସମଗ୍ର ବିଶ୍ୱ-ସୃଷ୍ଟି ଓ ମାନବିକତାର କଥା । କିନ୍ତୁ ମାନବିକ ଓ ବିଶ୍ୱଗତ ଚେତନାର ସେହି ଅନିବାର୍ଯ୍ୟ ଉତ୍ତରଣ କେବଳ ସୂକ୍ଷ୍ମ ଜଗତରେ ବା ଚିନ୍ତା କ୍ଷେତ୍ରରେ ଘଟିବ ନାହିଁ—ଜୀବନର ପ୍ରତି କ୍ଷେତ୍ରରେ, ପ୍ରତି ବିଭବରେ, ପ୍ରତ୍ୟେକ ସ୍ତରରେ ତା'ର ପ୍ରଭାବ ପଡ଼ିବା ସୁନିଶ୍ଚିତ । ସୁତରାଂ ଆମ ସମାଜ-ଜୀବନରେ ସେଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟିର ଆବଶ୍ୟକତା ଅପରିହାର୍ଯ୍ୟ । ଯେଉଁମାନେ ଚେତନାର ଏହି ସଂକଟ ଓ ତା'ର ସ୍ୱରୂପକୁ ଉପଲବ୍ଧି କରନ୍ତି, ସେମାନେ ଅନ୍ତତଃ ଏହି ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ସଚେତନ ପ୍ରୟାସ କରିବା ଏକାନ୍ତ ଆବଶ୍ୟକ । ବିଶେଷ କରି ସମାଜରେ ସଚେତନ ବିନ୍ଦୁ ଓ ଚିନ୍ତା-ନାୟକ ରୂପେ ଅଭିହିତ ସାହିତ୍ୟିକ ଓ କଳାକାର ଗୋଷ୍ଠୀ ଏ ଦିଗରେ ବିଶେଷ ଯତ୍ନଶୀଳ ହେବା ଉଚିତ । ପ୍ରଥମେ ସେମାନେ ଏହି ସାମାଜିକ ଆବଶ୍ୟକତାକୁ ହୃଦୟଙ୍ଗମ କରି, ଜନ-ମାନସରେ ତା'ର ପ୍ରତିଷ୍ଠା ଓ ନିଷ୍ଠାଶୀଳତାପାଇଁ ନିଜ ନିଜର ସାହିତ୍ୟ ଓ କଳା-ସୃଷ୍ଟି ମାଧ୍ୟମରେ ସଚେତନ ପ୍ରୟାସ କରିବା ବାଞ୍ଛନୀୟ ।

ପ୍ରଥମ ପାହାଚ : ସମାଜବାଦ

ବୈଦିକ ସାହିତ୍ୟର ସ୍ରଷ୍ଟା ଆମର ମୁନି-ଋଷିମାନଙ୍କ ଠାରୁ ଆରମ୍ଭ କରି ଶ୍ରୀଅରବିନ୍ଦଙ୍କ ପର୍ଯ୍ୟନ୍ତ କ୍ରାନ୍ତଦର୍ଶୀ କବି

ଦ୍ରଷ୍ଟାମାନେ ଯେଉଁ ଭବ୍ୟ ସମାଜର ପରିକଳ୍ପନା କରି ଆସିଛନ୍ତି, ତାହାର ବାସ୍ତବ ରୂପାୟନପାଇଁ ପ୍ରଥମ ସୋପାନ ସ୍ୱରୂପ ଏକ ସୁସଙ୍ଗତପୂର୍ଣ୍ଣ, ସମୃଦ୍ଧିଶୀଳ ସୁଖୀ ସମାଜ ଗଠନର ମୂଳଦୁଆରୂପେ ସମାଜବାଦୀ ବ୍ୟବସ୍ଥାର ଆବଶ୍ୟକତା ଅପରିହାର୍ଯ୍ୟ । ଏହି ଆବଶ୍ୟକତାକୁ ପୂରଣ କରିବାପାଇଁ ଦେଶର ଶାସନ ଦାୟିତ୍ୱରେ ଓ ରାଜନୀତି କ୍ଷେତ୍ରରେ ଥିବା ନେତୃବର୍ଗ ନିଜ ନିଜ ଉପାୟରେ ଚେଷ୍ଟିତ ଅଛନ୍ତି । ମାତ୍ର ସେମାନଙ୍କୁ ଯଥାର୍ଥ ଦିଗ୍‌ଦର୍ଶନ ଦେବାର ଦାୟିତ୍ୱ, ଲେଖକ ଓ ଶିଳ୍ପୀ ଗୋଷ୍ଠୀର । ସେମାନେ ସମାଜର ଆବଶ୍ୟକତା ପ୍ରତି ଅଙ୍ଗୀକାରବଦ୍ଧ ହୋଇ ନିଜ ନିଜର ସାହିତ୍ୟ ଓ ଶିଳ୍ପ-କର୍ମ ଜରିଆରେ ସାମାଜିକ ପରିବର୍ତ୍ତନର ସଂଦେଶ ଦେବା ବାଂଛନୀୟ ।

ଲେଖକର ଭୂମିକା

ସୁଖର କଥା ଯେ, ସଂପ୍ରତି ଯେତେ କ୍ଷୀଣ ହେଲେ ସୁଦ୍ଧା, ଲେଖକମାନଙ୍କ ମଧ୍ୟରେ ଏହି ସଚେତନତା ପ୍ରକାଶ ପାଉଛି । ନିକଟରେ ରାଜଧାନୀ ସାହିତ୍ୟ ସଂସଦ ପକ୍ଷରୁ ସୁନାମଧନ୍ୟ ସାହିତ୍ୟିକ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁଙ୍କ ପ୍ରେରଣା ଓ ନେତୃତ୍ୱରେ ସମାଜର ରୂପାନ୍ତରରେ ଲେଖକର ଭୂମିକା ଶୀର୍ଷକ ଏକ ଉପାଦେୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

ଓଡ଼ିଶାର ସାହିତ୍ୟିକ—ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଏହି ଅବକାଶରେ ଉପସ୍ଥିତ ଲେଖକ ଓ ଶିଳ୍ପୀମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ ମୁଖ୍ୟତଃ କହିଥିଲେ ଯେ, ସମାଜର ବାହ୍ୟ ସଂଗଠନପାଇଁ ଏକ ନୈତିକ ବା ମାନସିକ ପ୍ରେରଣାର ଆବଶ୍ୟକ ଥାଏ ଏବଂ ଯୁଗ ଯୁଗ ଧରି ଏହା ଚାଲି ଆସିଛି । କାରଣ ପ୍ରଥମେ ଚିନ୍ତା—ତା'ପରେ କାର୍ଯ୍ୟ । କ୍ରାନ୍ତଦର୍ଶୀ ସାହିତ୍ୟିକମାନଙ୍କ ଚିନ୍ତା ସମାଜକୁ ତଥା ସମାଜର ପରିଚାଳକମାନଙ୍କୁ ପ୍ରେରଣା ଦେଇଥାଏ । ସମାଜର ପରିଚାଳକମାନେ ତା'ର ସାରବତ୍ତା ହୃଦୟଙ୍ଗମ କରି ପାରିଲେ ସମାଜର ପରିବର୍ତ୍ତନ ସହଜ ସୁନ୍ଦର ହୋଇଥାଏ ।

ଲେଖା ନିଷ୍ଠାପର ସାଧନା

ସେ ପୁଣି କହିଥିଲେ ଯେ, ଦର୍ଜୀକୁ ବରାଦ୍ ଦେଇ ପୋଷାକ ତିଆରି କଲା ଭଳି କବି ଓ ଲେଖକମାନଙ୍କୁ ବରାଦୀ ସାହିତ୍ୟ ସୃଷ୍ଟି କରିବା ଲାଗି ପରାମର୍ଶ ଦିଆଯାଇ ନପାରେ ସେ ପ୍ରକାର ସାହିତ୍ୟ ମଧ୍ୟ ପ୍ରଭାବଶାଳୀ ହେବ ନାହିଁ । ଯେବେ କବି-କଳାକାରମାନେ ନିଜ ଭିତରୁ ସମାଜର ଆବଶ୍ୟକତା ପୂରଣପାଇଁ ପ୍ରେରଣା ଲାଭ କରି ଯେଉଁ ସାହିତ୍ୟ ସୃଷ୍ଟି କରିବେ, ତାହାହିଁ ହେବ ଯଥାର୍ଥ ଦିଗ୍‌ଦର୍ଶନର ମନ୍ତ୍ର । ସେଥିପାଇଁ ପ୍ରଥମେ ଏକ ବ୍ୟାପକ ସମାଜ ସଚେତନତା ସୃଷ୍ଟି ହେବା ଆବଶ୍ୟକ । ଅଭିମୁଖ୍ୟର ପରିବର୍ତ୍ତନ ସଙ୍ଗକୁ ସୃଜନଶୀଳତା କ୍ଷେତ୍ରରେ ଯଥେଷ୍ଟ ନିଷ୍ଠା, ସାଧନା ଓ ଆନ୍ତରିକତା ଲୋଡ଼ା । ସମାଜର ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ଲାଗି ଚିନ୍ତା ଓ କର୍ମ ଉଭୟ କ୍ଷେତ୍ରରେ ନୂତନ ମୂଲ୍ୟବୋଧ ପ୍ରକାଶ ପାଇବା ଉଚିତ ।

ଶ୍ରୀମତୀ ଶତପଥୀ ଆହୁରି କହିଥିଲେ ଯେ, ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଉନ୍ନତତର ଅବସ୍ଥାକୁ ଯିବାପାଇଁ ଚେତନା ସ୍ତରରେ ଯେଉଁ ଚାପ ଚାଲିଛି, ତା'ସହିତ ତାଳ ଦେଇ ସାହିତ୍ୟ, ଶିଳ୍ପ, କଳା ଓ ଅନ୍ୟ ସବୁ କ୍ଷେତ୍ରରେ ନିଷ୍ଠାପର ପ୍ରୟାସ ଅବ୍ୟାହତ ରହିବା ଉଚିତ । କବି ଓ ଲେଖକମାନଙ୍କ ମଧ୍ୟରେ ସମାଜ—ସଚେତନତା ଯେତିକି ବୃଦ୍ଧି ପାଇବା ଉଚିତ, ସମାଜର ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକେ ସେହିପରି କବି ଓ କଳାକାରଙ୍କ ଚିନ୍ତାଧାରା ପ୍ରତି ଉଦାର ଓ ଗ୍ରହଣଶୀଳ ମନୋଭାବ ପ୍ରକାଶ କରିବା ଉଚିତ ବୋଲି ଶ୍ରୀମତୀ ଶତପଥୀ କହିଥିଲେ ।

ସୃଷ୍ଟିର ପ୍ରେରଣା

ଆଲୋଚନାଚକ୍ରରେ ଅଂଶ ଗ୍ରହଣକରି ସୁସାହିତ୍ୟିକ ଅଧ୍ୟାପକ ଚିତ୍ତରଂଜନ ଦାସ ମୁଖ୍ୟତଃ କହିଥିଲେ ଯେ, ସାହିତ୍ୟିକ ଚିରଦିନ ଲୋକାଭିମୁଖୀ ହୋଇ ରହିବା ଉଚିତ । ସେ କୌଣସି ନିର୍ଦ୍ଦିଷ୍ଟ ମତବାଦର ପ୍ରଚାରକ ସାଜି ନପାରେ । ଭାରତ ସ୍ୱାଧୀନତା ଲାଭ କରିବା ପରଠାରୁ ଗତ ୩୦ ବର୍ଷ ମଧ୍ୟରେ ସାହିତ୍ୟିକମାନେ ସମାଜକୁ କୌଣସି ଦିଗ୍‌ଦର୍ଶନ ଦେଇ ପାରିଥିବା ଭଳି ମନେ ହୁଏ ନାହିଁ । ଲୋକ ଧର୍ମ ପରିବର୍ତ୍ତେ ରାଜଧର୍ମ ଆଧିପତ୍ୟ ବିସ୍ତାର କଲେ ସାହିତ୍ୟିକମାନେ ତା'ର ସ୍ତାବକ ହେବା ଉଚିତ ନୁହେଁ । କିନ୍ତୁ ସମାଜର ସୁସଂଗଠନପାଇଁ ନିଜ ଭିତରୁ ପ୍ରେରଣା ଲାଭ କରିବାକୁ ସେ ପ୍ରୟାସୀ ହେବା ଉଚିତ ।

ପ୍ରେମର ସାଧନା

ଗାଳ୍ପିକ—ଅଧ୍ୟାପକ ଡଃ କୃଷ୍ଣ ପ୍ରସାଦ ମିଶ୍ର ମୁଖ୍ୟତଃ କହିଥିଲେ ଯେ, ସାହିତ୍ୟିକ ହେଉଛି ଭବିଷ୍ୟତ୍-ଦ୍ରଷ୍ଟା । ସେ ମଧ୍ୟ ତପସ୍ୱୀ । ସତ୍ୟ-ଶିବ-ସୁନ୍ଦରର ପ୍ରତିଷ୍ଠା ଲାଗି ସେ ନିଜକୁ ଉତ୍ସର୍ଗ କରେ । ରାଜଶକ୍ତି ସହିତ ତା'ର ସଂଘର୍ଷ ସେତିକିବେଳେ ହେବ, ଯେତେବେଳେ ରାଜଶକ୍ତି ହେବ ସ୍ୱେଚ୍ଛାଚାରୀ ଓ ଆଦର୍ଶହୀନ । ସେ ଯାହାହେଉ, ସାହିତ୍ୟିକ ଯଦି ଯଥାର୍ଥରେ ପ୍ରେମ ଓ ଅନୁଭବର ସାଧନାକରି ପାରିଲା, ତେବେ ତା'ର ସୃଷ୍ଟି ମଧ୍ୟରେ ସାମାଜିକ ପରିବର୍ତ୍ତନର ଦିଗ୍‌ଦର୍ଶନ ସ୍ୱତଃ ପରିସ୍ଫୁଟିତ ହୋଇ ପାରିବ ।

ଆଭିମୁଖ୍ୟ ସ୍ପଷ୍ଟ ହେଉ

ଉପନ୍ୟାସକାର—ଅଧ୍ୟାପକ—ଶ୍ରୀଯୁକ୍ତ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟତଃ କହିଥିଲେ ଯେ, ସାହିତ୍ୟିକମାନଙ୍କର ଆଭିମୁଖ୍ୟ ବର୍ତ୍ତମାନ ଏକାନ୍ତ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ହେବା ଉଚିତ । ସେଥିରେ କୌଣସି ପ୍ରକାର ଅସ୍ପଷ୍ଟତା ରହିବା ଉଚିତ ନୁହେଁ । ଅତୀତରେ ଆମ ଦେଶରେ କ'ଣ ହୋଇଥିଲା ବା କି ପ୍ରକାର ନୈରାଶ୍ୟର ଉଦ୍ଭବ ହୋଇଥିଲା, ତା'ର ବିଚାର ଅନାବଶ୍ୟକ । ବର୍ତ୍ତମାନ ଆମର ରାଷ୍ଟ୍ର-କର୍ତ୍ତାମାନେ ସମାଜର ଏକ ରୂପାନ୍ତର ସାଧନପାଇଁ ସଂକଳ୍ପବଦ୍ଧ ଉଦ୍ୟମ କରୁଥିବା ବେଳେ ଲେଖକମାନେ ମଧ୍ୟ ସେଥିରେ ସ୍ୱର ମିଳାଇ ନିଜ ନିଜର ଲେଖନୀ ଚାଳନା କରିବା ଆବଶ୍ୟକ ।

ଶ୍ରୀ ଆଚାର୍ଯ୍ୟ ଘୋଷଣା କରିଥିଲେ ଯେ, ସେ କୌଣସି ରାଷ୍ଟ୍ରନାୟକର ସ୍ତାବକ ନୁହନ୍ତି, ସେ ହେଉଛନ୍ତି ଅନେକର ସ୍ତାବକ, ବାସ୍ତବତାର ସ୍ତାବକ, ଭବିଷ୍ୟତର ସୁଖୀ ଓ ଆଲୋକପ୍ରାପ୍ତ ସମାଜର ସ୍ତାବକ । କାରଣ ସେହି ଉଦ୍ଦେଶ୍ୟରେହିଁ ଆଜି ତାଙ୍କର ଅଭୀପ୍ସା ଜାଗ୍ରତ ହୋଇଛି । ପ୍ରତ୍ୟେକ ଲେଖକ ଭିତରେ ଏହିପରି ଏକ ଅଭୀପ୍ସା ରହିବା ଉଚିତ । ଆଗାମୀ ୫ ବର୍ଷପାଇଁ ସେ ନିଜର ଲେଖନୀକୁ ଏହି ଅଭୀପ୍ସାର ସାଧନା ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ ।

ନୂତନ ମୂଲ୍ୟବୋଧ ଲୋଡ଼ା

ଆବେଗପୂର୍ଣ୍ଣ କଣ୍ଠରେ ପୁଣି କହିଲେ, ସମାଜରୁ ଦାରିଦ୍ର୍ୟ, ଶୋଷଣ, ବ୍ୟାଧି ଓ ଦୁର୍ଗନ୍ଧ ଦୂର କରିବା ନିମିତ୍ତ ଯଦି କୌଣସି ସରକାର ଦୃଢ଼ପରିକର ହୋଇଥାଏ, ତେବେ ଦରକାର ପଡ଼ିଲେ ସେ ତାଙ୍କର ଲେଖନୀ ବନ୍ଦକରି ସେଥିରେ ପୂର୍ଣ୍ଣ ସହଯୋଗ କରିବେ । ଯଦି କୌଣସି ସରକାର ସେ କଥା କହି ପରେ ପ୍ରତାରଣା କରେ, ତେବେ ତା' ବିରୁଦ୍ଧରେ ସେ ବିପ୍ଳବର ଜୀବନ ଦେବାକୁ ପ୍ରସ୍ତୁତ ହେବେ ।

ଶ୍ରୀ ଆଚାର୍ଯ୍ୟ କହିଲେ, କେବଳ ସ୍ୱପ୍ନାୟନ, ଆଦର୍ଶାୟନ, କୁତ୍ସା ଓ ବ୍ୟଙ୍ଗ-ବାଣୀରେ ସାହିତ୍ୟକୁ କଳଙ୍କିତକରି ସାଧାରଣ ମଣିଷଙ୍କ ଭିତରେ ହତୋତ୍ସାହ-ଭାବ ଓ ସ୍ୱପ୍ନଭଙ୍ଗ ସୃଷ୍ଟି କରିବା ସୁସାହିତ୍ୟିକଙ୍କର କର୍ତ୍ତବ୍ୟ ନୁହେଁ । ବିଗତ କେତେ ବର୍ଷଧରି ବୈପ୍ଳବିକ ଚିନ୍ତାଧାରା ନାମରେ କେବଳ ଏହି କୁତ୍ସା-ସାହିତ୍ୟହିଁ ସୃଷ୍ଟି କରିଛନ୍ତି ଆମର ଅଧିକାଂଶ ଲେଖକ । ତଦ୍ଦ୍ୱାରା ଆମର ସମସ୍ତ ମୂଲ୍ୟବୋଧ ଭାଙ୍ଗି ପଡ଼ିଛି । ନୂଆ କିଛି ଗଢ଼ାଯାଇ ପାରିନାହିଁ । ବର୍ତ୍ତମାନ ସେହି ପୁନର୍ଗଠନର ପର୍ବ ଆରମ୍ଭ ହୋଇଛି, ସେଥିରେ ଲେଖକ-ଗୋଷ୍ଠୀ ପୂରାପୂରି ସାମିଲ୍ ହେବା ଉଚିତ ।

ଲେଖକର ସ୍ୱପ୍ନ ଓ ଅଭୀପ୍ସା

ଗାଳ୍ପିକ—ଅଧ୍ୟାପକ ମହାପାତ୍ର ଶ୍ରୀ ନୀଳମଣି ସାହୁ କହିଥିଲେ ଯେ, ସେ ନିଜକୁ ଚିର ସ୍ୱାଧୀନ ବୋଲି ମନେ କରିଥାନ୍ତି । ଜଣେ ଲେଖକରୂପେ ସେ ନିଜ ଅନ୍ତର ଉପଲବ୍ଧି ଉପରେ ଦଣ୍ଡାୟମାନ ହେବାକୁ ଚାହାନ୍ତି । ଏ ଦେଶରୁ, ସମଗ୍ର ପୃଥିବୀ ପୃଷ୍ଠରୁ ମଣିଷର ସବୁ ପ୍ରକାର ଦୁଃଖ, ସଙ୍କୀର୍ଣ୍ଣତା, ଅସଂଗତି ଓ କୁତ୍ସିତତା ଦୂରୀଭୂତ ହେଉ—ଏହାହିଁ ତାଙ୍କ ଆତ୍ମାର ଚିରପୋଷିତ ସ୍ୱପ୍ନ ଓ ଅଭୀପ୍ସା । ସୁତରାଂ ଏହି ଶୁଭଚିନ୍ତାରେ ଅନୁପ୍ରେରିତ ହୋଇ ଯେଉଁ ସରକାର ସମାଜର କଲ୍ୟାଣ ତଥା ଆବଶ୍ୟକୀୟ ରୂପାନ୍ତର ଘଟାଇବା ଦିଗରେ ନିଜକୁ ନିୟୋଜିତ କରିବ, ତାଙ୍କ ଲେଖନୀର ସମର୍ଥନ ସେ ନିଶ୍ଚୟ ପାଇବ । ପ୍ରତ୍ୟେକ କଲ୍ୟାଣକାମୀ ଲେଖକର ମନୋଭାବ ଏହାହିଁ ହେବା ସ୍ୱାଭାବିକ ।

ସ୍ପଷ୍ଟ ଚିନ୍ତା ରହୁ

ଏହି ଆଲୋଚନାଚକ୍ର ପ୍ରସଙ୍ଗରେ ସାହିତ୍ୟିକ—ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାସ ମହାପାତ୍ର ତାଙ୍କ ଭାଷଣରେ ମୁଖ୍ୟତଃ କହିଥିଲେ ଯେ ସମାଜର ଭବିଷ୍ୟତ ରୂପରେଖ ସଂପର୍କରେ ପ୍ରଥମେ ଚିନ୍ତାଶୀଳଗୋଷ୍ଠୀ ଓ ସାହିତ୍ୟିକମାନଙ୍କ ଆଗରେ ଏକ ସ୍ପଷ୍ଟ ଚିନ୍ତା ରହିବା ଆବଶ୍ୟକ ଏବଂ ସେହି ଚିନ୍ତାର ପ୍ରତିଫଳନ-ପାଇଁ ଲେଖକ ଓ ଶିଳ୍ପୀମାନେ ନିଜ ନିଜ ସୃଷ୍ଟି ମାଧ୍ୟମରେ ନିରନ୍ତର ଓ ନିଷ୍ଠାପର ପ୍ରୟାସ କରିଯିବା ବାଞ୍ଛନୀୟ । ସାମାଜିକ ରୂପାନ୍ତର ଲାଗି ଆମ ମୂଲ୍ୟବୋଧର ଆବଶ୍ୟକୀୟ ପରିବର୍ତ୍ତନ ଏକାନ୍ତ ଲୋଡ଼ା ।

ସାମାଜିକ ଆବଶ୍ୟକତା

ସାହିତ୍ୟିକ—ଅଧ୍ୟାପକ—ଉପମନ୍ତ୍ରୀ ସେକ୍ ମତ୍ଲୁବ୍ ଅଲି ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ, ଯିଏ ସ୍ରଷ୍ଟା, ସିଏ ନିଜ ଅନ୍ତରର ଉପଲବ୍ଧି ମଧ୍ୟରୁହିଁ ନିଜ ସୃଷ୍ଟି ପାଇଁ ପ୍ରେରଣା ପାଇଥାଏ । କାହାରି ଉପଦେଶ ବା ପରାମର୍ଶକୁ ସେ ଅପେକ୍ଷା କରେ ନାହିଁ ବା ତା'ର କୌଣସି ଆବଶ୍ୟକତା ମଧ୍ୟ ନାହିଁ । ତେବେ ଲେଖକମାନେ ସାମାଜିକ ଆବଶ୍ୟକତାକୁ ନିଜ ଅନ୍ତରମଧ୍ୟରୁ ଉପଲବ୍ଧି କରିବାକୁ ଚେଷ୍ଟା କରିବା, ଅର୍ଥାତ ସେଥିଲାଗି ଏକ ସଚେତନ ପ୍ରୟାସ କରିବା ଉଚିତ ।

ଏକ ଅଭିନବ କବିତା ପାଠୋତ୍ସବ

ଏହି ଅବକାଶରେ ରାଜଧାନୀ ସାହିତ୍ୟ ସଂସଦ ପକ୍ଷରୁ ଏକ ଅଭିନବ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅନ୍ୟ ପାଠୋତ୍ସବଗୁଡ଼ିକ ଭଳି ଏହା ସେତେ

ବିରକ୍ତିକର ନ ଥିଲା—ବରଂ କେତେକ ଦୃଷ୍ଟିରୁ ଏହା ବେଶ୍ ଅଭିନବ ଓ ଉପଭୋଗ୍ୟ ଥିଲା । ଆମର କବି—ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ "ଅସହାୟ ମଧ୍ୟ ବିନ୍ଦୁ" ଶୀର୍ଷକ ଏକ ଉଚ୍ଚକୋଟୀର କବିତା ପଢ଼ି ସମସ୍ତଙ୍କୁ ମୁଗ୍ଧ-ବିମୋହିତ କରି ଦେଇଥିଲେ । କବି—ଅଧ୍ୟାପକ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ମହାନ୍ତି ପଠିତ କବିତାଗୁଡ଼ିକର ସଂକ୍ଷିପ୍ତ ସମୀକ୍ଷା କରିଥିଲେ ।

ଏକ ବ୍ୟତିକ୍ରମ

ସାହିତ୍ୟିକ ଶ୍ରୀ ଦଶରଥ ସାମଲ୍ ନିକଟରେ 'ଧରିତ୍ରୀ-ସାପ୍ତାହିକୀ'ରେ ଏକ ସ୍ୱତନ୍ତ୍ର ନିବନ୍ଧ ଲେଖି ଶଂସିତ କବିତା ପାଠୋତ୍ସବର ଅଭିନବତ୍ୱ ସ୍ୱୀକାର କରିଛନ୍ତି । ଏଥିରେ ସେ ଲେଖିଥିଲେ ଯେ, "ଗତ ସେପ୍‌ଟେମ୍ବର ୭ ତାରିଖ ଦିନ ରବୀନ୍ଦ୍ର ମଣ୍ଡପରେ ଯେଉଁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଗୋଟାଏ ଦଶକର ଚର୍ବିତଚର୍ବଣ ଗଡ଼ଡ଼ାଳିକା ପ୍ରବାହରେ ତାହା ଯେ ଏକ ବ୍ୟତିକ୍ରମ ଥିଲା ଏଥିରେ ସନ୍ଦେହ ନାହିଁ । ସେ ଦିନ ପ୍ରାୟ ସବୁ କବିଙ୍କ କବିତାବୃତ୍ତିର ଧାରା (କେତେ ଜଣଙ୍କୁ ବାଦ୍ ଦେଇ) ଓ ପରିବେଷଣରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଲକ୍ଷ୍ୟ କରି-ଯାଇଥିଲା । ✽ ✽ ✽ ସେ ଦିନର କବିତା ପାଠୋତ୍ସବ ବାସ୍ତବିକ୍ ଏକାନ୍ତ ଉପଭୋଗ୍ୟ ଥିଲା । କବିତାବୃତ୍ତିର ଧାରାରେ ଏହା ଥିଲା ଏକ ନବ ଉତ୍ତରଣ । ✽ ✽ ✽ ଆବୃତ୍ତିର ଝଙ୍କାରରେ ଭରି ରହିଥିଲା ଆମ ମଧ୍ୟଯୁଗୀୟ ସାହିତ୍ୟର ଗୀତିମୟ ଆବେଗ ଓ ସଙ୍ଗୀତମୟ ମୂର୍ଚ୍ଛନା । ସେଠି ପଠିତ କବିତାଗୁଡ଼ିକରେ ଅତ୍ୟାଧୁନିକ ପ୍ରତୀକ ସମୂହର ବହୁଳ ବ୍ୟବହାର । ବିଶେଷ କରି ରାଜେନ୍ଦ୍ର କିଶୋର ପଣ୍ଡା, କୁମାର ମହାନ୍ତି, ବ୍ରଜରାଜ ସତ୍ୟନାରାୟଣ ନନ୍ଦ, ଫଣୀ ମହାନ୍ତି, ବିଶ୍ୱରଂଜନ ମହାପାତ୍ର, ତ୍ରିନାଥ ସାମନ୍ତରାୟ, ହରପ୍ରସନ୍ନ ଦାସ ପ୍ରମୁଖଙ୍କ କବିତାରେ ଅତ୍ୟାଧୁନିକ ଶୈଳୀ ସହିତ ଆବୃତ୍ତିଗତ ଧାରାରେ ଯେ ନୂତନତ୍ୱର ସ୍ୱାକ୍ଷର ରହିଥିଲା । ସବୁଠାରୁ ଉଲ୍ଲେଖଯୋଗ୍ୟ ଥିଲା ଗଳ୍ପଲେଖିକା ରୂପେ ସୁପରିଚିତା ଆମ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ଚମତ୍କାର କବିତାଟି" ।

ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ଷଡ଼ଙ୍ଗୀ, ବିଦ୍ୟୁତ୍‌ପ୍ରଭା ଦେବୀ, ହୁସେନ୍ ରବି ଗାନ୍ଧୀ, କିଶୋର ସ୍ୱାଇଁ, ଶୈଳବାଳା ମହାନ୍ତି, ପ୍ରତିଭା ଶତପଥୀ, କନକଲତା ମହାନ୍ତି, ପ୍ରହ୍ଲାଦ ପଣ୍ଡା, ଅଶୋକ ସିଂହ, ସ୍ନେହପ୍ରଭା ରାୟ, ଜୟକୃଷ୍ଣ ସାମଲ, ନେତ୍ରାନନ୍ଦ ସାମନ୍ତରାୟ, ଦେବରାଜ ସାମନ୍ତ-ରାୟ, ଏକାଦଶୀ ବୋଉତାଇ ଓ ଅନ୍ୟମାନଙ୍କ କବିତା-ଗୁଡ଼ିକ ମଧ୍ୟ ଶୁଣାଅଧିକେ ବେଶ୍ ଉପଭୋଗ୍ୟ ଥିଲା । କେତେକ କବିତାରେ ସମାଜ ସଚେତନତାର ସଙ୍କେତ ଯଥେଷ୍ଟ ଆଶାପ୍ରଦ ଓ ଉତ୍ସାହଜନକ ଥିଲା ।

ନୂତନ ପ୍ରେରଣାର ଅଭିଯାନ

ସବୁ ଦୃଷ୍ଟିରୁ ରାଜଧାନୀ ସାହିତ୍ୟ ସଂସଦ-ଆୟୋଜିତ ଏହି ସାରସ୍ୱତ ଉତ୍ସବଟି ବେଶ୍ ଫଳପ୍ରଦ ଓ ଉଲ୍ଲାସକର ଥିଲା ବୋଲି ସ୍ୱୀକାର କରିବାକୁ ପଡ଼ିବ । ସଂସଦର ପ୍ରଧାନ ଉପଦେଷ୍ଟା ବା 'ଫ୍ରେଣ୍ଡ-ଫିଲୋସଫର-ଗାଇଡ଼' ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁଙ୍କ ନିଷ୍ଠା, ଆନ୍ତରିକତା ଓ ଆବେଗଭରା ପ୍ରେରଣାରେହିଁ ଏହି ଉତ୍ସବର ସମସ୍ତ ସାଫଲ୍ୟ ଓ ସାର୍ଥକତା ଚିହ୍ନିତ । ସାହିତ୍ୟିକମାନଙ୍କ ମଧ୍ୟରେ ସମାଜ-ସଚେତନତା ସୃଷ୍ଟି ପାଇଁ ଶ୍ରୀଯୁକ୍ତ ସାହୁଙ୍କର ଏହି ନବ-ଅଭିଯାନ ସୁସାର୍ଥକ ହେଉ ଏବଂ ସମାଜର ନବ ରୂପାନ୍ତର ଲାଗି ଏକ ଅଙ୍ଗୀକାରବଦ୍ଧ ଲେଖକ ଗୋ ଉଦ୍‌ଭବ ହେଉ—ଏହାହିଁ ଆଜିର ସୁମନାସ ।

●

ସ୍ପନ୍ଦନ୍ ପାର୍ଶ୍ୱଟି କିନ୍ତୁ ଏହା ବିରୁଦ୍ଧରେ ଶେଷ ପର୍ଯ୍ୟନ୍ତ ଚିତ୍କାର କରି ଚାଲିଛି । ତା ଭାଷାରେ କୃଷ୍ଣ ଅନାର୍ଯ୍ୟ ସନ୍ତାନ, ରାମଚନ୍ଦ୍ରାଦି ଋଷ୍ୟଶୃଙ୍ଗଙ୍କ ଜାରଜ । ଜଗନ୍ନାଥ କେବଳ ଖଣ୍ଡିଏ ନିମ୍ବକାଠ । ଶିବ ଲିଙ୍ଗ ଅତି ଆଦିମ ଯୌନ ଚିହ୍ନ । ପ୍ରତ୍ୟେକ ଦେବୀ ନାରୀ ରୂପା, ପ୍ରତ୍ୟେକ ନାରୀ ବେଶ୍ୟାରୂପା । ଶାସ୍ତ୍ର କେବଳ କଳ୍ପନା.... ପୁରାଣ ଭିତ୍ତି... ବେଦ ବ୍ୟଭିଚାର....।"

ଜୀବନର ଅନ୍ତିମ ନୈରାଶ୍ୟ ଭିତରେ ତାଙ୍କ ମନ ଏପରି ଚିତ୍କାର କରି ଚାଲିଥିଲେ ମଧ୍ୟ, ଏହାର ଶେଷରେ ତାଙ୍କର ସମସ୍ତ ଶକ୍ତି ଖଣ୍ଡ ବିଖଣ୍ଡ ହୋଇ ଯାଇଥିଲେ ମଧ୍ୟ ସେ ତାଙ୍କର ସୁରୁଚି ମୂଲ୍ୟବୋଧକୁ ସମ୍ପୂର୍ଣ୍ଣ ଛାଡ଼ି ପାରି ନାହାନ୍ତି । କାରଣ ସେ ଜାଣିଥିଲେ, 'ହାତୀକୁ ଶୁଖୁଆ ଖାଇବାକୁ ଦେଲେ ବା ସିଂହକୁ ଲୁଚୁଣ୍ଡା ଖାଇବାକୁ ଦେଲେ, ସେ ବରଂ ମରିଯିବ, କିନ୍ତୁ ରୁଚି ବଦଳେଇ ପାରିବ ନାହିଁ ।" ଯଦିଓ ଜୟରାମ ମରି ଯାଇନାହାନ୍ତି ତଥାପି ହଜି ଯାଇଛନ୍ତି ।

ବିଦ୍ୟାଧର ରାୟ, ଯିଏ କି ନିଜେ ମଧ୍ୟ ଅସଫଳ, ଜୟରାମଙ୍କୁ ଫେରେଇ ଆଣିବାକୁ ବହୁଚେଷ୍ଟା କରି ମଧ୍ୟ ନିଜେ ହାରି ଯାଇଛନ୍ତି ।

ଉପନ୍ୟାସର ଏଇ ଅଂଶଟି ହାରି ଯିବାର କାହାଣୀ । ଏଠି ଉପନ୍ୟାସର ଗତି ସାମାନ୍ୟ ଧୀମେଇ ଗଲାପରି ମନେ ହେଉଥିଲେ ମଧ୍ୟ ଲେଖକଙ୍କ ସତ୍ୟ, ନୈତିକତା ଏବଂ ନ୍ୟାୟ ସମ୍ପର୍କିତ ବର୍ଣ୍ଣନରେ ଭରପୂର ହୋଇ ରହିଛି । ଏ ଅଂଶଟିକୁ କଥାବସ୍ତୁର ଅଂଶ ନକହି, ଚରିତ୍ର ବିଶ୍ଳେଷଣ ଓ ମାନବିକ ଦର୍ଶନର ବିଶ୍ଳେଷଣ କହିଲେ ଭୁଲ ହେବନି ବୋଲି ମନେ ହୁଏ । ଏମାନେ ସମ୍ପୂର୍ଣ୍ଣ ଭାବରେ ମୂଳ କଥା ବସ୍ତୁକୁ ଆଚ୍ଛନ୍ନ କରୁ ନାହାନ୍ତି । ଲେଖକଙ୍କର ଆନ୍ତରିକତାର ରସାସ୍ୱାଦନ କରି ଏମାନେ ଜନ୍ମ ନେଇଛନ୍ତି ।

ଚେର୍ଲ ବେନ୍ଦ୍ରର ଅଂଧକାର ଅର୍ଦ୍ଧାଂଶ ଖୁବ୍ ସହଜ । କାହାଣୀରେ ଭରପୁର । ଏହାର ନାୟକ ଜୟନ୍ତ ପଣ୍ଡା । ସେ ବିଶ୍ୱମ୍ଭର ମହାରାଜର ଝିଅ ଦିଗମ୍ବର ମହାରାଜଙ୍କର ରକ୍ଷିତା, ଅବୈଧ ସମ୍ପର୍କ ଥିବା ବିଧବା ରାଜରାଣୀ ଚେମିର ପୁଅ ଜାରଜ ସନ୍ତାନ । ସେ ବିଶ୍ୱମ୍ଭର ମହାରାଜର ସ୍ତ୍ରୀ ସୁଜାତାର ବାଲ୍ୟବନ୍ଧୁ, ତା'ର ଛିଦ୍ରବହୁଳ ସାମାଜିକ ମର୍ଯ୍ୟାଦା ଏବଂ ଅବୈଧ ଯୌନ ସମ୍ପର୍କ ରଖିଥିବା ସୁଜାତାର ପ୍ରେମିକ। ସେ ଜୟରାମଙ୍କ ଅଫିସର ଜଣିଆ କିରାଣୀରୁ ଅବୈଧ ଉପାୟରେ ଓ. ଏ. ଏସ୍. ପାଇ, ଉପରକୁ ଉଠି ସେଇ ଅଫିସରେ ହୋଇଥିବା ବସ୍ । ସେ ମିଥ୍ୟା ଅଭିଯୋଗ ଆଣି ଜୟରାମଙ୍କୁ ଚାକିରିରୁ ନିକାଲିଥିବା ଏବଂ "ଡ୍ରୁଇସ୍" ପରି ଜୟରାମଙ୍କ ପାଇଁ ଶୋକ କରି ଭାଷଣ ଦେଇଥିବା ବ୍ୟକ୍ତି । ସେ ସୁଜାତାର ସ୍ୱାମୀ ବିଶ୍ୱମ୍ଭରକୁ (ମାନେ ତା ପ୍ରେମିକା ରକ୍ଷିତାର ଶୁଭ ଦୃଷ୍ଟି ପାଇଁ) ହେଡ୍ ଆସିଷ୍ଟାଣ୍ଟ କରି ଦେଇ ଥିବା ଉଦାର ଅଫିସର । ସେ ନିଜର ଉନ୍ନତି ପାଇଁ ମୁଲ୍ଲିକ୍ବାବୁଙ୍କର କଳାବଜାରରେ ସାହାଯ୍ୟ କରୁଥିବା ବନ୍ଧୁ । ସେ ମେଡ଼ିକାଲ୍ କଲେଜରେ ପଢୁଥିବା ଏବଂ କଲ୍ଗାର୍ଲପରି ତା ପାଇଁ ହୋଟେଲରେ ରାତି କଟଉଥିବା ମିନାକୁ ବିଶ୍ୱମ୍ଭରର ଶାଳକ ସୋମନାଥ ସହ ବାହାଦେଇ ଆଉ ଏକ ଜାରଜ ପରମ୍ପରା ସୃଷ୍ଟି କରିବାକୁ ଇଚ୍ଛା କରୁଥିବା ଶୁଭ ଚିନ୍ତକ । ଏବଂ ସର୍ବୋପରି, ଜୟରାମଙ୍କ ସମ୍ମାନନୀୟ ପରିଚୟକୁ ନିଲାମ କରୁଥିବା ଏବଂ ଧର୍ମ ସଭାରେ ଭାଷଣ ଦେଉଥିବା ମହାପୁରୁଷ । ତା ନିଜ ଭାଷାରେ— "ଶାଳା, ଏଠି କିଏ ବାଷ୍ଟାର୍ଡ ନୁହେଁ ? ଯଦି ନୁହେଁ ବନେଇ ଦେବା....ମୁଁ କାହାକୁ ଛାଡ଼ିବିନି..ସମସ୍ତଙ୍କ ଘରେ ଅନ୍ତତଃ ଗୋଟିଏ ଗୋଟିଏ ନମ୍ବରଦାର ବାଷ୍ଟାର୍ଡ ନ ହେବା ପର୍ଯ୍ୟନ୍ତ ସେମାନେ ବୁଝି ପାରୁ ନାହାନ୍ତି ଯେ, ଏଇଟା କେତେ ସ୍ୱାଭାବିକ୍ କେତେ ସରଳ ଆଉ କେତେ ଚମତ୍କାର । ସେତେବେଳେ ଏ ସମାଜରେ ସାମ୍ୟ ଆସିବ, ସମ୍ପର୍କରେ କିଛି ସଙ୍କୋଚ ରହିବ ନାହିଁ ।" ତା ମତରେ "ଏ ସଂସାର ଚତୁର ଲୋକଙ୍କ ପାଇଁ, ବଲୁଆ ଲୋକଙ୍କ ପାଇଁ । ଏଠି ଯେ ଯେତେ ଫାଇଦା ଉଠେଇ ପାରିଲା । ଯଦି ବାହୁରେ ଯୋର୍ ଅଛି ତେବେ ଛଡ଼ାଅଣ, ଛିଣ୍ଡାଅଣ, ଭେଟିରେ ଗୋଡ ମଡ଼େଇ ମାଡ଼ି ଯାଅ ।"

ଚେଞ୍ଜ, ମୁଁ ସିଂହ ପରି ବଂଚିବି । "ମୁଁ ଅଲେକ୍‌ଜାଣ୍ଡାର....ସେ ଯେତେ ସେବକଙ୍କ ଉପରେ ଠିକ ତଳକି ଠିଆ ହୋଇ ପାରିଲ ସେ ସେଇ ମୁହୂର୍ତ୍ତରେ ସାର, ସେଇ ପଲ୍ଲୁପାତରେ ସାର ।" ହଁ, ସେ ତଳ ତଳକି ଅଗକୁ ବୁଝିଥିଲ । ଉଥାକଥିତ ଅଙ୍କଲଭାର ପାହାଡରେ, ଏକ ପ୍ରତି-ଶୋଧାତ୍ମକ ନାଟକର ନାୟକ ପରି । ତା'ର ପ୍ରତିଶୋଧର ପ୍ରଥମ ଶୀକାର ଥିଲେ ଜୟରାମ । ଦ୍ୱିତୀୟ ବିଶ୍ୱମ୍ଭରର ପରିବାର । ତା ପାଇଁ ବିଶ୍ୱମ୍ଭର ନିଜ ପରିବାର ଗୁଡ଼ିତ ଏକ ଅବକ୍ଷୟ ମନ ନେଇ ହଜିଗଲ । ଅପେକ୍ଷାର ସ୍ତ୍ରୀ ଲକ୍ଷ୍ମୀର ଦେହ ଉପରେ କୁଲମ୍ କଲ । ନିଜ ପାନସ୍ୱର ସୋମ୍‌ନାଥକୁ ଅବଚେତନ ଅବସ୍ଥାରେ ହତ୍ୟାକଲ । ଅବଶ୍ୟ ବିଶ୍ୱମ୍ଭରର ଏପରିଣତି ପାଇଁ ଜୟନ୍ତ ପଣ୍ଡାର ପ୍ରତିହିଂସା ପରି ତାର ନିଜର ଦୁର୍ବଳତା ମଧ୍ୟ ଦାୟୀ । କାରଣ ତାର ପୌରୁଷତ୍ୱ ଯେମିତି ଏକ ପୋଷାମନା. ଦନ୍ତହୀନ, ନଖହୀନ, ଲମ୍ଫଝମ୍ଫନ ଜଲୁ ଏବଂ ସୁକାନ୍ତର ଭାଷାରେ "ସିଏ ଦନ୍ତନଖ ନଥିବା ଗୋଟିଏ ଗୃହପାଳିତ ଶଣା । ଯେ ଖାଲି ଚରେଇ ଦିଏ । ସେ ଗୋଟିଏ ପୁରୁଷର ଛାଇ କେବଳ ପୁରୁଷ ନୁହଁ ।"

ସୁନନ୍ଦ ଜୟନ୍ତ ପଣ୍ଡା ହାତରେ "କନ୍‌ଭେଣ୍ଟରେ ଛ'ବର୍ଷ ପଢ଼ିଥିବା, ଗ୍ରାଜୁଏଟ୍ ହୋଇଥିବା, ଅନେକ ଧନର କୂଳ ଅନୁଭୂତଥିବା ପ୍ରଭାପୀ ମାସ୍ଥାଧର ସ୍ୱସ୍ଥ ଏସ୍. ପି. ଙ୍କ ଝିଅ ଓ ଭଖ୍ୟାତ ମଙ୍ଗରାଜ ବଂଶର ବୋହୂ ସୁଜାତା ବିପର୍ଯ୍ୟସ୍ତ ହୋଇଯାଇଛି । ବିଶେଷତଃ ସୋଡ଼ ବାଡ଼ରେ ଯୁବକ ବାଷ୍ଟିଆକୁ ଶୋଧି ଜୟନ୍ତର ଅଂଧ ମୋହରେ ସେ କୁଳକୁ ବୁଲିଯାଇଥିଲା, ଏବଂ ଅସହ୍ୟ ସମାଲୋଚନା ବାଣରେ ଛିନ୍‌ଭିନ୍ ହୋଇ ତାର ଅହଂକାର ଖଣ୍ଡି ପଡ଼ିଥିଲ, ସେଦିନ ତା'ର ଅବୈଧ ସନ୍ତାନକୁ ଅପରେସନ କରି ଫୋପାଡ଼ିଦିଆ ଯାଇଥିଲ ଏବଂ ସେଦିନ ତା ସ୍ୱର ସଚେତ ତାକୁ ନିଜର ମସୁଧା କରିବା ପାଇଁ ଖୋଲଖୋଲ୍ ସ୍ୱରରେ ମୁକ୍ତ କରି ଦେଇଥିଲ, ସେଦିନ ସେ ପ୍ରକୃତରେ ବୁଝିବାକୁ ଚେଷ୍ଟା କରିଥିଲ ଯେ ଅଧୁନିକତା ଗୋଟାଏ ପୋଷାକ, ମାଂସ ଶରୀର ନୁହଁ । ନ ହାରିବାର ଛଳନା ନେଇ ସିଏ ପ୍ରକୃତରେ ହାରି ଯାଇଥିଲ ଏବଂ ନିଜ ସଂସାରରୁ ହଜି ଯାଇଥିଲ ।

ସମାଜକୁ ନଷ୍ଟ କରି ଦେବାର ପଣ ଜୟନ୍ତ ପରିଡ଼ାର ଏକ ଅବହେଳିତ ଅନ୍ତରର ଫଳ ନୁହେଁ । ବରଂ ତାର ମନ ଭିତରେ ସର୍ବଦା କେଞ୍ଚି ହେଉଥିବା "ଇନ୍‌ଫେରିଅରିଟି କମ୍ପ୍ଲେକ୍ସ" ବା ହୀନମନ୍ୟତାର ପ୍ରତିଫଳନ । ନିଜର ଆଦୌ ଭୁଲ ନଥାଇ ସେ ସେତେବେଳେ ତାର ବାପା ଦ୍ୱାରା ଉପେକ୍ଷିତ, ଜାରଜ ବୋଲି କୁଖ୍ୟାତ ହେଲ, ସେ କାହିଁକି ପଣ ନ କରିବ ସମସ୍ତ ସମାଜକୁ ଜାରଜ କରି ଦେବା ପାଇଁ ?

ଏ ସମସ୍ତ ମୁଖ୍ୟ ଚରିତ୍ରମାନଙ୍କ ମଧ୍ୟରୁ ଜଣେ ନାୟକ ଖୋଜିବା ଦୁରୂହ ବ୍ୟାପାର । ଦୂରରୁ ଦେଖିଲେ ଜଣାପଡ଼େ ଯେମିତି, କେହି ନୁହନ୍ତି ସେଇ ଉପକବେଶି, ସେଇ ପୃଥ୍ୱୀ ଏଇ ଉପନ୍ୟାସର ହିଁ ନାୟକ ଏ ଚରିତ୍ରମାନେ ସମସ୍ତେ ତାରି ହାତରେ କ୍ରୀଡ଼ା ପୁତ୍ତଳିକା ମାତ୍ର । ସେମାନେ ଏକ ଅବକ୍ଷୟମାନ ଶତାବ୍ଦୀର, ଧ୍ୱଂସ ମୁହଁକୁ ଆଗେଇ ଯାଉଥିବା ବଂଶଧର । ଜୟରାମଙ୍କ ଭାଷାରେ (ଏହା ଲେଖକଙ୍କର ଅନ୍ତରର କଥା ନୁହେଁ ତ ?) ଏମାନେ ହେଉଛନ୍ତି ଏଇ "ପୋଡ଼ାଭୂଇଁ"ର ଗୋଟିଏ ଗୋଟିଏ ଫାଉଁଶିଆ ଗଛ ।

ଏ ପୃଥିବୀ ଏକ ପୋଡ଼ାଭୂଇଁ ଯେଉଁଠି ସତ୍ୟାସତ୍ୟ ମାନେ ମିଥ୍ୟା, ଓ ସମସ୍ତ ସୃଷ୍ଟି (ସତ୍ୟ) ମାନେ ମୃତ । ଏଠି ସର୍ବଦା ମେଘର ସୂଚନା ଅଛି କିନ୍ତୁ ଆଦୌ ବର୍ଷା ହେଉନି । ଉପନ୍ୟାସର ଆରମ୍ଭରୁ "ନହେଉଥିବା ବର୍ଷା"ର ସୂଚନା ମଝିରେ ମଝିରେ ସର୍ବଦା ଉପନ୍ୟାସର ଶେଷ ପର୍ଯ୍ୟନ୍ତ ଦିଆ ଯାଇଛି । ଏ ମେଘ ଦେହରେ ପାଣି ନାହିଁ, କେବଳ ପେଟେ ଧୂଳି ।

❊ ❊ ❊ ❊ ❊

ଉପନ୍ୟାସଟିକୁ ପ୍ରଥମେ ପଢ଼ିଲ ବେଳେ ମନେହେଲ, ଯେମିତି ଏହାର ଶେଷଟା ଖୁବ୍ ତରବରରେ ହୋଇଯାଇଛି । ଗୁଡ଼ାଏ ଘଟଣା ଭିଡ଼ ଜମାଇଛନ୍ତି, ହେଉ ତା ଭିତରେ ପଶି ଯାଇଛନ୍ତି । ସହଜରେ ଠିକଣା କରିବା ସହଜ ନୁହେଁ । ଯେମିତି ସୋମନାଥର ଅସ୍ୱନକ-ଦୋଷଛନ-ମୁଣ୍ଡ ।

ଏହି ଏକ ଉଦ୍ଦେଶ୍ୟ ସାଧନ ପାଇଁ ନେଇ ଆରମ୍ଭ ହୋଇଥିବା ଏହି ଉପନ୍ୟାସ ଦେହରେ ଓଡ଼ିଶା ଗୃହଗତେ, ଜାତୀୟ ଛନ୍ଦ ଏବଂ କେମିତି ଖାପଛଡ଼ା ଲାଗିଲା ।

ଉଦାସ ଶୁଭାରମ୍ଭ କୁନ୍ଦସିଂହ, ପଣ୍ଡିତ, ସୋମନାଥର ମୃତ୍ୟୁ ମେଘରାଜ ବୃଦ୍ଧାଙ୍କର ଅବଚେତନ ଅବସ୍ଥାରେ କାହାଣୀ ଛବିକୁ (ଯାହା ଦେହରେ କେମିତି ପାପ ପ୍ରତିଫଳନର ସନ୍ଦେହଥିଲା) ମାନେ ଦେବା ଘଟଣା, ମନରେ ଦାଗ ଛାଡ଼ି ଦିଏ ।

ଲେଖକ ଗମ୍ଭୀରତା ଦୃଷ୍ଟିରୁ କେବଳ ଚେତନା ସ୍ତରରେ ବାକ୍ୟ ମନରେ ସର୍ବଦା ସାଇତି ରଖିବାକୁ ଲକ୍ଷ୍ୟ ହୁଏ ।

ତେବେ ଶେଷକଥା ଏହି ଯେ, ସମସ୍ତ ନାୟକ ଏକ ଘଟଣା ଉପରେ ଆରୂଢ଼ ହୋଇ ଦନେଇ ଦାସ ପରି ଜୟଗ୍ରାମ ମଧ୍ୟ ବୁଝାଇବେ ବୁଲି ଯାଇଛନ୍ତି । ଦନେଇ ଦାସ ଜୟଗ୍ରାମ ରୂପରେ କଳ୍ପନା କରି ମନେ ହୁଏ । ତେବେ କ'ଣ ଆମେ ଜୟଗ୍ରାମଙ୍କ ପୁନର୍ଜନ୍ମକୁ ଅପେକ୍ଷା କରିବୁ ? ମାତ୍ର ଏହି ଉପନ୍ୟାସଟିକୁ ନ ପଢ଼ିଲେ ଯାଏ ଆମେ ଆମର ସମାଜ ଓ ଆମର ଯୁଗର ସେହି ଅନ୍ଧକାର ଉପନିବେଶଟିକୁ ଦେଖି ମଧ୍ୟ ଚିହ୍ନି ପାରିବୁ ନାହିଁ ।

ନୃତ୍ୟ, ସଂଗୀତ, ନାଟକ, ଚିତ୍ରାଙ୍କନ ଓ ସ୍ଥାପତ୍ୟକଳାରେ ପ୍ରତିଭା ଅନ୍ୱେଷଣପାଇଁ ବୃତ୍ତି ପ୍ରଦାନ

ପାରମ୍ପରିକ ନୃତ୍ୟ, ସଂଗୀତ, ନାଟକ ତଥା ଚିତ୍ରାଙ୍କନ ଓ ସ୍ଥାପତ୍ୟ କଳାରେ ୧୯୭୬ ମସିହା ନିମନ୍ତେ ପ୍ରତିଭା ଅନ୍ୱେଷଣ ବୃତ୍ତି ପ୍ରଦାନପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଫାରମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଯେଉଁ ପ୍ରାର୍ଥୀଙ୍କର ବୟସ ୧୯୭୫ ଜୁଲାଇ ୧ ତାରିଖ ସୁଦ୍ଧା ୧୦ରୁ ୧୪ ବର୍ଷ ମଧ୍ୟରେ ହୋଇଥିବ ଓ କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବେ, ସେମାନେ ଉକ୍ତ ବୃତ୍ତି ନିମନ୍ତେ ଆବେଦନ କରିପାରିବେ ।

ଭାରତବର୍ଷରେ ଏଥିପାଇଁ ପ୍ରାୟ ୭୫ଟି ବୃତ୍ତିର ବ୍ୟବସ୍ଥା ରଖାଯାଇଛି । ଛାତ୍ରଙ୍କୁ ପ୍ରତିବର୍ଷ ଏହି ବୃତ୍ତି ଦିଆଯାଇଥାଏ । ମାଧ୍ୟମିକ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ କିମ୍ବା ଛାତ୍ରଙ୍କୁ ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ବୃତ୍ତି ପାଉଥିବା ବିଷୟରେ ତାଙ୍କର ସନ୍ତୋଷଜନକ ଅଗ୍ରଗତିକୁ ବିଚାରକୁ ନେଇ ବର୍ଷକୁ ବର୍ଷ ବୃତ୍ତି ମଞ୍ଜୁର କରାଯାଇଥାଏ ।

(କ) ଯେଉଁ ଛାତ୍ରଛାତ୍ରୀ ବିଦ୍ୟାଳୟରେ କିମ୍ବା ସହରରେ ଅବସ୍ଥାନ କରି ବିଶେଷ ତାଲିମ ଗ୍ରହଣ କରୁଥିବେ, ସେମାନଙ୍କୁ ବାର୍ଷିକ ଟ ୬୦୦ଙ୍କା ବୃତ୍ତି ଦିଆଯିବ ।

(ଖ) ବିଶେଷ ତାଲିମ ପାଇବା ସକାଶେ ଯେଉଁ ସ୍ଥଳରେ ଛାତ୍ରଙ୍କୁ ଅନ୍ୟ ଜାଗାରେ ଥିବା ଶିକ୍ଷାନୁଷ୍ଠାନରେ ଯୋଗଦେବା ଆବଶ୍ୟକ ହୁଏ, ସେପରି କ୍ଷେତ୍ରରେ ତାଙ୍କୁ ବାର୍ଷିକ ଟ ୧,୨୦୦ଙ୍କା ବୃତ୍ତି ଦିଆଯିବ ।

ଛାତ୍ର ଯେଉଁ ଅନୁଷ୍ଠାନରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ବିଶେଷ ତାଲିମ ଗ୍ରହଣ କରୁଥିବେ, ତାଙ୍କର ସ୍କୁଲ ଦରମା ଭାରତ ସରକାର ବହନ କରିବେ । ନିର୍ଦ୍ଧାରିତ ଦରଖାସ୍ତ ଫାରମ ମୁଖ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ (ସ୍କୁଲ ଶିକ୍ଷା) ଅଫିସରୁ ପ୍ରାର୍ଥୀ ନିଜେ ଯାଇ ଆଣିପାରିବେ କିମ୍ବା ୫୦ପଇସାର ଡାକ ଟିକଟ ଲଗାଇ ନିଜ ଠିକଣା ଲେଖାଥିବା ଏକ ସାଦା ଲଫାପାରେ (୯"×୪") ଦରଖାସ୍ତ କଲେ ତାହା ପାଇ ପାରିବେ । ଭୁବନେଶ୍ୱରସ୍ଥ ମୁଖ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ (ସ୍କୁଲ ଶିକ୍ଷା) ନିକଟରେ ୧୯୭୫ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଆବେଦନପତ୍ର ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ମହିଳା ମହଲ

ଆଦିବାସୀ ନାରୀ ଓ ତାର ସାମାଜିକ ଜୀବନ

ଶ୍ରୀ ରାମଚନ୍ଦ୍ର ଉଲାକା

ନାରୀ ଜାତିର ଉତ୍ଥାନ ପାଇଁ ଓ ସମାଜରେ ତାକୁ ଉପଯୁକ୍ତ ସ୍ଥାନ ଓ ଯଥାର୍ଥ ସମ୍ମାନ ଦେବାପାଇଁ ୭୫ ମସିହାକୁ ଆନ୍ତର୍ଜାତିକ ମହିଳା ବର୍ଷ ରୂପେ ପାଳନ କରାଯାଉଛି । ଭାରତ ଏହି ବର୍ଷ ମଧ୍ୟରେ ନାରୀ ଜାତିର ସ୍ୟା ସମାଧାନ କରିବାପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଓ କରାଯାଉଛି । ଆମ ଦେଶରେ ମଧ୍ୟ ଏଥିପାଇଁ ଦଶ ର୍ଯ୍ୟକ୍ରମ ସ୍ଥିର କରାଯାଇଛି । ସେହିସବୁ କାର୍ଯ୍ୟକ୍ରମ ଦେଶରେ ମୁଖ୍ୟସ୍ଥାନ ପାଇଛି, ସେଗୁଡ଼ିକ ମଧ୍ୟରେ ତୁକ ପ୍ରଥା ଉଚ୍ଛେଦ ଓ ପରଦା ପ୍ରଥାର ନିରାକରଣ ପ୍ରତ୍ୟେକ ସାମାଜିକ ଅନୁଷ୍ଠାନରେ ନାରୀକୁ ସ୍ଥାନ ଓ ମର୍ଯ୍ୟାଦା ଦେବାର କାର୍ଯ୍ୟ ହେଉଛି ପ୍ରଧାନ । ଗୁଡ଼ିକ ଯେ ଅତ୍ୟନ୍ତ ସଂଗତ କାର୍ଯ୍ୟକ୍ରମ ଏଥିରେ କୌଣସି ସନ୍ଦେହ ନାହିଁ ।

ମନୁଷ୍ୟ ମନୁଷ୍ୟ ମଧ୍ୟରେ ଅନେକ ପାର୍ଥକ୍ୟ ଖାଯାଏ ଏବଂ ଏହି ପାର୍ଥକ୍ୟ ପ୍ରାୟ ସବୁ ସ୍ତରରେ ରୂପରେ ଦେଖାଯାଇଥାଏ । ଏହି ପାର୍ଥକ୍ୟ ଡ଼ିକ ମଧ୍ୟରୁ କେତେକ ପ୍ରାକୃତିକ ଓ ଅନ୍ୟଗୁଡ଼ିକ ମହତ୍ତ୍ୱ । ସେଉଁ ପାର୍ଥକ୍ୟ ଗୁଡ଼ିକ ପ୍ରାକୃତିକ ଗୁଡ଼ିକ ଦୂର କରାଯାଇପାରିବ ନାହିଁ, ଯେହେତୁ ଜଗତରେ ବିଭିନ୍ନ ଆବଶ୍ୟକତା ପୂରଣପାଇଁ ପ୍ରକୃତିର ସୃଷ୍ଟି । ସେହି ନ୍ୟାୟରେ ସମସ୍ତ ପ୍ରକାରର ମାଜିକ ପାର୍ଥକ୍ୟ ମଧ୍ୟ ଦୋଷାବହ ନୁହେଁ, କିନ୍ତୁ ଯେଉଁ ପାର୍ଥକ୍ୟ ବ୍ୟକ୍ତିର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରେ ଓ ମାନଙ୍କୁ ଶୋଷଣ କରିବାପାଇଁ ମୁଷ୍ଟିମେୟ ଲୋକଙ୍କୁ ସୁଯୋଗ ଦିଏ ଏବଂ ପରୋକ୍ଷରେ ଦେଶର ସଂହତିକୁ କରେ, ସେହି ପ୍ରକାରର ବିଭେଦକାରୀ ପାର୍ଥକ୍ୟ ଦୂର କରିବା ହେଉଛି ପ୍ରତ୍ୟେକ ପ୍ରଗତିବାଦୀ

ମତବାଦର ଲକ୍ଷ୍ୟ । ସମାଜରେ ନାରୀର ସ୍ଥାନ ନିରୂପଣ ଓ ଅଧିକାର ପ୍ରତିଷ୍ଠା କଥା ବିଚାର କରିବାପୂର୍ବରୁ ଏହି ସୂକ୍ଷ୍ମ ବିଷୟଟି ପ୍ରତି ଧ୍ୟାନ ଦେଇଥିବା ଉଚିତ ।

ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଆଦିବାସୀ ସମାଜରେ ନାରୀ ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବା ସଙ୍ଗେ ସଙ୍ଗେ ତାହାର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଜୀବନରେ ସେ ଉଚ୍ଚତର ଭୂମିକା ଗ୍ରହଣ କରିଥାଏ । ଏହି କାରଣ ବଶତଃ ଯୌତୁକ, ପରଦାପ୍ରଥା ଓ ଶ୍ୱଶୁରାଳୟରେ ଲାଞ୍ଛନା ପ୍ରଭୃତି ସାମାଜିକ ବ୍ୟାଧି ଆଦିବାସୀ ନାରୀପାଇଁ ସମସ୍ୟା ସୃଷ୍ଟି କରି ପାରିନାହିଁ । ଆଦିବାସୀ ନାରୀର ଅସଲ ଓ ପ୍ରକୃତ ସମସ୍ୟା ଗୁଡ଼ିକ ଏହି ଗ୍ରନ୍ଥରେ ଅନ୍ୟତ୍ର ଆଲୋଚିତ ହୋଇଛି ଏବଂ ମୋର ବିଶ୍ୱାସ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଦିଗରେ ଆମେ ଚଳିତ ଆନ୍ତର୍ଜାତିକ ମହିଳା ସମ୍ବତ୍ସରରେ ସଚେଷ୍ଟିତ ଉଦ୍ୟମ କରିପାରିଲେ, ଆଦିବାସୀ ନାରୀ ସମାଜପ୍ରତି ପ୍ରକୃତ ସମ୍ମାନ ଦେଖାଇପାରିବା ।

କେବଳ ତଥାକଥିତ ଉଚ୍ଚ ବର୍ଣ୍ଣର ନାରୀଙ୍କ [illegible] ଭାରତର ଅଧିକାଂଶ ଆଦିବାସୀମାନଙ୍କ ମଧ୍ୟରେ [illegible] ପ୍ରଥାର ପ୍ରଚଳନ ନାହିଁ । ବରଂ ସେମାନଙ୍କ [illegible] ବରପକ୍ଷ କନ୍ୟାପକ୍ଷକୁ ଯଥେଷ୍ଟ 'ପଣ' ଦେବାର [illegible] ପ୍ରଚଳିତ ଅଛି । ଏହି 'ପଣ'ର ପରିମାଣ ମଧ୍ୟ ବହୁତ [illegible] ଏଥିପାଇଁ ଆଦିବାସୀମାନଙ୍କୁ ଅଧିକାଂଶ ସମୟରେ [illegible] ହେବାକୁ ପଡ଼େ । କେତେକ 'ପଣ' ସଂଗ୍ରହ କରିବାକୁ ସମର୍ଥ ନହୋଇ କନ୍ୟାର ବାପଘରେ ଘରଜ୍ୱାଇଁ [illegible] ଭାବରେ କାମ କରନ୍ତି । ପ୍ରଚୁର କାମକରି [illegible] ଥିବାର ଦର୍ଶାଇପାରିଲେ ଯାଇ ସେମାନଙ୍କ [illegible] ପାଣିଗ୍ରହଣ କରିବାର ଅଧିକାର ମିଳିଥାଏ । ଏହି 'ପଣ' [illegible] ଟଙ୍କା ଓ ସାମଗ୍ରୀ କନ୍ୟାର ପିତା ବା ଭ୍ରାତାମାନଙ୍କ ପାଖରେ ଜମାରହେ । କିନ୍ତୁ ଏହାକୁ ଯଥେଚ୍ଛା ଭାବରେ [illegible] କରିବାର ଅଧିକାର ସେମାନଂକର ନଥାଏ । [illegible] ତାହାର ସ୍ୱାମୀ ଗୃହରେ ଉତ୍ତମ ବ୍ୟବହାର [illegible] ଅମାନତ ସ୍ୱରୂପ ଏହା ଗଚ୍ଛିତ ରହେ । ଯଦି କୌଣସି କାରଣରୁ ସ୍ୱାମୀ ସହ ମନୋମାଳିନ୍ୟ ହୋଇ ସ୍ତ୍ରୀ [illegible]

ପରିତ୍ୟାଗ କରେ ତାହାହେଲେ ତାହାର ଭରଣ ପୋଷଣର ଦାୟିତ୍ୱ ପିତା ବା ଭ୍ରାତାମାନେ ବହନ କରି ଆସନ୍ତି । ସାମାଜିକ ପ୍ରଥା ଅନୁଯାୟୀ ଏହି ଦାୟିତ୍ୱ ବହନ କରିବା ସେମାନଙ୍କର ଅବଶ୍ୟ ପାଳନୀୟ କର୍ତ୍ତବ୍ୟ । ଏଥିରେ ବ୍ୟକ୍ତିଗତ ଭାବରେ ଦୟା ବା ଅନୁକମ୍ପା ଦେଖାଇବାର ପ୍ରଶ୍ନ ନଥାଏ । କାରଣ 'ପଣ' ଦ୍ୱାରା କନ୍ୟା ତା'ର ବିବାହ ସଂଗେ ସଂଗେ ଏ ଅଧିକାର ପାଇଥାଏ । 'ପଣ' ସହିତ [illegible] ସମ୍ମାନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସେଥିପାଇଁ 'ପଣ' ଦେବାକୁ ଅସମର୍ଥ ବା ଅନିଚ୍ଛୁକ ପୁରୁଷ ସହିତ [illegible] କରିବାକୁ ଆଦିବାସୀ ନାରୀ କ୍ୱଚିତ ଆକୃଷ୍ଟ ହୋଇଥାଏ । ଏପରିକି କେତେକ ଆଦିବାସୀଙ୍କ ମଧ୍ୟରେ 'ପଣ' ନେଇନଥିବା ମାତାର ସନ୍ତାନମାନେ ମଧ୍ୟ ନିଜକୁ [illegible]

ବୋଧ କରନ୍ତି । ଏଥିରୁ ବେଶ୍ ବୁଝାପଡ଼ିବ ଯେ ଯୌତୁକ ପ୍ରଥାଜନିତ ଦୃଶ୍ୟ ସାମାଜିକ ବ୍ୟାଧି ଆଦିବାସୀ ନାରୀପାଇଁ ସମସ୍ୟାର କାରଣ ହୋଇ ପାରିନାହିଁ । ସେହିପରି ବିବାହ ବିଚ୍ଛେଦର ଅଧିକାର ନାରୀ ସ୍ୱାଧୀନତାର ପରିଚାୟକ । ବର୍ତ୍ତମାନର ସମାଜରେ ବିବାହ ବିଚ୍ଛେଦର ବ୍ୟବସ୍ଥା ରହିଛି । କିନ୍ତୁ ତାହା କେଉଁ ସ୍ତରରେ ପୁରୁଷର ପ୍ରବୃତ୍ତି ଚରିତାର୍ଥ କରିବାପାଇଁ ଉଦ୍ଦିଷ୍ଟ । ଛାଡପତ୍ର ପାଇଥିବା ନାରୀ ସମାଜରେ ସମ୍ମାନ ପାଏନାହିଁ । ପୁଣିଥରେ ବିବାହ କରିବା ତା ପକ୍ଷରେ ସମ୍ଭବ ହୁଏନାହିଁ । ନା ନା ପ୍ରକାର ସାମାଜିକ ଓ ଅର୍ଥନୈତିକ କଟକଣା ହେତୁ ନାରୀ ତାହାର ନିଜର ଆବଶ୍ୟକତା ପାଇଁ ଛାଡପତ୍ର ଦେବାରେ ଅଗ୍ରଣୀ ହୋଇପାରେନାହିଁ , ସେଥିପାଇଁ ସ୍ୱାମୀର ଅତ୍ୟାଚାର ଓ ଦାମ୍ପତ୍ୟ-ଜୀବନର ଅଶାନ୍ତିକୁ ସେ ସହ୍ୟ କରିବାକୁ ବାଧ୍ୟହୁଏ । କିନ୍ତୁ ଆଦିବାସୀ ସମାଜରେ ପୁରୁଷ ଓ ନାରୀ ଉଭୟଙ୍କର ଛାଡପତ୍ର ଦେବାର ସମାନ ଅଧିକାର ଅଛି । ଅଧିକାଂଶ ସ୍ଥଳରେ ଆଦିବାସୀ ନାରୀ ହିଁ ଛାଡପତ୍ର ଦେବାରେ ଅଗ୍ରଣୀ ହୋଇଥାଏ । ଆଦିବାସୀ ସମାଜରେ ଛାଡପତ୍ର ପ୍ରଥା ଅତି ସରଳ । ଆଦିବାସୀ ନାରୀ ସମାଜ ସମ୍ମୁଖରେ ଘୋଷଣା କରେ ଯେ 'ମୋର ଇଚ୍ଛା ନାହିଁ' ଏବଂ ଏହି ଘୋଷଣା ଦ୍ୱାରା ବିବାହ ବିଚ୍ଛେଦ ଚୂଡାନ୍ତ ହୋଇଯାଏ । କାରଣ ଆଦିବାସୀ ସମାଜରେ 'ଇଚ୍ଛା ନଥିବା' ଠାରୁ ବଳି ସଂଗତ କାରଣ ଅଉ କିଛି ନାହିଁ । ଏହା ଘୋଷଣା କରିବା ପୂର୍ବରୁ ଆଦିବାସୀ ନାରୀ ଧୀର ସ୍ଥିର ଭାବରେ ବିଚାର କରିଥାଏ ଏବଂ ତାହାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଆଦିବାସୀ ସମାଜ ଅନ୍ୟଠାରୁ ବଳି ଅଧିକ ସମ୍ମାନ ଓ ମୂଲ୍ୟ ଦେଇଥାନ୍ତି । ବିବାହ ବିଚ୍ଛେଦ ହୋଇଥିବା ନାରୀ ଆଦିବାସୀ ସମାଜରେ ଘୃଣାର ପାତ୍ରୀ ନୁହେଁ । ସେ ଅତି ସହଜରେ ବିବାହ କରିପାରେ । ଏଥିରୁ କାହାରି ଭାବିବା ଉଚିତ ନୁହେଁ ଯେ ଆଦିବାସୀ ନାରୀ ମନେ ବାରମ୍ବାର ବିବାହ ବିଚ୍ଛେଦ କରନ୍ତି । ଅଧିକାର ଥିଲେ ମଧ୍ୟ ବିବାହ ବିଚ୍ଛେଦ ଆଦିବାସୀ ସମାଜରେ ଏକ ବିରଳ ଘଟଣା । ଏହି ଅଧିକାର ଦାମ୍ପତ୍ୟ ଜୀବନକୁ ଅଧିକ ସୁଖମୟ କରିଥାଏ ମାତ୍ର । କାରଣ ଏହାଦ୍ୱାରା ସ୍ୱାମୀ-ସ୍ତ୍ରୀ ସଂପର୍କରୁ ବାଧ୍ୟ ବାଧକତା ଦୂର ହୋଇଥାଏ ଏବଂ ସ୍ୱେଚ୍ଛାକୃତ ସ୍ନେହ ଉପରେ ଏହି ସଂପର୍କ ସ୍ଥାପିତ ହୋଇଥାଏ ।

ନିଜର ସ୍ୱାମୀ ମନୋନୀତ କରିବା ନାରୀର ଏକ ବିଶେଷ ଅଧିକାର । ପ୍ରଚଳିତ ସମାଜରେ ନାରୀମାନେ କ୍ୱଚିତ ଏହି ଅଧିକାର ପାଇଥାନ୍ତି । ଏପରିକି ଶିକ୍ଷିତା ଝିଅମାନେ ନିଜର ଇଚ୍ଛା ବିରୁଦ୍ଧରେ ବାପମାଆଙ୍କର ମତାନୁସାରେ ବିବାହ କରିବାର ଉଦାହରଣ ଏବେ ମଧ୍ୟ ବିରଳ ନୁହେଁ । ଆଦିବାସୀ ସମାଜରେ ମନୋନୀତ ପୁରୁଷକୁ ବିବାହ କରିବା ଏକ ସ୍ୱାଭାବିକ ଅଧିକାର । ଯିଏ ହିଁ ସେ କରନ୍ତୁ, ମନୋନୟନ ସେ କରିବ । ଏଥିରୁ ଅନ୍ୟଥା ଘଟିପାରେ ବୋଲି ଆଦିବାସୀ ପକ୍ଷରେ ଧାରଣା କରିବା ମଧ୍ୟ କଠିନ । ବିବାହ ପୂର୍ବରୁ ଆଦିବାସୀ ନାରୀ ତାହାର ସ୍ୱାମୀର ପରାକ୍ରମକୁ ଭଲଭାବେ ପରୀକ୍ଷା କରିଥାଏ । ଏପରିକି ବିବାହ ପରେ ମଧ୍ୟ ଆଦିବାସୀ ନାରୀ ନିଜ ସ୍ୱାମୀର ପରାକ୍ରମ ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରିଥାଏ । ଅନ୍ୟ ଆଦିବାସୀ ପୁରୁଷ ସମ୍ମୁଖରେ ଯଦି ନିଜ ସ୍ୱାମୀ କୌଣସି କ୍ଷେତ୍ରରେ ପରାଜିତ ବା ନ୍ୟୁନ ବିବେଚିତ ହୁଏ, ତାହାହେଲେ ଆଦିବାସୀ ନାରୀ ପ୍ରତି ଘୋର ଅପମାନଜନକ ସୃଷ୍ଟି ହୁଏ. ଏବଂ ଅଧିକାଂଶ ସ୍ଥଳରେ ଆଦିବାସୀ ନାରୀ ନିଜର ସ୍ୱାମୀକୁ ପରିତ୍ୟାଗ କରିବାପାଇଁ ପଛାଇପାଦ ହୁଏ ନାହିଁ । କେତେ ବାଦବିବାଦମାନଙ୍କରେ ଆଦିବାସୀ ପୁରୁଷ ନିଜର କୌଶଳ ଓ ଶାରୀରିକ ଶକ୍ତିକୁ ଅତିମାତ୍ରାରେ ନିୟୋଜିତ କରିଥାଏ । ଏହି ଶକ୍ତି ଉପଯୋଗ କରିବା ସମୟରେ ହିଂସାକାଣ୍ଡ ମଧ୍ୟ ଘଟିଯାଇଥାଏ । କୋରାପୁଟ ଜିଲ୍ଲାର କଣ୍ଡାପରଜା ଓ ଡଙ୍ଗରିଆ କନ୍ଧ ପ୍ରଭୃତି ଅନୁସୂଚିତ ଜାତିମାନଙ୍କ ମଧ୍ୟରେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଆଦିବାସୀ ପୁରୁଷମାନେ ନିଜ ନିଜ ଭିତରେ ଅନେକ ସମୟରେ ତୁମୂଳ ଗଣ୍ଡଗୋଳ ଏବଂ ଏପରିକି ହିଂସା-କାଣ୍ଡରେ ମଧ୍ୟ ଲିପ୍ତ ରହନ୍ତି । ଠିକ୍ ଏହି ସମୟରେ ଯଦି ଜଣେ ଆଦିବାସୀ ନାରୀ ଉଭୟଙ୍କ ମଧ୍ୟରେ ପ୍ରବେଶ କରେ ତା' ହେଲେ ଉଭୟଦଳ ଏପରିକି ଶାନ୍ତ ଏବଂ ଯେତେବଡ଼ ଗଣ୍ଡଗୋଳ ବା ହିଂସାକାଣ୍ଡ ହେଉନା କାହିଁକି ତାହା ବନ୍ଦ ହୋଇଯାଏ । ଏଥିରୁ ନାରୀ ପ୍ରତି ଆଦିବାସୀ ସମାଜର ଭକ୍ତି ସହଜରେ ଅନୁମେୟ ।

ଜଣେ ପୁରୁଷ ଏକାଧିକ ସ୍ତ୍ରୀ ବିବାହ କରିବାର ପ୍ରଥା ଅବଶ୍ୟ ଅଧିକାଂଶ ଆଦିବାସୀଙ୍କ ମଧ୍ୟରେ ପ୍ରଚଳିତ ଅଛି । ଜଣେ ନାରୀ ଏକାଧିକ ପୁରୁଷ ବିବାହ କରିବାର ପ୍ରଥା ପ୍ରଚଳିତ ଥିଲେ ମଧ୍ୟ ଏହା ଭାରତରେ ମାତ୍ର ଦୁଇଟି ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ଥିବାର ଦେଖାଯାଏ । ସେହି ଦୁଇଟି ଗୋଷ୍ଠୀ ହେଉଛନ୍ତି—ତାମିଲନାଡୁର ନୀଲଗିରି ପର୍ବତ ଅଧିବାସୀ 'ଟୋଡା' ଓ ହିମାଚଳ ପ୍ରଦେଶର 'ଖାସା' । ବହୁପତ୍ନୀ ବିବାହ ପ୍ରଥା ନାରୀ ସ୍ୱାଧୀନତାର ପରିପନ୍ଥୀ ବୋଲି ମନେହୁଏ । କିନ୍ତୁ ଯେଉଁଠାରେ ଆଦିବାସୀ ସ୍ୱାମୀ ଏକାଧିକ ପତ୍ନୀ ବିବାହ କରେ ସେଠାରେ ସେ ପୂର୍ବ ବିବାହିତ ପତ୍ନୀର ପରାମର୍ଶ ମତ ଏହା କରିଥାଏ । ଏକାଧିକ ପତ୍ନୀ ବିବାହ କରିବା ପରିବାରର ଆଭିଜାତ୍ୟ ସୂଚାଇଥାଏ । ସେଥିପାଇଁ ସ୍ତ୍ରୀମାନେ ଅଧିକାଂଶ ସମୟରେ ସେମାନଙ୍କର ସ୍ୱାମୀମାନଙ୍କୁ ପୁଣିଥରେ ବିବାହ କରିବାକୁ ପ୍ରରୋଚିତ କରିଥାନ୍ତି । କେତେବେଳେ ସ୍ତ୍ରୀ ଏଥିପାଇଁ



ନିଦ୍‌ଦରେ । କାରଣ ଏହାଦ୍ୱାରା ତାହାର ପରିଶ୍ରମ ଲାଘବ ହୁଏ ଓ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୁଏ । ଅପର ପକ୍ଷରେ ଏହାର ଅନ୍ୟତମ କାରଣ ମଧ୍ୟ ଉଲ୍ଲେଖଯୋଗ୍ୟ । ଆଦିବାସୀ ପୁରୁଷ ଅଧିକାଂଶ ସମୟ ନିଶାପାନରେ ପ୍ରବୃତ୍ତ ରହି କୃଷିକାମ ଓ ପରିବାର ପରିଚାଳନା କରିବାରେ ଅବହେଳା ପ୍ରଦର୍ଶନ କରିଥାଏ । ନିଜ ସମାଜରେ ଅନ୍ୟ ସହିତ ଦ୍ୱନ୍ଦ କରିବା ଏବଂ କୃଷି କାମ ଇତ୍ୟାଦିରେ ଅବହେଳା କରିବା ଯୋଗୁଁ ଆଦିବାସୀ ନାରୀ ସହରୁଣୀ ଅଣିବାପାଇଁ ବାଧ୍ୟ ହୁଏ । ତେଣୁ ସେ ତା'ର ସ୍ୱାମୀକୁ ବହୁ ବିବାହରେ ଉତ୍ସାହିତ କରେ । ଆଦିବାସୀ ନାରୀ କଠିନ ପରିଶ୍ରମ କରେ ଏବଂ ତାର ସ୍ୱାମୀ ଓ ପରିବାରକୁ ପରିପୋଷଣ କରେ । ଆଦିବାସୀ ନାରୀ ପରିଶ୍ରମକରି ଉପଲବ୍ଧ ଧନରୁ କିଛିତ କିଛି ସଞ୍ଚୟ କରେ । ମାତ୍ର ସେହି ଅର୍ଥକୁ ସେ କିପରିଭାବେ ବିନିଯୋଗ କରିପାରିବ ତାର ଯୋଜନା ଠିକ୍‌ଭାବେ କରିପାରେ ନାହିଁ । ଦୀର୍ଘଦିନର ପରିଶ୍ରମରେ ସଞ୍ଚିତ ଧନକୁ 'ବାହିଁଶନଲା' କିମ୍ବା ଗୁପ୍ତ ସ୍ଥାନରେ ରକ୍ଷିତ ରଖେ ଏବଂ ସେହି ସଞ୍ଚିତ ଧନ ଉପରେ ଅବଶ୍ୟ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର ସମ୍ପୂର୍ଣ୍ଣ ଅଧିକାର ଥାଏ । ସୁତରାଂ ସଞ୍ଚୟ କ୍ଷେତ୍ରରେ ମଧ୍ୟ ଆଦିବାସୀ ନାରୀ ପୁରୁଷଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ତା'ର ସ୍ୱାମୀ ସେହି ଅର୍ଥକୁ ଅବାଂଛିତ ଓ ଅସାଧୁ ଶୋଷଣକାରୀମାନଙ୍କ ହସ୍ତମଧ୍ୟରେ ବଶୀଭୂତ ହୋଇ ସର୍ବସ୍ୱ ସମର୍ପଣ କରିଦିଏ । ଆଦିବାସୀ ସମାଜରେ ପରଦା ପ୍ରଥାର ପ୍ରଚଳନ ନାହିଁ ଓ ଆଦିବାସୀ ନାରୀ ପୁରୁଷଙ୍କ ବିଭିନ୍ନ କ୍ଷେତ୍ରରେ ପରିଶ୍ରମକରି ରୋଜଗାର କରିଥାଏ । କିନ୍ତୁ କେତେଗୁଡ଼ିଏ କାର୍ଯ୍ୟ ନାରୀମାନେ କରିବା ଆଦିବାସୀ ସମାଜରେ ନିଷିଦ୍ଧ । ଯଥା—ଲଙ୍ଗଳ ସାହାଯ୍ୟରେ ଜମି ଚାଷ କରିବା । କିନ୍ତୁ ନାରୀମାନେ କୋଡ଼ି, ଦାଙ୍କି, ଗଇନ୍ତି ପ୍ରଭୃତି ଉପକରଣ ସାହାଯ୍ୟରେ କୃଷିକାମ, ବିଶେଷକରି ଡଂଗର ଚାଷ ସମାପନ କରିଥାନ୍ତି । ସାମାଜିକ ସ୍ତର ଅନୁଯାୟୀ ଯଦିଓ ପୁରୁଷ ପରିବାରର ପୋଷଣକର୍ତ୍ତା ତଥାପି ନାରୀ କେବେହେଲେ ତାହାର ଗଲଗ୍ରହ ହୋଇନାହିଁ ।

ଦେଶର କେତେକ ଅଞ୍ଚଳରେ ବର୍ତ୍ତମାନ ଅର୍ଦ୍ଧନଗ୍ନ ଏବଂ ସମ୍ପୂର୍ଣ୍ଣ ନଗ୍ନ ଆଦିବାସୀ ନାରୀ ଦେଖିବାକୁ ମିଳନ୍ତି । କେତେକେ ପ୍ରବାଦ ରହିଥିବା କଥା ଉଲ୍ଲେଖକରି କହନ୍ତି ଯେ ମହାସତୀ ସୀତାଦେବୀଙ୍କର ଅଭିଶାପ ଫଳରେ ଆଦିବାସୀ ନାରୀ ବିଶେଷକରି ବଣ୍ଡାପରଜା, ଡଂଗରିଆ କନ୍ଧ, କୋଲ୍‌ହା, ଜୁଆଙ୍ଗ, ସଉରା ପ୍ରଭୃତି ଅନୁସୂଚିତ ଜାତି ବର୍ତ୍ତମାନ ସୁଦ୍ଧା ନଗ୍ନ ଅବସ୍ଥାରେ ରହିଛନ୍ତି । 'ଭଗବାନ ଶ୍ରୀ ରାମଚନ୍ଦ୍ର ବନବାସ ସମୟ ମଧ୍ୟରେ କିଛିଦିନ ଗୋଦାବରୀ ତଟର ଦଣ୍ଡକାରଣ୍ୟ ଅଞ୍ଚଳରେ ରହିଥିଲେ । ଦିନେ ସୀତା ଦେବୀ ସାବରୀ ନଦୀରେ ସ୍ନାନ କରୁଥିବା ଅବସ୍ଥାରେ ତାଙ୍କ ଦେହରୁ ବସ୍ତ୍ର ଖସିଯିବା ଫଳରେ ତାଙ୍କର ସେହି ଅବସ୍ଥାକୁ ଆଦିବାସୀ କନ୍ୟାମାନେ ଦେଖି ମୁରୁକି ହସିଥିଲେ । ତେଣୁ ସୀତାଦେବୀ କ୍ରୋଧାନ୍ୱିତା ହୋଇ ଆଦିବାସୀ କନ୍ୟାମାନଙ୍କୁ ଅଭିଶାପ ଦେଲେ ଯେ ସେମାନେ ସବୁବେଳେ ନଗ୍ନ କିମ୍ବା ଅର୍ଦ୍ଧନଗ୍ନ ହୋଇ ରହିବେ ।'

...ପ୍ରହାଦର ସତ୍ୟାସତ୍ୟ ଅବଶ୍ୟ ଅନୁଧ୍ୟାନ ସାପେକ୍ଷ, ...ଥାପି ଏଠାରେ ଉଲ୍ଲେଖଯୋଗ୍ୟ ଯେ କେତେକ ଆଦିବାସୀ ...ଗୋଷ୍ଠୀର କନ୍ୟାମାନେ ମୁଖ୍ୟତଃ ଦୁଇଟି କାରଣ ...ରୁଁ ବର୍ତ୍ତମାନ ଏହି ଅବସ୍ଥାରେ ଦେଖିବାକୁ ମିଳନ୍ତି । ...ଥମତଃ ସେମାନେ ପୂର୍ବ ପ୍ରଚଳିତ ପାରଂପରିକ ରୀତିକୁ ...ସୁର୍ଣ୍ଣ ରଖିବା ଏବଂ ଦ୍ୱିତୀୟତଃ ସେମାନଙ୍କର ସଂସ୍କୃତିକୁ ...ନ୍ୟମାନଙ୍କ ସଂସ୍କୃତିଠାରୁ ସମ୍ପୂର୍ଣ୍ଣ ପୃଥକ ରଖିବାକୁ ...ହାନ୍ତି । କେଣ୍ଟ ଅଧିକାଂଶ ଆଦିବାସୀ ନାରୀ ନିଜର ...ଣାଲୁଗାକୁ ଭଲପାଆନ୍ତି ଏବଂ ତାକୁ ଅଂଟାଠାରୁ ଆଣ୍ଠୁ ...ର୍ଯ୍ୟନ୍ତ ପରିଧାନ କରି ଦେହସାରା ଖୋଲା ରଖନ୍ତି । କେତେକ ...ଭୌଗୋଳିକ କାରଣରୁ ମଧ୍ୟ ସେମାନଂକୁ ଅର୍ଦ୍ଧନଗ୍ନ ଅବସ୍ଥାରେ ...ହିବାକୁ ପଡ଼େ । ଜଙ୍ଗଲ ଓ ପାହାଡ଼ ମାନଙ୍କରେ ସେମାନେ ...ଠିନ ପରିଶ୍ରମ କରୁଥିବାରୁ ଦେହରେ ବସ୍ତ୍ରାଚ୍ଛାଦନ ...ଖିବାକୁ ପସନ୍ଦ କରନ୍ତିନାହିଁ । ସେମାନଙ୍କ ମତରେ ବସ୍ତ୍ର ...ସ୍ତ୍ରାଚ୍ଛାଦନ ପରିଶ୍ରମରେ ପ୍ରତିବନ୍ଧକ ସୃଷ୍ଟି କରେ, କିନ୍ତୁ ...ହୁ ଆଦିବାସୀ ନାରୀ ଲଜ୍ଜା ନିବାରଣ ପାଇଁ ନିଜର ...କ୍ଷସ୍ଥଳକୁ ସ୍ୱୀୟ ନିର୍ମିତ ବିଭିନ୍ନ ଲୌହ, ରୂପା, ପିତ୍ତଳ ...ଭୃତି ଧାତୁଦ୍ରବ୍ୟ ଅଳଙ୍କାର ଦ୍ୱାରା ଆଚ୍ଛାଦିତ କରିଥାଏ । ...କେତେକ ନିଜର ବକ୍ଷସ୍ଥଳକୁ ବିଭିନ୍ନ ରଙ୍ଗିନ ମାଳାଦ୍ୱାରା ...ଚ୍ଛାଦିତ କରି ଥାଆନ୍ତି । ଆଉ କେତେକ ଆଦିବାସୀ ନାରୀ (ସୁନ୍ଦରିଆ ସଉରା, କୁଟିଆ କନ୍ଧ ପ୍ରଭୃତି) ବକ୍ଷସ୍ଥଳ ସବୁବେଳେ ...ନାବୃତ ରଖିଥାଅନ୍ତି । ଏହି ନାରୀ ସାପ୍ତାହିକ ବଜାର, ...ମେଳା ପ୍ରଭୃତି ସ୍ଥାନମାନଙ୍କୁ ସ୍ୱଚ୍ଛନ୍ଦ ଭାବେ ଯିବା ଆସିବା ...କରନ୍ତି ଏବଂ କୌଣସି ସ୍ଥାନରେ ସନ୍ଦ୍ୱାପଣ ଜଣାବକା ...ମୟରେ ଆଣ୍ଠୁମାଡ଼ି ବସନ୍ତି, ଯେହେତୁ କି ସେମାନେ ...ଅଣ୍ଟାଠାରୁ ଆଣ୍ଠୁ ଯାଏ ଲୁଗା ପିନ୍ଧିଥିବାରୁ ଦିଧା ପଲଥି ବସି ପାରନ୍ତି ନାହିଁ ।

ଏହାଛଡ଼ା ଆଦିବାସୀ ନାରୀ କର୍ଣ୍ଣ ଓ ନାସାକୁ ଲୌହଧାତୁଦ୍ୱାରା ସ୍ୱୀୟ ନିର୍ମିତ ଅଳଙ୍କାରରେ ଭୂଷିତ କରିଥାଏ । ଜଙ୍ଗଲ ଅଞ୍ଚଳରେ ରହୁଥିବା ପ୍ରତ୍ୟେକ ଆଦିବାସୀ ନାରୀଙ୍କ ଅଣ୍ଟିରେ କମ୍ବା ମୁଣ୍ଡ ଖୋସା (ଜୁଡ଼ା)ରେ ଖଣ୍ଡିଏ ଖଣ୍ଡିଏ ଛୁରୀ ଥାଏ । ଏହାର ଉଦ୍ଦେଶ୍ୟ ହେଉଛି ନିଜକୁ ଅନ୍ୟମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରି ନିଜର ସତୀତ୍ୱକୁ ବଜାୟ ରଖିବା । ଅନେକ ସ୍ଥାନରେ ଆଦିବାସୀ ନାରୀମାନେ ନିଜର ସୌନ୍ଦର୍ଯ୍ୟକୁ ବର୍ଦ୍ଧିତ କରିଦେବାପାଇଁ ମୁହଁରେ, ହାତରେ ଏବଂ ହାତ ଓ ଗୋଡ଼ରେ କଳାଦାଗର ଖୁଣ୍ଟି ବା ଚିତା କୁଟାଇବା ପରିଲକ୍ଷିତ ହୁଏ । ଅତୀତରେ କୌଣସି କୌଣସି ସ୍ଥାନରେ ଆଦିବାସୀ ନାରୀ ଅତ୍ୟାଚରିତ ହେବା ଫଳରେ ଏବଂ ସେଥିରୁ ରକ୍ଷା ପାଇବାପାଇଁ ବର୍ତ୍ତମାନ ସୁଦ୍ଧା ସେମାନେ ଏହି ଉପାୟ ଅବଲମ୍ବନ କରୁଥିବାର ଲକ୍ଷ୍ୟ କରାଯାଏ । ଏଥିରୁ ସେମାନଙ୍କ ମଧ୍ୟରେ ରହୁଥିବା ଅନ୍ଧ ବିଶ୍ୱାସର ଜ୍ୱଳନ୍ତ ପ୍ରମାଣ ମିଳେ । ଦ୍ୱିତୀୟତଃ ଏହି ଖୁଣ୍ଟି ଖୁଣ୍ଟାଇବା ଦ୍ୱାରା କେତେକ ନାରୀ ଯନ୍ତ୍ରଣାଜନିତ ମୃତ୍ୟୁର ସମ୍ମୁଖୀନ ମଧ୍ୟ ହୋଇଥାନ୍ତି । ଏହାର ଅନ୍ୟତମ କାରଣ ମଧ୍ୟ ରହିଛି । ସେମାନେ ଏହାକୁ ଏକ ସ୍ୱାସ୍ଥ୍ୟରକ୍ଷାର ବିଧିରୂପେ ଗ୍ରହଣ କରିଥାନ୍ତି, ଯେହେତୁ ଖୁଣ୍ଟି ଖୁଣ୍ଟାଇବାଦ୍ୱାରା ଦେହରେ କୌଣସି ରୋଗ ପ୍ରବେଶ କରିପାରେ ନାହିଁ ବୋଲି ସେମାନଙ୍କର ବିଶ୍ୱାସ ।

ପ୍ରଚଳିତ ସମାଜରେ ସମସ୍ତ ପ୍ରକାର ଆମୋଦ ପ୍ରମୋଦ ପୁରୁଷର ପ୍ରାପ୍ୟ ଏକଚାଟିଆ ଅଧିକାର । ଆମୋଦ ପ୍ରମୋଦ କ୍ଷେତ୍ରରେ ନାରୀକୁ ଏକ ଉପଭୋଗ୍ୟ ସାମଗ୍ରୀରୂପେ ବ୍ୟବହାର କରାଯାଇଥାଏ । କିନ୍ତୁ ଆଦିବାସୀ ସମାଜରେ ପୁରୁଷ ଓ ନାରୀ ସମାନ ଭାବରେ ଆମୋଦ ପ୍ରମୋଦରେ ଭାଗ ନିଅନ୍ତି । ନାରୀ ଓ ପୁରୁଷ ଏକାଠି ମିଶି ନାଚନ୍ତି ଓ ଏକାଠି ମିଶି ବଣକୁ ବୁଲିବାକୁ ଯାଆନ୍ତି । ନାଚ ସମୟ ମଧ୍ୟରେ ଆଦିବାସୀ ନାରୀକୁ ଅନ୍ୟ ଆଦିବାସୀ ପୁରୁଷ ସହ ମିଶି ନାଚ କରିବାକୁ ପଡ଼ିଥାଏ । କିନ୍ତୁ ଏହି ଅବାଧ ମିଳନର ସୁଯୋଗ କେବଳ ନାଚପାଇଁ ହିଁ ଉଦ୍ଦିଷ୍ଟ ହୋଇଥାଏ ଏବଂ ଆଦିବାସୀ ନାରୀ ଏହି ସମୟ ମଧ୍ୟରେ ସଂପୂର୍ଣ୍ଣ ସଂଯମ ଅବଲମ୍ବନ କରିଥାଏ । ପୂଜା ପର୍ବରେ ନାରୀ ଓ ପୁରୁଷ ସମାନ ଭାବରେ ଅଂଶ ଗ୍ରହଣ କରନ୍ତି ଯଦିଓ ପ୍ରତ୍ୟେକଙ୍କ ପାଇଁ କିଛି କିଛି କାର୍ଯ୍ୟ ନିର୍ଦ୍ଦିଷ୍ଟ ରହିଥାଏ ।

ଉପରୋକ୍ତ ଆଲୋଚନାରୁ ବର୍ତ୍ତମାନ ପ୍ରଶ୍ନ ଉଠିପାରେ ଯେ ଆଦିବାସୀ ନାରୀର ସମସ୍ୟା କଣ ? ତାର ସମସ୍ୟା ଅବଶ୍ୟ ନିଶ୍ଚୟ ରହିଛି । କିନ୍ତୁ ଏହି ସମସ୍ୟା ସମାଜର ଉଚ୍ଚ ସ୍ତରରେ ଥିବା ନାରୀର ସମସ୍ୟାଠାରୁ ଭିନ୍ନ । ବର୍ତ୍ତମାନ ସମାଜରେ ଏକ ବିଡ଼ମ୍ବନା ପୂର୍ଣ୍ଣ ପରିସ୍ଥିତି ଦେଖା ଦେଇଛି । ଯେଉଁ ନାରୀମାନେ ଶିକ୍ଷା ଓ ଅର୍ଥନୈତିକ ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରନ୍ତି ସେମାନେ ସାମାଜିକ କଟକଣା ଓ ପରମ୍ପରାଗତ ପ୍ରଥାମାନ୍ୟତା ମଧ୍ୟରେ ଅବରୁଦ୍ଧ । ଏମାନେ ସମସ୍ତେ ସମାଜର ଉଚ୍ଚକୋଟୀର ନାରୀ । କିନ୍ତୁ ଦେଶର ଯେଉଁ ଅଶିକ୍ଷିତ ନାରୀମାନେ ଏହି କଟକଣାରୁ ମୁକ୍ତ ସେମାନେ ଉତ୍କଟ ଦାରିଦ୍ର୍ୟଦ୍ୱାରା ଜର୍ଜରିତ । ସାମାଜିକ ସ୍ୱାଧୀନତା ସେମାନଙ୍କର ଉପଭୋଗ କରିବାର ଶକ୍ତି ନାହିଁ । ଏହା ସେମାନଙ୍କ ନିକଟରେ ମୂଲ୍ୟହୀନ ।

ଆଦିବାସୀ ନାରୀର ଉତ୍ଥାନ ପାଇଁ ତାହାର ଅର୍ଥନୈତିକ ଅବସ୍ଥା ସୁଧାରିବାକୁ ହେବ ଏବଂ ତାହାର ସ୍ୱାସ୍ଥ୍ୟରକ୍ଷାର ସମୁଚିତ ବ୍ୟବସ୍ଥା କରିବାକୁ ହେବ । ଅସାଧୁ ବ୍ୟବସାୟୀ ଓ ଠିକାଦାରମାନେ ନାମମାତ୍ର ମଜୁରି ଦେଇ ଆଦିବାସୀ ନାରୀମାନଙ୍କୁ ନିଯୁକ୍ତ କରନ୍ତି । ଏହାର ଫଳ

ପ୍ରତିକାର ଯୋଗ୍ୟ ଉଚିତ୍ୟ । ଶିଶୁ ଖାଦ୍ୟର ଅଭାବ ଆଦିବାସୀ ନାରୀର ଏକ ବିକଟ ସମସ୍ୟା । ପ୍ରସୂତି ଅବସ୍ଥାରେ ଚିକିତ୍ସା, ଖାଦ୍ୟ ଓ ଔଷଧ ତାହାକୁ ମିଳେ ନାହିଁ । ଏହା ତାହାର ଏକ ବିରାଟ ଅଭାବ । ଏଥିପାଇଁ ମାତ୍ର ଗୋଟିଏ ସନ୍ତାନ ଜନ୍ମ ପରେ ଆଦିବାସୀ ନାରୀର ଅକାଳ ବାର୍ଦ୍ଧକ୍ୟ ଆସିଥାଏ ।

ମଦ୍ୟପାନ ଆଦିବାସୀ ସାମାଜିକ ଜୀବନରେ ଏକ ପ୍ରଧାନ ଶତ୍ରୁ । ଆଦିବାସୀ ପୁରୁଷ ଗୃହିଣୀର କଷ୍ଟାର୍ଜିତ ଆୟକୁ ମଦ୍ୟପାନରେ ଖର୍ଚ୍ଚ କରି ପରିବାରକୁ ସର୍ବସ୍ୱାନ୍ତ କରେ । ନିଜ ସ୍ତ୍ରୀ ପ୍ରତି ମଧ୍ୟ ଦୁର୍ବ୍ୟବହାର କରେ ଏବଂ ଫଳତଃ ଏହାର ସୁଖପ୍ରଦ ଦାମ୍ପତ୍ୟ ଜୀବନକୁ ମଧ୍ୟ କଳୁଷିତ କରେ ।

ଏହି ପରିପ୍ରେକ୍ଷୀରେ ଆଦିବାସୀ ନାରୀର ସମସ୍ୟାଗୁଡ଼ିକ ଅତ୍ୟନ୍ତ ଜଟିଳ । ଏହାର ସମାଧାନ ସମସ୍ତ ସାପେକ୍ଷ । କିନ୍ତୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଏହାକୁ କେବଳ ଅର୍ଥନୈତିକ ସମସ୍ୟା ବୋଲି ବିଚାର ନକରି ଏହାର ସାମାଜିକ ଦିଗପ୍ରତି ମଧ୍ୟ ସଚେତନ ହେବା ଉଚିତ ।

ପରିବାର ନିୟୋଜନ କ୍ଷେତ୍ରରେ ଦେଶରେ ଯେଉଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ତାହା ଆଦିବାସୀ ନାରୀ ଉପରେ ଜ୍ୱଲନ୍ତ ପ୍ରଭାବ ପକାଇ ପାରିଛି । ଆଦିବାସୀ ନାରୀ ବହୁ ସନ୍ତାନରେ ବିଶ୍ୱାସ କରେ । ତାର ମତ ରେ ବହୁ ସନ୍ତାନ (ବିଶେଷକରି କନ୍ୟା ସନ୍ତାନ) ଭବିଷ୍ୟତ ଜୀବନରେ ବହୁ ରୋଜଗାର କରି ପରିବାରର ଭରଣପୋଷଣ ତଥା ଏହାକୁ ସମୃଦ୍ଧ କରିପାରିବ । ଏହି ବିଶ୍ୱାସ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିଷ୍ପ୍ରୟୋଜନ ଛାଡ଼ କାରକ । ସେହି ପ୍ରତ୍ୟେକ ଦୃଷ୍ଟିକୋଣରୁ ବିଚାର କରି ଆଦିବାସୀ ନାରୀକୁ ଶିକ୍ଷିତା କରିବାକୁ ହେବ । ଦେଶର ସମସ୍ୟା ବିଷୟରେ ତାକୁ ଅବହିତ କରିବାକୁ ପଡ଼ିବ । ଯଦ୍ୱାରା ସେ ଏହାର ସମାଧାନ ଦିଗରେ ନିଜେ ଅନୁପ୍ରାଣିତ ହୋଇ ପାରିବ ।

ଆଦିବାସୀ ନାରୀ ରକ୍ଷଣଶୀଳା ନୁହେଁ । ପରିବର୍ତ୍ତନକୁ ସେ ସହଜରେ ଗ୍ରହଣ କରିପାରେ । କିନ୍ତୁ ପରିବର୍ତ୍ତନର ବାଣୀ ତା'ର ବୁଝିବା ଭଳି ଭାଷାରେ ତା ନିକଟରେ ପହଞ୍ଚାଇବାକୁ ହେବ । ଏଥିରେ ତାର ସମସ୍ୟାର ପ୍ରକୃତ ରୂପ ଫୁଟିବା ଆବଶ୍ୟକ । ତାହେଲେ ସେ ଅନ୍ୟମାନଙ୍କଠାରୁ ମଧ୍ୟ ଦ୍ରୁତ ଗତିରେ ପରିବର୍ତ୍ତନକୁ ଗ୍ରହଣ କରିପାରିବ ଓ ସମୃଦ୍ଧିଶାଳୀ ସାମାଜିକ ଜୀବନପାଇଁ ନିଜକୁ ଗଢ଼ି ପାରିବ । ଏହା ଫଳରେ ସମଗ୍ର ଦେଶର ସାମାଜିକ ଜୀବନ ପରିପୁଷ୍ଟ ହୋଇ ପାରିବ ।

ଓଡ଼ିଆ ସାହିତ୍ୟରେ ଚଳିତ ଶତକର ନାରୀ ପ୍ରତିଭା

ଅଧ୍ୟାପିକା ଶ୍ରୀମତୀ ପ୍ରତିଭା ଶତପଥୀ

ବିଶ୍ୱସାହିତ୍ୟ ବହୁ ପ୍ରତିଭାଶାଳିନୀ ନାରୀଲେଖନୀରେ ସମୃଦ୍ଧ ହୋଇ ପାରିଛି । ପାଶ୍ଚାତ୍ୟ ଦେଶମାନଙ୍କରେ ଲେଖିକାଙ୍କର ସଂଖ୍ୟା ବହୁ ଅଧିକ । ଆମ ଭାରତରେ ମଧ୍ୟ ବିଭିନ୍ନ ଭାଷାରେ ବହୁ ବିଦୁଷୀ ମହିଳା ଲେଖନୀଚାଳନା କରିଛନ୍ତି । ଏମାନଙ୍କ ମଧ୍ୟରେ ପଞ୍ଜାବୀ ଭାଷାରେ ଶ୍ରୀମତୀ ଅମୃତା ପ୍ରୀତମ, ଶ୍ରୀମତୀ ପ୍ରତିଭା ବସୁ ବଙ୍ଗଳାରେ, ହିନ୍ଦୀ ସାହିତ୍ୟରେ ଶ୍ରୀମତୀ ମହାଦେବୀ ବର୍ମା, ଶ୍ରୀମତୀ ଭୂପାଳ ରଙ୍ଗନାୟକମ୍ମା ତେଲୁଗୁଭାଷାରେ ପ୍ରତିଷ୍ଠାର ଅଧିକାରିଣୀ ହୋଇପାରିଛନ୍ତି । ଆମ ଓଡ଼ିଆ ଭାଷା ମଧ୍ୟ ବହୁ ଲେଖିକାଙ୍କର ଦାନରେ ଶ୍ରୀମଣ୍ଡିତ ହୋଇଛି । ଆମ ରାଜ୍ୟର ଭାଷା ଓ ସାହିତ୍ୟର ଚରମ ବିପର୍ଯ୍ୟୟ କାଳରେ (ଗଜପତି ପ୍ରତାପରୁଦ୍ରଙ୍କ ପରବର୍ତ୍ତୀ ସମୟଠାରୁ ଇଂରେଜ ଶାସନ ପ୍ରବର୍ତ୍ତିତ ହେବାଯାଏ) ନାରୀ ଉନ୍ନତି ଓ ଶିକ୍ଷାର ନାମ ମଧ୍ୟ ଲିଭିଯାଇଥିଲା । ମୋଗଲ, ମରହଟ୍ଟାମାନଙ୍କର ଅତ୍ୟାଚାରରେ ଜର୍ଜ୍ଜରିତ ଓଡ଼ିଆ ତାର ଝିଅ ବୋହୂଙ୍କୁ ବାଲ୍ୟକାଳରୁ ଲୁଚାଇରଖି ଆସୁଥିଲା । ଗଜପତି ପୁରୁଷୋତ୍ତମଙ୍କ ରାଜତ୍ୱ ପର୍ଯ୍ୟନ୍ତ ନାରୀସମ୍ମାନ ସମାଜରେ ଯଥେଷ୍ଟ ଥିବାର ପ୍ରମାଣମିଳେ । ସେତେବେଳେ ଅବାଧ ଗତିରେ ଜଣେ ନାରୀ ଏକସ୍ଥାନରୁ ଅନ୍ୟସ୍ଥାନକୁ ଯାତାୟାତ କରିପାରୁଥିଲା । ପରବର୍ତ୍ତୀ କାଳରେ ବହୁ ଅତ୍ୟାଚାର, ଅସମ୍ମାନ ଓ ଅନାଚାରର ଶିକାର ହେଲେ ନାରୀସମାଜ । ସାର୍ବଜନୀନ ଅଶିକ୍ଷା, ପର୍ଦ୍ଦା ପ୍ରଥା ଭିତରେ ନିଜକଥା କହିବାର, ନିଜ ଅସ୍ତିତ୍ୱ ବଞ୍ଚାଇରଖିବାର ସୁବିଧାସୁଯୋଗ ସେମାନଙ୍କର ନ ଥିଲା । କିନ୍ତୁ ଇଂରେଜ ଶାସନ ଓଡ଼ିଶାରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଓଡ଼ିଆର ଧର୍ମ ଓ ସଂସ୍କୃତି ଉପରେ ଜୁଲମ ତ ବନ୍ଦ ହେଲା; ନାରୀ ଶିକ୍ଷାର, ସମ୍ମାନ ଓ ସ୍ୱାଧୀନତାର ଶୁଭଶଙ୍ଖ ବାଜିଉଠିଲା । ଇଂରେଜମାନେ ଊନବିଂଶ ଶତାବ୍ଦୀର ପ୍ରଥମପାଦରୁ ଓଡ଼ିଶା ଅଧିକାର କରିଥିଲେ ହେଁ ବହୁବର୍ଷର ଜଡ଼ତା, କୁସଂସ୍କାରରୁ ଓଡ଼ିଆଣୀମାନଙ୍କୁ ମୁକ୍ତକରି ସ୍କୁଲ କଲେଜକୁ ଆଣିବାକୁ ପ୍ରାୟ ଗୋଟିଏ ଶତାବ୍ଦୀଯାଏ ଅପେକ୍ଷା କରିବାକୁ ପଡ଼ିଥିଲା । ବିଂଶ ଶତାବ୍ଦୀର ପ୍ରଥମପାଦରେ ହିଁ ନାରୀଶିକ୍ଷା ପ୍ରଚଳିତ ହେଲା ଅର୍ଥାତ୍ ସ୍କୁଲକୁ ଝିଅମାନେ ପଢ଼ିବାକୁ ଯିବାକୁ ଅଗ୍ରସର ହେଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ନାରୀଶିକ୍ଷାର ସଂଖ୍ୟାତ୍ମକ ଓ ଗୁଣାତ୍ମକ ବିକାଶ ଘଟିଲା । ବର୍ତ୍ତମାନ ଏହା କ୍ଷିପ୍ରବେଗରେ ବୃଦ୍ଧି ପାଇବାରେ ଲାଗିଛି ।

ସାକ୍ଷରତା ଓ ସାମାଜିକ ସ୍ୱାଧୀନତା ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ସ୍ୱାଧୀନମତ ପ୍ରକାଶକରି ସାହିତ୍ୟ ସୃଜନ କ୍ଷେତ୍ରରେ ମଧ୍ୟ ନାରୀମାନେ ଆଶାନୁରୂପ ସଫଳତା ଲାଭକଲେ । ତେବେ ଲେଖକର ବ୍ୟକ୍ତିଗତ ସମସ୍ୟାଠାରୁ ଲେଖିକାର ବ୍ୟକ୍ତିଗତ ସମସ୍ୟା କେତେକ ପରିମାଣରେ ଭିନ୍ନ ଓ ଜଟିଳତର । ଆମଦେଶର ନାରୀ

ଆମଦେଶର ସାଧାରଣ ଜୀବନର ସଫଳତା ପାଇଁ ପୁରୁଷଠାରୁ ଅଧିକ ତ୍ୟାଗସ୍ୱୀକାର କରିଥାଏ । ନାନାଜଞ୍ଜାଳ ଓ ସମସ୍ୟାର ସମ୍ମୁଖୀନ ହୋଇ ଈଶ୍ୱରଦତ୍ତ ପ୍ରତିଭାକୁ ସାଧନାର କଷଟିରେ ମାଜି ଉଜ୍ଜଳ କରିପାରିବା ସହଜ ହୁଏନାହିଁ । ତାର ଦାୟିତ୍ୱ ଗୁରୁତର । ସମାଜ ପାଇଁ ସେ ତିଆରି କରିବ ସୁମନୁଷ୍ୟ, ସୁପୁତ୍ର, ସୁକନ୍ୟା ଓ ସାହିତ୍ୟ ଜଗତକୁ ମଣ୍ଡନ କରିବ ତାର ଚିନ୍ତା, ଚେତନା, ଅନୁଭୂତି ଓ ସାଧନାରେ । ଜୀବନଯାତ୍ରା ପଥର ଏଇ ଦୋମୁହାଣି ଛକରେ ତେଣୁ ବହୁନାରୀଲେଖିକା ଆଗେଇ ଆସିଲା ବେଳେ ନୀରବ ହୋଇ ଯାଉଛନ୍ତି । ତଥାପି ଜଞ୍ଜାଳ ଓ ବ୍ୟସ୍ତତାରେ ଛଟପଟ ହେଉଥିବା ମଣିଷ ମୁକ୍ତିର ଆସ୍ୱାଦନ ପାଇଁ ବ୍ୟାକୁଳ ହୁଏ । ସ୍ରଷ୍ଟାର ସୃଜନଶୀଳତା ଥିଲେ ସେ ମୁକ୍ତି ଓ ଶାନ୍ତି ପାଇଁ ନିଜେ ବାଟ ଦେଖାଇଦିଏ । ଶ୍ରାନ୍ତ, କ୍ଳାନ୍ତ ମଣିଷକୁ ଏକ ମହତ୍ତର ଜୀବନର ସନ୍ଧାନଦିଏ । ସେଥିପାଇଁ ବୋଧହୁଏ ଆମ ସାହିତ୍ୟର ବହୁନାରୀ ଏବେ ମଧ୍ୟ ସାଧନାରତ ।

ଚଳିତ ଶତାବ୍ଦୀରେ ବହୁ ଲେଖିକା ନିଜର ଚିନ୍ତାଧାରା, ଅନୁଭୂତିର ସ୍ୱର ଶୁଣାଇଛନ୍ତି ଗଦ୍ୟ ଓ ପଦ୍ୟ ମାଧ୍ୟମରେ । ଏମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନଙ୍କ କନ୍ୟାପ୍ରତିମା ରେବାରାୟ ଆଗେଇ ଆସନ୍ତି । ସମାଜରେ ସଂସ୍କାର ଆଣିବା ସଙ୍ଗେ ସଙ୍ଗେ 'ଅଷ୍ଟକ' ନାମକ ଏକ କବିତା ସଂକଳନର ସେ ରଚୟିତ୍ରୀ । ତାଙ୍କର ଲିଖିତ କ୍ଷୁଦ୍ର ଗଳ୍ପ ଶକୁନ୍ତଳା ମୌଳିକତାର ସୂଚନା ଦେଇଥାଏ ।[1]— ୧୯୧୭-୧୮ ବେଳକୁ ଶ୍ରୀମତୀ ବସନ୍ତକୁମାରୀ ଦେବୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା 'ପରିଚାରିକା'ରେ ମୁଖ୍ୟତଃ ନାରୀମାନେ ଲେଖୁଥିଲେ । ଏହି ପତ୍ରିକାରେ ଲେଖୁଥିବା ଲେଖିକାମାନେ ଥିଲେ ଶ୍ରୀମତୀ ସରୋଜିନୀ ଚୌଧୁରୀ, କୋକିଳ ଦେବୀ, ହେମନ୍ତକୁମାରୀ-ଦେବୀ, ସରଳାଦେବୀ ଆଦି ।[2]—ପରେ ପରେ ଆସନ୍ତି ସ୍ୱନାମଧନ୍ୟା ଉତ୍କଳଭାରତୀ କୁନ୍ତଳାକୁମାରୀ । ଓଡ଼ିଆ ନାରୀଙ୍କର ଅନଗ୍ରସର କାଳରେ ଶିକ୍ଷାକ୍ଷେତ୍ରରେ ଅଗ୍ରେଇ ଆସି ସେ ଡାକ୍ତରଣୀ ହୋଇଥିଲେ, ବହୁ ଉପନ୍ୟାସ ଓ କବିତା ପୁସ୍ତକର ରଚୟିତ୍ରୀ ସେ । ଉପନ୍ୟାସଗୁଡ଼ିକରେ ନାରୀ ଜୀବନର ସାମାଜିକ ଅନ୍ୟାୟ, ଅବିଚାରର ଚିତ୍ର ରହିଛି । ଓଡ଼ିଆ ମାଟି ଓ ଓଡ଼ିଆଣିକୁ ସେ ତାଙ୍କର ଉପନ୍ୟାସଗୁଡ଼ିକରେ ଯେଉଁଠି ଅବକାଶ ପାଇଛନ୍ତି, ବହୁ ପ୍ରଶଂସାରେ ମଣ୍ଡିତ କରିଛନ୍ତି । ତାଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ଉନ୍ନତ ଶିଳ୍ପ ଓ କଳାକୁଶଳତା ପରିସ୍ଫୁଟ ହୋଇଛି ତାଙ୍କ କବିତାଗୁଡ଼ିକରେ । ଦୁଇଟି ଚିନ୍ତା ଓ ଚେତନା ତାଙ୍କ ଗୀତିକବିତାଗୁଡ଼ିକରେ ମୁଖ୍ୟତଃ ସ୍ପଷ୍ଟ ହୋଇଉଠେ । ଗୋଟିଏ ଆଧିଭୌତିକ ଚେତନା ଓ ଅନ୍ୟଟି ଦେଶପ୍ରେମ । କବିଙ୍କର କାବ୍ୟଚେତନା ଯେ ସବୁ ଧର୍ମର ସମନ୍ୱୟମୂଳକ ଉଦାର ଭଗବତ ପ୍ରେମରେ ଉଚ୍ଛ୍ୱସିତ ହୋଇ ଉଠିଥିଲା ତାହା ତାଙ୍କର ପ୍ରଥମ ରଚନା-ଗୁଡ଼ିକରୁ ପ୍ରତୀତହୁଏ । ୧୯୨୨ରେ ପ୍ରକାଶିତ ଅଞ୍ଜଳିର 'ପୂଜାପଦ୍ଧତିରୁ' ଏହି ପଂକ୍ତିଟି ଯେମିତି ଅନ୍ତରର ଅନାବିଳ ଅଭିବ୍ୟକ୍ତିକୁ ରୂପଦେଇଛି ସେହିପରି ଲୋକପ୍ରିୟତା ଅର୍ଜନ କରିଛି ।

"ହରି ହରି କେହି ଡାକୁଛି ସତତ
ଖ୍ରୀଷ୍ଟ ପ୍ରଭୁ କେହି କହେ
ରସୁଲନାମ ମୁଖେ ନ ଧରି କେହିବା
ରସୁଲଙ୍କ ଦୁଃଖ ସହେ ।
× × × ×
କୃଷ୍ଣ ରୂପେ କେହି କରେ ଆରାଧନା
ଖ୍ରୀଷ୍ଟ କହି କେହି କରୁଛି ବନ୍ଦନା"

---

୧ । ଓଡ଼ିଆ ସାହିତ୍ୟର ଇତିହାସ ଡ. ନଟବର ସାମନ୍ତରାୟ ପୃ ୫୩୩

୨ । 'କାଳକଣ୍ଠରେ ସ୍ୱାକ୍ଷର' (ସୁଚରିତା ଜୁଲାଇ ୭୫) ପୃ ୫୨ ଶ୍ରୀମତୀ ରମାଦେବୀ

ତାଙ୍କର ଅନ୍ୟ ଏକ କବିତାରେ ଦେବତାର ପୂଜାପାଇଁ ଅକପଟ ବ୍ୟାକୁଳତା ପରିଦୃଷ୍ଟ ହୁଏ । ଦେବତାପାଇଁ ଦୀପ ଜାଳି ପ୍ରତୀକ୍ଷାରତା ସେ । କେତେ ମାନ ଅଭିମାନର ଲୌକିକ ଅଭିବ୍ୟକ୍ତିରେ ତାଙ୍କର କବିତାଗୁଡିକ ବାସ୍ତବ । 'ଅଞ୍ଜଳି'ର ବହୁ କବିତା ନାରୀଙ୍କ ଆଦ୍ୟ ଜୀବନର ସ୍ପନ୍ଦନୋଚ୍ଛଳ ଉଦ୍‌ଗଳ ପ୍ରାଣର ପରିଚୟ ଦିଏ । ଲୌକିକ ପ୍ରେମ ଓ ଭଗବତ୍ ପ୍ରେମର ନିବିଡ ସାଦୃଶ୍ୟ ଧାରାକୁ ଏ କବିତାଗୁଡିକ ମର୍ମସ୍ପର୍ଶୀ । ଏହିଭଳି ଏକ କବିତା "ଶେଫାଳି ପ୍ରତି"ରେ ଲୌକିକ ଓ ଆଧ୍ୟାତ୍ମିକ ପ୍ରେମରେ ଦୋଦୁଲ୍ୟମାନ କବି ଅନ୍ତର ସ୍ପନ୍ଦନ ଅନୁଭବ କରିହୁଏ । ଏଠାରେ ବହୁ ଯନ୍ତ୍ରଣାସ୍ତ, ଜୀବନ ଅନୁଭୂତିର ପରିଚ୍ଛନ୍ନ ପ୍ରକାଶରେ ଶ୍ରୀମଣ୍ଡିତ ପଂକ୍ତିଗୁଡିଏ ରହିଛି । ବିଶାଳ ବିଶ୍ୱର ପୃଷ୍ଠଭୂମିରେ କ୍ଷୁଦ୍ରାବୟବ ମଣିଷର ସ୍ଥିତି ତଥା ତା' ଧାଡରେ ପ୍ରକାଶିତ ଏକ ମହାନ ସତ୍ତାର ସନ୍ଧାନ, ଅବହେଳା, ଦୁଃଖ, ବିଫଳତା ଜର୍ଜରିତ ମଣିଷ ପାଇଁ ଚିରକାଳ ଏକ ସାନ୍ତ୍ୱନାର ବାଣୀ ଶୁଣାଇଦିଏ—

"କ୍ଷୁଦ୍ର ମୁହିଁ ଦୀନ ମୁହିଁ ରେଣୁକଣା କଣରେ
ଗୁହିଁଲେ ବିଶାଳ ବିଶ୍ୱ ଅଗୁଣ୍ଠ ଜ ପରତେ
କ୍ଷୁଦ୍ର ହେଲେ ସୁଦ୍ଧା ମୁହିଁ ଅକାରଣେ ଜନ୍ମି ନାହିଁ
ଅନନ୍ତ ବିନାଶ ମୋର ଲେଖା ନାହିଁ କପାଳେ"

ଯଥାର୍ଥରେ କୁନ୍ତଳାକୁମାରୀ ଥିଲେ ଦେଶ ପାଇଁ ବ୍ୟାକୁଳ । ପରାଧୀନ ଭାରତର ଘଟଣାବହୁଳ, ସଂଘର୍ଷ ସଂକୁଳ କ୍ଷଣରେ ତାଙ୍କର ସାହିତ୍ୟ ସାଧନା । ତେଣୁ ସ୍ୱାଧୀନତା ଆନ୍ଦୋଳନର ଆହ୍ୱାନ, ଗାନ୍ଧିଜୀଙ୍କର ଡାକ ତାଙ୍କ କବିତା ଆହ୍ୱାନରେ ସ୍ପଷ୍ଟ । ବିଦେଶୀଙ୍କ ଆର୍ଥନୀତିକ ଶୋଷଣ, ନିପୀଡ଼ନ, ଦେଶବାସୀଙ୍କ ଉତ୍କଟ ଦାରିଦ୍ର୍ୟ, ବିଦେଶୀ ପଦଲେହନକାରୀଙ୍କ ବିଶ୍ୱାସଘାତକତା ଇତ୍ୟାଦିର ଚିତ୍ର ୧୯୩୦ ମସିହାରେ ପ୍ରକାଶିତ 'ଆହ୍ୱାନ'ରେ ସ୍ପଷ୍ଟ । ଏହି ପୁସ୍ତକଟି ତତ୍କାଳୀନ ବ୍ରିଟିଶ ସରକାରଙ୍କଦ୍ୱାରା ବାଜ୍ୟାପ୍ତ ହୋଇ ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଓ କବିଙ୍କୁ ସୁପରିଚିତ କରାଇଥିଲା । ଏଥିରେ ତାଙ୍କର ଆହ୍ୱାନ ନାରୀଜାତିକୁ ଉଦ୍‌ବୁଦ୍ଧ କରିଥିଲା—

"ଆମ୍ଭେ ନାରୀଗଣ କୋଣରୁ ବାହାରି
ଧରିବୁ ଅସହଯୋଗ ତରବାରି
ଅହିଂସ ଅସହଯୋଗ ରଣାଙ୍ଗନେ
ଜୟୀ ହୋଇ ବାହାରିବୁ ଜଣେ ଜଣେ ।"

ଏହି ବହୁମୁଖୀ ପ୍ରତିଭାସମ୍ପନ୍ନା କବିଙ୍କର ଅକାଳ ବିୟୋଗ ହେଲା ୧୯୩୮ ମସିହାରେ । ତାଙ୍କର ଉପନ୍ୟାସଗୁଡିକ ଭ୍ରାନ୍ତି, କାଳିବୋହୂ, ପରଶମଣି, ନଅବୁଣ୍ଡୀ, ରଘୁ ଅରକ୍ଷିତ, କବିତା ସଂକଳନ ଅଞ୍ଜଳି, ଅର୍ଚ୍ଚନା, ଆହ୍ୱାନ, ସ୍ଫୁଲିଙ୍ଗ, ପ୍ରେମ ଚିନ୍ତାମଣି ତାଙ୍କୁ ଚିରସ୍ଥାୟୀ କରିପାରିଛି । ଏ ସମୟରେ ଅନୁବାଦ ସାହିତ୍ୟରେ ସଫଳତା ଅର୍ଜନ କରିଥିଲେ ଶ୍ରୀମତୀ ନର୍ମଦା କର, ସୁପ୍ରଭା କର, ଛଢଶ୍ରୀ କର ଅଛି । ପରବର୍ତ୍ତୀ ସମୟରେ ଆସନ୍ତି ନାରୀ କବି ଅପର୍ଣ୍ଣା ଦେବୀ । ଇନ୍ଦୁମତୀ କାବ୍ୟ ତାଙ୍କର ଏକ ସାର୍ଥକ ସୃଷ୍ଟି । ଉଚ୍ଚ ଶିକ୍ଷାରୁ ବଞ୍ଚିତା ହୋଇଥିଲେ ମଧ୍ୟ କବିଙ୍କର କଳାପ୍ରବଣତା ତାଙ୍କର କାବ୍ୟ ପଂକ୍ତିଗୁଡ଼ିକୁ ସରସସୁନ୍ଦର କରିପାରିଛି । ସଂସ୍କୃତ କାବ୍ୟ ଛନ୍ଦରେ ଲିଖିତ ଏହି କାବ୍ୟରେ ନାରୀ ପ୍ରାଣର ସରଳତା ଓ ସ୍ୱଚ୍ଛତା ପ୍ରକାଶ ପାଇଛି ।

"ଯାହାଠାରେ ପ୍ରୀତି ହୁଅଇ ଯାହାର
ତାସୁ ମନୋବାଞ୍ଛେ ପ୍ରାଣେ
ତାହାଠାରେ ଛାଡିଦିଏ ସବୁ ସ୍ନେହ
ପ୍ରତିଦାନ ସେ ନ ଜାଣେ ।"[୪]

[୪] । ଇନ୍ଦୁମତୀ, ୩ୟ ସର୍ଗ ୫୫ ପୃଷ୍ଠା

୧୯୩୭ ମସିହାଠାରୁ ଏହି କବିଙ୍କର ବହୁ ଉଦ୍‌ବୋଧନମୂଳକ କବିତା 'ସହକାର'ର ପୃଷ୍ଠା ମଣ୍ଡନ କରିଛି । ଦଶକୁମାର ଚରିତ, ଦଶକୁମାରୀ ଚରିତ ତାଙ୍କର କାହାଣୀଧର୍ମୀ ଗଳ୍ପର ସମାହାର । ତାଙ୍କ ଲେଖନୀ ଜୀବନବ୍ୟାପୀ ମୁଖର ଥିଲା । ଓଡ଼ିଶାର ଜାତୀୟ ଆନ୍ଦୋଳନରେ ଅଂଶ ଗ୍ରହଣ କରିବାରେ କେତେଜଣ ସାହସିକା ନାରୀ ନେତୃତ୍ୱ ନେବାକୁ ଆଗେଇ ଆସିଥିଲେ । ସାହିତ୍ୟ ଅପେକ୍ଷା ସମାଜ ସେବା ହିଁ ସେମାନଙ୍କ ଜୀବନର ପ୍ରଧାନ ବ୍ରତ ଥିଲା । ସେମାନଙ୍କ ଭିତରେ ଅଗ୍ରଣୀ ଥିଲେ ଶ୍ରୀମତୀ ସରଳା ଦେବୀ । ସେ ସକ୍ରିୟ ରାଜନୀତିରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ସବୁଜ ରଥୀଙ୍କଦ୍ୱାରା ଲିଖିତ 'ବାସନ୍ତୀ' ଉପନ୍ୟାସର ଗୋଟିଏ ଅନୁଚ୍ଛେଦ ଶ୍ରୀମତୀ ସରଳାଙ୍କଦ୍ୱାରା ଲିଖିତ । ବହୁ ବ୍ୟଂଗ ବିଦ୍ରୂପରେ ଆହତା ହେଉଥିଲେ ଏହି ଅଗ୍ରଣୀ ନାରୀମାନେ । ତେଣୁ ଏହି ସାମାଜିକ ସଂକୀର୍ଣ୍ଣତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ବାସନ୍ତୀ ମୁଖରେ ଘୋଷଣା କରିଥିଲେ ଶ୍ରୀମତୀ ସରଳା "ଚରମପନ୍ଥୀ ? ହଁ ମୁଁ ସେୟା" । * । ତାଙ୍କ ଗଦ୍ୟ ରଚନା ଓ ଆଲୋଚନାର ସ୍ୱାଧୀନ [ଢଗଟି ତାଙ୍କ ଲିଖିତ "ଜନ୍ମ "ଗୋପାଳଙ୍କୁ", "ସାରଳା ମହାଭାରତରେ ନାରୀ" ଓ "ରାସ୍ତ ରାମାନନ୍ଦ"ରୁ ସୂଚିତ ହୁଏ । ତାଙ୍କର ଭଗିନୀ ଶ୍ରୀମତୀ ନିର୍ମଳା ଦେବୀ "ସ୍ୱନାନ୍ତେ" ଓ "ସୀମାନ୍ତେ"ର ରଚୟିତ୍ରୀ । ଶ୍ରୀମତୀ ହରପ୍ରିୟା ଦେବୀଙ୍କଦ୍ୱାରା "ଚୈତ୍ର ସଂଧ୍ୟା", "ହେମନ୍ତ ଲକ୍ଷ୍ମୀ", "ଶାରଦା", 'ଜାଗରଣୀ" ଆଦି କବିତା ସଂକଳନ ରଚିତ ହୋଇଛି । ଏହାଙ୍କ କବିତାରେ ପ୍ରକୃତ ସୌନ୍ଦର୍ଯ୍ୟ ଓ ଦେଶାତ୍ମବୋଧର ଫଲ୍‌ଗୁ ପ୍ରବାହିତ ।

ଏହି ସମୟକୁ ଦେଖା ଦିଅନ୍ତି ପ୍ରତିଭାସମ୍ପନ୍ନା କବି ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା । ଲଳିତ ଛନ୍ଦ ଓ ତରଳଭାବରେ ଅନୁସରଣରେ ତାଙ୍କର କବିତା ଗତିଶୀଳ ଓ ସୁନ୍ଦର । ତାଙ୍କର ବହୁ କବିତା ୧୯୫୭ ମସିହାରେ ପ୍ରକାଶିତ "ବିଦ୍ୟୁତ୍‌ପ୍ରଭା ସଞ୍ଚୟନ"ରେ ସଂକଳିତ । ଗଢ଼ନାଶୈଳୀ ଛନ୍ଦ ଲାଳିତ୍ୟ ଓ ସୁଷମା ଅନେକ ପରିମାଣରେ ତାଙ୍କ କବିତାରେ ଦେଖାଯାଏ । ନାରୀ ଜୀବନର ବହୁ ନିଭୃତ ଅନୁଭୂତି ତାଙ୍କ କବିତାର ପଂକ୍ତିଗୁଡ଼ିକରେ କୋମଳ ଓ ଲଳିତ ରୂପରେ ଆତ୍ମପ୍ରକାଶ କରିଛି । ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା ଜନଦାଞ୍ଜଲି, ମଷୀଚକା, ବନ୍ଦନିକା, ସ୍ୱପ୍ନଦୀପ, ଲୋକାୟନ, ପଲ୍ଲୀପଥେ, ସୁନ୍ଦର ଏ ଧରା, ଭକ୍ତମାଳ, ଖଦ୍ୟୋତିକା, ପ୍ରିୟ ଓ ପ୍ରିୟା, 'ପଲ୍ଲୀପଥେ'ର କବିତାରେ ପଲ୍ଲୀଜୀବନର ଓ ପ୍ରକୃତିର ବାସ୍ତବରୂପ ପ୍ରକାଶ ପାଇଛି । ନନ୍ଦକିଶୋରଙ୍କର ପଲ୍ଲୀପ୍ରାଣତାର ଆଭିମୁଖ୍ୟ ଅନେକ ସ୍ଥଳରେ ତାଙ୍କ କବିତାରେ ଦେଖିବାକୁ ମିଳିଥାଏ । 'ସୁନ୍ଦର ଏ ଧରା' ପର୍ଯ୍ୟାୟରେ କବିଙ୍କର ପ୍ରକୃତିପ୍ରୀତି, ପ୍ରିୟ ପ୍ରିୟାର ପ୍ରେମ ମଧୁର, ସ୍ନେହ ବନ୍ଧୁର ଦାମ୍ପତ୍ୟ ଜୀବନର ତ୍ୟାଗପୂତ ଚିତ୍ର ମିଳେ । ରୋମାଣ୍ଟିକ ଚେତନା ପ୍ରବାହର ସେ ଜଣେ ସଫଳ ଉତ୍ତରାଧିକାରିଣୀ । ଅଯଥା ଯୁକ୍ତିବାଦ ଦ୍ୱାରା ତାଙ୍କ କବିତା ଭାରାକ୍ରାନ୍ତ ନୁହେଁ । 'ଭକ୍ତମାଳ'ରେ ନିବେଦିତ ଭକ୍ତିମୂଳକ କବିତା ଆନ୍ତରିକ ଭକ୍ତିପ୍ରେମର ମନୋଜ୍ଞ ପ୍ରକାଶ । 'ପ୍ରିୟ ଓ ପ୍ରିୟା' ପର୍ଯ୍ୟାୟରେ ସବୁଜ କବିତାର ବୈପ୍ଳବିକ ଭାବଧାରା, ରୋମାଣ୍ଟିକ ଚେତନା ଓ ପଲାୟନବାଦର ପ୍ରଭାବ ସୁସ୍ପଷ୍ଟ । କିନ୍ତୁ ଏ କବିତାଗୁଡ଼ିକ ଖାଲି ପ୍ରଭାବ ସର୍ବସ୍ୱ ନୁହନ୍ତି । ବରଂ ଆନ୍ତରିକତାରେ ସ୍ୱକୀୟ । ଲୋକ ଚରିତ୍ରକୁ ଅନୁଧ୍ୟାନ କରିବାରେ ତାଙ୍କ ଦୃଷ୍ଟି ଖୁବ୍ ତୀକ୍ଷ୍ଣ ଓ ଶାଣିତ । ସାଂପ୍ରତିକତାର ସମସ୍ତ ପ୍ରଭାବସତ୍ତ୍ୱେ ବିଦ୍ୟୁତ୍‌ପ୍ରଭାଙ୍କ କବିତା ସ୍ୱକୀୟ ମୌଳିକତାରେ ପ୍ରତିଷ୍ଠିତ । ବିଦୁଷୀ ଲବଙ୍ଗଲତା ଦେବୀଙ୍କର 'ଅନ୍ଧାର ଆଫ୍ରିକାର ଅଦ୍ଭୁତ ଅଭିଯାନ' ପୁସ୍ତକଟି ସୁଖପାଠ୍ୟ । ବହୁ ପାଶ୍ଚାତ୍ୟ ଲେଖକଙ୍କର କାହାଣୀ ଓ ଅନୁଭୂତିକୁ ଅନୁସରଣ କରି ଏହି ସାହସିକ ଅଭିଯାନଟି ସେ ରଚନା କରିଛନ୍ତି ।

ଶ୍ରୀମତୀ ବସନ୍ତ କୁମାରୀ ପଟ୍ଟନାୟକ ଗଦ୍ୟ ସାହିତ୍ୟ କ୍ଷେତ୍ରରେ ସ୍ୱନାମଧନ୍ୟା ପ୍ରତିଷ୍ଠିତା ଲେଖିକା । ତାଙ୍କର ରଚିତ ଉପନ୍ୟାସ "ଅମଡ଼ାବାଟ"ରେ ନାରୀ ଚରିତ୍ରର ଚିରନ୍ତନ ପରିପ୍ରକାଶ ଘଟିଛି । ଏଥିରେ ଦୁଇଭିନ୍ନମୁଖୀ ନାରୀ ଚରିତ୍ର ରୂପପରିଗ୍ରହଣ କରିଛି । ତାଙ୍କର ଅନ୍ୟାନ୍ୟ ରଚନା ସଭ୍ୟତାର ଦାଗ, ଜୀବନ ଚିତ୍ର, ଗଳ୍ପ ସଂକଳନ, ଶ୍ୱେତ ବାଲି ଉପନ୍ୟାସ ଉଲ୍ଲେଖଯୋଗ୍ୟ । "ଅମଡ଼ାବାଟ" ଲେଖିକାଙ୍କୁ ଚିରଂଜୀବୀ କରିବାକୁ ଯଥେଷ୍ଟ । ତାଙ୍କ ରଚନାରେ ମଧ୍ୟବିତ୍ତ ପରିବାରର ଚିତ୍ର ଜୀବନ୍ତ ହୋଇ ପାରିଛି । ଛୋଟ ଛୋଟ ପାରିବାରିକ ଘଟଣା, ପାଶ୍ଚାତ୍ୟ ସଭ୍ୟତାର ସଂସ୍ପର୍ଶରେ ମଧ୍ୟବିତ୍ତ ପ୍ରାଚ୍ୟ ପରିବାରର ଅସହାୟତା

* । 'ସୁଚରିତା' ଜୁଲାଇ ସଂଖ୍ୟା—ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା ୩୭ ପୃଷ୍ଠା ।

ତାଙ୍କ ରଚନାର ଉପଜୀବ୍ୟ । ଗଳ୍ପଗୁଡ଼ିକ ମାନବବାଦୀ, ସାମାନ୍ୟ ଘଟଣାଗୁଡ଼ିକରୁ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ ଫଳରେ ହୋଇପାରିଛି । ଏ ଶତାବ୍ଦୀର ଉଲ୍ଲେଖନୀୟା ନାରୀମାନଙ୍କ ମଧ୍ୟରେ ଶ୍ରୀମତୀ ନନ୍ଦିନୀ ଶତପଥୀ ଅନ୍ୟତମା । ସେ ଏକାଧାରରେ କବି, ଗାଳ୍ପିକା ଓ ଅନୁବାଦିକା । ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରି ଓଡ଼ିଶାର ଲୋକପ୍ରିୟ ନେତ୍ରୀ ହେବାର ଗୁରୁଦାୟିତ୍ୱ ବହନ କରି ମଧ୍ୟ ଶ୍ରୀମତୀ ଶତପଥୀ ସୃଷ୍ଟିରୁ ନିଜକୁ ଦୂରେଇ ରଖି ପାରି ନାହାନ୍ତି । ତାଙ୍କର ଅଧିକାଂଶ ରଚନା ହିନ୍ଦୀ ଓ ଇଂରାଜୀରେ ଅନୂଦିତ ହୋଇଛି । "କେତୋଟି କଥା" ତାଙ୍କର ଗଳ୍ପ ସଂକଳନ, "ଉତ୍କଳ ଭାରତୀ କୁନ୍ତଳାକୁମାରୀ" ପ୍ରବନ୍ଧରେ କୁନ୍ତଳାକୁମାରୀଙ୍କ ସାହିତ୍ୟ ଉପରେ ଆଲୋକପାତ କରିଛନ୍ତି । ତାଙ୍କ ରଚନାରେ ତରଳ ଭାବପ୍ରବଣତା ବା ଲଘୁ ପ୍ରେମ ପ୍ରଣୟର ଚେତନା ନାହିଁ । ରହିଛି ଏକ ଜାତୀୟଜାଗରଣମୂଳକ ସମାଜବାଦୀ ଚିନ୍ତାଧାରା । ତରୁଣ ସମାଜକୁ ଅଭିନନ୍ଦନ ଜଣାଇ ତାଙ୍କର କବିତା "ଏଇ ଧରଣୀର ତରୁଣ ନାବିକ ତୁମକୁ ନମସ୍କାର"ରେ

"ସବୁ ଖାଲ୍ ଖମା ପୋତି ଧରଣୀର
କରି ଦିଅ ତୁମେ ଆଜି ସମତଳ
ସବୁ ଅନ୍ଧାର ଦୂର କରିଦିଅ
ଆଲୋକ ମଶାଲ୍ ଜାଳି
ଗଢ଼ିବାର ଗୀତ ବୋଲି । ୭ ।"

ଯୁବକମାନଙ୍କୁ ଆହ୍ୱାନ ଗଠନମୂଳକ ଦୃଷ୍ଟିଭଙ୍ଗୀର ପରିଚୟ ଦିଏ ।

ଲେଖିକାଭାବେ ଶ୍ରୀମତୀ ମନୋରମା ମହାପାତ୍ର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ । ସେ କବି, ଗାଳ୍ପିକା ଓ ଶିଶୁ ସାହିତ୍ୟିକା, ସୁବକ୍ତା ମଧ୍ୟ । ତାଙ୍କର ଗଳ୍ପ ସଂକଳନ "ଏ ପୃଥିବୀ ଶରଣାର୍ଥୀ"ର ଗଳ୍ପଗୁଡ଼ିକ ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ଗଢ଼ି ଉଠିଛି । ତାଙ୍କର ଏକ କବିତା ସଂକଳନ "ନୂଆର ଯେଉଁଠି ଉଠେ" ବହୁ ଆବେଗପ୍ରବଣ କବିତାର ସମାହାର ।

ଆଧୁନିକ ଜୀବନର ବହୁ ଜଟିଳ ମୁହୂର୍ତ୍ତର ବିଶ୍ଳେଷଣ, ଗଦ୍ୟ ଛନ୍ଦରେ ଭାବ ପ୍ରକାଶର ସଫଳ ପ୍ରଚେଷ୍ଟା ଦେଖିବାକୁ ମିଳେ କବି ଶ୍ରୀମତୀ ବ୍ରହ୍ମୋତ୍ରୀଙ୍କଠାରେ । ତାଙ୍କର ବହୁ କବିତା ବିଭିନ୍ନ ମାସିକ ପତ୍ରିକାରେ ପ୍ରକାଶିତ । ପଞ୍ଚମ ଓ ଷଷ୍ଠ ଦଶକରେ ଲିଖିତ ତାଙ୍କର କବିତାଗୁଡ଼ିକରେ ଅନୁଭୂତିର ଗଭୀରତା ତଥା ତାର ନିଷ୍ଠାପର ପ୍ରକାଶ ଚମତ୍କାର ମନେହୁଏ । ତାଙ୍କର ଲୋକପ୍ରିୟ କବିତାଗୁଡ଼ିକ ମଧ୍ୟରୁ 'ଭିଡ଼' ତଥା 'ନଳା', 'ମହାନଗରୀରେ ରାତି', 'ଶୂନ୍ୟ ପୋଲିସ ଷ୍ଟାଣ୍ଡ' ଆଦି ଉଲ୍ଲେଖଯୋଗ୍ୟ । ଚିର ଅବହେଳିତ, ଘୃଣିତ ନଳା ତାଙ୍କ କବିତାର ଉପଜୀବ୍ୟ । ଆଧୁନିକ ଜୀବନର ଲୋଭ, ମୋହକୁ ତାଚ୍ଛଲ୍ୟ କରି ତାଙ୍କର ଦୁଇଧାଡ଼ି –

"ଯେ କେଣ ବହନ କରେ ନିର୍ବିକାରେ ଅଜସ୍ର ଗ୍ଲାନିକୁ
ଯଶସ୍ୱ ତା ଧର୍ମ ନୁହେଁ ଫିଙ୍ଗିବାରେ ଗୌରବ ତାହାର" ..

ତାଙ୍କର ଏକ କବିତା ସଂକଳନ 'ଅବତରଣ' ପ୍ରକାଶିତ । ଦୁଃଖର କଥା ସପ୍ତମ ଦଶକରେ ତାଙ୍କର ଲେଖନୀ ଶିଥିଳତାର ସୂଚନା ଦେଉଛି । ତାଙ୍କର ସମସାମୟିକଭାବେ ଆସନ୍ତି କବି ଶ୍ରୀମତୀ ତୁଳସୀ ଦାସ । ମୁକ୍ତ ଛନ୍ଦ ଅପେକ୍ଷା ସନେଟ୍ ଓ ଛନ୍ଦମୟ କବିତାରେ ତାଙ୍କର ମୌଳିକତା ଫୁଟି ଉଠିଛି । ସେ ବହୁ ସଂଖ୍ୟକ କବିତାର ରଚୟିତା ଓ ପର୍ଯ୍ୟାପ୍ତ ଲୋକପ୍ରିୟତା ମଧ୍ୟ ହାସଲ କରି ପାରିଛନ୍ତି । ତାଙ୍କ କବିତାରେ ସମାଜର ବହୁ ଅନ୍ୟାୟ ଓ ଦୁର୍ନୀତିକୁ ଇଙ୍ଗିତ କରାଯାଇଛି । 'ଅର୍ଘ୍ୟ' ଓ "ହୃଦର ଝଙ୍କାର" ତାଙ୍କର କବିତା ସଂକଳନ । ତାଙ୍କର ଲୋକପ୍ରିୟ କବିତାଗୁଡ଼ିକ ହେଲା "ମୁଁ ଅଜିଛି ନବବର୍ଷ", ଅଚ୍ଛ ମରାଳୀ !"

ଶ୍ରୀମତୀ ସୁନ୍ଦରମଣି ପଟ୍ଟନାୟକ, ସ୍ୱରାଜ ସିଂ, ଦେବହୂତି ଦେବୀ ମଧ୍ୟ କବିତା ରଚନା କ୍ଷେତ୍ରରେ ନିଜ ଅବଦାନର ସୂଚନା ଦେଇଛନ୍ତି । ଶ୍ରୀମତୀ ସୁନ୍ଦରମଣି ପଟ୍ଟନାୟକ ବହୁ ଉଦ୍‌ବୋଧନମୂଳକ କବିତାର ରଚୟିତ୍ରୀ । ଯଦିଓ ବିଂଶ ଶତାବ୍ଦୀର ଉତ୍ତର ପର୍ଯ୍ୟାୟ କାଳରେ ସେ ପ୍ରାଚୀନ ଶୈଳୀରେ କବିତା ଲେଖନ୍ତି ତଥାପି ସମାଜ ସଚେତନତା, ଜାତି ଓ ଦେଶର ସଂସ୍କୃତି ପ୍ରତି ଗଭୀର ପ୍ରେମ ଓ ସମ୍ମାନ ତାଙ୍କ କବିତାରୁ ସୂଚିତ ହୁଏ ।

ଏ ସମୟରେ ଅସନ୍ତ ଷଷ୍ଠ ଓ ସପ୍ତମ ଦଶକର ସଫଳ ଗଦ୍ୟଶିଳ୍ପୀ ଅଧ୍ୟାପିକା ବୀଣାପାଣି ମହାନ୍ତି । ପରିବେଶ ଓ ଚରିତ୍ରର କଳାତ୍ମକ ପ୍ରକାଶ ତାଙ୍କ ଗଦ୍ୟର ସଫଳତା ନିର୍ଣ୍ଣୟ କରେ । ଆଧୁନିକ ଜନଜୀବନର ଗୋପନୀୟ ଦିଗଟି ଉଦ୍‌ଘାଟନ କରିବାରେ ଓ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣ କରିବାରେ ସେ ଧୁରନ୍ଧର । ତାଙ୍କର 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ତାଙ୍କର ନବତମ ସଙ୍କଳନ 'ତଟିନୀର ତୃଷ୍ଣା' ଗତିଶୀଳ ଲେଖନୀର ସାବଲୀଳତା ଓ ଯୁଗୋପଯୋଗିତାର ସୂଚନା ଦିଏ । ଆଧୁନିକ, ଶିକ୍ଷିତା ନାରୀ ସମସ୍ତ ପ୍ରାଚୁର୍ଯ୍ୟ ସତ୍ତ୍ୱେ କେପରି ଅଣନିଃଶ୍ୱାସୀ ହୋଇ ପଡୁଛି, ବଞ୍ଚିବାର ନିମ୍ନତମ ସ୍ପୃହା ଅଭାବରେ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଆଗେଇ ଯାଉଛି — ତାର ଏକ ମନୋଜ୍ଞ ଚିତ୍ର ତାଙ୍କ ଗଳ୍ପରେ ମିଳିଥାଏ । ସହରର ବହୁ ଅଟ୍ଟାଳିକାର ବୈଜ୍ଞାନିକ ପ୍ରଗତି ସତ୍ତ୍ୱେ ମଣିଷ ଯେ ନିଜ ଭିତରେ କେତେ ଅଧିକ ଅସହାୟ ଓ ଦୁଃଖୀ, ତୃଷାର ତାଡ଼ନାରେ ତାର ଶୁଷ୍କ ପ୍ରାଣରେ ଆକୁଳତା ଫୁଟିଉଠିଛି 'ତଟିନୀର ତୃଷ୍ଣା'ର ନାୟିକା 'ରୁଚି' କଣ୍ଠରେ "ଜନ୍ତୁ ମଣିଷର ମନକୁ ବଞ୍ଚେଇ ରଖିବାପାଇଁ କ'ଣ କରୁଛ ? ପାରିବ ? ପାରିବ କୋଷାଏ ଜୀବନ ଉଦ୍ଭାବନ କରି ? ବଞ୍ଚେଇ ରଖିବାର ନିମ୍ନତମ ସ୍ପୃହାକୁ ଆବିଷ୍କାର କରିପାରିବ ? ଆଧୁନିକ ମଣିଷର ମାନସିକ ଶତ୍ରୁତାକୁ ତୁମେ ଦୂର କରିପାରିବ ଚନ୍ଦ୍ରୟ ?" ଏ ମନନଶୀଳା ଲେଖିକା ବର୍ତ୍ତମାନ ସାଧନାରତା । 'ଶିଳା ଓ ଶାଳଗ୍ରାମ'ର ଲେଖିକା ଶ୍ରୀମତୀ ରାଜେଶ୍ୱରୀ ଦଳବେହେରା ମଧ୍ୟ ଗଳ୍ପକ୍ଷେତ୍ରରେ ସଫଳତା ହାସଲ କରି ପାରିଛନ୍ତି ।

ଲେଖିକା ଶାନ୍ତି ମହାପାତ୍ରଙ୍କ ଐତିହାସିକ ଉପନ୍ୟାସ ଓ ଗଳ୍ପରୁ ତାଙ୍କର ଭାଷାର ବୈଭବ ସ୍ପଷ୍ଟ ହୁଏ । "ନୂରଜାହାନ" ତାଙ୍କର ଏକ ଉପନ୍ୟାସ । ଲେଖିକା କଳ୍ପନା କୁମାରୀ ଦେବୀ ବହୁ ଗଳ୍ପ ରଚନା କରି ଓଡ଼ିଆ ସାହିତ୍ୟରେ ସୁପରିଚିତା । ପରିଚିତ ପରିବେଶର କଳାତ୍ମକ ରୂପାୟନ ତାଙ୍କର ନିଜସ୍ୱ ରୀତି ।

କବିତା କ୍ଷେତ୍ରରେ ଶ୍ରୀମତୀ ପ୍ରତିଭା ଶତପଥୀଙ୍କ ନାମ ଉଲ୍ଲେଖନୀୟ । ତାଙ୍କର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସଂକଳନ ଯଥାକ୍ରମେ 'ଶେଷଜହ୍ନ', 'ଅପରାହ୍ନର ଏକାଙ୍କ' ଓ 'ଗ୍ରସ୍ତ ସମୟ' ପ୍ରକାଶିତ । ପ୍ରଥମ ଦୁଇଟି କବିତା ସଂକଳନରେ ରୋମାଣ୍ଟିକ୍ ଚେତନା ସଂକଳିତ ଜୀବନର ବହୁଖଣ୍ଡିତ ମୁହୂର୍ତ୍ତର ଚିତ୍ର ପ୍ରକାଶ ପାଇଛି । ତୃତୀୟ ସଂକଳନରେ ତାଙ୍କ କବିତାଗୁଡ଼ିକ ଏକ ନୂତନତାର ସ୍ୱାକ୍ଷର ବହନ କରିବାକୁ ସମର୍ଥ ହୋଇଛନ୍ତି । ତାଙ୍କ ଅନୁଭୂତିପ୍ରଧାନ କବିତାଗୁଡ଼ିକରେ ବିଡମ୍ବିତ ଅସହାୟ ମଣିଷର କରୁଣ ଚିତ୍ର ସେ ଆଙ୍କିଛନ୍ତି । ବହୁ ବିଫଳତା ଓ ଅପୂର୍ଣ୍ଣତା ସତ୍ତ୍ୱେ ସ୍ରଷ୍ଟା ଓ ସୃଷ୍ଟିର ସକଳ ଜାଗତିକ ସତ୍ତା ମଣିଷ ପ୍ରାଣକୁ ଆଶ୍ୱସ୍ତ କରିପାରୁଛି, ବଞ୍ଚିବାର ପ୍ରତ୍ୟୟ ଆଣୁଛି, ଏହା ତାଙ୍କ କବିତାର ମୁଖ୍ୟ ବିଭବ । ତାଙ୍କର ଲୋକପ୍ରିୟ କବିତା-ଗୁଡିକ ହେଲା "ସରଦେଈ", "ଅରଣ୍ୟ ଚନ୍ଦ୍ରା ଗାଡ଼ିରୁ", "ଅଦ୍ୟାତ ଦେଶ", "ଦପତ ଅଗମ", "ଅଚିହ୍ନା ସ୍ୱରୂପ" ଓ "ପୃଥ୍ୱୀ" ଆଦି । ସେ ବର୍ତ୍ତମାନ ସାଧନାରତା । ବାକ୍‌ସ୍ୱାତରେ କାବ୍ୟ ଲେଖିବାକୁ ସେ ଅଧିକ ପସନ୍ଦ କରନ୍ତି ।

ଆଲୋଚନା କ୍ଷେତ୍ରରେ ଅଧ୍ୟାପିକା ସାବିତ୍ରୀ ରାଉତ, ଅଧ୍ୟାପିକା କେତକୀ ନାୟକଙ୍କ ନାମ ଉଲ୍ଲେଖ-ଯୋଗ୍ୟ । ଶ୍ରୀମତୀ ରାଉତ ବହୁ ଉପାଦେୟ ପ୍ରବନ୍ଧର ରଚୟିତ୍ରୀ । Women pioneers in Oriya Literature ରେ ଲେଖିକାଙ୍କ ସମ୍ବନ୍ଧରେ ତାଙ୍କର ଗବେଷଣା ପ୍ରଶଂସନୀୟ । ଶ୍ରୀମତୀ ନାୟକ ସଂସ୍କୃତ ସାହିତ୍ୟ ଓ ସଙ୍ଗୀତ ଉପରେ ବହୁ ଉପାଦେୟ ଆଲୋଚନା କରିଛନ୍ତି । ଏ କ୍ଷେତ୍ରରେ ଅଧ୍ୟାପିକା ଲାବଣ୍ୟ ନାୟକ ନିଜ ସାଧନାର ପରିଚୟ ଦେଇଛନ୍ତି । "ସମାଲୋଚନା ବିଚିତ୍ରା" ତାଙ୍କର ପ୍ରକାଶିତ

ସୂଚକ । ଅନୁବାଦ କ୍ଷେତ୍ରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା ନିଜସ୍ୱ କଳାକୁଶଳତାରେ ପ୍ରଶଂସାର୍ହା । ଅନୁବାଦ କ୍ଷେତ୍ରରେ ଏ ପ୍ରବନ୍ଧର ଲେଖିକାଙ୍କର "ମାଲକଣୀଥିବ ଚାବି" Pearl S. Buck ଙ୍କ Hidden Flowerର ସଫଳ ଅନୁବାଦ ପ୍ରକାଶିତ । ଅଧ୍ୟାପିକା ବିଦ୍ୟୁତଲତା ନନ୍ଦ ବଙ୍କିମଚନ୍ଦ୍ରଙ୍କର ଉପନ୍ୟାସ ଅନୁବାଦ କରି ନିଜ ଆଗ୍ରହ ଓ ଅଧ୍ୟବସାୟର ପରିଚୟ ଦେଇଛନ୍ତି । ସମ୍ପାଦନାରେ କୃତିତ୍ୱ ହାସଲ କରିଛନ୍ତି ଏ ଶତାବ୍ଦୀର ନାରୀମାନେ । ସ୍ୱର୍ଗତା ବସନ୍ତ କୁମାରୀ ଦେବୀ ଓ ନଳିନୀଦେବୀ ରାଉତରାୟ, ଶ୍ରୀମତୀ ନନ୍ଦିନୀ ଶତପଥୀ, ଶ୍ରୀମତୀ ଶକୁନ୍ତଳା ପଣ୍ଡା ଯଥାକ୍ରମେ 'ପଣାଭୂବକା', 'ମରୁଗର୍ଭ', 'ସାବତୀ', ସୁଚରିତାର ସମ୍ପାଦନା ଦାୟିତ୍ୱ ସଫଳତାବେ ବହନ କରି ପାରିଛନ୍ତି ।

ନବତମ ଲେଖିକାମାନଙ୍କ ମଧ୍ୟରେ ଗଳ୍ପ, ଉପନ୍ୟାସ କ୍ଷେତ୍ରରେ ଶ୍ରୀମତୀ ସୁଧାଂଶୁବାଳା ପଣ୍ଡା, ଶ୍ରୀମତୀ ସୁପ୍ରୀତିଦେବୀ ଚନ୍ଦ୍ରାୟତ, ଜ୍ୟୋତ୍ସ୍ନା ରାଉତରାୟ, ଗୀତା ପଟ୍ଟନାୟକ ଓ ପ୍ରତିଭା ରାୟଙ୍କ ନାମ ଉଲ୍ଲେଖଯୋଗ୍ୟ । କବିତା କ୍ଷେତ୍ରରେ ଶ୍ରୀମତୀ ଶକୁନ୍ତଳା ଦେବୀ, ଗିରିବାଳା ମହାନ୍ତି, କନକ ଦେବୀ, ସୁଜାତା ପ୍ରିୟମ୍ବଦା, ବିଜୟିନୀ ଦାସ ଜନକର କୃତିତ୍ୱର ପରିଚୟ ଦେଇପାରିଛନ୍ତି । ବିଂଶ ଶତାବ୍ଦୀର ଉତ୍ତର ସନ୍ଧ୍ୟା କାଳରେ ବହୁ ମନସ୍ୱିନୀ ଲେଖିକା ଓଡ଼ିଆ ସାହିତ୍ୟକୁ ଯେ ସମୃଦ୍ଧ କରିବେ ଏହା ଆଶା କରିବାର ଯଥେଷ୍ଟ ଅବକାଶ ରହିଛି ।

ଖୋଟର କ୍ରୟ ବିକ୍ରୟପାଇଁ ସର୍ବନିମ୍ନ ଦର ଧାର୍ଯ୍ୟ

ଓଡ଼ିଶାର ଖୋଟ ଚାଷୀମାନଙ୍କର ସ୍ୱାର୍ଥ ରକ୍ଷା କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଖୋଟ କମିଶନର ରାଜ୍ୟରେ ଉତ୍ପାଦିତ ହେଉଥିବା ବିଭିନ୍ନ ପ୍ରକାର ଖୋଟର କ୍ରୟ ବିକ୍ରୟପାଇଁ ସର୍ବନିମ୍ନ ଦର ଧାର୍ଯ୍ୟ କରିଛନ୍ତି । ଏହି ଦର ଗତ ଜୁଲାଇ ମାସଠାରୁ ଲାଗୁ କରାଯାଇଛି ଏବଂ ଆସନ୍ତା ବର୍ଷ ଜୁନ୍ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । କ୍ରୟ ଓ ବିକ୍ରୟ ଟିକସ ଏବଂ କମିଶନ ଇତ୍ୟାଦିକୁ ବାଦ ଦେଇ ଏହି ଦର ଧାର୍ଯ୍ୟ କରାଯାଇଛି ।

କଟକ ଖୋଟ (ସାଧା) ସର୍ବୋତ୍କୃଷ୍ଟ କିସମର ଟ ୧୯୯.୫୦ ପଇସାଠାରୁ ନିକୃଷ୍ଟ କିସମର ଖୋଟପାଇଁ ଟ ୧୬୭.୫୦ ପଇସା, ବାଲେଶ୍ୱର ଖୋଟ (ସାଧା) ସର୍ବୋତ୍କୃଷ୍ଟ ଟ ୧୬୬.୫୦ ପଇସାଠାରୁ ନିକୃଷ୍ଟ କିସମପାଇଁ ଟ ୯୭.୫୦ ପଇସା, କଟକ ଖୋଟ (ଝେଠା) ସର୍ବୋତ୍କୃଷ୍ଟ ଟ ୧୯୭.୫୦ ପଇସା-ଠାରୁ ନିକୃଷ୍ଟ କିସମପାଇଁ ଟ ୧୩୧.୫୦ ପଇସା, କଟକ ମେସ୍ତା ଉତ୍ତମ କିସମର ଟ ୧୪୮.୦୦ ଠାରୁ ନିକୃଷ୍ଟ କିସମପାଇଁ ଟ ୧୦୮.୦୦ ଏବଂ ବାଲେଶ୍ୱର ମେସ୍ତା ଉତ୍ତମ କିସମର ଟ ୧୨୭.୫୦ ଠାରୁ ନିକୃଷ୍ଟ କିସମପାଇଁ ଟ ୯୭.୫୦ ପଇସା ଧାର୍ଯ୍ୟ କରାଯାଇଛି ।

ଅଧ୍ୟାପିକା ଶ୍ରୀମତୀ ମନୋରମା ମହାପାତ୍ର

ଯାତ୍ରୀ ଶୁଣ, ଯାତ୍ରୀ ଶୁଣ, ନିରନ୍ନ ଜନତା ଶୁଣ
ଏହି ଶୁଣ, ଶୁର୍ଣ୍ଣ ପ୍ରକୃତିର
ଅନ୍ଧକାର, ଅନ୍ଧକାର, ଚଉଦିଗେ ଅନ୍ଧକାର
ଦୁର୍ଦ୍ଦିନର ଘନ ଅନ୍ଧକାର ।
ଲହ ଲହ ଜିହ୍ୱା ମେଲି, ଗ୍ରାସୁଥିଲା ମହାକାଶ
ଦୁର୍ନୀତିର ମହାନ ଅସୁର
ଚଉଦିଗେ ଶୃଙ୍ଖଳା, କୋଳାହଳ, ଆର୍ତ୍ତନାଦ
ହୃଦ୍‌ବେଳାର ଶୂନ୍ୟ ହାହାକାର ।
ସୁପରିକଳ୍ପିତ ପ୍ରତାରଣା, ସ୍ୱୈରାଧିନ ପ୍ରବଞ୍ଚନା
ପୁଞ୍ଜିଭୂତ ଘୃଣ୍ୟ ପୁଞ୍ଜିବାଦ
ଉଦାସୀନ ମନୋଭାବ, ପୈଶାଚିକ ଧନଲୋଭ
ଅଗ୍ରଗତି ପଥ କଲେ ରୋଧ ।
ସ୍ୱାଧୀନତା, ସ୍ୱାଧୀନତା, ମୁକ୍ତିର ସପନେ ବ୍ୟଥା
ଅର୍ଥନୀତି ଆସନ୍ନ ସଙ୍କଟ

ସ୍ଥିତି କାହିଁ କେତେଦୂର ? କାହିଁ 'ସ୍ୱାବଲମ୍ବୀ ସୁର'
ଭିନ୍ନସ୍ୱନ ପଥେ ସେ କଣ୍ଟକ ।
କେବଳ ସ୍ୱପନେ ଆଜି ବାର ବାର ଆଲୋଡ଼ନେ
ସମସ୍ୟା ସେ ହୁଏ ଦୀର୍ଘତର
ମୁକ୍ତି କାହିଁ ମୁକ୍ତି କାହିଁ—ସମାଧାନ ପଥ ନାହିଁ ?
ପ୍ରଗତିର ଖାଲି ପ୍ରତିଗିର ।
ଦୁର୍ନୀତି ମହିଷାସୁର, ପ୍ରତାପରେ ମହାସୁର,
ଭାଷତ କେ ଜାଳିବ ମଶାଲ
ଦାରିଦ୍ର୍ୟର ସୀମାରେଖା-ଭଲ୍ଲୁ ବଡ଼ାନଳ ଶିଖା
ଜାଲି ଗୃହେଁ ଭିଳଗୁ କଙ୍କାଳ ।
ଦୈନ୍ୟର ଗର୍ଜନ ଘଣ୍ଟା, ଆଘାତେ ଭଙ୍ଗିଛି ଘଣ୍ଟା
ଅନୁକ୍ଷଣ ରକ୍ତସ୍ରାବ ହୁଏ
ଆକୁଳ ନୟନେ ଚାହେଁ—ପ୍ରଚଣ୍ଡ ଜାହାଜ ମୋହେ
ଜନତାଏ ଅର୍ଥଗାଡ଼ ସୁଏ ।
ଆପଣାର ହୁଲି ଡଙ୍ଗା, ଏକାନ୍ତ ଦଦରା ଭଙ୍ଗା,
ଗଙ୍ଗା ସ୍ରୋତେ କେମନ୍ତେ ଭାସିବ
ସ୍ଥାନ ନାହିଁ, କାହିଁ ସ୍ଥାନ, ତାକ ଥିବେ ନୈର୍ଷଧନ
ଅଧିକାଂଶ ସ୍ୱାର୍ଥପର ଜୀବ ।

(୨)

ଅନ୍ଧକାର ଅନ୍ଧକାର, ଗର୍ଭଗର ଆବେଦନ
ବହ୍ନି ଶିଖା ଉଠିଲା ଉଜ୍ଜ୍ୱଳ
ଶାନ୍ତିମୟୀ ଭଣ୍ଡାର, ସହସା ଉଠିଲା ଜଗ
ସ୍ଥିତିକର ସୁବର୍ଣ୍ଣ କାକଳୀ ।
ଏଥର ନିସ୍ତାର ନାହିଁ, ଏଥର ନିସ୍ତାର ନାହିଁ
ମନ୍ତ୍ର ସେ ହୋଇବ ସଂହାର
ମହାଳକ୍ଷ୍ମ ଉପଜାଭ, ରକ୍ତପାୟୀ ଦୁର୍ବଳତ
ନାଶ ସିବେ ଶୃଙ୍ଖଳ ଝଙ୍କାର ।
ମୀଠପ୍ଲାନ ଲାଭଖୋର, ଧନ କୁବେରର ଦଳ
ଲୁଟିଛନ୍ତି ଯେତେ ଦେଶ ଧନ
କଠୋର ଶୃଙ୍ଖଳା ବଳେ ଶ୍ରମ ମହାମନ୍ତ୍ର ଫଳେ
ଅଧର୍ମର ହେବ ସମାପନ ।
ଅନାଗ୍ରହ ଫାଙ୍କିଦେଲେ, କଳେବଳେ କାଢ଼ିନେଲେ
ଲୁକ୍କାୟିତ ସଞ୍ଚିତ ସମ୍ବଳ
ସକଳ ଉଦ୍ଧାର ହେବ, ଚାହିଁବେ କଳରବ
ଶୋଷକଗଣ ନଷ୍ଟିତ ଅଚଳ ।
ଅଶ୍ୱଗଳି ତରଙ୍ଗ, ସହସା ଉଠିଲା ବାଣୀ
ଶଙ୍ଖଧ୍ୱନି ଚଉରବେଦ ବାଣୀ
କଠୋର ସଂଯତ ପଦେ, ଶୃଙ୍ଖଳାର ମନ୍ତ୍ରନାଦେ
ଶୁଣାଉଛି ମହା ଚେତାବନୀ ।

ଏଥର ନାହିଁ ନିସ୍ତାର, ଧନ କୁବେରର ଦଳ,
ଗୁଡ଼ାଇଦିଅ ଗୁଡ଼ାଇଦିଅ ସ୍ଥାନ
ବୈଷମ୍ୟର ଏ ପ୍ରାଚୀର, ଭାଙ୍ଗିଯିବ ରୁଦ୍ଧ ଦ୍ୱାର
ନିରନ୍ନରେ ଯୋଗାଇବୁ ଅନ୍ନ ।
ଅଗଣିତ ଦୀନ ଜନ, ହେବେ ନାହିଁ ମ୍ରିୟମାଣ,
ଦାରିଦ୍ର୍ୟର ସୀମାରେଖା ତଳେ
ପ୍ରତିଭାର ମୁଖ ଏଥି, ହେବନି ସଙ୍କୁଚିତ
ସୁପରିଜୀ ଶ୍ରମ ମନ୍ତ୍ର ବଳେ ।
ଶୃଙ୍ଖଳାର ଶଙ୍ଖ ନାଦେ, ଦୁରାବୃତ୍ତ ଚିତ୍ତେ ଜାଗେ
ଅନୁକ୍ଷଣ ସଭୟ କଂପନ
ସୀମିତ ସମ୍ବଳ ରାଶି, ପାରିବେନି କେହି ଗ୍ରାସି
ହେବ ତା'ର ସୁଷମ ବଣ୍ଟନ ।
ଯାଜୀ ଶୁଣ, ଯାଜୀ ଶୁଣ, ଧୀଇବାକେ ମୃତ୍ୟୁବାଣ
ନାଶ ଯିବେ ନିଶାଚର ଦଳ
ଏଥର ନିସ୍ତାର ନାହିଁ, ଏଥର ନିସ୍ତାର ନାହିଁ—
ଦୁର୍ନୀତି ଦୁର୍ଗନ୍ଧ ନିର୍ମୂଳ ।
ଶ୍ରମ ମନ୍ତ୍ରେ ମଣ୍ଡି କରି, ନେଇ ନୀର ନେବୁ ହରି
ସମ୍ପଦର ସମାନ ବଣ୍ଟନ
ଅନୀତିର ଖଳସୂତ୍ର, ବକାସୁର ଉତ୍ପୀଡ଼ନ,
ଆଉ କିଏ କରିବ ଲୁଣ୍ଠନ ।
କୃତ୍ରିମ ଅଭାବ ଧ୍ୱନି, ଆଉ ସ୍ୱର ତୋଳିବନି
ଭାଙ୍ଗିଗଲା ଭେଦର ପ୍ରାଚୀର
ଅଭିବୃଦ୍ଧି ଚଲାପଥେ, ପ୍ରଗତିର ଜୟରଥେ
ନାଦ ଶୁଭେ ଘରଘ ଘର୍ଘର ।
ଦୁରୂହ ଦାରିଦ୍ର୍ୟ ଚକ୍ର, ଏଥର ହୋଇଛି ବନ୍ଦ
ସବ୍ୟସାଚୀ ତୀକ୍ଷ୍ଣ କରାଘାତେ
ଆକୁଳ ନୟନେ ଚାହିଁ, ଶାର୍ଥ ଯାତ୍ରୀ ସ୍ନିଗ୍ଧ ମୋହେ
ସ୍ୱାଧୀନତା ସ୍ୱର୍ଣ୍ଣ ପ୍ରଭାତେ ।
ସ୍ଥିତି କାହିଁ କେତେଦୂର ? ଦୂରୁ ଶୁଭେ କୋଳାହଳ
ସ୍ଥିତି କାହିଁ କେତେଦୂରେ କହ ?
ଲୁହଁ ଭରା ଏଇ ଫୁଟେ, ଆଲୋକ ଝରଣା ଲୋଟେ
ମହାଲଗ୍ନେ ଯୁଗଯାତ୍ରୀ ଚାହିଁ ।
ଅସ୍ଥିର ଯୁଗଯାତ୍ରୀ, କୁଟିଳ ଏ କାଳ ରାତ୍ରୀ
କଳେବର ହୋଇବ ସଂହାର
ଦିଗ୍‌ବଳୟ ସୀମାପଟେ, ସିନ୍ଦୂରର ଆଭା ଲୋଟେ
ଜନ୍ମନେଲା ସୁବର୍ଣ୍ଣ ସକାଳ ।

———

ସ୍ମୃତିର ପଥର ଢେଉ
ସୃଷ୍ଟି କରୁଥିଲା ଏକ ବିଚିତ୍ର କୋଲାହଳ
ବର୍ତ୍ତମାନ ଜଦାପର ଦ୍ୱିପ୍ରହର
ଚଡ଼ା ରାଜରାସ୍ତା ଉପରେ ଲମ୍ବି ଯାଇ
ସେଇ କୋଲାହଳକୁ ସ୍ୱାଗତ
କରିବାପାଇଁ
ପ୍ରଥମେ ଧୀରେ ଧୀରେ
ଏବଂ ତା'ପରେ ଅତି ବେଗରେ
ହାତ ବଢାଇ ଦେଲା ।

ଅସହାୟ ମଧ୍ୟବିନ୍ଦୁ

ଶ୍ରୀମତୀ ନନ୍ଦିନୀ ଶତପଥୀ

ଆମେ ସବୁ ସେଉଁମାନେ
କୋଇଲିର ଡାକ ଶୁଣିବାରେ
ଅନେକ ଦିନୁଁ ଅଭ୍ୟସ୍ତ
ହୋଇ ଯାଇଥିଲୁ ।
ହଠାତ୍ ଜଦାଘର ଲମ୍ବାହାତ ଦେଖି
ଚମକି ପଡ଼ିଲୁ !
ଆଫଜଲ୍ ଖାଁର ବାଘ ନଖ
ସେ ହାତ ଭିତରେ
ଅଛି ଅବା
ଲୁଚି ରହିଥିଲା !
ଜାଣିବାକୁ ବି
ସାହସ ହେଲାନାହିଁ
ସେ ହାତର ସ୍ପର୍ଶ
କଠିନ କି ନରମ
ସାମ୍ନାରେ ଲମ୍ବାହାତ
ଅଜଣା, ଅଶୁଣା
ଫେରି ଯିବା ?

କିନ୍ତୁ, ସିଠି ପଟେ ସେ ହାତର
ଟାଣ ଥିବା !
ଅଦ୍ଭୁତ ଶୀତ୍କାର ଏକ
ସମଗ୍ର ଦେହରେ ।
ଭସ୍ମରେ ରୋମାଞ୍ଚ ।
ଆମେ ସବୁ ଶିଶୁ
ପଳାତକ ଦଳ ।
ସମ୍ମୁଖର ଅଜ୍ଞାତ ସମ୍ଭାବନା
ଏବଂ ପଶ୍ଚାତ୍‌ର ଅନିଶ୍ଚିତତା
ଆମପାଇଁ ଅନ୍ଧ ଭୟଙ୍କର
ସମ୍ଭାର ମଝିରେ ଠିଆ ହୋଇ
ଆମେ ସବୁ
କିଂ କର୍ତ୍ତବ୍ୟ ବିମୂଢ଼

—ଶ୍ରୀ ହୋସେନ୍ ରବିଗାନ୍ଧୀ

ରଜାର ସୁଆଙ୍ଗ ଫେରନ୍ତ ଗଲଣି
ଯାଆନ୍ତେ ଚଳେଣି ଫେଣ ।
ସାଧବ ପୁଅର ବୋଇତ ବୁଡ଼ନ୍ତୁ
ସାଧବାଣୀ ଭୁଏ ଝୁଣ ॥

ଗଲା ଅଘାତକୁ ଘଭଏଁ ଝୁରନ୍ତ
ସେକାଲ ପଙ୍ଖାଲ ନାହିଁ ;
ଚମାର ପୁଅର ମୁଣ୍ଡେ ଶାଢ଼ୀ ଶୋଭେ,
ମାଲିକ ହଳଆଶ୍ରଇ ॥

ହାତର ଜହ୍ନାଣଧର ବଢ଼େଇ ସେ
କାରଖାନା ଘର ସ୍ୱାମୀ,
ଉବତ ଯାଙ୍କୁ ପିଅ ଆଉ ନାହିଁ,
ସମସ୍ତେ ପିଅନ୍ତି ପନାଲପାଣି ॥

ହେଲରେ କେମିତ ଏତେ କଆଖଇ
ଘମିଆ ଜପର ହେଲା ଘମ ବାବୁ ।
ହର ଯାଆନ୍ତଙ୍କ ଘୋଡ଼ା ଦେଖେ ଚଲ
ରହିଲା କେବଳ ପିଞ୍ଜରେ ଅରୁ ॥

ଚେଣ୍ଡ଼ ଘଇ ଭୂମି ସେଉଁଠି ଆଥରେ
ଉଠିଲା-ଚଢ଼ିଲା ଯାଙ୍ଗରେ ଥାଆ ।
ଉଜାଣି ପାଣିକୁ ରେଖା ପାଣବୃନ୍ଦ
ରେଖା ପାଣବୃନ୍ଦ ଅଚର ଦାଆ ॥

ଆଗକୁ ଖୁଲିଛି ଚଳେ ପଢ଼ିଥିବା
ଲୋକଙ୍କର ଜସ୍ତ ରଥ ।
ଆଗକୁ ଖୁଲିଛି ଲଙ୍ଗଳ, ଦାଆ
ଚେଣ୍ଟ ରୁ ରେକନା ଅଗର ପଥ ॥

ଢଳାଣି ପାଣିର ସୁଅ ଦେଖି ଦୁହେଁ
ପାଇବୁନି ଭଲ କଷ୍ଟ ।
କୁହା ଶୁଣା ପରେ ଦୋହଲି ଯିବ ବାସ୍ନା,
ଅହମିକା ଭୋରେ ଯିବ ପୋଛି ॥

ଆଷାଢ଼ ମାସର ବରଷା ଦେଲକୁ
ବସନ୍ତକୁ ମନେ ହେଜିହେଲେ;
ପାଇବୁନି ବାସ୍ନା ମଳୟ ପବନ
ପଛ କଥା ଚିନ୍ତା କଲେ ॥

ହେଉରେ ମୋ କାଠ ରଥ ଝଣାଲୀର ଦଳ ।
ବେଗେ ବେଗେ ରଥଦଉଡ଼ି ଟାଣରେ,
ମାଉସୀ ଘର ଯେ ଅନେକ ଦୂର ॥

ମରୁଡ଼ି ଓ ବନ୍ୟାବିପନ୍ନ ଅଞ୍ଚଳରେ ସୁଖାଡ଼ି କାର୍ଯ୍ୟକ୍ରମ

ରାଜ୍ୟର ମରୁଡ଼ି ଓ ବନ୍ୟାବିପନ୍ନ ଅଞ୍ଚଳରେ ସ୍କୁଲମାନଙ୍କରେ ଅଧ୍ୟୟନ କରୁଥିବା ଗରିବ ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ ଯୋଗାଇ ଦେବାପାଇଁ ଏକ 'ସୁଖାଡ଼ି କାର୍ଯ୍ୟକ୍ରମ' ଚଳିତ ମାସଠାରୁ ଆରମ୍ଭ କରାଯିବ । ଏହାଦ୍ୱାରା ଫୁଲବାଣୀ ଜିଲ୍ଲା ବ୍ୟତୀତ ଅନ୍ୟାନ୍ୟ ଜିଲ୍ଲାର ୧ ଲକ୍ଷ ୮୬ ହଜାର ଗରିବ ଛାତ୍ରଛାତ୍ରୀ ଉପକୃତ ହୋଇ ପାରିବେ ।

ଏହି କାର୍ଯ୍ୟକ୍ରମ ୬୦ ଦିନପାଇଁ କାର୍ଯ୍ୟକାରୀ କରାଯାଉଛି । ପ୍ରତ୍ୟେକ ପିଲାଙ୍କୁ ଦୈନିକ ୯୦ ଗ୍ରାମ ଅଟା ଓ ସାଢ଼େ ସାତ ଗ୍ରାମ ଗୁଣ୍ଡ ଦୁଧ ଓ ତେଲ ଖାଇବାକୁ ଦିଆଯିବ । ବିଶ୍ୱ ଖାଦ୍ୟ ସଂସ୍ଥାରୁ ମିଳୁଥିବା ଖାଦ୍ୟ ଦ୍ରବ୍ୟ ସାହାଯ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ ।

(ଲୁଇଫିସରଙ୍କ ଏକ ଲେଖାରୁ)

ବିଳାସହୀନ ଜୀବନ ଓ ଆତ୍ମସଂଯମ କ୍ରମେ ଗାନ୍ଧୀଜୀଙ୍କର ଏକମାତ୍ର ଲକ୍ଷ୍ୟ ହୋଇ ଉଠିଲା । କୌଣସି ଅପ୍ରୀତିକର ଘଟଣା ଘଟିଲେ ସେ ଏବେ ତାଙ୍କ ସାଥୀଙ୍କ ପରି ଉପବାସ କରି ବସିଲେ ଏବଂ ଅନ୍ୟ ସାଧାରଣ ଦିନମାନଙ୍କରେ କେବଳ ଫଳାହାର କରି ବିନା ମସଲା ଓ ବିନା ରନ୍ଧାରେ ଚଳିବାକୁ ଲାଗିଲେ । ଗାନ୍ଧି ତାଙ୍କର ସାରା ଜୀବନ ଏପରି ଏକ ଖାଦ୍ୟର ଅନ୍ୱେଷଣ କରୁଥିଲେ, ଯଦ୍ୱାରା ଶରୀରକୁ ଦମନ ରଖିବା ସଙ୍ଗେ ସଙ୍ଗେ ମନୁଷ୍ୟର ମନକୁ ପଶୁତ୍ୱରୁ ଊର୍ଦ୍ଧ୍ୱରେ ରଖିବ । ଫିନିକ୍ସ ଫାର୍ମରେ ହିଁ ତାଙ୍କର ଏହି ପ୍ରଚେଷ୍ଟା ଆରମ୍ଭ ହୋଇ ଯାଇଥିଲା । ସେ ଅନୁଭବ କଲେ ଯେ, ଆମେ କେବଳ ଖାଇବା, ପିଇବା ଓ ଶରୀରର ସୁଖ ସ୍ୱାଚ୍ଛନ୍ଦ୍ୟପାଇଁ ବଞ୍ଚିନାହୁଁ । ବଞ୍ଚିବାପାଇଁ ଶରୀରର ଯାହା ଦରକାର, ଆମେ କେବଳ ସେତିକି ଗ୍ରହଣ କରିବା ଉଚିତ । ଶରୀରର ସାମାନ୍ୟ କେତେକ ମୌଳିକ ଆବଶ୍ୟକତା ପୂରଣ ହୋଇଗଲେହିଁ ଜୀବନ ଗତିଶୀଳ ରହେ । କିନ୍ତୁ ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନଯାପନକାରୀ ଯେଉଁ ଜୀବନକୁ କେତେ ମୂର୍ଖ ଲୋକ ଅକାରଣ ଧ୍ୱଂସ କରି ଦିଅନ୍ତି । ଆତ୍ମା କେବଳ ଏକ ଅସ୍ଥାୟୀ ଆଶ୍ରୟ ନୁହେଁ । ତାହାପାଇଁ ପଶ୍ୱାଦି ହାଡ଼ମାଂସ ସାର୍ ଯାହା, କୋଠାଘର ମଧ୍ୟ ତାହା — ବରଂ ଅଧିକ ଭଲ । କାରଣ, ମଣିଷ କେବଳ ଦେହର ସୁଖ ସ୍ୱାଚ୍ଛନ୍ଦ୍ୟପାଇଁ ଅଧିକ ଶକ୍ତି ବିନିଯୋଗ କଲେ, ତାହାର ଆଧ୍ୟାତ୍ମିକ ଚେତନା ହରାଇ ବସେ ଓ ସେଠାରେ ସନ୍ତୋଷ ପରିବର୍ତ୍ତେ ଅସନ୍ତୋଷହିଁ ଦେଖାଦିଏ ।

ପାଶ୍ଚାତ୍ୟବାସୀଙ୍କ ମତରେ ପୂର୍ଣ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିବା ବୁଝାଏ ଏକପ୍ରକାର ଆତ୍ମ-ନିପୀଡ଼ନ । ତଥାପି ଖ୍ରୀଷ୍ଟ ଆଦି ଧର୍ମର ମୂଳମନ୍ତ୍ର ହେଲା "ତ୍ୟାଗ" ଏବଂ ସବୁ ଧର୍ମର ସନ୍ଥମାନଙ୍କ ଜୀବନ ପଛରେ ରହିଛି ବୈରାଗ୍ୟ । ଗାନ୍ଧି, ଶରୀରକୁ କେବଳ କଷ୍ଟ ଦେବାପାଇଁ ତ୍ୟାଗ ବରଣ କରୁ-ନଥିଲେ । ସେ ଗୋଟିଏ ଚିଠିରେ ଲେଖିଛନ୍ତି ଯେ—ଜଣେ ମାଆ କେତେବେଳେ ଓଦା ଜାଗାରେ ଶୋଇବାପାଇଁ ଚାହିଁବ ନାହିଁ—କିନ୍ତୁ ସେ ତା'ର ପିଲାପାଇଁ ଶୁଖିଲା ଜାଗାଟିଏ ଦେବାକୁ ଦରକାର ହୁଏ—ତେବେ ସେ ଆନନ୍ଦରେ ନିଜପାଇଁ ଓଦା ବିଛଣା ଗ୍ରହଣ କରିବ । ଗାନ୍ଧିଙ୍କର ତ୍ୟାଗ, ଏହିପରି କେବଳ ନିଃସ୍ୱାର୍ଥ ପ୍ରେମର ଅନ୍ୟ ନାମ ଥିଲା । ପ୍ରତ୍ୟେକ ବ୍ୟକ୍ତି କେବଳ ପ୍ରେମ ଜରିଆରେ ହିଁ ସମାଜର ଅନ୍ୟମାନଙ୍କ ସହିତ ଗୌରବମୟ ସାମ୍ୟ ଅନୁଭବ କରି ପାରିବେ । ସନ୍ଥମାନଙ୍କ ଜୀବନରେ ଏପରି କେତେ ମୁହୂର୍ତ୍ତ ଦେଖାଯାଏ, ଯେତେବେଳେ ସେମାନେ ନିଜକୁ ସଂପୂର୍ଣ୍ଣ ଭୁଲିଯାଇ ଅନ୍ୟର ସୁବିଧା ଅସୁବିଧା ଜାଣିବାପାଇଁ ଅନ୍ୟର ଅନ୍ତର ଭିତରେ ପ୍ରବେଶ କରନ୍ତି । ଏହି "ଏକତ୍ୱ" "ମୋର" "ତୋର" ଭାବକୁ ଲୋପ କରିଦେଲେ ଏକା ଧାରରେ ଆନନ୍ଦ ଓ କଷ୍ଟ ସୃଷ୍ଟି କରେ । ଗାନ୍ଧିଜୀ "ମହାତ୍ମା"ର ଶୀର୍ଷ ସ୍ଥାନରେ ପହଞ୍ଚିବା ପରେ ତାଙ୍କ ଅନୁଗାମୀମାନଙ୍କ ଅନ୍ତରରେ ବହୁବାର ନିଜକୁ ସୁଦୂରପୂର ସ୍ଥାନାନ୍ତରିତ କରିପାରିବାର ଦେଖା ଦେଇଛି । ଗାନ୍ଧିଙ୍କ ଜୀବନରେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣାରୁ ଜଣାଯାଏ ଯେ, ସେ ସେକାଳରେ ପୂର୍ବାପର ଭାବରେ ଆତ୍ମ ବିସ୍ମୃତ ହୋଇ ପଡୁଥିଲେ ଏବଂ ଅନ୍ୟମାନଙ୍କ ସହିତ ସଂପୂର୍ଣ୍ଣ ଏକୀଭୂତ ହୋଇ ଯାଉଥିଲେ । ତାଙ୍କଠାରୁ ନିମ୍ନ ସ୍ତରର ନେତାମାନେ ତାଙ୍କ ତୁଳନାରେ ବରାବର ଆତ୍ମ-ସଚେତନ ଓ ଉଚ୍ଚମଞ୍ଚରେ ଅଧିଷ୍ଠିତ ବୋଲି ମନେ ହୁଅନ୍ତି । ଏହାହିଁ ହେଲା ଗାନ୍ଧି-ମହତ୍ତ୍ୱର ରହସ୍ୟ । × × × × ଆରାମ, ବିଳାସ ଏବଂ ସ୍ୱାଚ୍ଛନ୍ଦ୍ୟ ପ୍ରଭୃତି ପରିତ୍ୟାଗ ବିଶେଷ କଠିନ କଥା ନହୋଇ ପାରେ । ଅନେକ ବ୍ୟକ୍ତି ହୁଏତ ଅଧା-ଭୋଜନ, ପୋଷାକ ପରିଚ୍ଛଦର ବିଳାସ ବା ସୁନ୍ଦରଘର ସହଜରେ ତ୍ୟାଗ କରିପାରିବେ କିନ୍ତୁ "ଅହମିକା ପରିତ୍ୟାଗ" ସେମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର । ଏହି ଅହମିକା ବା ଅହଂକାରଟି କ'ଣ ? ସେମାନେ ଭାବନ୍ତି ସେମାନଙ୍କର ନିଜ ନିଜର କ୍ଷୁଦ୍ର ବ୍ୟକ୍ତିତ୍ୱ, ଯାହାକି ସାମାଜିକ ପଦ ମର୍ଯ୍ୟାଦା, କ୍ଷମତା ଓ ଜନପ୍ରିୟତା ଇତ୍ୟାଦିଦ୍ୱାରା ପରିବୃତ ରହିଛି । ସେମାନେ ହୁଏତ ଅଶନ-ବସନ, ଯାନ-ବାହନ, ଆହ୍ଲାଦ ପରିତ୍ୟାଗ କରିଛନ୍ତି । କିନ୍ତୁ ସେମାନଙ୍କର ଏହି ତଥାକଥିତ "ସାମାଜିକ ବ୍ୟକ୍ତିତ୍ୱ"ଟିକୁ ସେମାନେ କଦାପି ପରିତ୍ୟାଗ କରି ପାରନ୍ତି ନାହିଁ । ସାମାଜିକ ପଦ-କ୍ଷମତା, ପ୍ରତିପତ୍ତିହୀନ କୌଣସି ବ୍ୟକ୍ତିତ୍ୱ ସେମାନେ କଳ୍ପନା କରି ପାରିବେ ନାହିଁ । କିନ୍ତୁ ସମସ୍ତେ ଭୁଲିପାରନ୍ତି ନାହିଁ ସହଜରେ ଯେ ଏହି ସ୍ଥୂଳ ସାମାଜିକ ଜଗତର ପରିଚିତ ବ୍ୟକ୍ତିତ୍ୱକୁ ପରିତ୍ୟାଗ କରି ଏକ ଅଜ୍ଞାତ ବ୍ୟକ୍ତିତ୍ୱପାଇଁ ଅପେକ୍ଷା ଭବିଷ୍ୟତ ଅନ୍ଧାରକୁ ଝାଂପ ଦେବାର ସାହସ ଗାନ୍ଧିଙ୍କର ଥିଲା । ସେ ଭଲରୂପେ ଜାଣିଥିଲେ—ଆମେ ଯଦି ଅମର ଏହି ପରିଚିତ ସ୍ଥୂଳ ସାଧାରଣ ବ୍ୟକ୍ତିତ୍ୱଟିକୁ ପରିତ୍ୟାଗ କରିଦେଇ—ତେବେ ଆମେ ଆଉ ଏକ ନୂତନ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବା—ଯାହାକି ହେବ ଅମର ଅଚଳ ଆତ୍ମିକ ବ୍ୟକ୍ତିତ୍ୱ ଏବଂ ଏହି ଆତ୍ମିକ ବ୍ୟକ୍ତିତ୍ୱର ପ୍ରଭାବରେହିଁ ଅମର ପରିବେଶକୁ ଆମେ ପୂଜା ଓ ଶାନ୍ତି ଦେଇ ପାରିବା । ଗାନ୍ଧିଙ୍କ ପକ୍ଷରେ ମଧ୍ୟ ଏପ୍ରକାର ସିଦ୍ଧାନ୍ତ ସହଜ ନଥିଲା । ତାହା ଏହା ବିଶେଷ ଶାରୀରିକ କଷ୍ଟ ନିଶ୍ଚୟ ଦେଇଥିବ । କାରଣ ତାଙ୍କ ଆତ୍ମଜୀବନୀରୁ ଜଣାଯାଏ ଯେ ତାଙ୍କ ରକ୍ତରେ କାମ ଭାବ ଅତ୍ୟନ୍ତ ପ୍ରବଳ ଥିଲା ଏବଂ ବ୍ରହ୍ମଚର୍ଯ୍ୟର ପ୍ରତିଜ୍ଞା ନେଲାପରେ ମଧ୍ୟ ସେ ନାରୀ-ପ୍ରଲୋଭନର ସମ୍ମୁଖୀନ ହୋଇଥିଲେ । ସେ ମଧ୍ୟ ଥିଲେ ଅତି ଭୋଜୀ ଏବଂ ତାଙ୍କର କ୍ଷୁଧା ଥିଲା ଅତ୍ୟନ୍ତ ତୀବ୍ର । ଯେତେବେଳେ ସେ ଭଲ ରୋଜଗାର କରୁଥିଲେ । ସେ ଖୁବ୍ ଧନୀ ଓକିଲଙ୍କ ଭିତରେ ଗଣା ହୋଇ ପାରିଥାନ୍ତେ । ତେଣୁ ନିଜେ ବରଣ କରିଥିବା ବ୍ରହ୍ମଚର୍ଯ୍ୟ ଓ ଦାରିଦ୍ର୍ୟ ତାଙ୍କ ପକ୍ଷରେ ନିଶ୍ଚୟ ଖୁବ୍ କଷ୍ଟକର ହୋଇଥିବ । ସେସବୁକୁ ସେ ଆରମ୍ଭରେ ସହ୍ୟ କରିଥିଲେ । କାରଣ, ସେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ତାଙ୍କ ଜୀବନର ଏକ ଉଦ୍ଦେଶ୍ୟ ଅଛି । ଯେଉଁଠି ଏକ ଆଦର୍ଶରେ ଗଭୀର ବିଶ୍ୱାସ ରହିଛି ସେଠି ତ୍ୟାଗକୁ ତ୍ୟାଗ ବୋଲି କୁହାଯାଇ ନପାରେ । ଏହା କେବଳ ଗୋଟିଏ କ୍ଷୁଦ୍ରତର ଆନନ୍ଦ ପରିବର୍ତ୍ତେ ଆଉ ଏକ ବୃହତ୍ତର ଆନନ୍ଦ ଲାଭ ମାତ୍ର । ଏହି ପ୍ରକାର ଆନନ୍ଦ ଲାଗିହିଁ କେହି କେହି ଦାନ କରିଥାନ୍ତି । ଗାନ୍ଧିଙ୍କ ନିଜକୁ ଦାନ କରିଦେଇ ନିଜକୁ ଅନ୍ୟ ଭାବରେ ଫେରି ପାଇଥିଲେ । ଏ ପ୍ରକାର ଦାନରେ ବିଶ୍ୱାସର ଦୃଢ଼ତାହିଁ ଦାନର ପରିମାପକ । ଗାନ୍ଧି ଲେଖିଛନ୍ତି—

"ତୁମେ ଗୋଟିଏ ପରିଚିତ କଥା ତ୍ୟାଗ କରିବ ଯେତେବେଳେ, ଯେତେବେଳେ ଏକ ନୂଆ କଥା ତୁମକୁ ପୂର୍ବ କଥାଠାରୁ ଅଧିକ ଆକର୍ଷଣ କରିବ ଏବଂ ସେହି ଆକର୍ଷଣ ଯୋଗୁଁ ପୂର୍ବକଥା ଆଉ ଆବଶ୍ୟକ ମନେ ହେବନାହିଁ—କିମ୍ବା ତୁମର ମନେ ହେବ ଯେ ଏହି ପୁରୁଣା କଥାଟି ତୁମର ନୂତନ ଆଦର୍ଶ ସାଧନ ପଥରେ ବାଧା ସୃଷ୍ଟି କରୁଛି ।"

ଗାନ୍ଧୀ ତାଙ୍କ ସଂପର୍କରେ ଗୋଟିଏ ମଜା କଥା କହିଛନ୍ତି—ଯାହାକି ଆମର ରାଜନୀତିକ ନେତାମାନଙ୍କର ମନେ ରଖିବା ଉଚିତ ।

"ଲୋକେ କହନ୍ତି—ମୁଁ ପ୍ରକୃତରେ ଜଣେ ସନ୍ଥ । ଭୁଆଟାରେ ରାଜନୀତିରେ ଭ୍ରମି ହେଉଛି । କିନ୍ତୁ ମୁଁ ପ୍ରକୃତରେ ଜଣେ ରାଜନୀତିକ, ଯେ କି ପ୍ରାଣ ପଣେ ଚେଷ୍ଟା କରି ବୁଲୁଛି ଜଣେ ସନ୍ଥ ହେବାପାଇଁ ।"

ଚିତ୍ର ସମ୍ବାଦ

୧୯୭୫ ସ୍ୱାଧୀନତା ଦିବସରେ ଢେଙ୍କାନାଳଠାରେ ୧୦ ଜଣ ଅସହାୟ ବୃଦ୍ଧବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା । ଚିତ୍ରରେ ଭତ୍ତାପ୍ରାପ୍ତଙ୍କ ଗହଣରେ ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ସୋମନାଥ ରଥ ଓ ଢେଙ୍କାନାଳ ଜିଲ୍ଲାପାଳ ।

୧୯୭୫ ସେପ୍ଟେମ୍ବର ୬ ତାରିଖ ଦିନ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଅକବର ଅଲ୍ଲି ଖାଁ ଉତ୍କଳ ବିଶ୍ୱବିଦ୍ୟାଳୟର ବ୍ୟାୟାମଶାଳା (ଜିମ୍ନାସିୟମ୍)ର ଭିତ୍ତି ସ୍ଥାପନ କରୁଛନ୍ତି ।

୧୯୭୫ ଜୁଲାଇ ୨୮ ତାରିଖ ଦିନ ଭୁବନେଶ୍ୱର କଳାମଣ୍ଡପରେ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ଆଲୋଚନା ଚକ୍ରରେ ଉପସଭାପତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍‌ବୋଧନ ।

ଭୁବନେଶ୍ୱରସ୍ଥ କଳାମଣ୍ଡପଠାରେ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ଆଲୋଚନା ଚକ୍ରରେ ରାଜ୍ୟ ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଯଦୁନାଥ ଦାସ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି । ସାଂସ୍କୃତିକ ବିଭାଗ ଉପମନ୍ତ୍ରୀ ଶ୍ରୀ ମନ୍ମଥ ପଲ୍ଲି ଏହି ଆଲୋଚନା ଚକ୍ର ଉଦ୍‌ଘାଟନ କରିଥିଲେ ।

ଚିତ୍ରେ ସମାଚାର

୧୯୭୫ ସେପ୍ଟେମ୍ବର ୭ ତାରିଖରେ ରାଜଧାନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମିଳନୀରେ ଶିକ୍ଷା ମନ୍ତ୍ରୀ ଶ୍ରୀ ଯଦୁନାଥ ଦାସ ମହାପାତ୍ରଙ୍କ ଉଦ୍‌ବୋଧନ ।

୧୯୭୫ ସେପ୍ଟେମ୍ବର ୨ ତାରିଖ ଟାଉନ ହଲଠାରେ ଶ୍ରୀକ୍ଷେତ୍ର ଚନ୍ଦନ ଚକ୍ରର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଶିକ୍ଷା ମନ୍ତ୍ରୀ ଶ୍ରୀ ଯଦୁନାଥ ଦାସ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି । ରାଜ୍ୟ ସାଂସ୍କୃତିକ ବିଭାଗ ଶାସନ ସଚିବ ଶ୍ରୀ ଏ. ଏନ୍. ତିୱାରୀ ଏହି ଉତ୍ସବ ଉଦ୍‌ଘାଟନ କରିଥିଲେ ।

ବୈତରଣୀ ନଦୀର ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ଆନନ୍ଦପୁର ସବ୍‌ଡିଭିଜନର ସାହାନନ୍ଦପୁର ଗ୍ରାମ ।

ଚିତ୍ର ସମ୍ବାଦ

୧୯୭୫ ସ୍ୱାଧୀନତା ଦିବସରେ ଢେଙ୍କାନାଳ ଜିଲ୍ଲାର ଶ୍ରୀମତୀ ଜାବୁ ଦେଓଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୋମନାଥ ରଥ ।

୧୯୭୫ ସ୍ୱାଧୀନତା ଦିବସ ଉତ୍ସବରେ ଫୁଲବାଣୀ ଜିଲ୍ଲାର ଭୂମିହୀନ ଆଦିବାସୀମାନଙ୍କୁ ଋଣ ଓ ଶିକ୍ଷା ବିଭାଗ ରାଷ୍ଟ୍ର ମନ୍ତ୍ରୀ ଡାକ୍ତର କୃପାସିନ୍ଧୁ ଭୋଇ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।

୧୯୭୫ ସ୍ୱାଧୀନତା ଦିବସ ଉତ୍ସବରେ ବଲାଙ୍ଗୀରଠାରେ ରାଜ୍ୟ ଅରଣ୍ୟ, ଜଙ୍ଗଲ ଓ ପଶୁପାଳନ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ ଭୂମିହୀନ ଲୋକମାନଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।

ଭବାନୀପାଟଣାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଉତ୍ସବରେ ଭୂମିହୀନ ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ଜଳସେଚନ ଓ ବିଦ୍ୟୁତ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ହରିଶଚନ୍ଦ୍ର ବୋଇଦ ଦେଓ ।

ଚିତ୍ରେ ସମ୍ବାଦ

୧୯୭୫ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଉତ୍ସବରେ ଆଦିବାସୀ ଓ ଗ୍ରାମାଞ୍ଚଳ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲକା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବୈଷ୍ଣବ ଚରଣ ପାଲଟାଙ୍କୁ ତାମ୍ରପତ୍ର ପ୍ରଦାନ କରୁଛନ୍ତି ।

ରାଉରକେଲାଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପରେଡ୍‌ରେ ଶ୍ରମ ଓ ଗୃହ ନିର୍ମାଣ ରାଷ୍ଟ୍ର ମନ୍ତ୍ରୀ ଡାକ୍ତର ବେଣୁଧର ବଳିଆର ସିଂହ ଅଭିବାଦନ ଗ୍ରହଣ କରୁଛନ୍ତି ।

ନବାନ୍ନ ଉତ୍ସବ ଉପଲକ୍ଷେ ସମ୍ବଲପୁରସ୍ଥ ନାଟ୍ୟକଳା ପରିଷଦରେ ଯୋଗାଣ ମନ୍ତ୍ରୀ ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି ।

୧୯୭୫ ଅଗଷ୍ଟ ୪ ତାରିଖ ଦିନ ଫୁଲବାଣୀ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ବସୁ ପୁରୁଣା କଟକ ଠାରେ ଉପଗ୍ରହ ଟେଲିଭିଜନ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।



ସୃଷ୍ଟି ଯାହାର ଦାନ

ଶ୍ରୀମତୀ ସୀମା ଦେବୀ



ଜାଣିଛ କି ?

ବିଜ୍ଞାନ କୁହେ, ଆମେ ସମସ୍ତେ ହେଲୁ ସୂର୍ଯ୍ୟଙ୍କର ସନ୍ତାନ । ଠିକ୍ ଏହି କଥା ବିଶ୍ୱାସ କରୁଥିଲେ ଶହ ଶହ ବର୍ଷ ତଳେ, ଦକ୍ଷିଣ ଆମେରିକାର ଆଦିମ ଅଧିବାସୀ ଇନ୍‌କାମାନେ । ସେଇଥିପାଇଁ—ସେମାନେ କରୁଥିଲେ ସୂର୍ଯ୍ୟଙ୍କର ପୂଜା, ତାଙ୍କ ଉଦ୍ଦେଶ୍ୟରେ ସେମାନେ ନୈବେଦ୍ୟ ମଧ୍ୟ ଦେଉଥିଲେ । ପ୍ରାଚୀନ ଯୁଗରେ ଚୀନାମାନେ ମଧ୍ୟ ସୂର୍ଯ୍ୟଙ୍କର ପୂଜା କରୁଥିଲେ । ଆମ ଦେଶ ଭାରତରେ ମଧ୍ୟ ସୂର୍ଯ୍ୟପୂଜା ପ୍ରଚଳିତ ଥିଲା । ତୁମେ ଜାଣିଥିବ - ଓଡ଼ିଶାରେ ସୂର୍ଯ୍ୟ ପୂଜାର ଏକ ବଡ଼ ପବିତ୍ର ପୀଠ ଥିଲା—ଅର୍କ କ୍ଷେତ୍ର କୋଣାର୍କ ।

ସେ କାଳରେ ଯେଉଁ ସୂର୍ଯ୍ୟଙ୍କୁ ସର୍ବଶକ୍ତିମାନ ଦେବତା ବୋଲି ପୂଜା କରାଯାଉଥିଲା, ଆଜି ବିଜ୍ଞାନ କୁହେ—ସେହି ସୂର୍ଯ୍ୟ ହେଲେ ଆମ ପୃଥିବୀର ସୃଷ୍ଟିକର୍ତ୍ତା । ସୂର୍ଯ୍ୟ ନ ଥିଲେ, ପୃଥିବୀ ସୃଷ୍ଟି ହୋଇ ନ ଥାନ୍ତା—କି ପୃଥିବୀରେ କୌଣସି ଜୀବନର ସୃଷ୍ଟି ହେବା ମଧ୍ୟ ସମ୍ଭବ ହୋଇ ନ ଥାନ୍ତା ।

ସୂର୍ଯ୍ୟଙ୍କର ସବୁଠାରୁ ବଡ଼ ଦାନ ହେଉଛି—ଆଲୋକ. କାରଣ । ଏହି ସୂର୍ଯ୍ୟ କିରଣ ଆମ ପ୍ରତି ଆଶୀର୍ବାଦ ଭଳି—ସେ ଆମକୁ ଦିଏ ଆଲୋକ, ଉତ୍ତାପ, ଶକ୍ତି—ଏହି ସୂର୍ଯ୍ୟ କିରଣରୁ ଆମେ ପାଉ ଆମ ଜୀବନରେ ଦରକାର ଅନେକ ଉପାଦାନ । ଅନ୍ୟାନ୍ୟ ପୋଷକ ଉପାଦାନ ଭଳି—ଭିଟାମିନ୍ 'ଡି' ଏ ସ୍ୱାଭାବିକ ଢଙ୍ଗରେ ଏହି ସୂର୍ଯ୍ୟ କିରଣ ଆମକୁ ମିଳିଥାଏ । ଆମେ ସୂର୍ଯ୍ୟ କରିବେ କି ଣ ପାଇ—ତଥାପିବି ଅଦ୍ଭୁତ ସୃଷ୍ଟି କର ହେବ, ଯଦି ଆମେ ଚିନ୍ତା କରୁ—ଯଦି ସୂର୍ଯ୍ୟ ଜଳୁନ ନ ଥାନ୍ତା ? ଆଜି ତୁମକୁ କହିବି—ସେଇ କଥା ।

ଲକ୍ଷ୍ମୀଙ୍କର ଶ୍ରୀମନ୍ଦିର
ସେ ଗୋଟିଏ ବନ,
ଜନପଦ ଶବ୍ଦରେ ଥିଲା
ଅନନ୍ତ ଜୀବନ ।

ଗଛ ପତ୍ର ଶୁଖିଗଲା
ମଉଳିଲା ଫୁଲ,
ଶୁଖିଗଲା ସ୍ରୋତସ୍ୱିନୀ
ଯେତେ ନଦୀ ନାଳ ।

ଖର ତାତ ସହି ସହି
ପଶୁ ପକ୍ଷୀଗଣ,
ଅସହ୍ୟ ହେବାରୁ କେତେ
ଛାଡ଼ିଲେ ଜୀବନ ।

ଜୀବ ଜନ୍ତୁଙ୍କର ଦଶା
ନ ସହିଣ ଧରା,
ସହନ ହରାଇ ସୂର୍ଯ୍ୟେ
ଅଭିଶାପ ଦେଲା ।

ପୃଥ୍ୱୀ :—

ଯେତେଦିନ ଯାଏ ଥିବ
ଏ ସୃଷ୍ଟିରେ ମୁହିଁ,
ନ ଦେଖେ ସେପରି ତୋର
ମୁହିଁ—କେବେ କାହିଁ ।
ଲକ୍ଷ୍ମୀଙ୍କର ଅସୁନ୍ଦର
ଶ୍ରୀମ କାନ୍ତ ତୋର,
ନ ଆସୁ ସେମିତ କେବେ
ଆଖି ଆଗେ ମୋର ।
ତୋ ଜ୍ୱାଳାରେ କଷ୍ଟ ପାଇ
ଜୀବଜନ୍ତୁ ଗଣ,
ଜଳନ୍ତି ଏ ଭସ୍ମପରେ
ଗ୍ରାମ, କ୍ଷେତ, ବନ ।
ଦୂର ହୋଇ ଯାଅ ତୁହି
ସମ୍ମୁଖୁ ମୋହର,
ନ ଦେଖିବ କେବେ ହେଲେ
କିରଣ ତୋହର ।

\+ \+ \+

କଥା ତାର ଶୁଣିନାହିଁ,
ରୁଣ୍ଡରୁ ଆତୁର,
ଘୁହଁ ଘୁହଁ ଲୁଚିଗଲା,
ସୂର୍ଯ୍ୟ ମୁଖ ଶିରୀ ।
ଚତୁର୍ଦ୍ଦିଗେ ଘୋଟିଗଲା
ଘନ ଅନ୍ଧକାର,
ନିସ୍ତବ୍ଧ ନିରବ ଆଉ
ସୀମା ନାହିଁ ତାର ।
ଏକ ହେଲା ଏକ ହେଲା
ସଭିଏଁ କହିଲେ,
ସୂର୍ଯ୍ୟ ହସି ମନେ ମନେ
ଲୁଚି ରହିଥିଲେ ।

ଫୁଲ :—

ଲୁହ ମା, ଏକି ଦଶା ହେଲା—
ଆଲୋକ ନ ପାଇ ବଞ୍ଚିବ କିପରି ?
ପାଖୁଡ଼ା ସେ ଝଡ଼ିଗଲା ?
ମୋ ଗଛ ପତ୍ରରେ ରଙ୍ଗ ଦେବାପାଇଁ
ଜୀବନ ଆଉ ଶକତ,
ଆଲୋକ ନ ଥିଲେ କିପରି ବଞ୍ଚିବ ?
କି ହେବ ମୋହର ଗତି ?

ପବନ :—

ମୋର ଦଶା କିସ ହେବ
ସୂର୍ଯ୍ୟ ନ ଥିଲେ ମୋ ଦେହରେ ଆଉ
ଗତି କିଏ ଆଣିଦେବ ?
ସୂର୍ଯ୍ୟ କିରଣ ଦେହରେ ଲାଗିଲେ
ମୁଁ ହୁଏ ପବିତ୍ର ଶୁଦ୍ଧ,
ସେ ନ ଥିଲେ କିଏ ଦୂର କରି ଦେବ
ଜୀବାଣୁ, ଦୂଷିତ ଗନ୍ଧ ?

ଜଳ :—

ମୋ ଦେହରୁ ଜଳକଣା ନେଇ,
ସୃଷ୍ଟି ହୁଏ ମେଘ ଜଳବାଷ୍ପ ।
ସେହି ମେଘ ଆଣେ ବାରିଧାର୍,
ତା ପରଶେ ହସିଉଠେ ଧରା ।
ଗଛ ଲତା ବନ ହସି ଉଠେ,
ସବୁଜ ସୁଷମା ନେଇ ସାଥେ ।
ସୂର୍ଯ୍ୟ ନ ରୁହେ ଯଦି ଏଠି
ଲୋପ ଯେ ହୋଇବ ଏ ସୃଷ୍ଟି ।

ଧରଣୀରାଣୀ ଏ କଥା ଶୁଣି
ଆଚମ୍ବିତ ହୋଇଗଲେ,
ସୂର୍ଯ୍ୟ ନ ଥିଲେ କିରଣ ନ ପାଇ
ଏ ଦଶା ସବୁରି ହେଲା ।

ଏଣିକି ଉପାୟ ?
ନାଭିର ଉଣ୍ଟେ ଡାକିଲେ ସବୁଏ
ରଖିବେ ସୃଷ୍ଟି ସହାୟ ।
ପୂରୁବ ଦିଗର ଅନ୍ଧାର ଚିରି
ଉଜଳ ରଶ୍ମି ଭରି ।
ନୀଳ ଆକାଶର ଅସୀମ ବୁକୁରେ
ଦର୍ଶି ମାଧୁରୀ ଭରି—
ଉଠି ଆସୁଥିଲେ ସୂର୍ଯ୍ୟ,
ମନ୍ଦ ସମୀର ସବୁଜ ଏ ଧରା
ଦେଖାଇଲା ଜୟ ତୂର୍ଯ୍ୟ ।

\+ \+ \+

ବାର୍ଦ୍ଧକ୍ୟ ଭତ୍ତା ଦରଖାସ୍ତ ଫର୍ମ ବିନା ମୂଲ୍ୟରେ ରେଭିନ୍ୟୁ ଇନ୍ସପେକ୍ଟରଙ୍କ ନିକଟରୁ ମିଳିପାରିବ

ବାର୍ଦ୍ଧକ୍ୟ ଭତ୍ତାପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମ୍ପୃକ୍ତ ଅଞ୍ଚଳର ରେଭିନ୍ୟୁ ଇନସ୍ପେକ୍ଟର-ମାନଙ୍କ ନିକଟରୁ ବିନା ମୂଲ୍ୟରେ ମିଳିପାରିବ । ଏହାଛଡା ନିର୍ଦ୍ଧାରିତ ଫର୍ମରେ ହାତଲେଖା ଦରଖାସ୍ତ ମଧ୍ୟ ଗ୍ରହଣ କରାଯିବ ।

ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଚଳିତ ବର୍ଷ ଅପ୍ରେଲ ପହିଲାଠାରୁ ଆମ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାନୁଯାୟୀ ୬୫ ବର୍ଷ କିମ୍ବା ତଦୁର୍ଦ୍ଧ ବୟସର ଅସହାୟ ବ୍ୟକ୍ତିଙ୍କୁ ମାସିକ ୨୫ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି ।

ପଢ଼ିଆରୁ

ଭାରତୀୟ ଟେନିସ୍‌ର ଅମୃତସ୍ୟ ପୁତ୍ର - ବିଜୟ ଅମୃତରାଜ

ଲେ: ବନ୍ଧୁ

ବିଜୟ ଅମୃତରାଜ—ଏଇ ପ୍ରତିଭାବାନ ତରୁଣ ଆଜି ସମଗ୍ର ବିଶ୍ୱରେ ଲନ ଟେନିସ ଖେଳରେ ଭାରତର ବିଜୟ ନିଶାଣ ରୂପେ ପରିଚିତ । ବାଇଶବର୍ଷ ବୟସ୍କ ଏଇ ତରୁଣ ପୃଥିବୀର ବଡ଼ ବଡ଼ ଟେନିସ ପ୍ରତିଯୋଗିତାରେ ନିଜର ପ୍ରତିଭା ସ୍ୱାକ୍ଷର ରଖିଛନ୍ତି । ସର୍ବକାଳର ଶ୍ରେଷ୍ଠ ଟେନିସ ଖେଳାଳୀ ରଡ୍ ଲେଭରଙ୍କ ଭାଷାରେ ଭବିଷ୍ୟତ ଆଗାମୀ ଦିନର ଦୁଇ କେତେଜଣ ଟେନିସ ଖେଳାଳୀଙ୍କ ମଧ୍ୟରେ ବିଜୟ ଅମୃତରାଜଙ୍କ ସ୍ଥାନ ସ୍ୱତନ୍ତ୍ର ଭାବେ ଚର୍ଚ୍ଚିତ ହୋଇ ରହିବ ।

ବିଜୟ ଅମୃତରାଜ ଭାରତପାଇଁ ବିଶ୍ୱ ଦରବାରରେ ଅମୃତର ଧାରା ବୁହାଇଛନ୍ତି । ୧୯ ବର୍ଷ ବୟସରୁ ବିଜୟ ତାଙ୍କ ଜୀବନରେ ବିଜୟର ଶିଖା ପ୍ରଜ୍ୱଳିତ କରନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ସେହି ବର୍ଷ ବିଜୟ ବହୁ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଖେଳାଳୀଙ୍କୁ ପରାସ୍ତ କରି ବିଶ୍ୱ ଟେନିସରେ ନୂତନ ଚମକ ସୃଷ୍ଟି କରନ୍ତି । ବିଶ୍ୱର ସର୍ବଶ୍ରେଷ୍ଠ ଖେଳାଳୀ ରଡ୍ ଲେଭର, ଜନ ନିଉକମ୍ବେ, ଜିମି କନର୍ସ ଓ ଇଲି ନାଷ୍ଟାସେଙ୍କୁ ବାରମ୍ବାର

ପରିଶ୍ରମକରି ବିଜୟ କେବଳ ନିଜପାଇଁ ନୁହେଁ ଭାରତପାଇଁ ଗୌରବ ଅର୍ଜନ କରନ୍ତି । ବିଜୟଙ୍କ ଜୀବନରେ ପ୍ରଥମେ ଯେଉଁ ଆନନ୍ଦମୟ ମୁହୂର୍ତ୍ତ ଆସେ ତାହା ହେଉଛି ଭଲଭୋ ଆନ୍ତର୍ଜାତିକ ଟେନିସ ପ୍ରତିଯୋଗିତାର ଚାମ୍ପିୟାନ ହେବାର କୃତିତ୍ୱ । ଏହି ପ୍ରତିଯୋଗିତାରେ ଚାମ୍ପିୟାନ ହୋଇ ସେ ୫୦ ହଜାର ଟଙ୍କା ମୂଲ୍ୟର ଭଲଭୋ କାର ପୁରସ୍କାର ପାଇବା ସଙ୍ଗେ ସଙ୍ଗେ ୭ ହଜାର ଡଲାର ଅର୍ଥାତ୍ ୭୭ ହଜାର ଟଙ୍କା ଲାଭ କରନ୍ତି ।

ଆନ୍ତର୍ଜାତିକ ଟେନିସ କ୍ଷେତ୍ରରେ ବର୍ତ୍ତମାନ "ପାୱାର ଟେନିସ"ର ଯେଉଁ ଲହେଇ ସୃଷ୍ଟିହୁଏ ବିଜୟ ସେଥିରେ ଜଣେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ରୂପେ ନିଜକୁ ପ୍ରତିଷ୍ଠିତ କରନ୍ତି ।

ବିଶ୍ୱ ଦରବାରରେ ପୂର୍ବରୁ ରାମନାଥନ୍ କୃଷ୍ଣନ୍ ଯେଉଁ ପ୍ରତିଷ୍ଠା ଅର୍ଜନ କରିଥିଲେ ଏବଂ ଭାରତପାଇଁ ଯେଉଁ ଗୌରବୋଜ୍ଜ୍ୱଳ ଐତିହ୍ୟ ସୃଷ୍ଟି କରିଥିଲେ ବିଜୟ ଅମୃତରାଜ ସେହି ନିଶାଣକୁ ଟେକି ଧରିଛନ୍ତି । ୧୯୭୩ ମସିହା ବିଜୟଙ୍କପାଇଁ ଏକ ବିଜୟ ବର୍ଷ ଥିଲା । ଏହି ବର୍ଷ ସେ ପୃଥିବୀର ବହୁ ଖ୍ୟାତ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟାନ ହେବା ସଙ୍ଗେ ସଙ୍ଗେ ଟେନିସର ତୀର୍ଥଭୂମି ୱିମ୍ବଲଡନ ପ୍ରତିଯୋଗିତାରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉଠିଥିଲେ । କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ସେ ବର୍ଷର ଚାମ୍ପିଅନ ଜନ୍ କୋଡେଶଙ୍କ ନିକଟରୁ ପରାଜିତ ହୋଇଥିଲେ । କିନ୍ତୁ ଜନ୍ କୋଡେଶଙ୍କୁ ବିଜୟଙ୍କ ନିକଟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ବର୍ଷ ବିଜୟ ଆମେରିକାର ଫରେଷ୍ଟ ହିଲ୍ ଠାରେ ପୃଥିବୀର ଅନ୍ୟତମ ସମ୍ମାନଜନକ ଟେନିସ୍ ପ୍ରତିଯୋଗିତାରେ ମଧ୍ୟ କ୍ୱାର୍ଟର ଫାଇନାଲକୁ ଉଠିଥିଲେ । ଆନ୍ତର୍ଜାତିକ ଟେନିସ ଖେଳରେ ସେହି ବର୍ଷ ବିଜୟ ପେଶାଦାର୍ ଖେଳାଳୀ ହୋଇ ନଥିଲେ ମଧ୍ୟ ପ୍ରାୟ ୩୦ ହଜାର ଡଲାର, ଅର୍ଥାତ ପ୍ରାୟ ୨୫ ଲକ୍ଷ ଟଙ୍କା ପୁରସ୍କାର୍ ଅର୍ଥ ଲାଭ କରିଥିଲେ । ଆନ୍ତର୍ଜାତିକ ସ୍ତରରେ ପୂର୍ବରୁ କୌଣସି ଭାରତୀୟ ଖେଳାଳି ଏତେ ପରିମାଣର ପୁରସ୍କାର ପାଇ ନଥିଲେ । ୧୯୭୪ ମସିହାରେ ବିଜୟଙ୍କର ବିଜୟଗତି ମନ୍ଥର ହୋଇପଡ଼ିଥିଲା । ୧୯୭୩ ମସିହାରେ ଭାରତରେ ହୋଇଥିବା ଗ୍ରାଣ୍ଡ ପ୍ରିକସ ଟେନିସ ଚାମ୍ପିଆନ ସିପ ପ୍ରତିଯୋଗିତାରେ ମଧ୍ୟ ବିଜୟ ଚାମ୍ପିୟାନ ହୋଇଥିଲେ ଏବଂ ପୁରସ୍କାର ଅର୍ଥ ଗ୍ରହଣ କରିଥିଲେ । ୧୯୭୪ ମସିହାରେ ବିଜୟ ଅଧିକାଂଶ କ୍ଷେତ୍ରରେ ନିଜର ପୂର୍ବ ସମ୍ମାନ ବଜାୟ ରଖିପାରି ନ ଥିଲେ ଏବଂ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ବିଶେଷଭାବେ କୃତିତ୍ୱ ପ୍ରଦର୍ଶନ କରିପାରି ନ ଥିଲେ । କିନ୍ତୁ ବିଜୟଙ୍କର ଲୁକ୍କାୟିତ ପ୍ରତିଭା ଏବଂ ବିଜୟ ବାସନା ପୁଣି ଚେଇଁ ଉଠିଛି । ୱିମ୍ବଲଡନ୍ ଓ ଫରେଷ୍ଟ ହିଲ୍ ଭଳି ପ୍ରତିଯୋଗିତାଗୁଡ଼ିକରେ ବିଜୟ ହାରିଯାଇଥିଲେ ମଧ୍ୟ ଆନ୍ତର୍ଜାତିକ ସ୍ତରର ବହୁ ପ୍ରତିଯୋଗିତାରେ ବିଜୟ ଲାଭ କରିଛନ୍ତି । ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବିଜୟ ପାଞ୍ଚୋଟି ଆନ୍ତର୍ଜାତିକ ପ୍ରତିଯୋଗିତାରେ ଚାମ୍ପିୟାନ ହେବା ସଙ୍ଗେ ସଙ୍ଗେ ଜିମି କନର୍ସ, ବ୍ୟୋର୍ନ ବର୍ଗ, ଇଲି ନାଷ୍ଟାସେ, ଷ୍ଟାନ୍ ସ୍ମିଥ୍ ପ୍ରଭୃତି ପୃଥିବୀର ବହୁ ବଡ଼ ବଡ଼ ଖେଳାଳୀଙ୍କୁ ପରାସ୍ତ କରିଛନ୍ତି । ବିଜୟଙ୍କର ପରିବାରରେ କେବଳ ବିଜୟ ନୁହଁନ୍ତି ସବୁ ଭାଇମାନେ ଟେନିସ୍ ଖେଳରେ ଅଭ୍ୟସ୍ତ ଏବଂ ଏହି ପରିବାରର ଭାରତରେ ଟେନିସର ଗଣ୍ଡ ବହୁଶ୍ରୁତ । ବିଜୟଙ୍କର ବଡ଼ ଭାଇ ଆନନ୍ଦ ଅମୃତରାଜ ବିଜୟଙ୍କ ଭଳି ଆନ୍ତର୍ଜାତିକ କ୍ଷେତ୍ରରେ ଏତେ ନାମ କମାଇ ନଥିଲେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି ଓ ବହୁ ଆନ୍ତର୍ଜାତିକ ପ୍ରତିଯୋଗିତାରେ ସେମି-ଫାଇନାଲ ରାଉଣ୍ଡ ପର୍ଯ୍ୟନ୍ତ ଉଠିଛନ୍ତି । ବିଜୟଙ୍କ ସାନ ଭାଇ ଅଶୋକ ଅମୃତରାଜ ମଧ୍ୟ ନିଜକୁ ଧୀରେ ଧୀରେ ପ୍ରତିଷ୍ଠା କରାଉଛନ୍ତି ଏବଂ ଗତବର୍ଷ ଉଇମ୍ବଲଡନ ଜୁନିୟର ପ୍ରତିଯୋଗିତାରେ ଫାଇନାଲକୁ ଉଠିଥିଲେ ।

ଏହି ଅମୃତରାଜ ପରିବାରକୁ ନେଇ ଇତି ମଧ୍ୟରେ "ଅଡ଼ଭାଣ୍ଟେଜ ଅମୃତରାଜ" ନାମକ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମିତ ହୋଇଛି । ଏହି ଚଳଚ୍ଚିତ୍ରରେ ଆନନ୍ଦ, ବିଜୟ ଓ ଅଶୋକଙ୍କ ସହ ତାଙ୍କ ପିତା ରବର୍ଟ ଓ ମାତା ମ୍ୟାଗିଙ୍କ ଛବି ପ୍ରଦର୍ଶିତ ହୋଇଛି । ଏଥିରେ ବିଜୟଙ୍କର ଭଲଭୋ କାର ଓ ୧୯୭୩ ମସିହାରେ ଦିଲ୍ଲୀଠାରେ ହୋଇଥିବା ଗ୍ରାଣ୍ଡ ପ୍ରିକସ ଟୁର୍ଣ୍ଣାମେଣ୍ଟରେ ବିଜୟଙ୍କର ଚାମ୍ପିୟାନ ହେବାର ଦୃଶ୍ୟ ସନ୍ନିବେଶିତ ହୋଇଛି । ଏହି ଭାଇମାନଙ୍କୁ ଜଣେ ସାମ୍ବାଦିକ ପ୍ରଶ୍ନ କରିବାରୁ ସେମାନେ କହିଥିଲେ ଯେ ଭାରତ ଡେଭିସ୍ କପ ପ୍ରତିଯୋଗିତାରେ ଯେପରି ଚାମ୍ପିୟାନ ହୁଏ ସେ ଦିଗରେ ଖେଳିବାକୁ ସେମାନଙ୍କର ବାସନା ରହିଛି । ସେମାନଙ୍କର ବିଶ୍ୱାସ ଭାରତ ନିକଟରେ ଡେଭିସ୍ କପ୍ ଚାମ୍ପିୟାନ ହେବ ।

୧୯୭୫ ମସିହାର ଏପ୍ରିଲ ମାସ । ବଲାଙ୍ଗୀରର କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଏସ୍. ସି. ହୋତା, ବି. ଡ଼ି. ଓ. ଙ୍କ ସଂଗେ ଡେହ୍ରଗ୍ରାମକୁ ଯାଇଥିଲେ । ସେ ଦେଖିଲେ ଜଣେ ପଞ୍ଚାବନ ବର୍ଷର ବୃଦ୍ଧ ଆଦିବାସୀ ତାଙ୍କ ସ୍ତ୍ରୀଙ୍କ ସହ କୂଅ ଖୋଳା କାର୍ଯ୍ୟରେ ଲାଗିଛନ୍ତି । ସେଥିପାଇଁ ସେ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଧାର ଆଣିଥିଲେ । ଶ୍ରୀଯୁକ୍ତ ହୋତା ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରି ଜାଣିଲେ ଯେ ବୁଢ଼ାବୁଢ଼ୀଙ୍କର ପୁଅମାନେ ଘରଦ୍ୱାର ଛାଡ଼ି ସହରକୁ ପଳାଇଛନ୍ତି । ସେଠାରେ ସେମାନେ ମୂଲିଆ କାମ କରି ପେଟ ପୋଷୁଛନ୍ତି । ଏଣେ ବୁଢ଼ାବୁଢ଼ୀ ମନେ ମନେ ପ୍ରତିଜ୍ଞା କରିଛନ୍ତି ଯେ ସେମାନେ ଏହି କୂଅ ଖୋଳି ତାଙ୍କର ସବୁ ସାମାନ୍ୟ ଜମିରେ ପାଣି ମଡ଼ାଇବେ ଏବଂ ସେଥିରୁ ଫସଲ ଅମଳ କରିବେ । ସେହି କୂଅପାଖେ ସେମାନେ ଗୋଟିଏ ଛୋଟ କୁଡ଼ିଆ ତିଆରି କରିଛନ୍ତି ଏବଂ ତା'ଚାରିପଟେ ପିଆଜ, ତରଭୁଜ ଏବଂ ଆହୁରି କେତେକ ପନିପରିବା ଗଛ ଲଗାଇଛନ୍ତି । ସେଥିରୁ ଯେଉଁ ଫଳଫୁଲ ଉତ୍ପନ୍ନ ହୁଏ, ତାକୁ ସେମାନେ ନିକଟସ୍ଥ ଖପୁରି ହାଟରେ ବିକ୍ରି କରନ୍ତି । ତା'ପରେ ଯୋଜନା ନିର୍ଦ୍ଦେଶକ ଗ୍ରାମର ଅନ୍ୟାନ୍ୟ ସ୍ଥାନକୁ ଯାଇଥିଲେ ଏବଂ ଦେଖିଲେ ଯେ ଅନ୍ୟାନ୍ୟ ଆଦିବାସୀ ଭାଇମାନେ ମଧ୍ୟ ତଦ୍ରୂପ କୂଅଖୋଳା କାମରେ ଲାଗିଛନ୍ତି । ସବୁଠାରୁ ଆଶା ଏବଂ ଆନନ୍ଦର ବିଷୟ ହେଲା ସବୁ କୂଅରେ ୧୩-୧୪ ଫୁଟ ତଳେ ପାଣି ପଡ଼ିଛି । ଶ୍ରୀଯୁକ୍ତ ହୋତା କେତେକ ଗ୍ରାମବାସୀଙ୍କୁ ଯେଉଁମାନେ ଏପର୍ଯ୍ୟନ୍ତ କୂଅ ଖୋଳି ନାହାନ୍ତି ସେମାନଙ୍କୁ ଏହି କୂଅ ଖୋଳାପାଇଁ ପରାମର୍ଶ ଦେଇଥିଲେ । ନିର୍ଦ୍ଦେଶକଙ୍କ ପରାମର୍ଶ ଶୁଣି ସେମାନେ ସମସ୍ତେ ନିଜପାଇଁ ଗୋଟିଏ ଗୋଟିଏ କୂଅ ଖୋଳିବେ ବୋଲି ସମ୍ମତି ଦେଇଥିଲେ ।

ଏହାପରେ ଯୋଜନା ନିର୍ଦ୍ଦେଶକ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କୃଷି ଉନ୍ନୟନ ଶାଖାକୁ ଅନୁରୋଧ କରିଥିଲେ, ସେମାନେ ଯେପରି ଭଣ୍ଡିଗାଁର ଆଦିବାସୀ କୃଷକମାନଙ୍କୁ କୂଅ ଖୋଳିବାଲାଗି କରଜ ଦିଅନ୍ତି । ବ୍ୟାଙ୍କ୍ ପ୍ରଥମରୁ ରାଜି ହୋଇ ନ ଥିଲେ ବି ପରେ ଏହି ଗ୍ରାମରେ କୃଷକମାନଙ୍କ ଉତ୍ସାହ, ଉଦ୍ୟମ ଓ ସଫଳତା ଦେଖି ଅଧିକ ଟଙ୍କା କରଜ ଦେବାକୁ ସମ୍ମତ ହୋଇଥିଲେ ।

ଭଣ୍ଡିଗାଁର ଛୋଟ ତଥା ଅତି ଛୋଟ କୃଷୀ ପରିବାର ଖରିଫ୍ ଋତୁରେ ଅଧିକ ଅମଳକ୍ଷମ ଧାନଚାରା ରୋଉଛନ୍ତି ।

ଏବେ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କୃଷି ଉନ୍ନୟନ ଶାଖା ପ୍ରାୟ ୨୯ ଜଣ ଆଦିବାସୀ କୃଷକଙ୍କୁ କୂଅ ଖୋଳିବା ପାଇଁ ଋଣ ଦେଇଛନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ପ୍ରାୟ ୧୦ ଜଣ ଆଦିବାସୀ କୃଷୀଙ୍କୁ କୃଷି ଋଣ ଦେଇଛନ୍ତି । ଏହି ଋଣ ଆଣିବା ପରେ ଏହି ଗ୍ରାମବାସୀମାନେ ବିଦ୍ୟୁତ୍ ଚାଳିତ ମଟର ପମ୍ପର ବ୍ୟବହାର ମଧ୍ୟ ଆରମ୍ଭ କରିବା ଲାଗି ଉତ୍ସାହୀ ହେଲେଣି । ରାଜ୍ୟ ବିଦ୍ୟୁତ୍ ସଂସ୍ଥା ଯେପରି ନୂଆପଡ଼ାଠାରୁ ଚଣ୍ଡିଗାଁକୁ ବିଦ୍ୟୁତ୍ ଲାଇନ୍ ସଂଯୋଗ କରିପାରିବେ, ତା'ର ବ୍ୟବସ୍ଥା ମଧ୍ୟ କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥା ତରଫରୁ କରାଯାଇଛି । ବର୍ତ୍ତମାନ ସେହି କାର୍ଯ୍ୟ ଖୁବ୍ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଯାହା ଆଶା କରାଯାଉଛି ଏଇ ୧୯୭୫ ସେପ୍ଟେମ୍ବର ଅକ୍ଟୋବର ସୁଦ୍ଧା ପ୍ରାୟ ୨୦ଟି କୂଅରେ ବିଦ୍ୟୁତ୍ ଚାଳିତ ମଟରପମ୍ପ ବସିଯିବ ଏବଂ ଏହି ଗ୍ରାମର ପ୍ରାୟ ୭୦ ଏକର ଜମି ଜଳସେଚିତ ହେବା ଫଳରେ ରବିଫସଲ ଚାଷବେ ଅମଳ ହୋଇ ପାରିବ ।

ଚଣ୍ଡିଗାଁର ଏହି ଆଦିବାସୀ କୃଷକମାନଙ୍କର ଉତ୍ସାହ ଓ ଉଦ୍ୟମ ଅନ୍ୟ ଗ୍ରାମବାସୀମାନଙ୍କ ଆଖି ଖୋଲିଦେବ, ଏହା ଆଶା କରିବା ବାହୁଲ୍ୟ ମାତ୍ର ।

ବ୍ୟକ୍ତିଙ୍କଠାରେ ଯେ ନ ଥାଏ ଏହି ଯୋଜନାରୁ ଅନଗ୍ରସର କଳାହାଣ୍ଡି ଓ ବଲାଙ୍ଗୀର ଦରିଦ୍ର ଜନସାଧାରଣ କାର୍ଯ୍ୟଦ୍ୱାରା ଦେଖାଇଦେଲେ ।

ମାଡ୍ରାଜ ପ୍ରଦେଶରେ ପ୍ରତିବର୍ଷ ଏଭଳି କାର୍ଯ୍ୟ ହୋଇ ସ୍ୱଗଣିକା ପ୍ରଚଳିତ ହୁଏ । ବଲାଙ୍ଗୀର ଶିକ୍ଷା ଜିଲ୍ଲାରେ ଦ୍ୱିତୀୟ ଥର ପାଇଁ ଉନ୍ନୟନ କାର୍ଯ୍ୟ ହେଲା । ଭଞ୍ଜନଗର ଶିକ୍ଷା ଜିଲ୍ଲା ଓ ବଲାଙ୍ଗୀର ଓ କଳାହାଣ୍ଡିର ୫ ଗୋଟି ଶିକ୍ଷା ଜିଲ୍ଲା ଛଡ଼ା ଆଉ କୌଣସି ଶିକ୍ଷାଜିଲ୍ଲାରେ ଏଭଳି ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟ ବ୍ୟାପକଭାବେ ଅନୁଷ୍ଠିତ ହୋଇନାହିଁ । ମାଡ୍ରାଜରେ ଗୋଟିଏ ଗୋଟିଏ ଜିଲ୍ଲାରେ କେବଳ ୫ ହଜାର ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଥିବା ସ୍ଥଳେ ଆମ ଏଠାରେ ଗୋଟିଏ ଗୋଟିଏ ଜିଲ୍ଲାରେ ୫ ଲକ୍ଷ ଟଙ୍କାର କାର୍ଯ୍ୟ ହୋଇ ପାରିବା ଗୌରବର କଥା । ଏହି ଯୋଜନାର କାର୍ଯ୍ୟ ମୁଁ ବଲାଙ୍ଗିର ଜିଲ୍ଲା ସମ୍ବାଦ ସମୀକ୍ଷାରେ ସବିଶେଷ ବର୍ଣ୍ଣନା କରିଯାଇଛୁ ।

ଏହି ଯୋଜନାର ସଫଳତାର ସମସ୍ତ ଗୌରବ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଦର୍ଶକ ବୃନ୍ଦଙ୍କର ପ୍ରାପ୍ୟ । ଅପ୍ରାଣ ଉଦ୍ୟମ ଓ ମାନ ଅପମାନକୁ ଭ୍ରୂକ୍ଷେପ ନକରି ଅବିଚଳିତ ଭାବରେ ନିଜର କର୍ତ୍ତବ୍ୟ ପଥରେ ନିରୁତ୍ତି ଓ ଅସ୍ତ୍ରବ ଦେଇ ସେମାନେ ଅଗ୍ରସର ନ ହୋଇଥିଲେ ଗୋଟିଏ ପଇସା ପାଇଁ ସରକାର ଉପରେ ଆଶା ନ ରଖି ପ୍ରାୟ ଉଣେଇଶ ଲକ୍ଷ ଟଙ୍କାର ଉନ୍ନୟନ କାର୍ଯ୍ୟ ତେର ମାସ ମଧ୍ୟରେ ସମ୍ଭବ ହୋଇପାରି ନ ଥାନ୍ତା । ସମସ୍ତ ଉନ୍ନୟନ କାର୍ଯ୍ୟ ଓ ଅର୍ଥ ସଂଗ୍ରହ ଜନସାଧାରଣ କରିଥାନ୍ତି । ଶିକ୍ଷକ, ଶିକ୍ଷୟିତ୍ରୀ ବା ପରିଦର୍ଶକ ବୃନ୍ଦ ପଛଆଡେ ଥାଇ ଜନତାକୁ ଉଦ୍‌ବୁଦ୍ଧ କରିଥିଲେ । ଅଭିଭାବକମାନେ ବହୁ କଷ୍ଟରେ ନିଜ ହାତରୁ ବିନା ଅସୁବିଧା କରି ବିଦ୍ୟାଳୟର ଉନ୍ନତି ବାଟରେ ବ୍ୟୟ କରିଥିବାରୁ ସେମାନଙ୍କର ସନ୍ତାନ ସନ୍ତତି ମାନେ ବିଦ୍ୟାଳୟରେ ଭଙ୍ଗାରୁଜା କାର୍ଯ୍ୟ କରିବାରୁ ବିରତ ହେବେ ଓ ଏହି ଯୋଜନା ହେତୁ ନିଜ ଅନୁଷ୍ଠାନ ପ୍ରତି ମମତା ଅଧିକ ବଢ଼ିଯିବ ।

ଜନତା ଭଲଭାବେ ଜାଣନ୍ତି, ଶିକ୍ଷାର ଉନ୍ନତି ବିନା ଅର୍ଥନୈତିକ ଓ ସାମାଜିକ ଉନ୍ନତି ଆଶା କରିବା ବିଡମ୍ବନା । ଉଚ୍ଚ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଅସାଧୁ ଉପାୟ ଅବଲମ୍ବନର ପ୍ରଧାନ କାରଣ ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ପରିବେଶ, ଧର୍ମଶିକ୍ଷା ଓ ଜ୍ଞାନ ଦିଆ ହୋଇପାରୁନାହିଁ । ଫଳରେ ଛାତ୍ର ସେତିକି ଉପରକୁ ଉଠୁଛି ତାଠାରେ ସେତିକି ବିଭାଗ ମନୋଭାବ ଖେଳିଯାଉଛି ଓ ଆମ ଦେଶର ସେତିକି ଅଧୋଗତି ଧୀରେ ଧୀରେ ହେଉଛି । ସୁଖର କଥା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ଏକ ପ୍ରଗତିଶୀଳ ପଦକ୍ଷେପ । ତେଣୁ ଆମକୁ ପ୍ରଥମେ ପ୍ରାଥମିକ ଓ ନିମ୍ନ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭୌତିକ ଅସୁବିଧାଗୁଡ଼ିକ ପୂରଣ ନକଲେ ଆଧ୍ୟାତ୍ମିକ ଓ ଗୁଣାତ୍ମକ ବିକାଶ ଆଶା କରିବା ବିଡମ୍ବନା । ସରକାରଙ୍କ ସୀମିତ ସମ୍ବଳ ଉପରେ ନିର୍ଭର କରି ଜନସାଧାରଣ ନୀରବ ହୋଇ ରହିଲେ ସେମାନଙ୍କର ସନ୍ତାନମାନଙ୍କର ଭବିଷ୍ୟତ ଉନ୍ନତି ଉପରେ ନିଶ୍ଚୟ ବାଧା ଆସିବ, ଏକଥା ମାଡ୍ରାଜ, ମହାରାଷ୍ଟ୍ର, ଗୁଜୁରାଟ ପ୍ରଭୃତି ପ୍ରଦେଶର ଜନସାଧାରଣ ଆଜକୁ ୧୭।୧୮ ବର୍ଷ ପୂର୍ବରୁ ଜାଣି ସେହି ଅନୁସାରେ ସଚେଷ୍ଟ ହେଲେଣି । ଏଣୁ ଆମେ ମଧ୍ୟ ସେହିଭଳି ସଜାଗ ହେବା, ନହେବା ପଛରେ ପଡ଼ିଯିବା ।

ବଲାଙ୍ଗୀର, କଳାହାଣ୍ଡି ଶିକ୍ଷା ମଣ୍ଡଳର ଉନ୍ନୟନ ଯୋଜନା ତା ୧।୧୨।୧୯୭୩ରିଖରୁ ଆରମ୍ଭ ହୋଇ ତା ୩୧।୧୨।୧୯୭୪ ରିଖରେ ଶେଷ ହେଲା । ଏହି ତେରମାସ ମଧ୍ୟରେ ଉଣେଇଶ ଲକ୍ଷ ଅଣତିରିଶ ହଜାର ଟଙ୍କାର କାମ ହୋଇଛି । ଏଥିପାଇଁ ଗତ ତା ୨୨।୭।୧୯୭୫ ରିଖରେ କେସିଙ୍ଗାରେ ଗୋଟିଏ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଥିଲା । ଏଥିରେ ବଲାଙ୍ଗୀର କଳାହାଣ୍ଡି ମଣ୍ଡଳର ଅଧୀନରେ ଥିବା ପାଞ୍ଚଟି ଶିକ୍ଷା ଜିଲ୍ଲାର ସମସ୍ତ ଜିଲ୍ଲାଶିକ୍ଷା ପରିଦର୍ଶକ, ସହ ପରିଦର୍ଶକ ଓ ବିଶିଷ୍ଟ ଦାତା ବୃନ୍ଦ ଯୋଗ ଦେଇଥିଲେ । ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ଶ୍ରୀଯୁକ୍ତ ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଲକ୍ଷ୍ମଣ ଶତପଥୀ ସଭାପତି ଭାବେ ଯୋଗ ଦେଇ ସର୍ବସାଧାରଣଙ୍କୁ ବିଶେଷ ଉତ୍ସାହିତ କରିଥିଲେ । କେସିଙ୍ଗା ସରକାରୀ ମାଇନର ସ୍କୁଲପାଇଁ ବିଶିଷ୍ଟ ଦାତାବୃନ୍ଦଙ୍କଦ୍ୱାରା ନିର୍ମିତ ଦୁଇଟି କୋଠରି ଓ ବିଶାଟ କୂପର ଉଦ୍‌ଘାଟନ କରାଗଲା । କେସିଙ୍ଗାର ସ୍ଥାନୀୟ ବିଶିଷ୍ଟ ଦାତାବୃନ୍ଦ ଏକ ଲୁଭଣ୍ଡାଲ ମିଷ୍ଟାନ୍ନ ଶିଶୁମାନଙ୍କୁ ବଣ୍ଟନ କଲେ । ଯେଉଁ ବିଶିଷ୍ଟ ଦାତାମାନେ ପାଞ୍ଚ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଗୃହ ବା କୂପ ଦାନ କରିଥିଲେ ସେମାନଙ୍କୁ ଓ ଶିକ୍ଷା ପରିଦର୍ଶକ ବୃନ୍ଦଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଗଲା । ଜନସାଧାରଣ ଏକତ୍ରିତ ହୋଇ ଏହି ଦେଶସେବାମୂଳକ ମହନୀୟ କାର୍ଯ୍ୟରେ ଯେଉଁ ଅପୂର୍ବ ଉତ୍ସାହ ପ୍ରଦର୍ଶନ କଲେ ତାହା ଦେଖିବାର କଥା ଏବଂ ଏହି ଯୋଜନାର ଏହାହିଁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ଶ୍ରୀ ଦେବେନ୍ଦ୍ର ନାଥ ପ୍ରଧାନଙ୍କ ବ୍ୟକ୍ତିଗତ ଚେଷ୍ଟା ଫଳରେ ଏହି ଯୋଜନା ସଫଳତା ଲାଭ କରିଥିବା ନିଶ୍ଚୟ ଏକ ପ୍ରଶଂସନୀୟ ବ୍ୟାପାର ।

ସଉରା ଉନ୍ନୟନ ଯୋଜନା

ଶ୍ରୀ ପ୍ରାଣକୃଷ୍ଣ ବେହେରା

ବର୍ତ୍ତମାନ ଲୋକପ୍ରିୟ ସରକାର ଆଦିବାସୀ ଓ ହରିଜନ ପ୍ରଭୃତି ଦୁର୍ବଳ ଶ୍ରେଣୀ ଲୋକଙ୍କର ଉନ୍ନତିକଳ୍ପେ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେହି ଯୋଜନାମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳରେ ଏକ ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହା ମୁଖ୍ୟତଃ ସଉରା ଶ୍ରେଣୀର ଆଦିବାସୀଙ୍କ ଉନ୍ନତି ଲାଗି ଉଦ୍ଦିଷ୍ଟ ।

୧୯୬୩ ମସିହାରେ ତିବ୍ବତୀୟ ଶରଣାର୍ଥୀଙ୍କ ଥଇଥାନ ପାଇଁ ଚନ୍ଦ୍ରଗିରିକୁ ଏକ ଉତ୍କୃଷ୍ଟ ସ୍ଥାନ ବିବେଚନା କରାଯାଇ ଏକ ଯୋଜନା ପ୍ରସ୍ତୁତ କରାଗଲା ଓ ତାହା ତୁରନ୍ତ କାର୍ଯ୍ୟକାରୀ କରାଗଲା । ଏହା ଫଳରେ ତିବ୍ବତୀୟ ଲୋକଙ୍କର ପୁନର୍ବସତି ଲାଗି ବହୁତ ଜମି ଆବାଦ କରାଗଲା । ଏହି ଜମି ସବୁ ସ୍ଥାନୀୟ ଆଦିବାସୀଙ୍କ ଦ୍ୱାରା ପୋଡ଼ୁଚାଷ ଲାଗି ବ୍ୟବହାର ହେଉଥିଲା । କିନ୍ତୁ ତିବ୍ବତୀୟ ଶରଣାର୍ଥୀଙ୍କ ଥଇଥାନ ଯୋଗୁ ଆଦିବାସୀମାନେ ଆଉ ପୋଡ଼ୁଚାଷ କରିପାରିଲେ ନାହିଁ ।

ଏହି ଛିଡର ସମାଧାନ ଏବଂ ସ୍ଥାନୀୟ ଆଦିବାସୀ ଓ ହରିଜନମାନଙ୍କର ଅର୍ଥନୈତିକ ପ୍ରଗତି ଲାଗି ଓଡ଼ିଶା ସରକାର ଏକ ଯୋଜନା ପ୍ରସ୍ତୁତ କଲେ । ଏହାହିଁ ସଉରା ଉନ୍ନୟନ ଯୋଜନା । ଏହା ୧୯୬୩ ମସିହା ଫେବୃଆରୀ ମାସରୁ କାର୍ଯ୍ୟକାରୀ କରାଗଲା । ଏହି ଯୋଜନା ଫଳରେ ୨୪ ମାଇଲ ବିସ୍ତୃତିରେ ଥିବା ୩,୫୦୦ ଆଦିବାସୀ ଓ ହରିଜନମାନେ ଉପକୃତ ହେଲେ ।

କୃଷି ଓ ପଶୁପାଳନ ମାଧ୍ୟମରେ ଆଦିବାସୀ ଓ ହରିଜନମାନଙ୍କର ଅର୍ଥନୈତିକ ଉନ୍ନତି ଏହି ଯୋଜନାର ମୂଳ ଲକ୍ଷ୍ୟ । ତେଣୁ ପ୍ରଥମ ପର୍ଯ୍ୟାୟରେ ପଡ଼ିଆ ଜମିର ଆବାଦ, ଜଳସେଚନ, ରାସ୍ତାଘାଟ ଇତ୍ୟାଦି କାର୍ଯ୍ୟ ହାତକୁ ନିଆଗଲା । ସ୍ଥାନୀୟ ବାସିନ୍ଦାଙ୍କର ସହଯୋଗରେ ଏହି କାର୍ଯ୍ୟ ଖୁବ୍ ତ୍ୱରାନ୍ୱିତ କରାଗଲା । ବିଭିନ୍ନ ଅର୍ଥକରୀ ଫସଲ ଦ୍ୱାରା ସେମାନଙ୍କୁ ଭଲ ଉପଇଥା ମିଳିଲା । ସେମାନଙ୍କର ଅର୍ଥନୈତିକ ମାନଦଣ୍ଡ ବଢ଼ିବାକୁ ଲାଗିଲା ।

ବର୍ତ୍ତମାନ ଆମେ ଏହି ଯୋଜନାର ବିଭିନ୍ନ ଦିଗ ବିଚାର କରିବା କଥା । ୧୯୭୪-୭୫ ବର୍ଷ ଶେଷସୁଦ୍ଧା ଏକଲକ୍ଷ ଅଣତିରିଶ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଦୁଇଶ' ଅଠାବନ ଏକର ଜମି ଆବାଦ କରାଯାଇଛି । ବାଷଠି ଆଦିବାସୀ ପରିବାର ଓ ପଚିଶ' ହରିଜନ ପରିବାରଙ୍କୁ ଏହି ଜମିସବୁ ପଟ୍ଟା ସୂତ୍ରରେ ଦିଆଯାଇଛି । ଏହିପରି ଜଙ୍ଗଲ ସଫା କରିବାରେ ୧୦,୦୦୦ ଟଙ୍କା, ପରେ ଜମିର ଉନ୍ନତି କରିବାରେ ୩୦,୦୦୦ ଟଙ୍କା, ଜଳସେଚନ ଲାଗି କୂଅ ଖୋଳିବାରେ ୭୭,୦୦୦ ଟଙ୍କା ଖର୍ଚ୍ଚ କରାଯାଇ ୧୦୫ ଏକର ଜମିକୁ ଜଳ ଯୋଗାଇ ଦିଆଯାଇଛି, ଆଦିବାସୀ ଓ ହରିଜନମାନଙ୍କୁ ସ୍ୱଳ୍ପରେ ଉନ୍ନତି ଲାଗି ୨୦୫ ହଳ ବଳଦ ସଉରା ଉନ୍ନୟନ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଇଛି । ସେହିପରି ଗୃହପାଳିତ ପଶୁଙ୍କ ସଂଖ୍ୟାବୃଦ୍ଧି-ଲାଗି ୯୩ ଟି ଛେଳି ମଧ୍ୟ ଯୋଗାଇ ଦିଆଯାଇଥିଲାଣି । ଏହି ବାବଦରେ ଏପର୍ଯ୍ୟନ୍ତ ୧୧,୦୦୦ ଟଙ୍କା ଖର୍ଚ୍ଚ ହେଲାଣି । ଦୁର୍ଗମ ଜଙ୍ଗଲ ଯୋଗୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଏକ ଦୁରୂହ ବ୍ୟାପାର । ରାସ୍ତାଘାଟ ନଥିଲା । ସେଥିପାଇଁ ୭୦,୦୦୦ ଟଙ୍କା ଖର୍ଚ୍ଚ କରାଯାଇ ୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି । ଏହି କାର୍ଯ୍ୟ ମଧ୍ୟ ଚାଲୁରହିଛି । ପାନୀୟ ଜଳର ଅଭାବ ଏ ଅଞ୍ଚଳର ଗୋଟିଏ ଉତ୍କଟ ସମସ୍ୟା । ସେହି ସମସ୍ୟାର ସମାଧାନ ଲାଗି ସଉରା ଉନ୍ନୟନ ଯୋଜନା ୩୫ ହଜାର ଟଙ୍କା ଖର୍ଚ୍ଚ କରି ୯ ଗୋଟି ନୂତନ କୂଅ ଖୋଳିଛନ୍ତି ଓ ୪ଟି ପୁରୁଣା କୂଅର ପୁନରୁଦ୍ଧାର କରି ଲୋକମାନଙ୍କୁ ପାନୀୟଜଳ ଯୋଗାଇଛନ୍ତି ।

Vol. XXXII No. 3 UTKAL PRASANGA Regd. No. O-247
Licence No. C. R. N. P. 5—License to post without pre-payment

ଯାଜପୁର ସବ୍‌ଡିଭିଜନର ଅନ୍ତର୍ଗତ [illegible] ଗ୍ରାମର ବନ୍ୟାପୀଡ଼ିତ ଲୋକମାନଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଲୁଗାପଟା ବିତରଣ କରୁଛନ୍ତି ।

Printed at Orissa Government Press, Cuttack-10

କୋରାପୁଟ ଜିଲା ସମବାୟ ଅନୁଷ୍ଠାନମାନଙ୍କର ଭୂମିକା

ସଂପ୍ରତି କୋରାପୁଟ ଜିଲ୍ଲାରେ ତିନୋଟି ସମବାୟ ସର୍କଲ ଯଥା, ଜୟପୁର, କୋରାପୁଟ ଏବଂ ରାୟଗଡ଼ାଠାରେ କାର୍ଯ୍ୟ କରୁଅଛି । ପ୍ରତ୍ୟେକ ସର୍କଲର କାର୍ଯ୍ୟକାରୀ ସୀମା ଦୁଇଗୋଟି ରେଭିନ୍ୟୁ ସବ୍‌ଡିଭିଜନକୁ ସମ୍ବନ୍ଧିତ ଅଟେ । ସାରା ଜିଲ୍ଲାରେ ୪୨ ଗୋଟି ବ୍ଳକରେ ୨୫୦ ଗୋଟି ସେବା ସମବାୟ ସମିତି କାର୍ଯ୍ୟ କରୁଅଛି । ଉପରୋକ୍ତ ତିନୋଟି ସର୍କଲର କାର୍ଯ୍ୟ ତଦାରଖ କରିବାପାଇଁ ଗୋଟିଏ ଡିଭିଜନାଲ ଅଫିସ ଜୟପୁରଠାରେ ଅବସ୍ଥିତ । ପ୍ରତ୍ୟେକ ସର୍କଲ ଅଧୀନରେ ଥିବା ବ୍ଳକ ସଂଖ୍ୟା ଏବଂ ସେବା ସମବାୟ ସମିତି ସଂଖ୍ୟା ନିମ୍ନରେ ଦର୍ଶାଇ ଦିଆଗଲା ।

ସର୍କଲର ନାମ		ବ୍ଳକ ସଂଖ୍ୟା	ସେବା ସମବାୟ ସମିତି
(୧)		(୨)	(୩)
୧ । ଜୟପୁର	..	୧୫	୯୧
୨ । କୋରାପୁଟ	..	୧୬	୭୫
୩ । ରାୟଗଡ଼ା	..	୧୧	୮୪
ମୋଟ	..	୪୨	୨୫୦

ସଭ୍ୟ ସଂଖ୍ୟା—

୧୯୭୩-୭୪ ବର୍ଷ ଶେଷ ସୁଦ୍ଧା ଜିଲ୍ଲାର ୨୫୦ ଗୋଟି ସେବାସମବାୟ ସମିତିରେ ୧,୪୮,୨୩୪ ଜଣ କୃଷୀ ସଭ୍ୟ ଥିଲେ । ଚଳିତ ବର୍ଷ ଅଧିକା ୭,୪୯୩ ଜଣ କୃଷୀଙ୍କୁ ସମିତିମାନଙ୍କରେ ସଭ୍ୟଭୁକ୍ତ କରାଯାଇଛି । ଏହିପରି ଏ ବର୍ଷ ଶେଷ ସୁଦ୍ଧା ଅର୍ଥାତ୍ ୧୯୭୫ ଜୁନ୍ ମାସ ଶେଷ ସୁଦ୍ଧା ଉପରୋକ୍ତ ସମିତିମାନଙ୍କରେ ମୋଟ ସଭ୍ୟ ସଂଖ୍ୟା ୧,୫୫,୭୨୭ । ନିମ୍ନରେ ପ୍ରତ୍ୟେକ ସର୍କଲ ଅଧୀନରେ ଥିବା ସେବାସମବାୟ ସମିତିମାନଙ୍କରେ ଗତ ବର୍ଷ ଏବଂ ଚଳିତ ବର୍ଷର ସଭ୍ୟ ସଂଖ୍ୟାର ବିବରଣୀ ପ୍ରଦତ୍ତ ହେଲା ।

ସର୍କଲର ନାମ		କୃଷି ପରିବାର ସଂଖ୍ୟା	ସମିତିମାନଙ୍କର ଥିବା ସଭ୍ୟ ସଂଖ୍ୟା ଗତ ବର୍ଷ ୧୯୭୩-୭୪	ସମିତିମାନଙ୍କର ଥିବା ସଭ୍ୟ ସଂଖ୍ୟା ଚଳିତ ବର୍ଷ ୧୯୭୪-୭୫
(୧)		(୨)	(୩)	(୪)
୧ । ଜୟପୁର	..	୧,୧୧,୩୭୦	୬୨,୩୧୭	୭୭,୨୧୬
୨ । କୋରାପୁଟ	..	୭୬,୨୯୨	୩୭,୧୬୬	୩୭,୭୯୯
୩ । ରାୟଗଡ଼ା	..	୫୯,୫୫୫	୪୮,୭୫୧	୪୦,୭୧୨
ମୋଟ	..	୨,୪୭,୨୧୭	୧,୪୮,୨୩୪	୧,୫୫,୭୨୭

ସମବାୟ କେନ୍ଦ୍ର ବ୍ୟାଙ୍କ୍‌ଦ୍ୱାରା କୃଷି ଋଣ ଲଗାଣ—

ଜୟପୁରସ୍ଥିତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲି: ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ସେବା ସମବାୟ ସମିତିମାନଙ୍କ ମାଧ୍ୟମରେ କୃଷୀ ସଭ୍ୟମାନଙ୍କୁ ବର୍ଷକ ମଧ୍ୟରେ ଦୁଇଥର ଯଥା ଖରିଫ ଋତୁପାଇଁ ଅପ୍ରେଲ ମାସଠାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ଏବଂ ରବି ଋତୁ ପାଇଁ ଅକ୍ଟୋବର ମାସଠାରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ଯୋଗାଇ ଆସୁଛି । ଗତ ବର୍ଷ ଖରିଫ ଋତୁରେ ଜିଲ୍ଲାର ୧୩୧ ଗୋଟି ସେବା ସମବାୟ ସମିତିର ୧୪,୧୫୦ ଜଣ କୃଷୀଙ୍କୁ ମୋଟ ୪୧,୦୮,୧୭୯ ଟଙ୍କା ଏବଂ ଗତ ରବି ଋତୁରେ କୋଡ଼ିଏ ଗୋଟି ସେବା ସମବାୟ ସମିତିର ୩୯୫ ଜଣ କୃଷୀଙ୍କୁ ମୋଟ ୧,୩୪,୮୭୯ ଟଙ୍କା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସ୍ୱଳ୍ପକାଳୀନ ଋଣ ଦେଇଥିଲେ ।

ଚଳିତ ଖରିଫ ଋତୁରେ ଉକ୍ତ କେନ୍ଦ୍ର ବ୍ୟାଙ୍କ କୋରାପୁଟ ଜିଲ୍ଲାର ୨୩୭ ଗୋଟି ସେବା ସମବାୟ ସମିତିର ମୋଟ ୨୭,୬୨୭ ଜଣ କୃଷୀ ସଭ୍ୟଙ୍କ ପାଇଁ ୧,୯୩,୬୯,୧୦୧ ଟଙ୍କା ଋଣ ପରସୀମା ମଞ୍ଜୁର କରିଛନ୍ତି ଏବଂ ତନ୍ମଧ୍ୟରୁ ୧୯୮ ଗୋଟି ସମିତିର ୧୩,୨୬୫ ଜଣ କୃଷୀ ସଭ୍ୟଙ୍କ ସକାଶେ ୫୭,୧୯,୪୯୪ ଟଙ୍କା ଋଣ ଉଠାଣ ମଞ୍ଜୁର ହୋଇଛି ଏବଂ ୧୭୯ ଗୋଟି ସେବା ସମବାୟ ସମିତିର ୧୧,୪୮୭ ଜଣ ସଭ୍ୟଙ୍କୁ ମୋଟ ୩୫,୮୯,୧୧୮ ଟଙ୍କା ଋଣ ଲଗାଣ ହୋଇ ପାରିଛି । ତନ୍ମଧ୍ୟରୁ ରାସାୟନିକ ସାର ଋଣ ବାବଦକୁ ୫,୪୭,୬୯୩ ଟଙ୍କା ଦିଆଯାଇଛି । ଚଳିତ ଖରିଫ ଋତୁରେ ଦିଆଯାଇଥିବା କୃଷି ଋଣ (୨୮-୭-୧୯୭୫) ର ସର୍କଲୱାରି ବିବରଣୀ ନିମ୍ନରେ ଦିଆଗଲା ।

ସର୍କଲ୍‌ର ନାମ		କୃଷି ଋଣ ଲଗାଣ			
	ସମିତି ସଂଖ୍ୟା	ସଭ୍ୟ ସଂଖ୍ୟା	ଟଙ୍କା ଋଣ	ରାସାୟନିକ ସାର ଋଣ	ମୋଟ
(୧)	(୨)	(୩)	(୪)	(୫)	(୬)
୧ । ଜୟପୁର ..	୮୫	୭,୧୪୭	୧୫,୦୪,୫୩୭	୪,୬୪,୫୫୮	୧୯,୬୯,୦୯୪
୨ । କୋରାପୁଟ ..	୪୨	୨,୦୨୪	୭,୨୨,୮୦୦	୬୯,୫୯୦	୭,୯୨,୩୯୦
୩ । ନବରଙ୍ଗପୁର ..	୫୨	୨,୩୧୫	୯,୧୪,୦୮୯	୧୩,୫୪୫	୯,୨୭,୨୩୯
ମୋଟ ..	୧୭୯	୧୧,୪୮୭	୩୦,୪୧,୪୨୫	୫,୪୭,୬୯୩	୩୫,୮୯,୧୧୮

ବିଶେଷଭାବେ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସମବାୟ ଋଣ ଲଗାଣ—

ଚଳିତ ଖରିଫ ଋତୁରେ କୋରାପୁଟ ଜିଲ୍ଲାର ବିଶେଷଭାବେ ମରୁଡ଼ିଗ୍ରସ୍ତ ବ୍ଲକ ଯଥା, ଚନ୍ଦାହାଣ୍ଡି, ଝରିଗାଁ, ରାଇଘର, ଉମରକୋଟ ଏବଂ ଡାବୁଗାଁ ବ୍ଲକର ମୋଟ ୨୦ ସେବା ସମବାୟ ସମିତିର ୭,୨୮୧ ଜଣ କୃଷୀ ସଭ୍ୟଙ୍କ ପାଇଁ ୪୦,୬୭,୪୯୫ ଟଙ୍କା ଋଣ ପରସୀମା ମଞ୍ଜୁର ହୋଇଛି ଏବଂ ଉକ୍ତ କୋଡ଼ିଏଟି ସମିତିର ୩୨୭୫ ଜଣ ସଭ୍ୟଙ୍କ ସକାଶେ ଟ ୧୧,୨୦,୩୨୦ ଙ୍କା ଋଣ ଉଠାଣ ମଞ୍ଜୁର ଦିଆ ଯାଇଛି ଏବଂ ଅଦ୍ୟାବଧି ମୋଟ ୩୨୩୩ ଜଣ ସଭ୍ୟଙ୍କୁ ମୋଟ ୭,୬୮,୪୦୭ ଟଙ୍କା ଋଣ ଦିଆ ଯାଇଛି । ନିମ୍ନରେ ବ୍ଲକ ଓ୍ୱାରି ଦିଆଗଲା ।

ବ୍ଲକର ନାମ	କୃଷି ଋଣ ଲଗାଣର ବିବରଣୀ				
	ସମିତି ସଂଖ୍ୟା	ସଭ୍ୟ ସଂଖ୍ୟା	ଟଙ୍କା ଋଣ	ସାର ଋଣ	ମୋଟ
(୧)	(୨)	(୩)	(୪)	(୫)	(୬)
ଚନ୍ଦାହାଣ୍ଡି ..	୪	୧,୧୫୯	୧,୯୮,୦୭୦	୧୫,୫୪୦	୨,୧୩,୬୧୦
ଝରିଗାଁ ..	୪	୨୭୭	୪୩,୨୭୦	୫୧,୨୯୮	୯୫,୪୬୮
ରାଇଘର ..	୫	୧,୧୩୪	୫୧,୧୨୫	୮୦,୩୭୫	୧,୩୧,୫୦୦
ଉମରକୋଟ ..	୫	୪୬୩	୭୯,୧୧୦	୨,୦୭,୧୩୭	୨,୮୬,୨୪୭
ଡାବୁଗାଁ ..	୩	୨୦୦	୩୩,୩୬୧	୮,୬୩୧	୪୧,୯୯୨
ମୋଟ ..	୨୦	୩,୨୩୩	୪,୦୫,୪୨୬	୩,୬୨,୯୮୧	୭,୬୮,୪୦୭

ଖୋଲାକୂପ ପରିକଳ୍ପନା —

ଗତବର୍ଷ ଆମ ରାଜ୍ୟର କେତେକ ସ୍ଥାନରେ ଆବଶ୍ୟକୀୟ ପରିମାଣ ବୃଷ୍ଟିପାତ ନହେବା ଫଳରେ ରବିଫସଲ ବାଧାପ୍ରାପ୍ତ ହୋଇଥିଲା । ଏଣୁ କୂପ ସାହାଯ୍ୟରେ ଜମିରେ ଜଳସେଚନର ସୁବିଧାଦେବା ମଧ୍ୟ ଦୃଷ୍ଟିରୁ ରବି ଫସଲ ପାଇବା ନିମନ୍ତେ ଆମ ରାଜ୍ୟ ସରକାର ବ୍ୟାପକ ଖୋଲାକୂପ ପରିକଳ୍ପନା କରିଛନ୍ତି । ଉକ୍ତ ପରିକଳ୍ପନାନୁଯାୟୀ କୋରାପୁଟ ଜିଲ୍ଲାରେ ସମବାୟ ବ୍ୟାଙ୍କ ଜରିଆରେ ୭୦୦ ଗୋଟି ଖୋଲାକୂପ ବସାଇବାପାଇଁ ଅଟକଳ ରହିଛି । ଉକ୍ତ ଖୋଲାକୂପ ପରିକଳ୍ପନାକୁ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲି: ତଥା ଜିଲ୍ଲାର ଅନ୍ୟ ୪ ଗୋଟି ସମବାୟ ଭୂ-ଉନ୍ନୟନ ବ୍ୟାଙ୍କ୍ ଜରିଆରେ କାର୍ଯ୍ୟକାରୀ କରାଯାଇଛି । ଚଳିତ ବର୍ଷ ଶେଷସୁଦ୍ଧା ଉପରୋକ୍ତ ବ୍ୟାଙ୍କଗୁଡ଼ିକ ମୋଟ ୩୩୪ ଜଣ କୃଷକଙ୍କୁ ୩୩୪ ଗୋଟି କୂପଖନନ ପାଇଁ ୬,୮୦,୪୦୭ ଟଙ୍କା ମଧ୍ୟମ ଏବଂ ଦୀର୍ଘକାଳୀନ ଋଣ ସୂତ୍ରରେ ଦେଇଛନ୍ତି । ସଦ୍ୟାବଧି ୪୨ ଗୋଟି କୂପ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହେଲାଣି ଏବଂ ଅବଶିଷ୍ଟ ୨୯୨ ଗୋଟି କୂଅର କାମ ଅଗ୍ରଗତି କରୁଛି । ପ୍ରତ୍ୟେକ ବ୍ୟାଙ୍କ୍ ଖୋଲାକୂପ ପାଇଁ ଦେଇଥିବା ଋଣର ବିବରଣୀ ବ୍ୟାଙ୍କ୍‌ୱାରି ଦିଆଗଲା ।

ଖୋଲା କୂପପାଇଁ ଦିଆଯାଇଥିବା ଋଣର ବ୍ୟାଙ୍କ୍‌ୱାରି ବିବରଣୀ

ବ୍ୟାଙ୍କର ନାମ	ଅଟକଳ	ଖୋଲା କୂପପାଇଁ ଋଣ ଦରଖାସ୍ତ		ମଞ୍ଜୁର କରିଥିବା ଋଣ ଦରଖାସ୍ତ		ଖୋଲା କୂପପାଇଁ ଦେଇଥିବା ଋଣ	
		ନମ୍ବର	ଟଙ୍କା	ନମ୍ବର	ଟଙ୍କା	ନମ୍ବର	ଟଙ୍କା
(୧)	(୨)	(୩)	(୪)	(୫)	(୬)	(୭)	(୮)
କୋରାପୁଟ କେନ୍ଦ୍ର ବ୍ୟାଙ୍କ୍	୧୭୦	୭୫	୨,୦୩,୫୦୦	୭୫	୨,୦୩,୫୦୦	୩୨	୬୩,୦୦୦
ଜୟପୁର ଭୂ-ଉନ୍ନୟନ ବ୍ୟାଙ୍କ ।	୧୩୦	୧୩୦	୪,୭୯,୦୪୫	୧୨୮	୩,୬୬,୭୦୦	୧୧୬	୨,୧୩,୧୪୯
ନବରଙ୍ଗପୁର ଭୂ-ଉନ୍ନୟନ ବ୍ୟାଙ୍କ ।	୧୦୦	୧୬୫	୫,୭୯,୨୦୦	୧୪୨	୫,୦୮,୨ ୦	୧୧୨	୨,୨୯,୮୫୨
ରାୟଗଡ଼ା ଭୂ-ଉନ୍ନୟନ ବ୍ୟାଙ୍କ ।	୧୦୦	୫୦	୨,୧୦,୦୦୦	୩୩	୧,୬୪,୯୫୦	୨୪	୭୪,୬୮୫
ଗୁଣୁପୁର ଭୂ-ଉନ୍ନୟନ ବ୍ୟାଙ୍କ ।	୨୦୦	୨୦୦	୨,୧୧,୪୦୦	୫୬	୧,୫୪,୮୦୦	୫୦	୮୯,୭୨୦
ମୋଟ ..	୭୦୦	୪୯୮	୧୭,୦୯,୭୪୫	୪୩୭	୧,୪,୧୬,୧୫୦	୩୩୪	୬,୮୦,୪୦୭

ଭୂ-ଉନ୍ନୟନ ବ୍ୟାଙ୍କ୍‌ଦ୍ୱାରା ଦୀର୍ଘକାଳୀନ କୃଷି ଋଣ ଲଗାଣ—

କୋରାପୁଟ ଜିଲ୍ଲାରେ ୫ ଗୋଟି ସମବାୟ ଭୂ-ଉନ୍ନୟନ ବ୍ୟାଙ୍କ ଜିଲ୍ଲାର ୫ ଗୋଟି ବିଭିନ୍ନ ସବ୍‌ଡିଭିଜନରେ ଯଥା: — ଜୟପୁର, ନବରଙ୍ଗପୁର ମାଲ୍‌କାନଗିରି, ରାୟଗଡ଼ା ଏବଂ ଗୁଣୁପୁରଠାରେ କାର୍ଯ୍ୟ କରୁଛି । ଉପରୋକ୍ତ ବ୍ୟାଙ୍କଗୁଡ଼ିକ କୃଷିର ଉନ୍ନତି କରିବା ବିଭିନ୍ନ ଉଦ୍ଦେଶ୍ୟରେ ଯଥା: —କୂଅ ଖୋଳିବା, ପୁଷ୍କରିଣୀ ଖୋଳିବା, ପମ୍ପସେଟ୍ ଖରିଦ୍ କରିବା, ଜମି ସମତଳ କରିବା, ଟ୍ରାକ୍ଟର କିଣିବା, ଗୋରୁ ଗୁହାଳ ନିର୍ମାଣ କରିବା ପ୍ରଭୃତି ଉଦ୍ଦେଶ୍ୟରେ ଦୀର୍ଘକାଳୀନ ଋଣ ଜିଲ୍ଲାର କୃଷୀ-

ମାନଙ୍କୁ ଯୋଗାଇ ଆସୁଛନ୍ତି । ୧୯୭୩-୭୪ ମସିହାରେ ଉକ୍ତ ବ୍ୟାଙ୍କ୍ ଗୁଡ଼ିକ ମୋଟ ଟ ୭,୭୫,୫୩୮ ଟଙ୍କା ବିଭିନ୍ନ ଉଦ୍ଦେଶ୍ୟରେ ଦୀର୍ଘକାଳୀନ ଋଣ ଦେଇଥିଲେ ଏବଂ ୧୯୭୪-୭୫ ମସିହାରେ ମଧ୍ୟ ମୋଟ ୧୩,୧୪,୮୬୬ ଟଙ୍କା ଋଣ ଦେଇଛନ୍ତି । ନିମ୍ନରେ ୧୯୭୩-୭୪ ଏବଂ ୧୯୭୪-୭୫ରେ ଉକ୍ତ ବ୍ୟାଙ୍କ୍ ଗୁଡ଼ିକ ବିଭିନ୍ନ ଉଦ୍ଦେଶ୍ୟରେ ଲଗାଣ କରିଥିବା ଦୀର୍ଘକାଳୀନ ଋଣର ବିବରଣୀ ଦିଆଗଲା ।

ଦିଆଯାଇଥିବା ଋଣର ପରିମାଣ

କ୍ରମିକ ନମ୍ବର	ଋଣର ଉଦ୍ଦେଶ୍ୟ		୧୯୭୩-୭୪	୧୯୭୪-୭୫
(୧)	(୨)		(୩)	(୪)
			ଟଙ୍କା	ଟଙ୍କା
୧	ଜମି ଉନ୍ନତି ନିମିତ୍ତ	..	୧,୩୫,୦୧୮	୨,୦୨,୮୯୫
୨	ପୁଷ୍କରଣୀ ଖୋଳିବା ନିମିତ୍ତ	..	୧,୮୭,୩୦୩	୧,୬୬,୭୩୪
୩	ସାଧାରଣ କୂପ ଖୋଳିବା	..	୧,୭୫,୮୮୨	୨୨,୯୧୬
୪	କେନାଲ ଖୋଳିବା ନିମିତ୍ତ	..	୧୨,୧୫୦	୧୩,୭୦୦
୫	ଟ୍ରାକ୍ଟର କିଣିବା ନିମିତ୍ତ	..	୧,୩୬,୯୦୦	୧,୨୩,୦୦୦
୬	ପମ୍ପସେଟ କିଣିବା ନିମିତ୍ତ	..	୧,୨୪,୧୮୫	୧,୭୧,୯୧୫
୭	ଗୋଳାଦୁଅ ନିମିତ୍ତ	..	୨,୮୫୦	୬,୦୭,୪୦୬
୮	ଗୋରୁଗୁହାଳ ନିର୍ମାଣ ନିମିତ୍ତ	..	୧,୨୫୦	୩,୭୫୦
୯	ଅମାର ନିର୍ମାଣ ନିମିତ୍ତ	..	..	୨,୫୫୦
	ମୋଟ		୭,୭୫,୫୩୮	୧୩,୧୪,୮୬୬

ରାସାୟନିକ ସାର ବଣ୍ଟନ—

କୋରାପୁଟ ଜିଲ୍ଲାରେ ୬ ଗୋଟି ଆଞ୍ଚଳିକ ବାଣିଜ୍ୟ ସମିତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଯଥା :—ଜୟପୁର, ନବରଙ୍ଗପୁର, ଉମରକୋଟ, ମାଲକାନଗିରି, ରାୟଗଡ଼ା ଏବଂ ଗୁଣୁପୁରଠାରେ କାର୍ଯ୍ୟ କରୁଅଛି । ଉକ୍ତ ବାଣିଜ୍ୟ ସମିତିଗୁଡ଼ିକ କୃଷୀମାନଙ୍କୁ ସେବା ସମବାୟ ସମିତି ଜରିଆରେ ରାସାୟନିକ ସାର, ପୋକମରା ଔଷଧ, ସ୍ପ୍ରେୟାର ଇତ୍ୟାଦି ଯୋଗାଉଛନ୍ତି । ଗତ ଖରିଫ୍ ଋତୁରେ ଉକ୍ତ ବାଣିଜ୍ୟ ସମିତିମାନ କୃଷୀମାନଙ୍କୁ ସେବା ସମବାୟ ସମିତି ଜରିଆରେ ୪୦,୪୫୬ କୁଇଣ୍ଟାଲ୍ ବିଭିନ୍ନ ପ୍ରକାର ରାସାୟନିକ ସାର ଯୋଗାଇଥିଲେ । ଗତ ରବି ଋତୁରେ ମଧ୍ୟ ମୋଟ ୧୦,୩୧୬ କୁଇଣ୍ଟାଲ ସାର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କୃଷୀମାନଙ୍କୁ ଯୋଗାଯାଇଥିଲା । ଚଳିତ ଖରିଫ୍ ଋତୁରେ ଉକ୍ତ ବାଣିଜ୍ୟ ସମିତିମାନ ଗତ ଅପ୍ରେଲ୍ ମାସଠାରୁ ଜୁନମାସ ଶେଷସୁଦ୍ଧା ମୋଟ ୧୩,୦୩୮ କୁଇଣ୍ଟାଲ ବିଭିନ୍ନ ପ୍ରକାର ରାସାୟନିକ ସାର ଯଥା ୟୁରିଆ, ଫସଫେଟ୍ ଏବଂ ପଟାସ ଯୋଗାଇଛନ୍ତି । ଏହା ବ୍ୟତୀତ ମୋଟ ୩୩,୦୪୬ କୁଇଣ୍ଟାଲ ସାର ବର୍ତ୍ତମାନ ଉପରୋକ୍ତ ୬ ଗୋଟି ଆଞ୍ଚଳିକ ବାଣିଜ୍ୟ ସମିତିମାନଙ୍କଠାରେ ଗଚ୍ଛିତ ଅଛି ଏବଂ ଏହା ଚଳିତ ଖରିଫ୍ ଋତୁରେ କୃଷୀମାନଙ୍କୁ ଆବଶ୍ୟକ ମୁତାବକ ଯୋଗାଇ ଦିଆଯାଇପାରିବ ।

ଅତ୍ୟାବଶ୍ୟକୀୟ ଜିନିଷ ବଣ୍ଟନ :—

କୋରାପୁଟ ଜିଲ୍ଲାରେ ସମବାୟ ସଂସ୍ଥାମାନ ଅତ୍ୟାବଶ୍ୟକୀୟ ଜିନିଷ ଯଥା :—ଚାଉଳ, ଗହମ, ମାଣ୍ଡିଆ, ଜଡ଼ା ପ୍ରଭୃତି ସୁଲଭ ମୂଲ୍ୟରେ ବଣ୍ଟନ କରିବା ବନ୍ଦୋବସ୍ତ କରାଯାଇଅଛି । ୧୯୭୪-୭୫ ମସିହାରେ ସମବାୟ ସଂସ୍ଥାମାନ ମୋଟ ଟ ୭୪,୫୦,୯୨୧·୩୦ ମୂଲ୍ୟରେ ଅତ୍ୟାବଶ୍ୟକୀୟ ଜିନିଷ ଖରିଦ କରିଥିଲେ ଏବଂ ଟ ୭୪,୦୫,୭୧୭·୦୫ ମୂଲ୍ୟରେ ବଣ୍ଟନ କରିଥିଲେ । ୧୯୭୪-୭୫ ମସିହାରେ ଅତ୍ୟାବଶ୍ୟକୀୟ ଜିନିଷ ବଣ୍ଟନର ସର୍କଲୱାରି ବିବରଣୀ ପ୍ରଦତ୍ତ କରାଗଲା ।

ସର୍କଲର ନାମ (୧)		୧୯୭୪-୭୫ ମସିହାରେ କ୍ରୟ କରାଯାଇଥିବା ଅତ୍ୟାବଶ୍ୟକୀୟ ଜିନିଷର ପରିମାଣ (୨) ଟ: ପ	୧୯୭୪-୭୫ରେ ବିକ୍ରି କରାଯାଇଥିବା ଅତ୍ୟାବଶ୍ୟକୀୟ ଜିନିଷର ପରିମାଣ (୩) ଟ: ପ:
୧ । ଜୟପୁର ସର୍କଲ	..	୨୭,୪୩,୨୧୩·୧୪	୨୫,୮୨,୯୧୭·୫୧
୨ । କୋରାପୁଟ	..	୧,୯୧,୩୬୪·୧୬	୨,୧୦,୧୨୨·୭୭
୩ । ରାୟଗଡ଼ା	..	୩୫,୧୬,୩୬୨·୦୦	୩୬,୦୨,୭୦୭·୦୦
ମୋଟ	..	୭୪,୫୦,୯୨୧·୩୦	୭୪,୦୫,୮୧୭·୩୫

ଏହା ବ୍ୟତୀତ ନବରଙ୍ଗପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଏବଂ ନବରଙ୍ଗପୁର ବଣ ବାଣିଜ୍ୟ ସମିତି ମଧ୍ୟ ନିମ୍ନୋକ୍ତ ବ୍ଲକ ଗୁଡ଼ିକରେ ଯଥା :— ଚନ୍ଦାହାଣ୍ଡି, ଉମରକୋଟ, ରାଇଘର, ଝରିଗାଁ ଏବଂ ଡାବୁଗାଁ ବ୍ଲକମାନଙ୍କରେ ଯଥାକ୍ରମେ ୭,୩୭୮ କୁଇଣ୍ଟାଲ ଏବଂ ୮୨୦ କୁଇଣ୍ଟାଲ ବିଭିନ୍ନ ପ୍ରକାର—ଅତ୍ୟାବଶ୍ୟକୀୟ ଜିନିଷ ଚଳିତବର୍ଷ ବଣ୍ଟନ କରିଛନ୍ତି । ତାହାର ପ୍ରାଞ୍ଜଳ ବିବରଣୀ ନିମ୍ନରେ ଦିଆଗଲା ।

ଅତ୍ୟାବଶ୍ୟକୀୟ ଜିନିଷ ବଣ୍ଟନ କରିଥିବା ସମିତିର ନାମ (୧)	ବ୍ଲକର ନାମ (୨)		ଅତ୍ୟାବଶ୍ୟକୀୟ ଜିନିଷ ବଣ୍ଟନର ପରିମାଣ ଚାଉଳ (୩) କୁଇଣ୍ଟାଲ	ଗହମ (୪) କୁଇଣ୍ଟାଲ	ମାଣ୍ଡିଆ (୫) କୁଇଣ୍ଟାଲ	ଜଡ଼ା (୬) କୁଇଣ୍ଟାଲ	ମୋଟ (୭) କୁଇଣ୍ଟାଲ
(୭) ନବରଙ୍ଗପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ ।	୧ । ଚନ୍ଦାହାଣ୍ଡି	..	୪୦୮	୧,୧୦୨	୩୬୫	..	୧,୮୭୫
	୨ । ଉମରକୋଟ	..	୫୦୦	୧,୭୭୯	..	..	୨,୨୭୯
	୩ । ରାଇଘର	..	୩୭୯	୧,୦୭୩	୯୪	..	୧,୫୪୬
	୪ । ଝରିଗାଁ	..	୧୪୩	୭୧୫	୧୦୫	..	୯୬୩
	୫ । ଡାବୁଗାଁ	..	..	୬୬୫	୭୦	..	୮୨୫
	ମୋଟ	..	୧,୪୩୦	୫,୩୨୪	୬୭୪	..	୭,୩୭୮

(ଖ) ନବରଙ୍ଗପୁର ବଣ ବାଣିଜ୍ୟ ସମବାୟ ସମିତି ଲି: ।	୧ ।	..	..	୨୧୦	୨୪୫	୪୫୫
	୨ ।	..	..	୧୧୦	୧୧୦	୨୨୦
	୩ ।	..	..	୭୦	୭୫	୧୪୫
ମୋଟ		..	..	୩୯୦	୪୩୦	୮୨୦

କଣ୍ଟ୍ରୋଲ ଲୁଗା ବଣ୍ଟନ :—

ସମବାୟ ଜରିଆରେ କଣ୍ଟ୍ରୋଲ୍ ଲୁଗା ବଣ୍ଟନ କରିବା ପହାଣେ କୋରାପୁଟ ଜିଲ୍ଲାରେ ଜୟପୁରସ୍ଥିତ ସମବାୟ ପାଇକାରୀ ଭଣ୍ଡାର ଏବଂ ରାୟଗଡ଼ା ଆଞ୍ଚଳିକ ବାଣିଜ୍ୟ ସମିତି ଏହି ଦୁଇଟି ସଂସ୍ଥା ମୋଟା ବ୍ୟବସାୟୀ (wholesale) ରୂପେ କାମ କରୁଅଛନ୍ତି । ୧୯୭୪-୭୫ ମସିହା ଉକ୍ତ ସମବାୟ ସଂସ୍ଥା ଦୁଇଟି ମୋଟ ଟ ୨୨,୦୭,୯୯୭ ମୂଲ୍ୟର ୧,୦୮୯ ଗାଣ୍ଠି ଲୁଗା କ୍ରୟ କରିଥିଲେ ଏବଂ ଟ ୨୨,୯୫,୨୫୭ ମୂଲ୍ୟର ୧,୦୩୯ ଗାଣ୍ଠି ଲୁଗା ବିଭିନ୍ନ ସେବା ସମବାୟ ସମିତି (ଖୁଚୁରା ବ୍ୟବସାୟୀ) ଜରିଆରେ ବିକ୍ରୟ କରିଥିଲେ । ଉକ୍ତ ଦୁଇଟି ସଂସ୍ଥାଦ୍ୱାରା ବିକ୍ରୟ କରାଯାଇଥିବା କଣ୍ଟ୍ରୋଲ ଲୁଗାର ପରିମାଣ ନିମ୍ନରେ ଦିଆଗଲା ।

କଣ୍ଟ୍ରୋଲ୍ ଲୁଗା ମୋଟା ବ୍ୟବସାୟୀଙ୍କ ନାମ	୧୯୭୪-୭୫ରେ ପାଇଥିବା କଣ୍ଟ୍ରୋଲ୍ ଲୁଗାର ପରିମାଣ ଓ ମୂଲ୍ୟ		୧୯୭୪-୭୫ରେ ବଣ୍ଟା ଯାଇଥିବା କଣ୍ଟ୍ରୋଲ୍ ଲୁଗାର ପରିମାଣ ଓ ମୂଲ୍ୟ	
	ପରିମାଣ	ମୂଲ୍ୟ	ପରିମାଣ	ମୂଲ୍ୟ
	ଗାଣ୍ଠି	ଟଙ୍କା	ଗାଣ୍ଠି	ଟଙ୍କା
(୧)	(୨)	(୩)	(୪)	(୫)
୧ । କୋରାପୁଟ ଜିଲ୍ଲା ସମବାୟ ପାଇକାରୀ ଭଣ୍ଡାର ଲି, ଜୟପୁର ।	୭୧୭	୧୪,୧୭,୪୨୬	୭୧୭	୧୫,୮୮,୪୨୬
୨ । ରାୟଗଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲି., ରାୟଗଡ଼ା ।	୩୭୨	୭,୯୦,୫୭୧	୩୨୨	୭,୦୬,୮୩୧
ମୋଟ ..	୧,୦୮୯	୨୨,୦୭,୯୯୭	୧,୦୩୯	୨୨,୯୫,୨୫୭

ସମବାୟ ଜରିଆରେ ଧାନ ସଂଗ୍ରହ :—

୧୯୭୪-୭୫ ଖରିଫ ଋତୁରେ କୋରାପୁଟ ଜିଲ୍ଲାରେ ୫ ଗୋଟି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ମୋଟ ୨୫,୯୬୮ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଛନ୍ତି । ଗତ ୧୯୭୩-୭୪ ଖରିଫ ଋତୁରେ ୩୨,୨୫୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରିସାରିଥିଲେ। ପ୍ରତ୍ୟେକ ବାଣିଜ୍ୟ ସମିତି ଦ୍ୱାରା ୭୩-୭୪ରେ ସଂଗୃହୀତ ହୋଇଥିବା ଧାନପରିମାଣର ବିବରଣୀ ନିମ୍ନରେ ଦିଆଗଲା ।

ବାଣିଜ୍ୟ ସମିତିର ନାମ		ସଂଗୃହୀତ ଧାନର ପରିମାଣ	
		୧୯୭୩-୭୪	୧୯୭୪-୭୫
(୧)		(୨)	(୩)
		କ୍ୱିଣ୍ଟାଲ	କ୍ୱିଣ୍ଟାଲ କେ.ଜି
୧। ଜୟପୁର ଆଞ୍ଚଳିକ ବାଣିଜ୍ୟ ସମିତି	..	୧୧୧·୫୪	୧୪,୫୦୮·୬୧
୨। ନବରଙ୍ଗପୁର ଆଞ୍ଚଳିକ ବାଣିଜ୍ୟ ସମିତି	..	୪,୩୦୮	୮୪୮·୫୭
୩। ଉମରକୋଟ ଆଞ୍ଚଳିକ ବାଣିଜ୍ୟ ସମିତି	..	୨,୪୬୮	୫୫·୭୫
୪। ସୁନ୍ଦରପୁର ଆଞ୍ଚଳିକ ବାଣିଜ୍ୟ ସମିତି	..	୯,୪୮୧	୯,୪୭୯·୬୧
୫। ରାୟଗଡ଼ା ଆଞ୍ଚଳିକ ବାଣିଜ୍ୟ ସମିତି	..	୪,୮୩୫	୧,୦୨୭·୭୧
ମୋଟ	..	୩୨,୨୫୫	୨୫,୯୬୮·୫୦

ଉମରକୋଟ, ନବରଙ୍ଗପୁର ଏବଂ ରାୟଗଡ଼ା ଅଞ୍ଚଳରେ ବିଗତ ଖରିଫ୍ ଋତୁରେ ଧାନ ଫସଲ ବାଧାପ୍ରାପ୍ତ ହେବାରୁ ସେ ସ୍ଥାନମାନଙ୍କରେ ବାଣିଜ୍ୟ ସମିତିଗୁଡ଼ିକ ଆଶାନୁରୂପ ଧାନ ସଂଗ୍ରହ କରି ପାରିନଥିଲେ ।

ସମବାୟ ସଂସ୍ଥା ଦ୍ୱାରା କୃଷିଜାତ ଦ୍ରବ୍ୟ ସଂଗ୍ରହ :—

କୋରାପୁଟ ଜିଲ୍ଲାର ୧୭ ଗୋଟି ସମବାୟ ସଂସ୍ଥା ୧୯୭୪-୭୫ ସଂଗ୍ରହ ବର୍ଷ ମଧ୍ୟରେ ମୋଟ ୩୫,୨୬୫ କ୍ୱିଣ୍ଟାଲ ବିଭିନ୍ନ କୃଷିଜାତ ଦ୍ରବ୍ୟ ଯଥା :—ମକା, ମାଣ୍ଡିଆ, ଜହ୍ନା, ଅଳସି, ରାଶି, କାଙ୍ଗୁଲ, ବରଗୁଡ଼ି, ମୁଗ, ବିରି ଇତ୍ୟାଦି ସଂଗ୍ରହ କରିଛନ୍ତି। ନିମ୍ନରେ ପ୍ରତ୍ୟେକ ସମିତି ଦ୍ୱାରା ସଂଗୃହୀତ ହୋଇଥିବା କୃଷିଜାତ ଦ୍ରବ୍ୟର ପରିମାଣ ଦର୍ଶାଇ ଦିଆଗଲା ।

ସମିତିର ନାମ		ସଂଗୃହୀତ କୃଷିଜାତ ଦ୍ରବ୍ୟ ପରିମାଣ
		କ୍ୱିଣ୍ଟାଲ
୧। ଜୟପୁର ଆଞ୍ଚଳିକ ବାଣିଜ୍ୟ ସମିତି	..	୨୨୦
୨। ନବରଙ୍ଗପୁର ଆଞ୍ଚଳିକ ବାଣିଜ୍ୟ ସମିତି	..	୧,୦୮୪
୩। ଉମରକୋଟ ଆଞ୍ଚଳିକ ବାଣିଜ୍ୟ ସମିତି	..	୫,୯୭୦
୪। ମାଲକାନଗିରି ଆଞ୍ଚଳିକ ବାଣିଜ୍ୟ ସମିତି	..	୫୭
୫। ରାୟଗଡ଼ା ଆଞ୍ଚଳିକ ବାଣିଜ୍ୟ ସମିତି	..	୭୪୦
୬। ଜୟପୁର ବଣ ବାଣିଜ୍ୟ ସମିତି	..	୧,୦୩୮
୭। କୋଟପାଡ଼ ଆଞ୍ଚଳିକ ବାଣିଜ୍ୟ ସମିତି	..	୭୨୧

୮। ନବରଙ୍ଗପୁର ଅଞ୍ଚଳର ବାଣିଜ୍ୟ ସମିତି	..	୭,୩୫୧
୯। ଉମରକୋଟ ଅଞ୍ଚଳର ବାଣିଜ୍ୟ ସମିତି	..	୬,୧୧୭
୧୦। ବୈପାରିଗୁଡ଼ା ଅଞ୍ଚଳର ବାଣିଜ୍ୟ ସମିତି	..	୫,୭୧୯
୧୧। ଗୋବନ୍ଦପାଲ୍ ଅଞ୍ଚଳର ବାଣିଜ୍ୟ ସମିତି	..	୨୫୩
୧୨। ଅଲମଣ୍ଡା ଅଞ୍ଚଳର ବାଣିଜ୍ୟ ସମିତି	..	୧୭୩
୧୩। କୁନ୍ଦୁର୍ ଅଞ୍ଚଳର ବାଣିଜ୍ୟ ସମିତି	..	୩,୮୫୯
୧୪। ଗୁମା ଅଞ୍ଚଳର ବାଣିଜ୍ୟ ସମିତି	..	୧,୪୧୫
୧୫। ଗୁଡ଼ପୁର ଅଞ୍ଚଳର ବାଣିଜ୍ୟ ସମିତି	..	୨,୯୯୯
୧୬। ଗୁଣପୁର ଅଞ୍ଚଳର ବାଣିଜ୍ୟ ସମିତି	..	୫୮୪
ମୋଟ	..	୩୫,୯୯୦

ପ୍ରାଚୁର୍ଯ୍ୟ ମଧ୍ୟରେ ଦରିଦ୍ରତାର ପ୍ରତୀକ ଫୁଲବାଣୀ

ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ

ଓଡ଼ିଶାର ଅନୁନ୍ନତ ଜିଲ୍ଲା ଫୁଲବାଣୀ କେବଳ ଅର୍ଥନୈତିକ ଦିଗରୁ ନୁହେଁ ଶିଳ୍ପ, ସ୍ୱାସ୍ଥ୍ୟ, ଜଳସେଚନ, କୃଷି ତଥା ଶିକ୍ଷାକ୍ଷେତ୍ରରେ ଏ ଜିଲ୍ଲା ସମଗ୍ର ରାଜ୍ୟରେ ଏକ ପଛୁଆ ଜିଲ୍ଲା ରୂପେ ପରିଗଣିତ । ମୋର ଦୁଇଦିନିଆ ଫୁଲବାଣୀ ଗସ୍ତ ମଧ୍ୟରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଦପ୍ତରଠାରୁ ଆରମ୍ଭକରି ବହୁ ମଫସଲ ଗ୍ରାମରେ ଲୋକଙ୍କ ସହ ସାକ୍ଷାତ କରିଥିଲି ।

ଏ ଜିଲ୍ଲାର ଉନ୍ନତିପାଇଁ ଯେ କ୍ଷେତ୍ର ନାହିଁ ତା' ନୁହେଁ । ଏ ଦିଗରେ ପୂର୍ବରୁ ଦାୟିତ୍ୱରେ ଥିବା ମନ୍ତ୍ରିମଣ୍ଡଳ, ସରକାର ତଥା ସରକାରୀ ଅଫିସରମାନଙ୍କ ନିଷ୍ଠାପରତାର ଅଭାବହିଁ ଏହାକୁ ଏକ ଅନୁନ୍ନତ ଜିଲ୍ଲାରେ ପରିଣତ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ପାହାଡ଼, ଜଙ୍ଗଲ ପରିବେଷ୍ଟିତ ଫୁଲବାଣୀ ପ୍ରକୃତିର ଏକ ଅପୂର୍ବ ଶୋଭା ବହନ କରିଛି । ଜଙ୍ଗଲ ସଂପଦ, ଖଣିଜ ସଂପଦ ତଥା ଜଳ ସଂପଦରେ ଏହି ପଛୁଆ ଜିଲ୍ଲା ସମୃଦ୍ଧ । କିନ୍ତୁ ପ୍ରାଚୁର୍ଯ୍ୟ ମଧ୍ୟରେ ଦରିଦ୍ରତାର ପ୍ରତୀକ ହୋଇ ଫୁଲବାଣୀ ଆଜି ବିଦ୍ୟମାନ । ଫୁଲବାଣୀର ମୁଖ୍ୟ ଫସଲ ହେଲା ମକା, ମାଣ୍ଡିଆ, ସୁଆଁ, କରି ଆଦି ହଳଦୀ । ଧାନଚାଷ ଯଦିଓ କେତେକ ଅଞ୍ଚଳରେ ହୁଏ ତଥାପି ଏହା ବିଶେଷ ଉତ୍ସାହ-ଜନକ ନୁହେଁ । ସମଗ୍ର ଚାଷୋପଯୋଗୀ ଜମିରେ ପ୍ରାୟ ୨୦ ଭାଗ ଧାନ ଫସଲ ହୁଏ । ତେଣୁ ସ୍ୱାଭାବିକ ଭାବେ ଧାନ ବଢ଼ିଲା ଜନସଂଖ୍ୟା ଅନୁପାତରେ ଅଭାବ ପଡ଼େ ।

ଫୁଲବାଣୀର ବିକାଶ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ବସୁଙ୍କ ସହ ଆଲୋଚନାବେଳେ ଶ୍ରୀ ବସୁ କ୍ଷୋଭର ସହ କହିଲେ ଯେ ଫୁଲବାଣୀରେ ଯେତେ ଅର୍ଥ ବ୍ୟୟ ହୋଇଛି ତାହା ଯଥାର୍ଥ ଭାବେ ବ୍ୟୟ ହୋଇ ପାରିନାହିଁ । ଶ୍ରୀ ବସୁ ଫୁଲବାଣୀର ଉନ୍ନତିପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫୁଲବାଣୀରେ ବ୍ୟାପକ ପରିବା ଚାଷ କରିବାପାଇଁ ପ୍ରଶସ୍ତ କ୍ଷେତ୍ର ରହିଛି ବୋଲି ଶ୍ରୀ ବସୁ ପ୍ରକାଶ କରିଥିଲେ । ଉପଯୁକ୍ତ ଭାବେ ଯୋଜନା କଲେ ଫୁଲବାଣୀ ପରିବାପତ୍ର ଯୋଗାଇବାରେ ରାଜ୍ୟରେ ମୁଖ୍ୟ ସ୍ଥାନ ଅଧିକାର କରିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରେ ଜଙ୍ଗଲହିଁ ଲୋକଙ୍କର ଜୀବନ ଧାରଣର ମୂଳ ଉତ୍ସ । ଜଙ୍ଗଲ ଭିତରେ ଏମାନେ ଦିନସାରା ରହି କାଠ ସଂଗ୍ରହ କରିବାଠାରୁ ମହୁଲ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି । ଅନେକ ସଂଗ୍ରହ କରିଥିବା କାଠକୁ ଠିକାଦାରଙ୍କୁ ନାମମାତ୍ର ଦରରେ ବିକ୍ରି କରନ୍ତି । ସେଥିପାଇଁ ସେମାନେ ଠିକାଦାରଙ୍କ ଶିକାର । ସାଧାରଣ ଆଦିବାସୀ ଓ ବନ ସମ୍ପଦ ଉପରେ ନିର୍ଭର କରୁଥିବା ଲୋକଙ୍କ ଆର୍ଥିକ ଉନ୍ନତିପାଇଁ ବର୍ତ୍ତମାନର ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଫିସରମାନେ ଉଦ୍ୟମ କରୁଛନ୍ତି ।

ଫୁଲବାଣୀର ଏସ୍. ଡି. ଓ. ଶ୍ରୀ ସଦାନନ୍ଦ ପରିଡ଼ାଙ୍କ ସହ ସାକ୍ଷାତ କାଳରେ ସେ କହିଲେ ଯେ ଏ ଅଞ୍ଚଳରେ କୃଷିର ଉନ୍ନତି କରିବାପାଇଁ ହେବ । କେଉଁ ଜମିରେ କେଉଁ ଫସଲ ହେବ ସେ ସମ୍ପର୍କରେ ପରାମର୍ଶ ଦେବାକୁ କୃଷି ବିଶେଷଜ୍ଞମାନଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ସେହି କେତୋଟି କ୍ଷୁଦ୍ର ଜଳସେଚନ ଯୋଜନା ଅଳ୍ପ ସେଗୁଡ଼ିକରେ ଅଳ୍ପ ପରିମାଣର ଜମି ଜଳସେଚିତ ହେଉଛି ।

ଟେଲିଭିଜନ ଫୁଲବାଣୀ ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟ ବିଷୟ ହୋଇଛି । ଜିଲ୍ଲାର ୪୫ଟି ସ୍ଥାନରେ ଟେଲିଭିଜନ କେନ୍ଦ୍ର ପ୍ରତିଷ୍ଠା ହୋଇଛି । କିନ୍ତୁ ସେଠାକୁ ବିଦ୍ୟୁତ ହେବା କଥା କେତେ ଦୂରର ହୋଇ ପାରି ନ ଥିବା ମନେହେଲା । ଏ ସମ୍ବାଦଦାତା ଫୁଲବାଣୀ ଜିଲ୍ଲା ମୁଖ୍ୟ ଦପ୍ତରଠାରୁ ୨୫ ମାଇଲ ଦୂରବର୍ତ୍ତୀ ସୁରୁଣୀ ନାମକ ଗ୍ରାମକୁ ଯାଇ ୧୪ ତାରିଖ ସନ୍ଧ୍ୟା ଓ ୧୫ ତାରିଖ ସକାଳେ ଟେଲିଭିଜନ କାର୍ଯ୍ୟକ୍ରମ ଦେଖିଥିଲା । ୧୪ ତାରିଖ ସନ୍ଧ୍ୟାରେ ହିନ୍ଦି କାର୍ଯ୍ୟକ୍ରମରେ ଓଡ଼ିଶାରେ ପର୍ଯ୍ୟଟକମାନଙ୍କ ପାଇଁ ସୁବିଧା ସୁଯୋଗ ସଂପର୍କରେ ବିସ୍ତୃତ ବିବରଣୀ ପ୍ରସାରିତ ହୋଇଥିଲା । କୋଣାର୍କ, ପୁରୀ ଓ ଭୁବନେଶ୍ୱର ମନ୍ଦିରର ଛବି ବିସ୍ତୃତ ଭାବେ ଟେଲିଭିଜନ ପର୍ଦ୍ଦାରେ ଫୁଟି ଉଠିଥିଲା । ଲୋକେ ଆଗ୍ରହର ସହ ଦେଖୁଥିବା ଦେଖାଯାଉଥିଲା । ଓଡ଼ିଆ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଛବି ଫୁଟି ଉଠିବା ସଙ୍ଗେ ସଙ୍ଗେ ତାଙ୍କର ସ୍ୱାଧୀନତା ଦିବସ ଉପଲକ୍ଷେ ବାର୍ତ୍ତା ପାଠ ଉପସ୍ଥିତ ଦର୍ଶକଙ୍କ ମନରେ ଆନନ୍ଦ ସଂଚାର କରିଥିବା ଦେଖା ଯାଉଥିଲା । ଅନେକ

ସେମାନେ ନନ୍ଦିନୀ ଦେବୀଙ୍କୁ ଦେଖି ନ ଥିଲେ ଏବଂ ମୁଖ୍ୟମନ୍ତ୍ରୀ କହୁଥିବାବେଳେ କରତାଳି ମାରୁଥିଲେ ।

ଅଗଷ୍ଟ ୧୫ ତାରିଖ ସକାଳେ ୭ଟା ୫୫ ମିନିଟ୍‌ରେ ଦିଲ୍ଲୀଠାରେ ହେଉଥିବା ସ୍ୱାଧୀନତା ଦିବସ ଉତ୍ସବର ରିଲେ ଆରମ୍ଭ ହୋଇଥିଲା । ସକାଳ ୭ଟା ୨୫ ମିନିଟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଗାଡ଼ିରୁ ଓହ୍ଲାଇ ଲାଲ୍‌କିଲ୍ଲା ଉପରକୁ ଉଠିବା ବେଳେ ଉପସ୍ଥିତ ପୁରୁଣା କଟକ ଜନତା ଆନନ୍ଦ ଧ୍ୱନି କରିଥିଲେ । ଦିଲ୍ଲୀର ଲାଲ୍‌କିଲ୍ଲା ଆଉ ଫୁଲବାଣୀର ପୁରୁଣା କଟକ ମଧ୍ୟରେ ଦୂରତ୍ୱ ବାସ୍ତବ କ୍ଷେତ୍ରରେ ଯେତେହେଲେ ମଧ୍ୟ ଟେଲିଭିଜନ ତାକୁ ମାତ୍ର କେତେ ଗଜ ମଧ୍ୟରେ ସୀମାବଦ୍ଧ କରିଦେଇଛି । କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ଆଦି ଜିଲ୍ଲାର ଲୋକେ ଯାହା କଳ୍ପନାରେ ଆଣିପାରୁ ନାହାନ୍ତି ଫୁଲବାଣୀର ମଫସଲ ଅଞ୍ଚଳ ପୁରୁଣା କଟକ ଗ୍ରାମବାସୀ ଆଜି ତା' ଦେଖୁଛନ୍ତି । ବିଜ୍ଞାନର ଏଇ ଅତ୍ୟାଶ୍ଚର୍ଯ୍ୟ ଶକ୍ତି ଲୋକଙ୍କୁ ଚମତ୍କୃତ କରୁଛି ।

ତେବେ ଟେଲିଭିଜନ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର କରିବାପାଇଁ ପ୍ରସ୍ତୁତ ଆବଶ୍ୟକ । କାରଣ ପୁରୁଣା କଟକଠାରୁ ଦୁଇମାଇଲ ପରେ କୋଡ଼ିଏ ଗ୍ରାମର କେତେକ ଲୋକଙ୍କୁ ପଚାରିବାରୁ ସେମାନେ କିଛି ଜାଣିନାହାନ୍ତି ବୋଲି କହିଥିଲେ । ଏହା ଫଳରେ ସରକାରଙ୍କର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବନାହିଁ । ତେଣୁ ଟେଲିଭିଜନ କାର୍ଯ୍ୟକ୍ରମକୁ ଯେପରି ଅଧିକ ଲୋକ ଦେଖିପାରିବେ ସେ ଦିଗରେ କାର୍ଯ୍ୟ କରାଯିବା ଆବଶ୍ୟକ ।

ଲୋକଙ୍କୁ କୃଷି, ଶିକ୍ଷା ଆଦି ବିଭିନ୍ନ ଦିଗରେ ବାସ୍ତବ କ୍ଷାଦାନ ଟେଲିଭିଜନର ଉଦ୍ଦେଶ୍ୟ । ଟେଲିଭିଜନ ପର୍ଦ୍ଦାରେ ଷି ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଦିଆଯାଉଥିବା କଥା ାଞ୍ଚଳ ଲୋକେ ପ୍ରକାଶ କରିଥିଲେ । ସ୍ଥାନୀୟ କୃଷୀ ମଦନ ବହୁରା, ଦାଶରଥୀ ଗୋଛି ଅରୁ ସବର ସାହାଙ୍କ ସହ ସମ୍ପର୍କରେ ମୁଁ ଆଲୋଚନା ପ୍ରସଙ୍ଗରେ ସେମାନଙ୍କ ମତାମତ ଣିବାକୁ ଚାହିଁଥିଲି । ସମସ୍ତେ ଟେଲିଭିଜନ କାର୍ଯ୍ୟକ୍ରମର ତ ପ୍ରଶଂସା କରିଥିଲେ । କିନ୍ତୁ ତା ସଙ୍ଗେ ସଙ୍ଗେ ସେମାନେ ାଟିଏ କଥା କହିଥିଲେ, ଯାହାକି ବିଶେଷ ଭାବେ ପ୍ରଣିଧାନ ଗ୍ୟ । ସେମାନେ କହିଲେ ଟେଲିଭିଜନରେ କୃଷି କ୍ରମ ଅତ୍ୟନ୍ତ ସାହାଯ୍ୟପ୍ରଦ । କିନ୍ତୁ ତା ପରେ ଆମମାନଙ୍କ ଅଶିକ୍ଷିତ କୃଷୀମାନଙ୍କୁ କିଏ ବୁଝାଇବା ଉଚିତ । ଆମେ ମିକୁ ଧାନ ବୁଣିବାଠାରୁ ଧାନ ହେଇବା ପର୍ଯ୍ୟନ୍ତ ସବୁ ତ ହେଉଛି । କିନ୍ତୁ ତା' ପରେ ବୁଝାଇଦେବାପାଇଁ କେହି ନାହାଁନ୍ତି । ପରେ ଜଟିଳ କୃଷି କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସରଳଭାବେ ଗ୍ରାମବାସୀଙ୍କୁ ବୁଝାଇବାପାଇଁ ଜଣେ ଜଣେ ଲୋକ ନିଯୁକ୍ତ ହେବା କଥା ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି ଲୋକ ନିଯୁକ୍ତ ପାଇନାହାଁନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଭାଷାରେ "ସବୁଶ୍ରେଣୀର ଲୋକଙ୍କ ଉନ୍ନତ ଗଣତନ୍ତ୍ରର ଲକ୍ଷ୍ୟ ।" ସେଇ ଦୃଷ୍ଟିରୁ ଫୁଲବାଣୀ ଭଳି ଏକ ଅନୁନ୍ନତ ଜିଲ୍ଲାରେ ଟେଲିଭିଜନର ପ୍ରତିଷ୍ଠା ଏବଂ ଏହା ଜରିଆରେ ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ, କୃଷିର ଉନ୍ନତ ପ୍ରଣାଳୀ ଶିକ୍ଷା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି ।

ବଣ ଜଙ୍ଗଲ, ପାହାଡ଼ ଆଉ ପାହାଡ଼ ଉପରେ ଅଙ୍କାବଙ୍କା ପିଚ୍ ରାସ୍ତା, ଜଙ୍ଗଲର ମଣିଷ, ଶିକ୍ଷା ଯେଉଁଠି ସ୍ୱପ୍ନ, ରୂପ ଯେଉଁଠି ଧୂଆଁ ସେଠି ଟେଲିଭିଜନ ଅସମ୍ଭବ ନୁହେଁ ତ ଆଉ କ'ଣ ? କିନ୍ତୁ ଅସମ୍ଭବ ସମ୍ଭବ ହୋଇଛି । କଟକରେ ଯେଉଁଠି ଶିକ୍ଷା ଆଉ ଶିକ୍ଷିତଙ୍କର ତୀର୍ଥଭୂମି ସେଠି ଟେଲିଭିଜନ ନାହିଁ । ଅଛି ଟେଲିଭିଜନ ମୁଖ୍ୟ କେନ୍ଦ୍ର । ଯେଉଁଠି ଛବି ଆଉ ଶବ୍ଦ ଗ୍ରହଣ ହେଉଛି କିନ୍ତୁ ପ୍ରଦର୍ଶିତ ହେଉନି । ହେଉଛି ଫୁଲବାଣୀ, ସମ୍ବଲପୁର ଆଉ ଢେଙ୍କାନାଳର ମଫସଲ ଅଞ୍ଚଳରେ । ଯେଉଁଠି ସଭ୍ୟତାର ସ୍ୱାଦର ଆଜି ବି ସ୍ପୃଷ୍ଟ ହୋଇନି । ଏଇଠି ପ୍ରଧାନମନ୍ତ୍ରୀଙ୍କ ଉକ୍ତିର ଯଥାର୍ଥତା ।

ଅଗଷ୍ଟ ପହିଲା ଦିନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଢେଙ୍କାନାଳର ଅଙ୍ଗ୍ରାନ୍ତପୁରଠାରେ ପ୍ରଥମେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସେଇଦିନଠାରୁ ଓଡ଼ିଶାର ସମ୍ବଲପୁର, ଢେଙ୍କାନାଳ ଓ ଫୁଲବାଣୀ ଜିଲ୍ଲାରେ ଟେଲିଭିଜନ ପ୍ରଦର୍ଶିତ ହେଉଛି ।

ଟେଲିଭିଜନଗୁଡ଼ିକୁ ଠିକ୍‌ଭାବେ ପରିଚାଳନା କରିବାପାଇଁ ଦକ୍ଷ କାରିଗର ନିଯୁକ୍ତି ପାଇବା ମଧ୍ୟ ଉଚିତ । କାରଣ ଅନେକ ସ୍ଥାନରେ ସାମାନ୍ୟ ଶିକ୍ଷାଲାଭ କରିଥିବା ବ୍ୟକ୍ତିମାନଙ୍କ ଦାୟିତ୍ୱରେ ଏହା ଛାଡ଼ିଦେବା ଫଳରେ ଠିକ୍‌ଭାବେ ଏହା ପରିଚାଳିତ ହୋଇପାରୁନି । ଫୁଲବାଣୀ ଜିଲ୍ଲାର କେତେକ ସ୍ଥାନରେ ଥିବା ଟେଲିଭିଜନ ସେଟ୍ ଇତିମଧ୍ୟରେ ତିନି ଚାରିଥର ଖରାପ ହୋଇଥିବାର ଖବର ମିଳିଛି । କଟକଠାରେ ଟେଲିଭିଜନ ସଜାଡ଼ିବା କେନ୍ଦ୍ର ରହିଛି । ସେଠାରୁ ମେକାନିକ୍ ଯାଇ ଖରାପ ହେଉଥିବା ସେଟ୍‌ଗୁଡ଼ିକୁ ସଜାଡ଼ୁଛନ୍ତି । ତେଣୁ ପ୍ରତି ସ୍ଥାନରେ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କୁ ଯଥାର୍ଥ ଭାବେ ଶିକ୍ଷାଦେବା ଆବଶ୍ୟକ ।

ଘଟଣା ପ୍ରବାହ

ଅଗଷ୍ଟ ୧୯୭୫

୧-୮-୭୫ ସୁକଣ୍ଡ କ୍ଷେତ୍ରରେ ଆଦିବାସୀ ଓ ହରିଜନମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ସମ୍ପର୍କିତ ଏକ ସରକାରୀ ବିଲ୍ ଓଡ଼ିଶା ବିଧାନ ସଭାରେ ଗୃହୀତ ହେଲା ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଢେଙ୍କାନାଳ ଜିଲ୍ଲା ଅନନ୍ତପୁର ଗ୍ରାମରେ ବାୟୋଗ୍ୟାସ୍ ମାଧ୍ୟମରେ ଷ୍ଟୋଭଜଳନ କାର୍ଯ୍ୟକ୍ରମ ଉଦ୍‌ଘାଟନ କଲେ ।

୨-୮-୭୫ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ରାଜ୍ୟସଭା ସଦସ୍ୟ ଶ୍ରୀ ଭଗିରଥୀ ମହାପାତ୍ରଙ୍କ ପରଲୋକ ।

ରାଜ୍ୟର ଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତି ଉଦ୍ଦେଶ୍ୟରେ ଦୁଇ ଏକର ପର୍ଯ୍ୟନ୍ତ ଜମି ଯୋଗାଇ ଦେବାପାଇଁ ଜିଲ୍ଲା କଲେକ୍ଟରମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ।

୪-୮-୭୫ ଓଡ଼ିଶାରେ ଭୂ-ରାଜସ୍ୱ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତନ ନିମନ୍ତେ ବିଧାନ ସଭାରେ ଏକ ବିଲ୍ ଗୃହୀତ ହେଲା ।

ଢେଙ୍କାନାଳ ନିକଟସ୍ଥ ଗୋବିନ୍ଦପୁରଠାରେ "କଳିଙ୍ଗ ଉଇଭର୍‌ସ ସ୍ପିନିଙ୍ଗ୍ ମିଲ୍‌ସ, ଲିମିଟେଡ୍" ନାମକ ଏକ ସୂତାକଳ ସ୍ଥାପନ ନିମନ୍ତେ ରାଜ୍ୟ ଶିଳ୍ପ ବିଭାଗ ଅନୁମୋଦନ କଲେ ।

୬-୮-୭୫ ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗେଶ୍ୱରୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଧାର୍ଯ୍ୟ "ଯାତ୍ରୀ ପଥଶୁଳ୍କ" ରାଜ୍ୟ ସରକାର ଉଠାଇ ଦେଲେ ।

୭-୮-୭୫ ନିର୍ବାଚନ ଆଇନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେଲା ।

୮-୮-୭୫ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ ଓ ବାଚସ୍ପତିଙ୍କ ନିର୍ବାଚନ ସମ୍ବନ୍ଧୀୟ ମକଦ୍ଦମାଗୁଡ଼ିକର ବିଚାର ଅଦାଲତରେ ନ ହୋଇ ଏକ ନୂତନ ପାର୍ଲାମେଣ୍ଟାରୀ ସଂସ୍ଥାଦ୍ୱାରା ବିଚାର କରାଯିବାର ବ୍ୟବସ୍ଥା ଥିବା ୩୯ ତମ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେଲା ।

ରାଜ୍ୟ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲକା ଫୁଲବାଣୀ କଲେଜରେ ଏକ ଆଦିବାସୀ ଛାତ୍ରୀ ନିବାସର ଭିତ୍ତିସ୍ଥାପନ କଲେ ।

୯-୮-୭୫ ପାର୍ଲାମେଣ୍ଟରେ ଗୃହୀତ ୩୯ ତମ ସମ୍ବିଧାନ ସଂଶୋଧନ ବିଲ୍ ଓଡ଼ିଶା ବିଧାନ ସଭାର ଅନୁମୋଦନ ଲାଭକଲା ।

ରାଜ୍ୟସଭାରେ ୪୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହେଲା ।

୧୦-୮-୭୫ ଷଷ୍ଠ ଶତାବ୍ଦୀରେ ନିର୍ମିତ "ସ୍ୱର୍ଣ୍ଣ ଜଳେଶ୍ୱର" ନାମକ ଏକ ମନ୍ଦିର ଭୁବନେଶ୍ୱରଠାରେ ଆବିଷ୍କୃତ ହେଲା ।

୧୩-୮-୭୫ ଖବର କାଗଜ ସଂସ୍ଥା, ରାସ୍ତା ପରିବହନ, ଦୋକାନ, ହୋଟେଲ ତଥା ରେସ୍ତୋରାଁମାନଙ୍କରେ ନିଯୁକ୍ତ କର୍ମଚାରୀମାନଙ୍କୁ କର୍ମଚାରୀ ବୀମା ଆଇନ ପରିସରଭୁକ୍ତ କରାଗଲେ ।

୧୪-୮-୭୫ କାଣୀବିହାରଠାରେ ୩୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଦୁଇଟି ଗୃହାବାସର ଭିତ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ଥାପିତ ହେଲା ।

୧୫-୮-୭୫ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଭୁବନେଶ୍ୱରଠାରେ ମହିଳା କର୍ମଚାରୀମାନଙ୍କ ନିମନ୍ତେ ଏକ ଆବାସର ଶୁଭ ଦେଲେ ।

କଲିକତା ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ଟେଲିଫୋନ ସଂଯୋଗ ସ୍ଥାପିତ ହେଲା ।

ଆନ୍ତର୍ଜାତିକ ମହିଳା ବର୍ଷକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର କେତେକ ଶ୍ରେଣୀର ମହିଳାବନ୍ଦୀଙ୍କ ଲାଗି ସ୍ୱତନ୍ତ୍ର କ୍ଷମା ଘୋଷଣା କଲେ ।

୧୭-୮-୭୫ ଓଡ଼ିଶାରେ ପ୍ରବଳ ବନ୍ୟା ।

ରାଜ୍ୟ ସରକାର ଗାନ୍ଧୀବାସୀ ବସ୍ତିଗୁଡ଼ିକରେ ଥିବା ଜମ୍ମ ଓ ଉଚ୍ଚଶ୍ରେଣୀ ଉଠାଇ ଦେବା ସଙ୍ଗେ ସଙ୍ଗେ ବସ୍ତିଗୁଡ଼ିକର ନାମ ପରିବର୍ତ୍ତନ କଲେ ।

୧୮-୮-୭୫ କର୍ମକ୍ଷମ କୁଷ୍ଠରୋଗୀମାନଙ୍କୁ କ୍ଷୁଦ୍ରଶିଳ୍ପ ଓ ସୂତାକଟା କାର୍ଯ୍ୟରେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଏକ ଯୋଜନା ହାତକୁ ନେଲେ ।

୧୯-୮-୭୫ ଉତ୍ପାଦକ ବଣ୍ଟିବା ବ୍ୟବସ୍ଥା ଓ ବ୍ୟବହାର ଉପରେ ରାଜ୍ୟ ସରକାର କଟକଣା ଲାଗୁକଲେ ।

ନୟାଗଡ଼ ସବଡିଭିଜନର ନୂଆଗାଁ ବ୍ଲକ୍‌ରେ "ପାଣି ପାଇଲ" କ୍ଷୁଦ୍ର ଜଳସେଚନ ଯୋଜନା, ରାଜ୍ୟପାଳ ଶ୍ରୀ ଆକବର ଅଲ୍ଲୀ ଖାଁ ଉଦ୍‌ଘାଟନ କଲେ ।

୨୦-୮-୭୫ ଓଡ଼ିଶାରେ ଅଭୂତପୂର୍ବ ବନ୍ୟା ଫଳରେ ୬ଟି ଜିଲ୍ଲାର ୨୫ ଲକ୍ଷ ଲୋକ ବିପନ୍ନ ହେଲେ ।

୨୧-୮-୭୫ ସେନାବାହିନୀ ଓ ବିମାନ ବାହିନୀ ତରଫରୁ ବନ୍ୟାବିପନ୍ନ ଲୋକଙ୍କ ଉଦ୍ଧାର ଓ ସାହାଯ୍ୟ କାର୍ଯ୍ୟ ଆରମ୍ଭ ।

୨୪-୮-୭୫ ଗଂଜାମ ଜିଲ୍ଲାର ଚନ୍ଦ୍ରଗିରିଠାରେ "ବୃଦ୍ଧ ନିବାସ" ଖୋଲିଲା ।

ପୁରୀ ଜିଲ୍ଲା ନୂଆଗାଁ ବ୍ଲକ୍‌ର ମଙ୍ଗଳପୁର ଗ୍ରାମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ସୋମନାଥ ରଥ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭଦେଲେ ।

ବିଖ୍ୟାତ ଧର୍ମପ୍ରଚାରକ ଓ ଗଣିତ ବିଶାରଦ ସ୍ୱର୍ଗତ କାର୍ଡିନାଲ୍ ବନ୍ ଫାଲ୍ହବର୍ ଓ ବିଶ୍ୱବିଖ୍ୟାତ ଗଣିତଜ୍ଞ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ କଥୋପକଥନ ନେଇ ବହୁ ଚମତ୍କାର ଆଖ୍ୟାୟିକା ସୃଷ୍ଟି ହୋଇଛି ଓ ପ୍ରଚଳିତ ହୋଇଛି । ସେଥିରୁ ଗୋଟିଏ ଶୁଣନ୍ତୁ—

ଆଇନ୍‌ଷ୍ଟାଇନ୍ କହିଲେ—ମୁଁ ଧର୍ମକୁ ସମ୍ମାନ କରେ । ମାତ୍ର ଗଣିତକୁ ବିଶ୍ୱାସ କରେ । ସମ୍ମାନନୀୟ କାର୍ଡିନାଲ୍ ! ଆପଣଙ୍କ ମତ ବୋଧେ ଠିକ୍ ଓଲଟା । ଅର୍ଥାତ୍ ଆପଣ ଧର୍ମକୁ ବିଶ୍ୱାସ କରନ୍ତି ଏବଂ ଗଣିତକୁ ସମ୍ମାନ କରନ୍ତି ।

କାର୍ଡିନାଲ୍ ହସି ହସି କହିଲେ—ଆପଣ ଭୁଲ କହୁଛନ୍ତି ବିଶ୍ୱବିଖ୍ୟାତ ଆଇନ୍‌ଷ୍ଟାଇନ୍ ! ମୋର ବିଶ୍ୱାସ—ଧର୍ମ ଓ ଗଣିତ ଉଭୟେ ସେହି ଦିବ୍ୟ ବା ଐଶ୍ୱରିକ ସଠିକତାକୁ କେବଳ ବିଭିନ୍ନ ଧାରାରେହିଁ ପ୍ରକାଶ କରୁଛନ୍ତି ।

ଆଇନ୍‌ଷ୍ଟାଇନ୍ କହିଲେ—କିନ୍ତୁ ମହାମାନ୍ୟ କାର୍ଡିନାଲ ! ଯଦି ଭବିଷ୍ୟତରେ କେବେ ଗାଣିତିକ ବିଜ୍ଞାନ ଏପରି କେତେକ ତଥ୍ୟ ପ୍ରମାଣ କରି ଦେବ ଯାହାକି ଧାର୍ମିକ ବିଶ୍ୱାସର ବିରୁଦ୍ଧରେ ଯିବ, ସେତେବେଳେ ଆପଣ କ'ଣ କହିବେ ?

କାର୍ଡିନାଲ୍ ତାଙ୍କର ସ୍ୱଭାବ ସୁଲଭ ଆଶା, ବିଶ୍ୱାସ ଓ ବିଦଗ୍ଧ ଦୃଷ୍ଟିରେ ସ୍ମିତ ହାସ୍ୟରେ ପ୍ରତ୍ୟୁତ୍ତର ଦେଲେ—

ଠିକ୍ ଠିକ୍ ! ଗଣିତଶାସ୍ତ୍ର ପ୍ରତି ମୋର ସର୍ବୋତ୍ତମ ଶ୍ରଦ୍ଧା ଓ ସମ୍ମାନ ରହି ଆସିଛି ପ୍ରଫେସର୍ ଆଇନ୍‌ଷ୍ଟାଇନ୍ ! ମୁଁ ସଠିକ ଜାଣେ— ଯଦି ଗଣିତ କ୍ଷେତ୍ରରେ ସେପରି ଅବସ୍ଥା କେବେ ଆସି ପହଞ୍ଚିବ—ତେବେ ଆପଣଙ୍କ ସଦୃଶ ବିଶ୍ୱବିଖ୍ୟାତ ଗଣିତଜ୍ଞମାନେ ଗଣିତର ସେହି ଭୁଲ ସିଦ୍ଧାନ୍ତଟିକୁ ସଂଶୋଧନ ନକଲା ପର୍ଯ୍ୟନ୍ତ ଚୁପ୍ ହୋଇ ବସି ପାରିବେ ନାହିଁ ।

* * * *

ତା'ହେଲେ ମୋଟକଥା ହେଲା—ତୁମେ ସୁଜାତାକୁ ପ୍ରେମ କଲ— ଏବଂ ଶେଷରେ ସୁଜାତା ରମେଶକୁ ଭଲପାଇଲା ଏବଂ ତୁମେ ସେହି ପ୍ରେମ ସୂତ୍ରରେ ହାରିଯାଇ ସୁନା ସୁଯୋଗ ସବୁ ଫେରି ଆସିଲ !

ଆରେ ନା—ନା । ମୁଁ ଶେଷରେ ଜିତିଲି ।

ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

ସ୍ଥାପିତ - ୧୯୧୯

ଓଡ଼ିଶାର ସର୍ବାପେକ୍ଷା ବହୁଳ ପ୍ରଚାରିତ

ଓଡ଼ିଆ ଦୈନିକ ସଂବାଦ ପତ୍ର

ଫୋନ୍ - ୨୦୯୯୪, ୨୧୦୪୪, ୨୦୧୮୩, ୨୩୨୮୪ ଗ୍ରାମ୍ - ସମାଜ

- ମୋଟ ଆୟତନ—୫୭ ସେ. ମି.×୪୧.୫୦ ସେ. ମ.
- ପ୍ରତି ପୃଷ୍ଠାର ଛାପା ଆୟତନ—୫୦ ସେ. ମି.×୩୭.୫୦ ସେ. ମି.
- ପ୍ରତି କଲମ୍‌ର ଓସାର—୪.୫୦ ସେ. ମି.
- ପ୍ରତି କଲମ୍‌ର ଦୈର୍ଘ୍ୟ—୫୦ ସେ. ମି.
- ପ୍ରତ୍ୟେକ ପୃଷ୍ଠାର କଲମ୍ ସଂଖ୍ୟା—୮
- ପ୍ରତି ପ୍ୟାନେଲ୍‌ର ଆୟତନ—୧୧ ସେ. ମି.×୭ ସେ. ମି.
- ହାଫ୍‌ଟୋନ୍ ସ୍କ୍ରିନ୍—୭୫ ପର୍ଯ୍ୟନ୍ତ

ଗୋପବନ୍ଧୁ ଭବନ, କଟକ-୧. ଓଡ଼ିଶା

OGP—MP-VIII [Home (P. R.)] 83—5,000—1-10-1975